

ପୁଣି ଫେରିବ ରଣବୀର-ଆଦିତ୍ୟ ଯୋଡ଼ି

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-69 ◆TUESDAY ◆2 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୯ ◆ମଙ୍ଗଳବାର ◆୨ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଉଠିଲା ସୁନା ଦର; ଖସିଲା ଟଙ୍କା ମୂଲ୍ୟ

■ **ଭୁବନେଶ୍ୱର, ୧।୯ (ଏଜେନ୍ସି):** ସୁନା ଏବେ ଅମୂଲ ମୂଲ। ଦିନକୁ ନୂଆ ନୂଆ ରେକର୍ଡ ସ୍ତରରେ ପହଞ୍ଚୁଛି ଏହି ହଳଦିଆ ଧାତୁ। ହେଲେ ଏଥିରେ ରୁପା ବି ପଛରେ ପଡ଼ିନି। ଏବେ ସୁନା ସହ ରୁପା ଦର ମଧ୍ୟ ସବୁ ପୁରୁଣା ରେକର୍ଡ ଭାଙ୍ଗିଛି। ସୋମବାର ଘରୋଇ ବଜାରରେ ସୁନା ଦର ୧.୦୫ ଲକ୍ଷ ଟଙ୍କା ଅତିକ୍ରମ କରି ନୂଆ ରେକର୍ଡ ସ୍ତରରେ ପହଞ୍ଚିଛି। ଏମ୍‌ସିଏକ୍ସରେ ସୁନା ମୂଲ୍ୟ ସମସ୍ତ ପୁରୁଣା ରେକର୍ଡ ଭାଙ୍ଗି ପ୍ରଥମ ଥର ପାଇଁ ପ୍ରତି ୧୦ ଗ୍ରାମ ୧,୦୫,୭୨୯ ଟଙ୍କାର ନୂତନ ସର୍ବୋଚ୍ଚ ସ୍ତର ଛୁଇଁଛି।

**୧୦ ଗ୍ରାମ୍ ପିଛା ୧.୦୫ ଲକ୍ଷ ଟପିଲା**

**ରୁପା କିଲୋ ୧.୨୮ ଲକ୍ଷ ଉପରେ**



ଅନ୍ୟପକ୍ଷରେ ଦିନକୁ ଦିନ ଭାରତୀୟ ମୁଦ୍ରା 'ଟଙ୍କା' ଆମେରିକୀୟ ଡଲାର ତୁଳନାରେ ଖସିବାରେ ଲାଗିଛି। ସୋମବାର ଏକ ଡଲାରର ମୂଲ୍ୟ ଭାରତୀୟ ମୁଦ୍ରାରେ ୮୮.୨୫ ଟଙ୍କାରେ ପହଞ୍ଚିଛି।

ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୦୫,୮୭୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ଦର ▶ପୃଷ୍ଠା-୭

## ଲିଭ ଇନ୍ ପାର୍ଟନରଙ୍କୁ ଜିଅନ୍ତା ଜାଳି ହତ୍ୟା

■ **ବେଙ୍ଗାଲୁରୁ, ୧।୯ (ଏଜେନ୍ସି):** କର୍ଣ୍ଣାଟକର ବେଙ୍ଗାଲୁରୁରେ ଶନିବାର ଏକ ଭୟଭିତ କଳାଭଳି ଅପରାଧ ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ନିଜ ଲିଭ୍-ଇନ୍ ପାର୍ଟନରଙ୍କୁ ଜିଅନ୍ତା ଜାଳିଦେଇଛନ୍ତି। ଅଭିଯୁକ୍ତ କାରରେ ବସିଥିବା ପାର୍ଟନରଙ୍କର ପିଛା କରିଥିଲେ। ସିଗ୍ନାଲରେ କାରକୁ ଅଟକାଇ ବ୍ୟକ୍ତି ଜଣକ ଏହି କାଣ୍ଡ ଘଟାଇଥିଲେ।

**ଅଭିଯୁକ୍ତ ଗିରଫ**



କାରରେ ମୋଟ ୩ ଜଣ ଲୋକ ବସିଥିଲେ। ମହିଳା ଜଣକ କାରରୁ ଓହ୍ଲାଇ ଦୌଡ଼ିଥିଲେ ମଧ୍ୟ ଅଭିଯୁକ୍ତ ତାଙ୍କୁ ପିଛା କରିଥିଲେ ଓ ତାଙ୍କ ଉପରେ ପେଟ୍ରୋଲ ଢ଼ାଳି ଲାଇଟର ଯୋଗେ ନିଆଁ ଲଗାଇଥିଲେ। ମହିଳାଙ୍କ ଶରୀରର ୬୦ ପ୍ରତିଶତ ଜଳିଯାଇଥିଲା। ହସ୍ପିଟାଲରେ ଚିକିତ୍ସା ଅବସରରେ ସେ ମୃତ୍ୟୁବରଣ କରିଥିଲେ। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଅଭିଯୁକ୍ତ ହେଉଛନ୍ତି ୫୦ ବର୍ଷୀୟ କ୍ୟାବ ଡ୍ରାଇଭର ଭିଠାଲ। ସେ ଜଣେ ଅଭ୍ୟାସଗତ ମଦ୍ୟପ। ମୃତକ ମହିଳାଙ୍କ ନାମ ▶ପୃଷ୍ଠା-୭

## ପ୍ରଚଣ୍ଡ ଭୂକମ୍ପରେ ଆଫଗାନିସ୍ତାନ ଥରହର

# ୧୦୦୦ରୁ ଊର୍ଦ୍ଧ୍ୱ ମୃତ, ୩୦୦୦ ଆହତ

■ **କାବୁଲ, ୧।୯ (ଏଜେନ୍ସି):** ଆଫଗାନିସ୍ତାନରେ ରବିବାର ମଧ୍ୟରାତିରେ ଭୟଙ୍କର ଭୂକମ୍ପ ହୋଇଛି। ୬.୩ ତୀବ୍ରତାର ଏହି ଭୂକମ୍ପ ବିପର୍ଯ୍ୟୟ ସୃଷ୍ଟି କରିଛି। ଅନେକ ଘର ଦ୍ୱାର ଭାଙ୍ଗି ଆବର୍ଜନାର ପାହାଡ଼ ସୃଷ୍ଟି କରିଛି। ରାତିରେ ଶୋଇଥିବାବେଳେ

**ରାତି ଅଧରେ କମ୍ପିଉଠିଲା ସାରା ଦେଶ**

**ମାଟିରେ ମିଶିଗଲେ କୋଠା ସହିତ ଲୋକ**

ଏହି ଭୂକମ୍ପ ଆସିଥିବାରୁ ଅନେକ ଜୀବନହାନି ହୋଇଛି। କେହି କିଛି ବୁଝିବା ଆଗରୁ ବଡ଼ ବଡ଼ କୋଠାବାଡ଼ି ମାଟିରେ ମିଶିଯାଇଛି। ବାହାରକୁ ବାହାରିବାକୁ କାହାକୁ ସମୟ ମିଳି ନ ଥିଲା। ଏହି ଅବଶେଷ ତଳେ ଚାପି ହୋଇ ୧୦୦୦ରୁ ଅଧିକ ଲୋକଙ୍କ ଜୀବନ



ଯାଇଛି। ୩୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଅନେକ ଲୋକ ଫସି ରହିଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ଏବେ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଏହି ବଡ଼ ଭୂକମ୍ପ ପରେ ରାତା ସାରା ଗୋଟିଏ ପରେ ଗୋଟିଏ ଚାରୋଟି ଭୂକମ୍ପ ଆସିଥିଲା। ଏହା ଲୋକଙ୍କ ସମସ୍ୟାକୁ ବହୁଗୁଣିତ କରିଥିଲା।

ଆମେରିକା ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା ଅନୁଯାୟୀ ନଙ୍ଗରହାର ପ୍ରଦେଶର ଜଲାଲାବାଦରେ ହୋଇଥିବା ଏହି ଭୂକମ୍ପର ତୀବ୍ରତା ୬.୩ ଥିଲା। ସହରରୁ ୨୭ କିମି ଦୂରରେ ଏହାର କେନ୍ଦ୍ରସ୍ଥଳ ଥିଲା। ଭୂପୃଷ୍ଠରୁ ୮ କିମି ଗଭୀରତାରେ ଏହା ସୃଷ୍ଟି ହୋଇଥିଲା। କୁନାର ପ୍ରଦେଶରେ ଏହା ସର୍ବାଧିକ କ୍ଷତି ଘଟାଇଛି। ଏହା ପରେ ୪.୭ ତୀବ୍ରତାର ଆଉ ଏକ ଭୂକମ୍ପ ଆସିଥିଲା। ପାକିସ୍ତାନର ଖୈବର ପଖ୍ତୁନଖ୍ୱା, ପଞ୍ଜାବ ଏବଂ ଭାରତର ଗୁରୁଗ୍ରାମରେ ଭୂକମ୍ପର ମୃଦୁ ଝଟ୍‌କା ମଧ୍ୟ ଅନୁଭୂତ ହୋଇଥିଲା। ▶ପୃଷ୍ଠା-୭

## ଶିକ୍ଷକ ଯୋଗ୍ୟତା ପରୀକ୍ଷା ବାଧ୍ୟତାମୂଳକ

### ପାସ୍ ନ କଲେ ଚାକିରି ଯିବ, ୨୦୧୨ ପୂର୍ବରୁ ନିଯୁକ୍ତ ଶିକ୍ଷକଙ୍କ ପାଇଁ ଲାଗୁ

■ **ନୂଆଦିଲ୍ଲୀ/ଭୁବନେଶ୍ୱର, ୧।୯ (ସମିସ):** ଶିକ୍ଷକଙ୍କ ପାଇଁ ଯୋଗ୍ୟତା ପରୀକ୍ଷା (ଟିଇଟି) ବାଧ୍ୟତାମୂଳକ କରାଯାଇଛି। ଯେଉଁମାନେ ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନାହାନ୍ତି, ସେମାନଙ୍କୁ ଦୁଇବର୍ଷ ମଧ୍ୟରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ; ଅନ୍ୟଥା ସେମାନଙ୍କୁ ଆଉ ପଦୋନ୍ନତି ମିଳିବ ନାହିଁ। ଏପରିକି ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇ ପାରିବ। ଏନେଇ ସର୍ବୋଚ୍ଚ ନ୍ୟାୟାଳୟରେ ଦାୟର ହୋଇଥିବା ଏକାଧିକ ମାମଲାର ଶୁଣାଣି କରି ଜଷ୍ଟିସ ଦୀପଙ୍କର ଦତ୍ତା ଓ ଅଗଷ୍ଟିନ ଜର୍ଜ ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ରାୟ ଦେଇଛନ୍ତି।

ଦୁଇ ଜଣିଆ ଖଣ୍ଡପୀଠ ଆହୁରି କହିଛନ୍ତି ଯେ ଯେଉଁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଚାକିରି କାଳ ଆଉ



**ଓଡ଼ିଶାରେ ୭୫ ହଜାର ଶିକ୍ଷକ ଦେବେ ଓଟିଇଟି**

୫ ବର୍ଷ କିମ୍ବା ତା' ଠାରୁ କମ୍ ରହିଛି, ସେମାନଙ୍କ ପାଇଁ ଟିଇଟି ପରୀକ୍ଷା ବାଧ୍ୟତାମୂଳକ ନୁହେଁ। ହେଲେ ୫ବର୍ଷରୁ ଅଧିକ କାର୍ଯ୍ୟକାଳ ଥିବା ଶିକ୍ଷକ ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ। ଟିଇଟି ବିନା ସେମାନଙ୍କ ପଦୋନ୍ନତି ବିଚାରକୁ ନିଆଯିବ ନାହିଁ। ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ସେମାନଙ୍କୁ ଦୁଇ ବର୍ଷ ପ୍ରଦାନ କରାଯିବ। ତନ୍ମଧ୍ୟରେ ସେମାନେ ପାସ୍ କରିବା ବାଧ୍ୟତାମୂଳକ। ଫେଲ୍ ହେଉଥିବା ଶିକ୍ଷକ/ଶିକ୍ଷୟିତ୍ରୀ ଚାକିରି ଛାଡ଼ି ପାରିବେ। ଅନ୍ୟଥା ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ବ୍ୟତୀତ ଅନ୍ୟ ସମସ୍ତ ଶିକ୍ଷାନୁଷ୍ଠାନ ପାଇଁ ଏହି ନିୟମ ଲାଗୁ ହେବ। ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ▶ପୃଷ୍ଠା-୭

## ୪ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୧।୯ (ସମିସ):** ସୋମବାରଠାରୁ ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

**ମନ୍ତ୍ରିମଣ୍ଡଳ ପୁନର୍ଗଠନ ନେଇ ହୋଇପାରେ ନିଷ୍ପତ୍ତି**

**ସଂଗଠନ ସମ୍ପର୍କରେ ମଧ୍ୟ ହେବ ଆଲୋଚନା**



ଏହି ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ସେମିକନ ଇଣ୍ଡିଆ ୨୦୨୫ ସମ୍ମିଳନୀ ଓ ୫୬ତମ ଜିଏସଟି ପରିଷଦ ସମ୍ମିଳନୀରେ ମଧ୍ୟ ଯୋଗ ଦେବେ। ତେବେ ମୁଖ୍ୟମନ୍ତ୍ରୀ ଏହି ୪ ଦିନିଆ ଗସ୍ତ ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏବଂ ସାଂଗଠନିକ ବ୍ୟାପାର ସମ୍ପର୍କରେ ମଧ୍ୟ ଆଲୋଚନା ହେବ ବୋଲି ସୂଚନା ମିଳିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରେ ବିଜେପିର ଶୀର୍ଷ ନେତୃତ୍ୱଙ୍କ ସହ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ମଧ୍ୟ ଭେଟିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ରାଜ୍ୟରେ ବିଜେପି ସରକାରକୁ ୧୪ ମାସ ପୂରି ୧୫ ମାସ ଚାଲୁଥିଲେ ହେଁ ଏଯାବତ୍ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ହୋଇପାରିଲା ନାହିଁ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏକାଧିକ ଥର ଦିଲ୍ଲୀଗସ୍ତରେ ଯାଇ ଏନଇ ଉଦ୍ୟମ କରିଥିଲେ ହେଁ ତାହା ଫଳପ୍ରଦ ହୋଇପାରି ନାହିଁ। ଶେଷ ମୂହୂର୍ତ୍ତରେ ମୋହନ-ମନମୋହନଙ୍କ ଉଦ୍ୟମ ଫସର ଫାଟିଥିବା ବେଳେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ▶ପୃଷ୍ଠା-୭

## ୨୪ ଘଣ୍ଟାରେ ଲଘୁଚାପ

### ୫ ଦିନ ଲାଗିରହିବ ବର୍ଷା

■ **ଭୁବନେଶ୍ୱର, ୧।୯ (ସମିସ):** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପୂର୍ବରୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ବର୍ଷାର ପ୍ରଭାବ ବଢ଼ିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ଲଘୁଚାପ ପ୍ରଭାବରେ ଆଗାମୀ ୫ ଦିନ ଯାଏଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ନେଇ ଆକଳନ କରାଯାଇଥିବା ବେଳେ ୨ ଓ ୩ ତାରିଖରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ୨ ଦିନ ପାଇଁ ସାରା ରାଜ୍ୟକୁ ବର୍ଷା ଜନିତ ଆଲର୍ଟ ଜାରି କରାଯାଇଛି। ଅନ୍ୟପଟେ ବର୍ତ୍ତମାନ ଘୂର୍ଣ୍ଣିବଳୟ ସହ ମୌସୁମୀ ଟ୍ରଫ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି। ବିଶେଷ କରି ଦକ୍ଷିଣ ଓଡ଼ିଶାର କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହୋଇଛି। ଗତ ୩୬ ଘଣ୍ଟାରେ ▶ପୃଷ୍ଠା-୭

## ଥାନାରେ ଫିନାଇଲ୍ ପିଇଦେଲେ ନାବାଳିକା

■ **ବ୍ରହ୍ମପୁର, ୧।୯ (ସମିସ):** ପ୍ରେମିକ ସହ ଲୁଚିଲୁଚି ମିଳାମିଶା ପୁଲିସ୍ ଧରା ପକାଇ ଦେବାରୁ ପରିବାରଲୋକଙ୍କ ସାମ୍ନାରେ ଥାନା ଭିତରେ ଫିନାଇଲ ପିଇଦେଲେ ନାବାଳିକା। ଗୋପାଳପୁର ଥାନାରେ ଆଜି ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଗୁରୁତର ନାବାଳିକାଙ୍କୁ ପୁଲିସ୍ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଛି। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାଯାଇଛି।

**ପ୍ରେମିକା ସହ ମିଳାମିଶା ଧରାପକାଇଦେଲା ପୁଲିସ୍!**

ସୂଚନାନୁଯାୟୀ, ନାବାଳିକା ଓ ତାଙ୍କ ପୁରୁଷ ବନ୍ଧୁ ଆଜି ଦିନ ପ୍ରାୟ ୧୧ଟା ବେଳେ ଗୋପାଳପୁର ବୁଲିବାକୁ ଆସିଥିଲେ। ସେମାନେ ଏକ ଲଜ୍‌କୁ ରୁମ୍ ବୁକ୍ କରିବାକୁ ଯାଇଥିଲେ। କିନ୍ତୁ ଲଜ୍ ମାଲିକଙ୍କ ସେମାନଙ୍କ ଉପରେ ସନ୍ଦେହ ହୋଇଥିଲା। ନାବାଳିକାଙ୍କୁ ୧୮ ବର୍ଷ ହୋଇନଥିବାରୁ ▶ପୃଷ୍ଠା-୭

## ରାଜ୍ୟ ସ୍ୱାସ୍ଥ୍ୟ ସେବାର ବିକଳ ଛବି

# ଅକ୍ସିଜେନ ଅଭାବରୁ ମହିଳା ମୃତ

■ **ଜଗତସିଂହପୁର, ୧।୯ (ସମିସ):** ଏକ ସମୟରେ ସାରା ଦେଶକୁ ଅକ୍ସିଜେନ୍ ଯୋଗାଉଥିଲା ଓଡ଼ିଶା। କୋଭିଡ୍ କାଳରେ ସାରା ଦେଶର ରୋଗୀ ଅକ୍ସିଜେନ୍ ଅଭାବରେ ଛଟପଟ ହେଉଥିବା ସମୟରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ରାଜ୍ୟକୁ ଅକ୍ସିଜେନ୍ ପଠାଇ ଲକ୍ଷଲକ୍ଷ ରୋଗୀଙ୍କ ଜୀବନ ରକ୍ଷା କରିବାକୁ ସମର୍ଥ ହୋଇଥିଲେ। ମାତ୍ର ବିଡ଼ମ୍ବନା ହେଉଛି, ଏବେ ଓଡ଼ିଶାରେ ରୋଗୀ ଅକ୍ସିଜେନ୍ ଅଭାବରୁ ମୃତ୍ୟୁର ଶିକାର ହେଉଛନ୍ତି। ବିନା ଅକ୍ସିଜେନ୍‌ରେ ଜଣେ ରୋଗୀଙ୍କୁ ଆମ୍ବୁଲାନ୍ସରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଉଥିବା ସମୟରେ ସେ ମୃତ୍ୟୁବରଣ କରିଛନ୍ତି; ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। କ୍ରୋଧାନ୍ୱିତ ହୋଇ ଲୋକମାନେ ଆମ୍ବୁଲାନ୍ସକୁ ଭଙ୍ଗାରୁଜା କରିଥିବା ମଧ୍ୟ ଅଭିଯୋଗ ହୋଇଛି।



**ବିନା ଅକ୍ସିଜେନ୍‌ରେ ସେବାକୁ ନେଇ ଉତ୍ତେଜନା**

**ଆମ୍ବୁଲାନ୍ସ କାଚ ଭାଙ୍ଗିଦେଲେ ଉତ୍ତ୍ୟକ୍ତ ଲୋକେ**

ସୂଚନା ଅନୁସାରେ, ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଅଁଳା ପଞ୍ଚାୟତ ବ୍ରାହ୍ମଣଖଣ୍ଡ ଗ୍ରାମର ବରିଷ୍ଠ ଆଇନଜୀବୀ ପୀତାମ୍ବର ପଣ୍ଡାଙ୍କ ପତ୍ନୀ କମଳା ପଣ୍ଡା ଗତକାଲି ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। '୧୦୮' ଆମ୍ବୁଲାନ୍ସ କିମ୍ବା ଚିକିତ୍ସାଳୟରେ ସେବା ଯୋଗାଉଥିବା ଅନ୍ୟ କୌଣସି ଆମ୍ବୁଲାନ୍ସ ନ ମିଳିବାରୁ ▶ପୃଷ୍ଠା-୭



● ପ୍ରଶାସନ, ରାଜନେତାଙ୍କ ଅଣଦେଖା

## ରାସ୍ତା ମରାମତି କଲେ ସାମାଜିକ କର୍ମୀ



ବରଗଡ଼, ୧।୯ (ସମିସ): ବରଗଡ଼ ଭଟଲି ରାସ୍ତା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରୁଥିବା ଏକମାତ୍ର ପ୍ରମୁଖ ରାସ୍ତା ବରଗଡ଼ ରାଣାପ୍ରତାପ ସ୍କୁଲ ପାଖ ଓଭରବ୍ରିଜ ତଳେ ଦୀର୍ଘ ଦିନ ହେଲା ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି। ବର୍ଷା ସମୟରେ ପାଖାପାଖି ଦୁଇରୁ ତିନି ଫୁଟ ପାଣି ଜମି ରହୁଥିଲା। ଦୀର୍ଘ ଦୁଇମାସ ଧରି ଜିଲ୍ଲା ସ୍ଥାନୀୟ ବାସିନ୍ଦା ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ତାର ସମାଧାନ କରାଯାଇ ନଥିଲା। ଗତ ୧୯ ତାରିଖ ଦିନ ସକାଳ ଖବରକାଗଜରେ ସାଧାରଣ ଜନତାଙ୍କ ସ୍ୱର 'ପ୍ରଶାସନ ଅଣଦେଖାରୁ ରାସ୍ତାଘାଟ ଅବସ୍ଥା ଶୋଚନୀୟ' ଖବର ପ୍ରକାଶିତ ହୋଇ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇ ନ ଥିଲା। ଏପରିକି ପ୍ରତ୍ୟେକ ଦିନ ଜିଲ୍ଲାର ବଡ ବଡ ଅଧିକାରୀ ନେତା, ରାଜନେତା ଅନେକ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଉକ୍ତ ରାସ୍ତା ଦେଇ ଯିବା ଆସିବା କରୁଥିଲେ ସୁଦ୍ଧା କାହାରି ଦୃଷ୍ଟିଗୋଚର ହୋଇନଥିଲା। ପ୍ରତ୍ୟେକ ଦିନ ଏଠାରେ ଛୋଟ ବଡ ଦୁର୍ଘଟଣା ଘଟୁଥିଲା। ଏଣୁ ଆଜି ବରଗଡ଼ ସଂଯୁକ୍ତ କୃଷକ ସଂଗଠନ, ସଂକଳ୍ପ ପରିବାର, କୋଶଳ ସେନା ସହିତ ସ୍ଥାନୀୟ ବାସିନ୍ଦା ବାହାରି ନିଜ ନିଜ ଭିତରେ ୫୦/୧୦୦ ଟଙ୍କା ଆଦାୟ କରି ରାସ୍ତାର ମରାମତି କରିଥିଲେ। ରାସ୍ତାର ମରାମତି ସମୟରେ ସ୍ୱତଃସ୍ଫୁର୍ତ୍ତ ଭାବେ ଜନସାଧାରଣ ଏପରିକି ଖବର ସଂଗ୍ରହ କରିବା ପାଇଁ ଆସିଥିବା ସାମ୍ବାଦିକ ବନ୍ଧୁ ମାନେ ମଧ୍ୟ ମିଶି ଶ୍ରମଦାନ କରିଥିଲେ। ଦୁଇ ଘଣ୍ଟାର ପରିଶ୍ରମ ପରେ ରାସ୍ତାର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଆଜି ଭଟଲି ବ୍ଲକରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିର ଯିବା ସମୟରେ ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହାଙ୍କ ସମେତ ବହୁ ବରିଷ୍ଠ ସରକାରୀ ଅଧିକାରୀଙ୍କ ଗାଡିରାସ୍ତା ଜାମ୍ ଯୋଗୁଁ ଅଟକି ରହିଥିବାର ଦେଖା ଯାଇଥିଲା। ସହର ମଧ୍ୟରେ ଏତେ ବଡ ସମସ୍ୟାକୁ ସମସ୍ତେ ଦେଖି ଅଣଦେଖା କରୁଥିବାରୁ ଆଜି ଜଣସାଧାରଣ ଧନ ଜୀବନ ନଷ୍ଟ ହେବା ପୂର୍ବରୁ ନିଜେ ନିଜର ବ୍ୟବସ୍ଥା କରିଛନ୍ତି ବୋଲି ଏହି ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି।

ସାର ଅଭାବ

# ବେଫିକର ପ୍ରଶାସନ; ୟୁରିଆ ପାଇଁ ଚାଷୀ ହନ୍ତସନ୍ତ

ସୋହେଲା, ୧।୯ (ସମିସ)

ସୋହେଲା ଅଞ୍ଚଳରେ ୟୁରିଆ ସାରର ଘୋର ଅଭାବ ଦେଖା ଦେଇଛି। ଚାଷୀ ସରକାରୀ ମୂଲ୍ୟରେ ୟୁରିଆ ସାର ପାଉନଥିବା ଏବଂ ଖୋଲା ବଜାରରେ ଚଢ଼ା ମୂଲ୍ୟରେ ବିକ୍ରି ହେଉଥିବା ଅଭିଯୋଗ କରିଛନ୍ତି। ୟୁରିଆ ସାରର ସରକାରୀ ମୂଲ୍ୟ ୨୬୬ ଟଙ୍କା ରହିଥିବା ବେଳେ ଖୋଲା ବଜାରରେ ୮୦୦ ଟଙ୍କାରୁ ଅଧିକ ମୂଲ୍ୟରେ ବିକ୍ରି ହେଉଥିବା ଜଣା ପଡ଼ିଛି। ସେଇପରି ବ୍ଲକରେ ୫ଟି ପାକ୍ସ ରହିଥିବା ଏବଂ ୨୩ ଜଣ ସରକାରୀ ସ୍ୱୀକୃତି ପ୍ରାପ୍ତ ବିକ୍ରେତା ରହିଛନ୍ତି। କିନ୍ତୁ କାହାରି ନିକଟରେ ଚାଷୀଙ୍କ ପାଇଁ ୟୁରିଆ ସାର ଉପଲବ୍ଧ ହେଉ ନାହିଁ। ବର୍ତ୍ତମାନ ଧାନ ଫସଲ ପାଇଁ ୟୁରିଆ ସାରର ଆବଶ୍ୟକତା ରହିଥିବା ବେଳେ ଚାଷୀ ୟୁରିଆ ସାର ପାଇଁ ଏ ଦୋକାନରୁ ସେ ଦୋକାନ ଯାଇ ସାର ନପାଇ ନିରାଶ ହୋଇ ଫେରୁଛନ୍ତି। ଆଜି ସୋହେଲା ପାକ୍ସକୁ ଅଞ୍ଚଳର ଶତାଧିକ ଚାଷୀ ୟୁରିଆ ସାର ନେବା ପାଇଁ ଆସିଥିଲେ। କିନ୍ତୁ ସମସ୍ତ ଚାଷୀଙ୍କୁ ସାର ଯୋଗାଇ ଦେବାକୁ ପାକ୍ସ କର୍ତ୍ତୃପକ୍ଷ ଅସମର୍ଥତା ପ୍ରକାଶ କରିଥିଲେ। ଏହାପରେ ସୋହେଲା କୃଷକ ବିକାଶ ମଞ୍ଚର ସଭାପତି ମନୋହର ମାଝିଙ୍କ ନେତୃତ୍ୱରେ ଚାଷୀ ସୋହେଲା ତହସିଲଦାର ଶୁଭରଞ୍ଜନ ନାୟକଙ୍କୁ ଭେଟି ସମସ୍ତ ଚାଷୀଙ୍କୁ ୟୁରିଆ ସାର ଯୋଗାଇ ଦେବାକୁ ଦାବି କରିଥିଲେ। ତହସିଲଦାର ସ୍ଥାନୀୟ ଗୋଷ୍ଠୀ କୃଷି ଅଧିକାରୀ ନିତାଞ୍ଜଳି ବିଶିଙ୍କୁ ଡାକି ସାରର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଚାଷୀ ଏବଂ ଅଧିକାରୀ ମଧ୍ୟରେ ଆଲୋଚନା ହୋଇଥିଲା।




ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ ଅଧିକାରଙ୍କୁ ଆବଶ୍ୟକ ପରିମାଣରେ ସାର ଯୋଗାଇ ଦେବାକୁ ଅବଗତ କରା ଯାଇଥିଲା। ଏହା ପରେ ସୋହେଲା ବ୍ଲକରେ ଥିବା ସରକାରୀ ଲାଇସେନ୍ସ ପ୍ରାପ୍ତ ଡିଲର ମାନଙ୍କ ଷ୍ଟକ ଯାଞ୍ଚ କରା ଯିବା ପାଇଁ ଚାଷୀ ଦାବି କରିଥିଲେ। ଏହାପରେ ପୁଲିସର ସହଯୋଗ ନେଇ ସୋହେଲା ବ୍ଲକରେ ପଞ୍ଜୀକୃତ ଡିଲର ମାନଙ୍କ ଗୋଦାମ ଯାଞ୍ଚ କରା ଯାଇଥିଲା। ମିଳିଥିବା ସୂଚନା ଅନୁସାରେ ସୋହେଲା ପାକ୍ସରେ ପୂର୍ବରୁ ୨୨୫ ପାକେଟ ୟୁରିଆ ସାର ରହିଥିବା ବେଳେ ପରେ ପୁଣି ୩୦୦ ପାକେଟ ୟୁରିଆ ସାର ଆସିଥିବା ଏବଂ ପ୍ରତ୍ୟେକ ଚାଷୀଙ୍କୁ ଆଧାର କାର୍ଡ ପ୍ରତି ଗୋଟିଏ ପାକେଟ ଲେଖାଏଁ ୟୁରିଆ ସାର ଦିଆ ଯାଇଥିବା ଜଣାପଡ଼ିଛି।

### ● ପଦ୍ମପୁର ଉପଖଣ୍ଡରେ କଲବଲ ଚାଷୀ

ପଦ୍ମପୁର: ସାର ପାଇଁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଏପଟେ ୟୁରିୟା ମିଳୁନି ସେପଟେ କଳାବଜାରୀ ବଢ଼ୁଛି କିନ୍ତୁ ଏପରିସ୍ଥଳେ ପ୍ରଶାସନ ବେଶ୍ ବେଫିକର ହୋଇ ରହିଛି। ଫଳରେ ଚାଷୀଙ୍କୁ ହନ୍ତସନ୍ତ ହେବାକୁ ପଡ଼ୁଛି। ବରଗଡ଼ ଜିଲ୍ଲାର ପ୍ରାୟ ୮୦ ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି। ମାତ୍ର ଚାଷୀଙ୍କୁ ସାର ମିଳୁ ନାହିଁ। ସରକାରୀ ସ୍ତରରେ ଗୋଟିଏ ବସ୍ତା ୟୁରିୟା ସାର ପାଇଁ ଦିନ ଦିନ ଜଗିବାକୁ ପଡୁଛି। ଗୋଟିଏ ଆଧାର କାର୍ଡରେ ମାତ୍ର ୨ ବସ୍ତା ସାର ମିଳୁଥିବା ବେଳେ ଯାହାର ଅଧିକ ଜମି ଅଛି ସେମାନେ ବାଧ୍ୟହୋଇ ଅଧିକ ଦରରେ କିଣୁଛନ୍ତି। ବସ୍ତା ପିଛା ୨୭୦ ଟଙ୍କା ବଦଳରେ ବାହାରୁ ୯ ଶହ ଟଙ୍କାରେ କିଣୁଛନ୍ତି। ବାରମ୍ବାର ପ୍ରତିବାଦ ପରେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ କରିଛନ୍ତି ଚାଷୀ। ପଦ୍ମପୁର ଉପଖଣ୍ଡ ପଦ୍ମପୁର ବ୍ଲକର କନସିଂହା, ଜମଲା, ଦହିଗାଁ, ବରିକେଲ, ପାଇକମାଲ ବ୍ଲକର ଲଖମରା ଅଞ୍ଚଳର ଚାଷୀ ୟୁରିଆ ସାର ପାଇଁ ନୟାନ୍ତ ହେଉଛନ୍ତି। କୃଷି ବିଭାଗ ଓ କଳାବଜାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକ ଯୋଗୁଁ ସାର ମିଳୁ ନଥିବା ଚାଷୀ ଅଭିଯୋଗ କରିଛନ୍ତି। ତୁରନ୍ତ ଚାଷୀଙ୍କୁ ସାର ଯୋଗାଇଦେବା ନେଇ ଚାଷୀ ଆକୁଳ ନିବେଦନ କରିଛନ୍ତି।

## ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଡିଗ୍ରୀ କଲେଜର ପାଠାଗାର ଓ ମଣ୍ଡପ

ଝାରବନ୍ଧ, ୧।୯ (ସମିସ): ଛାତ୍ରଛାତ୍ରୀଙ୍କ ଉତ୍ତମ ଅଧ୍ୟୟନର ସୁବିଧା ନିମନ୍ତେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନ ବର୍ଷ ୨୦୨୨/୨୩ରେ ଝାରବନ୍ଧ ଡିଗ୍ରୀ ମହାବିଦ୍ୟାଳୟର ଲାଇବ୍ରେରୀ ଗୃହ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ଯାହାପରେ ହାରାହାରି ଛଅ ଫୁଟ ଇଟା ଯୋଡା ଯାଇ କାନ୍ଥ ଠିଆ ହୋଇ ପଡ଼ି ରହିଥିଲା। କାର୍ଯ୍ୟ ଆରମ୍ଭ ଏବଂ କାର୍ଯ୍ୟ ଶେଷର ତାରିଖ ଉଲ୍ଲେଖ ନଥିବା ବେଳେ କାର୍ଯ୍ୟନିର୍ବାହୀ ସଂସ୍ଥା ପଞ୍ଚାୟତ ସମିତି ଝାରବନ୍ଧ ଥିବା ସୂଚନା ଫଳକରେ ଲେଖା ଯାଇଛି। ଅନ୍ୟ ପଟେ ମହାବିଦ୍ୟାଳୟର ମଣ୍ଡପ ନିର୍ମାଣ ପାଇଁ ଜିଲ୍ଲାପରିଷଦ ବରଗଡ଼ ମଧ୍ୟ ୪ ଲକ୍ଷ ୮୦ ହଜାର ଟଙ୍କାର ଅନୁଦାନ ୨୦୨୨/୨୩ରେ ପ୍ରଦାନ କରିଛନ୍ତି। ଯାହାପରେ କେବଳ ନିର୍ମାଣ କାର୍ଯ୍ୟ ବାବଦକୁ ଗାତ ଖୋଳାଯାଇ ଛାଡ଼ି ଦିଆଯାଇଛି। ମହାବିଦ୍ୟାଳୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉଭୟ କାର୍ଯ୍ୟ ଆରମ୍ଭ କରାଯାଇଥିଲା ହେଲେ ୨୦୨୨/୨୩ରୁ ବର୍ତ୍ତମାନ ୨୦୨୫ ଆର୍ଥିକ ବର୍ଷ ସରିବାକୁ ଗଲାଣି ଉଭୟ କାର୍ଯ୍ୟ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ିରହିବା ଘଟଣା ଛାତ୍ରଛାତ୍ରୀଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରାଯାଉଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଉଭୟ ଲାଇବ୍ରେରୀ ଗୃହ ନିର୍ମାଣ ଏବଂ ମଣ୍ଡପ ନିର୍ମାଣ କାର୍ଯ୍ୟ ସମାପନ ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି।



## ଜିଲ୍ଲା ଉପନିବନ୍ଧକ କାର୍ଯ୍ୟାଳୟରେ ତାଲା ପକାଇଲେ ଚାଷୀ

ବରଗଡ଼, ୧।୯ (ସମିସ): ସଂଯୁକ୍ତ କୃଷକ ସଂଗଠନ ତରଫରୁ ଜିଲ୍ଲା ଉପନିବନ୍ଧକ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରାଯାଇଛି। ନୂତନ ଧାନ ପଞ୍ଜୀକରଣ ସମସ୍ୟାର ସମାଧାନ ନ ହେବା କାରଣରୁ ଜିଲ୍ଲାରେ ହଜାର ହଜାର ପ୍ରକୃତ ଚାଷୀ ଧାନ କାର୍ଡ ତିଆରି କରିବାରୁ ବଞ୍ଚିତ ହୋଇଛନ୍ତି। ସେଥିପାଇଁ ସଂଗଠନ ପକ୍ଷରୁ ଗତ ୨୬ ତାରିଖରେ ପ୍ରଥମେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ପରେ ଅତାବିରା ବିଧାୟକ ନିହାର ମହାନନ୍ଦ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଏବଂ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଥିଲା। ମନ୍ତ୍ରୀ ଚାଷୀଙ୍କ ସହିତ ଆଲୋଚନା କଲାପରେ କୌଣସି ପ୍ରକୃତ ଚାଷୀ ପଞ୍ଜୀକରଣରୁ ବାଦ ପଡ଼ିବେ ନାହିଁ ଏବଂ ଜିଲ୍ଲାପାଳ ମାନେ ଯେଉଁ ରିପୋର୍ଟ ଦେବେ ସେହି ଆଧାରରେ ପଞ୍ଜୀକରଣ ଅବଧି ବଢ଼ିବ ଓ ପଞ୍ଜୀକରଣ କରିପାରିବେ ବୋଲି କହିଥିଲେ। ଦୁଇଦିନ ତଳେ ମୁଖ୍ୟମନ୍ତ୍ରୀ ମଧ୍ୟ ସମସ୍ତ ଯୋଗ୍ୟ ଚାଷୀ ପଞ୍ଜୀକୃତ ହେବେ ବୋଲି ଦୃଢ଼ୋକ୍ତି ଦେଇଥିଲେ। ଇତି ମଧ୍ୟରେ ୭ ଦିନ ବିତି ଯାଇଥିଲେ ମଧ୍ୟ କୌଣସି ପଞ୍ଜୀକରଣ ଆରମ୍ଭ ହୋଇ ନ ଥିବାରୁ ବଞ୍ଚିତ ଚାଷୀ ଆଜି ସକାଳୁ ଉପନିବନ୍ଧକ କାର୍ଯ୍ୟାଳୟକୁ ଆସି ପଞ୍ଜୀକରଣ ସମ୍ପର୍କରେ ପଚାରିଥିଲେ। କିନ୍ତୁ ସନ୍ତୋଷ ଜନକ ଉତ୍ତର ନ ମିଳିବାରୁ କାର୍ଯ୍ୟରତ ସମସ୍ତ କର୍ମଚାରୀ ମାନଙ୍କୁ ବାହାର କରି ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ଦୀର୍ଘ ୩ ଘଣ୍ଟା ପରେ ଡିଆରସିଏସ ଯୁଗଳ ଦାସ ଜନଶୁଣାଣି କାର୍ଯ୍ୟକ୍ରମରୁ ସିଧା ଅଫିସକୁ ଆସି ଚାଷୀଙ୍କ ସହିତ ଆଲୋଚନା କଲେ। ୨୫ ତାରିଖ ପର୍ଯ୍ୟନ୍ତ ଯେଉଁମାନେ ସୋସାଇଟିରେ ନିଜର କାଗଜପତ୍ର ଦେଇଛନ୍ତି ସେମାନେ ନିଶ୍ଚିତ ପଞ୍ଜୀକୃତ ହୋଇପାରିବେ ବୋଲି କହିବା ପରେ ତାଲା ଖୋଲି ଆନ୍ଦୋଳନ ସ୍ଥଗିତ ରଖିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ଆଲୋଚନା ମୁତାବକ ଆସନ୍ତା ଗୁରବାର ସୁଦ୍ଧା ପଞ୍ଜୀକରଣ ଆରମ୍ଭ ନ ହେଲେ ପୁଣି ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଂଗଠନ ତରଫରୁ ଚେତାବନୀ ଦିଆଯାଇଛି। ରମେଶ ମହାପାତ୍ର, ସୁଦାମ ପାତ୍ର, ନିରଞ୍ଜନ ପଧାନ, ସୁରେଶ ନିକେଣ୍ଟି, ସୁରେଶ କର୍ଣ୍ଣ, ରବିଶଙ୍କର ପଧାନ, କାରଣ ସାହୁ, ଈଶାନ୍ତ ଭୋଇ, ମନୋଜ ଖମାରୀ କୋଶଳ ସେନାର ବୀରବଳ ମହାକୁଡ ସମେତ ବିଭିନ୍ନ ଗାଁରୁ ଶହଶହ ଚାଷୀ ଆନ୍ଦୋଳନରେ ଯୋଗ ଦେଇଥିଲେ।






SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର
ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/07 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|
| ସହକାରୀ ତଥ୍ୟ ସୁରକ୍ଷା ଅଧିକାରୀ | 1 | 45 |

ବିଜ୍ଞାପନ ସଂ. CRPD/SCO/2025-26/09 (ନିୟମିତ ପଦବୀ)

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (31.05.2025 କଟ୍ ଅଫ୍) |
|---|---|---|---|
| ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 40 |
| ଡେପୁଟି ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 25.08.2025 ରୁ 15.09.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 25.08.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଭଟଲି, ୧।୯ (ସମିସ): ଭଟଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ ଲୁହା, ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ଚନ୍ଦ୍ର ମହନ୍ତ, ଭଟଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେର, ଭଟଲି ତହସିଲଦାର ରାମକୃଷ୍ଣ ମିଶ୍ର ଏବଂ ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପଧାନ ପ୍ରମୁଖ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୫୨ଟି ଅଭିଯୋଗ ମଧ୍ୟରୁ ୪୧ଟି ବ୍ୟକ୍ତିଗତ ଏବଂ ୧୧ଟି ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ନାଟ୍ୟକାରଙ୍କ ପରଲୋକ

ଅତାବିରା, ୧।୯ (ସମିସ): ଅତାବିରା ବ୍ଲକ ଢେମସା ଗାଁର ବରିଷ୍ଠ ନାଟ୍ୟକାର ଲୋକନାଥ ତ୍ରିପାଠୀ (୮୦)ଙ୍କ ପରଲୋକ ଘଟିଛି।



ସେ ଦୀର୍ଘ ଦିନରୁ ଅସୁସ୍ଥ ଥିଲେ। ସ୍ୱର୍ଗତ ତ୍ରିପାଠୀ ପଶ୍ଚିମ ଓଡ଼ିଶାରେ ଜଣେ ସୁନାମଧନ୍ୟ ନାଟ୍ୟକାର ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୈତୃକ ଗାଁ ଢେମସାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କର ଜ୍ୟେଷ୍ଠପୁତ୍ର ପଞ୍ଚାନନ ମୁଖାଗ୍ନି ଦେଇଥିଲେ।









# ଗୋଇମୁଣ୍ଡ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ



ମୁରିବାହାଲ, ୧।୯ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ଗ୍ରାମରେ ୪୯ତମ ଦୂର୍ଗାପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ମାଁଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରି ପାଇଁ ମୃତ୍ତିକା ଅନୁକୂଳ କରାଯାଇଥିଲା।ଯଥାରୀତି ପୂଜାର୍ଚ୍ଚନା କରାଯିବା ପରେ ଗ୍ରାମର ଟଙ୍ଗଜୋରକୂଳ ନିକଟରୁ ମୂର୍ତ୍ତି ପ୍ରସ୍ତୁତ ଉପଯୋଗୀ ମାଟି ଅନୁକୂଳ କରାଯାଇଥିଲା। ଘଣ୍ଟ, ଶଙ୍ଖ ବାଦ୍ୟ ସହ ମଣ୍ଡପରୁ ବାହାରି ଟଙ୍ଗଜୋର କୂଳକୁ ପହଁଚି ସେଠାରେ ପାରମ୍ପରିକ ରୀତିନୀତିରେ ପୂଜା କରାଯାଇ ମାଟି ଅନୁକୂଳ ଏବଂ ମାଟି ସଂଗ୍ରହ କରାଯାଇଥିଲା। ଗ୍ରାମବାସୀଙ୍କ ଉଦ୍ୟମରେ ଗତ ୪୮ ବର୍ଷ ଧରି ନିରବଚ୍ଛିନ୍ନ ଭାବେନିଷ୍ଠାର ସହ ପୂଜା ପାଳିତ ହୋଇଆସୁଅଛି। ମୃତ୍ତିକା ଅନୁକୁଳ କାର୍ଯ୍ୟକ୍ରମରେ କମିଟି ସଭାପତି ଅକ୍ଷୟ ସାହୁ, ସମ୍ପାଦକ ଭକ୍ତବନ୍ଧୁ ସାହୁ, କୋଷାଧ୍ୟକ୍ଷ ଗୋରେଖ ଭୋଇ, କାର୍ଯ୍ୟକାରୀ ସଭାପତି ମିନିକେତନ ସାହୁ, ସହ ସମ୍ପାଦକ ଚିତରଞ୍ଜନ ସାହୁ, ସାଂସ୍କୃତିକ ସମ୍ପାଦକ ତରଣୀ ସେନ ସାହୁ, କମିଟି ସଦସ୍ୟ ରୋହିତ ଭୋଇ, କମ୍ପୁ ସାହୁ, ଅମିତ ରଣା, ରମାକାନ୍ତ ସାହୁ, ଅଶୋକ ନାରାୟଣ ଭୋଇ, ବାବୁନା ସାହୁ, ରୂପେଶ ସାହୁ, ଟିଙ୍କୁ ରଣା, ମିଳନ ଥପା ପ୍ରମୁଖ ସାମିଲ ହୋଇଥିଲେ। ଗାଁରେ ମାଟି ପହଁଞ୍ଚିବା ପରେ ବନ୍ଦାପନା କରି ସ୍ୱାଗତ କରାଯାଇଥିଲା।

## ବଲାଙ୍ଗିର ଜିଲ୍ଲାରେ ବିଚିତ୍ର ଚାଷୀ ପଞ୍ଜୀକରଣ ବ୍ୟବସ୍ଥା

# ବର୍ଷକରେ ବଢ଼ିଗଲେ ୧୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ

ବଲାଙ୍ଗିର, ୧।୯ (ସମିସ)

ବଲାଙ୍ଗିର ଜିଲ୍ଲାରେ ଖରିଫ ଧାନକିଣାରେ ପ୍ରତିବର୍ଷ ବଡ ଧରଣର ଅନିୟମିତତା କରାଯାଉଥିବା ନେଇ ଅଭିଯୋଗ ହୋଇଆସୁଛି। ପ୍ରତିବର୍ଷ ଚାଷୀ ପଞ୍ଜୀକରଣ ସମୟରେ ଚାଷୀଙ୍କ ସଂଖ୍ୟା ବୃଦ୍ଧି କରାଯାଇ ଏହି ଅନିୟମିତତା କରାଯାଉଥିବା ବେଳେ ଏଥିରେ ଯୋଗାଣ ବିଭାଗ, ସମବାୟ ବିଭାଗ ଓ ମିଲର୍ସ ମାନଙ୍କ ହାତ ରହିଥିବା ଅଭିଯୋଗ ହୋଇଛି। ଗୋଟିଏ ବର୍ଷରେ ଧାନ ଚାଷ ହେଉଥିବା ଜମିର ପରିମାଣ ଅପରିବର୍ତ୍ତିତ ରହୁଥିବା ବେଳେ ଚାଷୀ ପଞ୍ଜିକରଣ ସଂଖ୍ୟା କିନ୍ତୁ ବର୍ଷକୁ ବର୍ଷ ପ୍ରାୟ ପାଞ୍ଚ ହଜାର ଚାଷୀଙ୍କ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଗୋଟିଏ ବର୍ଷରେ ଏତେ ପରିମାଣର ଚାଷୀ ଆସୁଛନ୍ତି ନା ଚଞ୍ଚକତା କରି ଅଣାଯାଉଛି। ମିଥ୍ୟା ଏଣ୍ଟ୍ରୀ କରିବା ପାଇଁ ଏହିଭଳି କରାଯାଉଥିବା ଅଭିଯୋଗ ହୋଇଛି। ତେବେ ଚଳିତ ବର୍ଷ ନୂତନ ଭାବେ ଚାଷୀମାନଙ୍କ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଥିବା ବେଳେ ନକଲି ଚାଷୀ ବାଦ ପଡ଼ିବା ବଦଳରେ ଅଧିକ ୧୧ ହଜାର ଚାଷୀଙ୍କ ପଞ୍ଜୀକରଣ ହୋଇଥିବା ଜଣାପଡ଼ିଛି।

ରାଜ୍ୟରେ ନକଲି ଚାଷୀ ସନ୍ଦେହରେ ବିଜେପି ସରକାର ଗଠନ କରିବା ପରେ ନୂତନ ଚାଷୀ ପଞ୍ଜୀକରଣ ବ୍ୟବସ୍ଥା କରିଥିଲେ। ଏଥିରେ ନକଲି ଚାଷୀ ବାଦ ପଡ଼ିବାର ସମ୍ଭାବନା ରହିଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ଅବସ୍ଥା ଯଥା ପୂର୍ବଂ ତଥା ପରଂ ରହିଛି। ପୂର୍ବରୁ ବର୍ଷକୁ ବର୍ଷ ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ଯେମିତି ବୃଦ୍ଧି ହେଉଥିଲା ସେମିତି ବୃଦ୍ଧି ହୋଇଛି। ଏପରିକି ଚଳିତ ଖରିଫ ପାଇଁ ରେକର୍ଡ ସଂଷ୍ଟି କରି ଜିଲ୍ଲାରେ ଗୋଟିଏ ବର୍ଷାରେ ୧୧ ହଜାର ଚାଷୀ ବୃଦ୍ଧି ପାଇଥିବା ଜଣାପଡ଼ିଛି। ତେବେ ତାହା କେତେ ଅସଲି କେତେ ନକଲି ତାହା ଯାଞ୍ଚ କଲେ ସ୍ପଷ୍ଟ ହେବ। ବିଭାଗୀୟ ସୂଚନା ଅନୁସାରେ ୧୯ ଜୁଲାଇରୁ ସେପ୍ଟେମ୍ବର ୧ ତାରିଖ ଭିତରେ ବଲାଙ୍ଗିର ଜିଲ୍ଲାରେ ୧ ଲକ୍ଷ ୫ ହଜାର ୩୧ ଜଣ ଚାଷୀ ଆସନ୍ତା ଖରିଫରେ ଧାନ ବିକିବା ପାଇଁ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ଏଥିରୁ ୯୮ ହଜାର ୯୯ ଜଣ ଚାଷୀଙ୍କ ଚାଷୀ କାର୍ଡ ରହିଥିବା ବେଳେ ବାକିତକ ଚାଷୀ ଙ୍କ କାର୍ଡ ନାହିଁ। ତେବେ ପଞ୍ଜିକୃତ ହୋଇଥିବା ଚାଷୀ ଙ୍କ ସଂଖ୍ୟା ୨୦୨୪-୨୫ ଖରିଫ ପଞ୍ଜିକୃତ ଚାଷୀଙ୍କ ଠାରୁ ୧୦ ହଜାର ୭୨୨ ଅଧିକ। ଅର୍ଥାତ ୨୦୨୪-୨୫ ଖରିଫରୁ ୨୦୨୫-୨୬ ଖରିଫ ମଧ୍ୟରେ ଜିଲ୍ଲାରେ ୧୦ ହଜାରରୁ ଅଧିକ ନୂଆ ଚାଷୀ ବାହାରିଛନ୍ତି। ଏହା କେବଳ ଚଳିତ ଖରିଫର ଟ୍ରେଣ୍ଡ ନୁହଁ ପୁର୍ବରୁ ହିଁ ଏହା ଚାଲିଆସିଛି। ୨୦୨୪-୨୫ ଖରିଫରେ ୯୪୩୦୯ ଜଣ ପଞ୍ଜିକୃତ ଚାଷୀ ରହିଥିବା ବେଳେ ୨୦୨୩-୨୪ ଖରିଫରେ ଏହି ସଂଖ୍ୟା ୮୯ ହଜାର ୪୨୩ ରହିଥିଲା। ସେହିପରି ୨୦୨୨-୨୩ ଖରିଫରେ ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ୭୪ ହଜାର ୪୫୦ ରହିଥିବା ବେଳେ ୨୦୨୧-୨୨ ଖରିଫରେ ଏହି ସଂଖ୍ୟା ୬୩ ହଜାର ୮୩୮ ରହିଥିଲା। ଅନ୍ୟପକ୍ଷରେ ୨୦୨୧-୨୨ ରୁ ୨୦୨୫-୨୬ ମଧ୍ୟରେ ଚାଷ ଜମି କିମ୍ବା ଧାନ ଚାଷ ର ପରିମାଣରେ କୌଣସି ବୃଦ୍ଧି ହୋଇନାହିଁ। ତେବେ ଏତେ ସଂଖ୍ୟାରେ ଚାଷୀ ବର୍ଷକୁ ବର୍ଷ କିଭଳି ବଢୁଛନ୍ତି। ବିଜେପି ସରକାର ଗଠନ କରିବା ସମୟରେ ନକଲି ଚାଷୀ ରହିଥିବା ନେଇ ନିଜେ କହିଥିଲେ। ଯେଉଁଥିପାଇଁ ନୂତନ ପଞ୍ଜୀକରଣ ବ୍ୟବସ୍ଥା ମଧ କରିଥିଲେ। ତଥାପି ନକଲି ଚାଷୀବାଦ ପଡ଼ିବା ବଦଳରେ ଆହୁରି ନକଲି ଚାଷୀଙ୍କ ସଂଖ୍ୟା ବଲାଙ୍ଗିର ଜିଲ୍ଲାରେ ବୃଦ୍ଧି ପାଇଥିବା ଅଭିଯୋଗ ହୋଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମିଲର୍ସ ମାନଙ୍କ ଭଲ ସମ୍ପର୍କ ରହିଥିବା ପେକ୍ସ ଅଞ୍ଚଳରେ ପାକ୍ସ ସମ୍ପାଦକମାନଙ୍କ ସହ ମିଶି ଧାନବେପାରୀଙ୍କୁ ହାତ କରି ଚାଷ କରୁନଥିବା ଲୋକଙ୍କ ନାମରେ ମଧ ଚାଷୀ ପଞ୍ଜୀକରଣ କରାଯାଇଥିବା ଜଣାପଡ଼ିଛି। ଫଳରେ ଧାନକିଣା ସମୟରେ ସେହି ଚାଷୀମାନଙ୍କୁ କିଛି ଖର୍ଚ୍ଚ ଦେଇ ତାଙ୍କ ନାମରେ ଧାନର ମିଥ୍ୟା ଏଣ୍ଟ୍ରୀ କରାଯାଇପାରିବ। ଏହି କାରବାରରେ ଯୋଗାଣ ବିଭାଗ, ସମବାୟ ବିଭାଗ ତଥା ପାକ୍ସ କର୍ମଚାରୀ, ମିଲର୍ସଙ୍କ ଭୂମିକା ସନ୍ଦେହ କରାଯାଉଥିବା ବେଳେ ପଞ୍ଜିକୃତ ହୋଇଥିବା ଚାଷୀଙ୍କ ନିରପେକ୍ଷ ଭାବରେ ଯାଞ୍ଚ କରାଗଲେ ଜିଲ୍ଲାରେ ହଜାର ହଜାର ନକଳି ଚାଷୀ ସାମ୍ନାକୁ ଆସିବେ ବୋଲି ଚାଷୀ ସଙ୍ଗଠନମାନେ ପ୍ରତିକ୍ରୀୟା ଦେଇଛନ୍ତି। ନଚେତ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ପୁଣି ଧାନକିଣାରେ ଜିଲ୍ଲାରେ ବଡ ଧରଣର ଅନିୟମିତତା ହେବାର ସମ୍ଭାବନା ରହିଛି ଯାହାକି ଚାଷୀ ପଞ୍ଜୀକରଣ ଠାରୁ ହିଁ ଆରମ୍ଭ ହୋଇସାରିଛି।

- ୨୦୨୪-୨୫ରେ ୯୪ ହଜାର ୩୦୯ ପଞ୍ଜୀକରଣ
- ୨୦୨୫-୨୬ ପାଇଁ ୧ ଲକ୍ଷ ୫ ହଜାର ୩୧ ପଞ୍ଜୀକରଣ

## ୨୫ ଲକ୍ଷ ଟଙ୍କାର ସୁନା ସହ ୪୦ ହଜାର ଚୋରି



କଣ୍ଟାବାଞ୍ଜି, ୧।୯ (ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ଆଶ୍ରାପଡ଼ା ଏକ ଘରୁ ୨୫ ପ୍ରାୟ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସହ ୪୦ ହଜାର ଟଙ୍କା ନଗଦ ଚୋରି ହୋଇଥିବା ନେଇ ଘର ମାଲିକାଣୀ ନଶିମା ତାମସୁମ୍ କଣ୍ଟାବାଞ୍ଜି ଥାନା ଏତଲା ଦେଇଛନ୍ତି। ଏତଲା ଅନୁସାରେ ଗତ କିଛି ମାସ ହେଲା ଆଶ୍ରମନିବାସୀ ନଶିମା ତାମସୁମ୍‌ଙ୍କ ଘରେ ମୁରିବାହାଲ ଥାନା ଅନ୍ତର୍ଗତ ଟେଙ୍ଗରା ଗାଁର ମାଧୁରୀ ପୋଢ ନାମକ ଜଣେ ମହିଳା କାମ କରି ଆସୁଥିଲେ। ନୂଆଁଖାଇ ପୂର୍ବ ରୁ ନଶିମା ଘରେ ଥିବା ୨୩୦ ଗ୍ରାମ ସୁନା ଅଳଙ୍କାର ଯାହାଫଳ ଆନୁମାଳିକ ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ହେବ ଏବଂ ନଗଦ ଘରେ ଥିବା ୪୦ ହଜାର ଟଙ୍କା ରଖା ଯାଇଥିବା ବେଳେ ଘରେ କାମ କରୁଥିହା ମାଧୁରୀ ପୋଢ ଚୋରି କରିଥିବା ନେଇ ଘର ମାଲିକାଣୀ ନଶିମା ଥାନାରେ ମାଧୁରୀ ପୋଢଙ୍କ ନାରେ କଣ୍ଟାବାଞ୍ଜିରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ମାମଲା ରୁଜୁ କରି କଣ୍ଟାବାଞ୍ଜି ପୁଲିସ ମାଧୁରୀଙ୍କୁ ଜେରା କରି ଘଟଣାର ତଦନ୍ତ କରୁଥିହା ବେଳେ ମାଧୁରୀଙ୍କ ଠାରୁ ପୁଲିସ କିଛି ସୁନା ଅଳଙ୍କାର ଜବତ କରିଥିବା ଜଣାପଡ଼ିଛି। ସେପଟେ ମହିଳା ଜଣକ ସୁନା ଅଳଙ୍କାର ଚୋରୀ କଣ୍ଟାବାଞ୍ଜି ବନମାଳି ସୁନା ଦୋକାନ ସହ ଅନ୍ୟ କିଛି ସୁନା ଦୋକାନକୁ ଯାଇ ଚୋରି କରିଥିବା ବିସ୍କୁଟ ସୂନା ଦେଇ ବିଭିନ୍ନ ଅଳଙ୍କାର ଆଣିଥିବା ଜଣାପଡ଼ିଛି। ସେପଟେ ମାଧୁରୀଙ୍କୁ ଅଳଙ୍କାର ଦେଇଥିବା ସୁନା ଦୋକାନୀଙ୍କୁ ମଧ କଣ୍ଟାବାଞ୍ଜି ପୁଲିସ ଥାନାକୁ ଡାକି ପଚରାଉଚୁରା କରୁଛି। ତେବେ ଚୋରି କରିଥିବା ଅଭିଯୋଗରେ ମାଧୁରୀ ପୋଢକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଜାମିନ ଆବେଦନ ଖାରଜ ହେବା ପରେ କଣ୍ଟାବାଞ୍ଜି ଜେଲ ପଠାଇ ଦିଆଯାଇଛି। ସେପଟେ ଚୋରି ସାମଗ୍ରୀ ରଖି ଥିବା ସୁନା ଦୋକାନ ମାଲିକଙ୍କୁ ପୁଲିସ କାହିଁକି ଗିରଫ କରୁନାହିଁ ବୋଲି ପ୍ରଶ୍ନ ଉଠୁଛି। ସୂଚନା ଦୋକାନ ମାଲିକ ଜଣକ ବିନା କାଗଜପତ୍ର ନ ଥିବା ସୁନା ନେଇ ଅନ୍ୟ ସୁନା ଅଳଙ୍କାର ମହିଳା ଜଣଙ୍କୁ କେମିତି ଦେଲେ ଯାହାକୁ ନେଇ ସୁନା ଦୋକାନ ମାଲିକଙ୍କ ଭୂମିକା ସନ୍ଦେହ ସୃଷ୍ଟି କରୁଛି। ଅନ୍ୟପକ୍ଷରେ ମୋ ସ୍ୱାମୀ ଜଣେ ରେଳବାଇ କର୍ମଚାରୀ ଥିଲେ ଗତ କିଛି ବର୍ଷ ତଳେ ତାଙ୍କ ମୃତ୍ୟୁ ହୋଇଛି ଆମେ ବହୁତ କଷ୍ଟରେ ଟଙ୍କା ସଞ୍ଚୟ କରି ସୁନା ଅଳଙ୍କାର ମୋ ପୁଅମାନଙ୍କ ପାଇଁ ସାଇତି ରଖିଥିଲେ ବୋଲି କହିଛନ୍ତି।

**ଘରେ କାମ କରୁଥିବା ମହିଳା ଗିରଫ**

## ଖଗସା ପଞ୍ଚାୟତରେ ମନରେଗା ଅନିୟମିତତା

# ବଦଳୁଛି ସୂଚନା ଫଳକ ହେଲେ କାମର ଦେଖାନାହିଁ

କଣ୍ଟାବାଞ୍ଜି/ତୁରେକେଲା, ୧।୯ (ସମିସ): ମନରେଗାରେ ଗୋଟିଏ ପରେ ଗୋଟିଏ ପଞ୍ଚାୟତରୁ ଅନିୟମିତତା ହୋଇଥିବା ଘଟଣା ସାମ୍ନାକୁ ଆସୁଛି। ପୂର୍ବ ବଙ୍ଗୋମୁଣ୍ଡା ବ୍ଲକ ଏକାଧିକ ପଞ୍ଚାୟତରେ କାମ ନ କରି ସରକାରୀ ଅନୁଦାନ ଆତ୍ମସାତ କରିଥିବା ଅଭିଯୋଗ ହେଉଥିବା ବେଳେ ଏବେ ତୁରେକେଲା ବ୍ଲକରୁ ଅଭିଯୋଗ ସାମ୍ନାକୁ ଆସିଛି। ତୁରେକେଲା ବ୍ଲକ ଖଗସା ପଞ୍ଚାୟତରେ ମନରେଗାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ସୂଚନା ଅନୁସାରରେ ଖଗସା ପଞ୍ଚାୟତ ପକ୍ଷରୁ ଭୋଇମୁଣ୍ଡା ଖଗସାରେ ମାଟି ଉନ୍ନତୀକରଣ ପାଇଁ ମନରେଗାରେ ୨୦୨୫-୨୬ ଆର୍ଥିକ ବର୍ଷ ରେ ୯ ଲକ୍ଷ ଟଙ୍କା ଫାଇଲ ଖୋଲା ଯାଇଥିବା ସୂଚନା ଫଳକରେ ଉଲ୍ଲେଖ ରହିଛି। ଏଠାରେ ମାଟି ଉନ୍ନତୀକରଣ ସହ ମେଟ୍ରିଆଲ କରାଯିବା କଥା ଯେଉଁଥିରେ ପଥର, ଇଟା, ଛଡ, ସିମେଣ୍ଟ, ବାଲି, ମୋରୁମ, ବ୍ୟବହାର କରିବାକୁ ଅଟକଳ ଅନୁଯାୟୀ ସାମଗ୍ରୀ ତାଲିକା ଦର୍ଶାଇ ଯାଇଥିବା ବେଳେ ଏଠାରେ ଏହି କୌଣସି ମେଟ୍ରିଆଲ ସାମଗ୍ରୀ ବ୍ୟବହାର କରାଯାଇ ନଥିବା ଦେଖା ଯାଇଛି। ସେପଟେ ଏଠାରେ ଗତ କିଛି ବର୍ଷ ହେଲା ଗୋଟିଏ ପରେ ଗୋଟିଏ ସୂଚନାଫଳକ ଲଗା ଯାଉଛି କିନ୍ତୁ କାମ ଦେଖା ଦେଉନାହିଁ। ଏଠାରେ ଥିବା ପୋଖରୀରେ ମାଟି ଉନ୍ନତୀକରଣ ନାରେ ଲକ୍ଷଲକ୍ଷ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଆସୁଛି। ଅନ୍ୟପକ୍ଷରେ ଖଗସା ପଞ୍ଚାୟତର ବିଭିନ୍ନ ଗ୍ରାମରେ ହେଉଥିବା ମନରେଗା କାମରେ କାମ କରୁଥିବା ବ୍ୟକ୍ତିଙ୍କୁ ଶ୍ରମିକ ସଜାଇ ଅନୁଦାନ ହଡ଼ପ କରୁଥିବା ଅଭିଯୋଗ ହେଉଛି। ସେହିପରି ଭୋଇମୁଣ୍ଡା ବର୍ଷା ସମୟରେ ମଧ କାମ କରିଥିବା କାଗଜପତ୍ର ଦର୍ଶା ଯାଇଥିବା ଜଣାପଡ଼ିଛି। ବର୍ଷା ଦିନରେ ମାଟି ଉନ୍ନତୀକରଣ କାମ କେଉଁ ପରି ହେଲା ତାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ଗୋଟିଏ ପଟେ ମନରେଗାରେ ଗାଁରେ ଶ୍ରମିକ ଙ୍କୁ ରୋଜଗାର ଦେବା ବ୍ୟବସ୍ଥା ସରକାର କରିଥିବା ବେଳେ

**ସନ୍ଦେହରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଭୂମିକା**



ଅନ୍ୟପଟରେ ଶ୍ରମିକଙ୍କୁ ରୋଜଗାର ଦେଇ ଯୋଜନା ଠିକ ଭାବରେ ପରିଚାଳନା କରିବା ବଦଳରେ ଦାୟିତ୍ୱ ଥିବା ସରକାରୀ କର୍ମଚାରୀ ସରକାରୀ ଅନୁଦାନ ଦୁରୁପଯୋଗ କରୁଥିବା ଅଭିଯୋଗ ହେଉଛି। ଏହି ଗୋଟିଏ ପୋଖରୀରେ ବିଭିନ୍ନ ନା ପରିବର୍ତ୍ତନ କରି ମନରେଗା ଫାଇଲ ଖୋଲି ସରକାରୀ ରାଜକୋଷ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରୁଥିହା ଅଭିଯୋଗ ହେଉଛି। ଗତ ୨୦୨୩ ମସିହା ରୁ ଆଜି ପର୍ଯ୍ୟନ୍ତ ଏହି ଖୋପରୀ କେଉଁ କେଉଁ କାମ ମନରେଗା ଯୋଜନା ରେ ହୋଇଛି ଏବଂ କେତେ ଶ୍ରମିକ ନିୟୋଜିତ ହୋଇ କାମ କରିଛନ୍ତି ଏକ ଉଚ୍ଚସ୍ତରୀୟ ତଦନ୍ତ କାରୀ ଦଳ ଗଠନ କରି ତଦନ୍ତ କରିବାକୁ ସାଧାରଣ ଦାବି ହେଉଛି।ଏନେଇ ମନରେଗା ଦାୟିତ୍ୱ ଥିବା ତୁରେକେଲା ବ୍ଲକ ଏପିଓ ଇନ୍ଦ୍ରମଣି ସୁନାଙ୍କୁ ପଚାରିବାରୁ ଭୋଇମୁଣ୍ଡା ନାମକ ଗୋଟିଏ ନୂଆପୋଖରୀ କାମ ଆରମ୍ଭ କରାଯାଇଛି ବର୍ତ୍ତମାନ ତାହା ଜାରୀ ରହିଛି। ଯଦି ଏହା ଉପରେ କୌଣସି ଅଭିଯୋଗ ଆସୁଛି ତେବେ ତାହା ତଦନ୍ତ କରି ଦେଖିବା ବୋଲି କହିଛନ୍ତି। ବଲାଙ୍ଗିର ଜିଲ୍ଲାପାଳ ନଜର ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଯୁବକଙ୍କ ଆତ୍ମହତ୍ୟା

ବଲାଙ୍ଗିର, ୧।୯ (ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ରୋତ ଗାଁରେ ଜଣେ ଯୁବକ କୀଟନାଶକ ଔଷଧ ଖାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଆଗଲପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକଙ୍କ ନାଁ ଶିବ ଶଙ୍କର ପଟେଲ (୨୬)। ଡାକ୍ତରଖାନା ରେ ଶବବ୍ୟବଚ୍ଛେଦ କରାଯିବା ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।





SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/07 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|
| ସହକାରୀ ତଥ୍ୟ ସୁରକ୍ଷା ଅଧିକାରୀ | 1 | 45 |

**ବିଜ୍ଞାପନ ସଂ. CRPD/SCO/2025-26/09 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (31.05.2025 କଟ୍ ଅଫ୍) |
|---|---|---|---|
| ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 40 |
| ଡେପୁଟି ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 25.08.2025 ରୁ 15.09.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 25.08.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)









# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



**ଧର୍ମଶାଳା, ୧।୯ (ସମିସ):** ଧର୍ମଶାଳା ବ୍ଲକର ବିଭିନ୍ନ ଅଞ୍ଚଳରେ ଆଜି ବିଧାୟକଙ୍କ ଦ୍ୱାରା ପ୍ରକଳ୍ପଗୁଡିକର ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ବିଧାୟକ ହିମାଂଶୁ ଶେଖର ସାହୁ ଅରେଇକଣା ଠାରେ ପହଞ୍ଚି ପୂର୍ତ୍ତ ବିଭାଗ ପକ୍ଷରୁ ହେବାକୁ ଥିବା ବଲିଚନ୍ଦ୍ରପୁର-ବରୁହାଁ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ପରେ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଥିବା ସୁନାରୀ ଠାରୁ ଶେଣ୍ଢପୁର ପର୍ଯ୍ୟନ୍ତ ନୂତନ ରାସ୍ତାର ଭିତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ଜାରକା ଜଳସେଚନ ବିଭାଗ ପକ୍ଷରୁ ୧୪ନଂ. ହାଇଲେବୁଲ କେନାଲର ଦୀର୍ଘ ୩.୫ କିଲୋମିଟର ପର୍ଯ୍ୟନ୍ତ କେନାଲର ପୁନରଉଦ୍ଧାର କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ସେଠାରେ ଜାରକା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଶିଶିର କୁମାର ଦାସ ଓ ସହକାରୀ ନିର୍ବାହୀଯନ୍ତ୍ରୀ ସବ୍ୟସଚିନ ବିଶ୍ୱାଳ ପ୍ରମୁଖ ପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଜାରକା ଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେବାକୁଥିବା ବ୍ଲକ ଶିକ୍ଷାଧିକାରୀଙ୍କ ନୂତନ ଗୃହର ଶିଳାନ୍ୟସ କରିଥିଲେ। ତେବେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଆଗକୁ ଉନ୍ନତିକରଣ ଓ ନୂତନ ପ୍ରକଳ୍ପର କାର୍ଯ୍ୟଗୁଡିକ ଦ୍ରୁତ ଗତିରେ ଆଗେଇ ଚାଲିବ ବୋଲି ବିଧାୟକ ଶ୍ରୀ ସାହୁ କହିଛନ୍ତି। ଏହି ସମସ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଜେପି କର୍ମୀମାନେ ଉପସ୍ଥିତ ରହି ପରିଚାଳନା କରିବାରେ ସହଯୋଗ କରିଥିଲେ।

### ସ୍ଥିତି ପରଖିଲେ ସିଡିପିଓ

# ଅବ୍ୟବସ୍ଥାରେ ଅଙ୍ଗନବାଡ଼ି କେନ୍ଦ୍ର

**କବାଟବନ୍ଧ, ୧।୯ (ସମିସ)**



ଧର୍ମଶାଳା ବ୍ଲକ ଅଧୀନରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକ ମଧ୍ୟରୁ ଅନେକ ଅବ୍ୟବସ୍ଥା ଭିତରେ ଚାଲୁ ରହିଥିବା ଖୋଦ ସିଡିପିଓ ସ୍ୱୀକାର କରିଛନ୍ତି। ସୋମବାର ଅଚାନକ ମଧୁସୂଦନପୁର ସେଣ୍ଟରକୁ ଗସ୍ତ କରି ବିଭିନ୍ନ ଅବ୍ୟବସ୍ଥା ଏବଂ ସମସ୍ୟାକୁ ଦେଖିବା ସହିତ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବ୍ଲକର ବିଭିନ୍ନ ସେଣ୍ଟରରେ ଅସୁରକ୍ଷିତ ଘରେ, ସ୍କୁଲ ବାରଣ୍ଡାରେ, ଆଦି ପାଠ ପଢ଼ାଯାଉଥିବା ନେଇ ଦୈନିକ ଖବରକାଗଜ 'ସକାଳ'ରେ ଭଡ଼ା ଘର ଏବଂ ସ୍କୁଲ ବାରଣ୍ଡାରେ ଚାଲିଛି ପାଠ ପଢ଼ା' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାର ବାସ୍ତବ ଚିତ୍ର ପରଖିବା ନେଇ ଧର୍ମଶାଳା ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ଉକ୍ତ ସେଣ୍ଟରରେ ପହଞ୍ଚିଥିଲେ। ପିଲାମାନଙ୍କ ଅସୁରକ୍ଷିତ ଭାବେ ପାଠ ପଢୁଥିବା ସହିତ ସେମାନଙ୍କ ବୌଦ୍ଧିକ ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବା ଦେଖିବାକୁ ପାଇଥିଲେ। ଶିଶୁ ମାନଙ୍କ ପାଇଁ ରନ୍ଧା ଖାଦ୍ୟ ମଧ ଦିଆ ଯାଉ ନ ଥିବା ଏହି ଗସ୍ତ ବେଳେ ଦେଖିବାକୁ ପାଇଥିଲେ।

ବ୍ଲକରେ ରହିଥିବା ୩୨୧ଟି ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟରୁ ୬୭ଟି କେନ୍ଦ୍ରର ନିଜସ୍ୱ ଘର ନ ଥିବାରୁ ଭଡ଼ା ଘର କିମ୍ବା ସ୍କୁଲ ବାରଣ୍ଡାରେ ଚାଲୁଛି। ଅନେକ ସ୍ଥାନରେ ସ୍କୁଲ ବାରଣ୍ଡାରେ ଚାଲୁଥିବାରୁ ସେଣ୍ଟରକୁ ୧୦ଟା ପୂର୍ବରୁ ବନ୍ଦ କରି ଦିଆଯାଉଛି। ଯାହା ଫଳରେ ପିଲାମାନଙ୍କ ପାଇଁ ଏକ ମୁଖ୍ୟ ସମସ୍ୟା ସୃଷ୍ଟି କରିଛି। ଘର ନ ଥିବା ସ୍ଥାନ ଗୁଡ଼ିକରେ ଶିଶୁମାନଙ୍କ ପାଇଁ ଆସୁଥିବା ଖାଦ୍ୟ କେମିତି ଏବଂ କେଉଁ ପରିସ୍ଥିତିରେ ରହୁଛି ତାହା ମଧ ସ୍ୱଷ୍ଟ ହୋଇନାହିଁ। କୋମଳମତି ଶିଶୁମାନଙ୍କ ଭବିଷ୍ୟତକୁ ନେଇ ଏତେ ଖାମଖିଆଲ ମନୋଭାବ ଯୋଗୁଁ ଭବିଷ୍ୟତରେ ବିଭିନ୍ନ ଅସୁବିଧା ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ବିଭାଗୀୟ ଅଧିକାରୀ ମାନେ କେବଳ ଅଭିଯୋଗ ହେଲେ ସକ୍ରିୟ ହୋଇ ପଡୁଛନ୍ତି। ଅନ୍ୟ ସମୟରେ ଯଦି ତତ୍ପରତା ପ୍ରକାଶ କରନ୍ତେ ତେବେ ଏତେ ଅବ୍ୟବସ୍ଥା ଦେଖିବାକୁ ମିଳନ୍ତା ନାହିଁ। ତେବେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ କାର୍ଯ୍ୟାଳୟ ସୂଚନା ଅନୁସାରେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ୮ ଗୋଟି ଅଙ୍ଗନବାଡ଼ି ସେଣ୍ଟରରେ ପାଠପଢ଼ା ହେଉଛି କି ନାହିଁ ତାହା ଜଣାପଡ଼ି ନାହିଁ। ଯଦି ସେହି ସେଣ୍ଟରରେ ପିଲାମାନଙ୍କ ପାଇଁ ପାଠ ପଢ଼ା ହେଉଥାଏ ତା'ହେଲେ ପ୍ରତ୍ୟେକ ମୁହୂର୍ତ୍ତରେ ବିପଦ ରହିଛି ଏବଂ ସେହି ଘରେ ସେଣ୍ଟର ଚାଲୁ କରିବା ପାଇଁ କି ପ୍ରକାର ସୁରକ୍ଷା ବ୍ୟବସ୍ଥା କରାଯାଇଛି ତାହା ମଧ ତଦନ୍ତ ସାପେକ୍ଷ।

# ସାମ୍ବାଦିକଙ୍କୁ ଆକ୍ରମଣ, ବିଜେପି ନେତାଙ୍କ ନାମରେ ଥାନାରେ ଅଭିଯୋଗ




**ଦଶରଥପୁର, ୧।୯ (ସମିସ):** ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ବିଜେପି ନେତା ଗୌତମ ରାୟଙ୍କ ନାମରେ ଗତକାଲି ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଯାହାକି ସମଗ୍ର ଅଞ୍ଚଳରେ ରାଜନୀତିକୁ ସରଗରମ କରିଛି। ସୂଚନା ମୁତାବକ ଗତ ୨୬ ତାରିଖ ଦିନ ଦଶରଥପୁର ବନ୍ୟା ଅଞ୍ଚଳରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ପରିଦର୍ଶନ କରିବାକୁ ଯାଇଥିବା ବେଳେ ଜ୍ୟୋତିପ୍ରକାଶ ମିଶ୍ର ଖବର ପ୍ରକାଶ କରିବାକୁ ଯାଇଥିବାବେଳେ ସେଠାରେ ତାଙ୍କୁ ଆକ୍ରମଣ କରାଯାଇଥିଲା। ଜ୍ୟୋତି ତଥ୍ୟ ସଂଗ୍ରହ କରି ଫେରିବା ସମୟରେ ତାଙ୍କୁ ଗୌତମ ରାୟ ଅଟକାଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ତାଙ୍କ ଠାରୁ ୬୦୦ ଟଙ୍କା, ସୁନା ମୁଦି ଛଡାଇ ନେଇଥିଲେ। ଏହା ଛଡା ଗୌତମଙ୍କ ସହ ଅନ୍ୟ ୪ ଜଣ ଜ୍ୟୋତିଙ୍କୁ ମାରିଥିବା ବେଳେ ଆଉ ଗୌତମ ରାୟଙ୍କ ବିରୁଦ୍ଧରେ ଯଦି ନିୟୁଜ କରୁ ତେବେ ଜୀବନରୁ ହତ୍ୟା କରିବାକୁ ଧମକ ଦେଇଥିଲେ। ଦଶରଥପର ବ୍ଲକର ଜଣେ ୱେବଚ୍ୟାନେଲ ସାମ୍ବାଦିକ ଜ୍ୟୋତିପ୍ରକାଶ ମିଶ୍ର ବିଜେପିର ଗୋଷ୍ଠୀ ବିବାଦ ସମ୍ପର୍କରେ ଖବର ପ୍ରକାଶ କରିଆସୁଥିଲେ। ଏହା ଛଡା ବିଜେପି ନେତା ଚାନ୍ଦା ଆଦାୟ ଭଳି ଖବର ଲେଖି ଆସୁଥିଲେ। ତାଙ୍କୁ ନ୍ୟାୟ ପ୍ରଦାନ କରା ନଗଲେ ଥାନା ଆଗରେ ଧାରଣାରେ ବସିବେ ବୋଲି ଜ୍ୟୋତି ପ୍ରକାଶ ସୂଚନା ଦେଇଛନ୍ତି।

# ଜିନ୍ଦଲ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ ପ୍ରଦାନ

**ଦଶରଥପୁର/ମଙ୍ଗଳପୁର, ୧।୯ (ସମିସ):** ଆଜି କଳିଙ୍ଗନଗର ସ୍ଥିତ ଜିନ୍ଦଲ ଷ୍ଟେନଲେସ ପକ୍ଷରୁ କସପା ଏବଂ ମଲ୍ଲିକାପୁର ପଞ୍ଚାୟତରେ କ୍ଷତିଗ୍ରସ୍ତ ବନ୍ୟା ବିପନ୍ନଙ୍କୁ ରିଲିଫ ପ୍ରଦାନ କରାଯାଇଥିଲା। ଜିନ୍ଦଲ ଷ୍ଟିଲର ବାହ୍ୟ ସମ୍ପର୍କ ମୁଖ୍ୟ ନୀଳମାଧବ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ରିଲଫ ପ୍ରଦାନ କାର୍ଯ୍ୟକ୍ରମକୁ ଦଶରଥପୁର କାର୍ଯ୍ୟନିର୍ବାହୀ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ ମୁଖ୍ୟଅତିଥି ଭାବେ ଶୁଭାରମ୍ଭ କରିଥିଲେ। ଅଞ୍ଚଳର ବନ୍ୟା ବିପନ୍ନଙ୍କୁ ଚାଉଳ, ଡାଲି, ସୋରିଷ ତେଲ, ବିସ୍କୁଟ, ମସଲା, ଚିନି, ସୋୟାବିନ ଯୁକ୍ତ ଏକ ହଜାରରୁ ଊର୍ଦ୍ଧ୍ୱ ପ୍ୟାକେଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲର ମିହିର କୁମାର ଦାସ, ତପନ ନାୟକ, ସଙ୍ଗୀତ ମହାପାତ୍ର, ବିଜୟାନନ୍ଦ ମହାରଣା, ସଞ୍ଜୟ ମହାନ୍ତି, ସୌମ୍ୟରଞ୍ଜନ ବଳ, ହେମନ୍ତ



ବାହାଲି, ବିପିନ ସିଂ, ରାଜୀବ ଦେ, ବିକାଶ ମଲ୍ଲିକ, ଅନୁପମ ଲୋହିଆ ଓ ଦଶରଥପୁର ଆର ଆଇ ଅମିୟ କୁମାର ରାୟ ପ୍ରମୁଖ ଯୋଗ ଦେଇ ରିଲିଫ ପ୍ରଦାନରେ ସହଯୋଗ କରିଥିବା ବେଳେ ବନ୍ୟାରେ ବନ୍ଧ ଭାଙ୍ଗି ଘାଇସୃଷ୍ଟି ହୋଇଥିବା ନିକଟର ଚାରୋଟି ୱାର୍ଡର ୱାର୍ଡମେମ୍ବର ମାନେ ଉପସ୍ଥିତ ରହି ଏହି ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥଲେ।

### ବାଇକ୍‌କୁ ପିଟିଲା କଣ୍ଟେନର

# ବାପା ଗୁରୁତର, ପୁଅ ଆହତ

**ପାଣିକୋଇଲି, ୧।୯ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସର୍ଭିସ ରୋଡ଼ କଡ଼ରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ କଣ୍ଟେନର ଧକ୍କା ଦେବା ଫଳରେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ପ୍ରକାଶଯେ କଟକରୁ ଭଦ୍ରକ ଅଭିମୁଖେ ଅନନ୍ତ କୁମାର ପଣ୍ଡା ଓ ତାଙ୍କ ପୁଅ ଅଭିଷେକ ଏକ ବାଇକ (ଓଡି୨୨ସି୦୨୦୫)ରେ ଯାଉଥିବା ବେଳେ ପଛପଟୁ ଏକ କଣ୍ଟେନର (ଏନ୍‌ଏଲ୦୧ଏଜି୬୮୩୦) ଧକ୍କା ଦେଇଥିଲା। ଫଳରେ ଅନନ୍ତ ଗୁରୁତ ଭାବେ ଆହତ ହୋଇଥିବା ବେଳେ ତାଙ୍କ ପୁଅ ଅଭିଶେକ ମଧ ଆହତ ହୋଇଥିଲେ। ଖବର ପାଇ ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି ଓ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଭାପତି ଅଶୋକ କୁମାର ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଥାନା ଗାଡ଼ିରେ ଆହତ ଦ୍ୱୟଙ୍କୁ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଅନନ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଅଛି। ଦୁର୍ଘଟଣା ଘଟାଇବା ପରେ କଣ୍ଟେନରର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପୁଲିସ ଗାଡ଼ି ଦୁଇଟିକୁ ଜବତ କରିଛି।

# ଦାନଗଦିରେ ଡ୍ରାଇଭର ଦିବସ ସମାବେଶ



**ଦାନଗଦି, ୧।୯ (ସମିସ):** ସୋମବାର ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଦାନଗଦି ଭବନଠାରେ ଜିଲ୍ଲା ସଭାପତି ମାନସ ରଞ୍ଜନ ଦେବତାଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ ହୋଇଯାଇଛି। ଯାଜପୁର ଜିଲ୍ଲା ଡ୍ରାଇଭର ମହାସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ସମାବେଶରେ ମୁଖ୍ୟଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ରୋଡ୍ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ, ଯାଜପୁରରୋଡ ଟ୍ରକ୍ ଆସୋସିଏସନ୍ ସଭାପତି ଅମିୟ କୁମାର ବାରିକ, ସମ୍ପାଦକ ମାୟାଧର ମଲ୍ଲିକ, କୋଷାଧକ୍ଷ ସ୍ମୃତିରଞ୍ଜନ ଘଡ଼େଇ ଉପସ୍ଥିତ ଥିଲେ। ଯାଜପୁର ଜିଲ୍ଲାର ୧୦ଟି ବ୍ଲକ ଏବଂ ୨ଟି ପୌରାଞ୍ଚଳର ସହସ୍ରାଧିକ ଗାଡ଼ି ଚାଳକ ଏକ ଶୋଭାଯାତ୍ରାରେ ଦାନଗଦି ବଜାର ପରିକ୍ରମା କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକର ବରିଷ୍ଠ ଗାଡ଼ି ଚାଳକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯାଜପୁର ଜିଲ୍ଲା ଡ୍ରାଇଭର୍ ମହାସଂଘର ସମ୍ପାଦକ ଶରତ ବେହେରା, ସହ ସମ୍ପାଦକ ଶଶିକାନ୍ତ ବେହେରା, କୋଷାଧକ୍ଷ ଲୋକନାଥ ପୁରୀ, ସଂଯୋଜକ ହୀରାଲାଲ ଭାଇ, ସମ୍ପାଦକ ଶରତ ବେହେରା ଓ ଉପଦେଷ୍ଟା ଅଶୋକ କୁମାର ରଥ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଯାଜପୁରରେ ଅତ୍ୟାଧୁନିକ ହୋଟେଲ ଶ୍ୟାମୋରା ଉଦ୍‌ଘାଟିତ



**ଯାଜପୁର, ୧।୯ (ସମିସ):** ଯାଜପୁର ବସ୍‌ଷ୍ଟାଣ୍ଡ ନିକଟରେ ଏକ ଅତ୍ୟାଧୁନିକ ହୋଟେଲ ଖୋଲିଛି। ଜିଲ୍ଲାରେ ସୁନା ଗହଣା ବ୍ୟବସାୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପୃଷ୍ଟି ଅଳଙ୍କାର ଗ୍ରୁପ ପକ୍ଷରୁ ଏହି ହୋଟେଲ ଶ୍ୟାମୋରା ନାଁରେ ଖୋଲିଛି। ପବିତ୍ର ରାଧାଷ୍ଟମୀ ଅବସରରେ ଏହି ହୋଟେଲ ଖୋଲାଯାଇଛି। ଯାଜପୁର ସହରରେ ଏକାଧିକ ଛୋଟ ବଡ ହୋଟେଲ ଓ ଲଜ ଥିଲେ ମଧ ଅତ୍ୟାଧୁନିକ ସେବା ଯୋଗାଇପାରୁନଥିଲେ। ଯାଜପୁର ସହରର କଳେବର ଧିରେ ଧିରେ ବୃଦ୍ଧି ପାଉଥିବା ବେଳେ ଜିଲ୍ଲାରେ ମେଡିକାଲ କଲେଜ ଏବଂ ମା' ବିରଜାଙ୍କ ପୀଠକୁ ଆସୁଥିବା ପର୍ଯ୍ୟଟକଙ୍କୁ ଦୃଷ୍ଟିରେ ରଖି ଏଭଳି ହୋଟେଲ ନିର୍ମାଣ କରାଯାଇଛି ବୋଲି ଏହାର ପ୍ରତିଷ୍ଠାତା ଶରତ କୁମାର ପୃଷ୍ଟି କହିଛନ୍ତି। ହୋଟେଲ ଉଦଘାଟନୀ ଉତ୍ସବରେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ ପ୍ରମୁଖ ଯୋଗ ଦେଇ ହୋଟେଲ ବୁଲି ଦେଖିବା ସହ ହୋଟେଲର ପ୍ରଶଂସା କରିଥିଲେ। ଏହି ହୋଟେଲରେ ଏସି ଡିଲକ୍ସ, ସହିତ ଅନ୍ୟାନ୍ୟ ଏସି ରୁମ ସହ ମାଗଣା ୱାଇଫାଇର ବ୍ୟବସ୍ଥା ରହିଛି ବୋଲି ହୋଟେଲ ପକ୍ଷରୁ ମଳୟ କୁମାର ପୃଷ୍ଟି ସୂଚନା ଦେଇଛନ୍ତି।

# ଲକ୍ଷାଧିକ ଟଙ୍କାର ତମ୍ବା ତାର ଜବତ; ଦୁଇ ଗିରଫ

**ଦାନଗଦି, ୧।୯ (ସମିସ):** ଟାଟା ଷ୍ଟିଲ କଳିଙ୍ଗନଗର କାରଖାନାରୁ ଲକ୍ଷାଧିକ ଟଙ୍କାର ଚୋରି ସାମଗ୍ରୀ ଉଦ୍ଧାର, ବୋଲେରୋ ଗାଡ଼ି ସହ ଦୁଇ ଗିରଫ। କାରଖାନା ପରିସରରୁ ପ୍ରାୟ ଲକ୍ଷାଧିକ ଟଙ୍କାର କପର ତାର ଓ ୧୪ କେଜି କପର ବୋଲ୍ଟକୁ ଚୋରି କରି ଏକ ବୋଲେରୋ ଗାଡ଼ିରେ ଲୋଡ୍ କରି ବାହାରକୁ ଆଣୁଥିବା ବେଳେ ଫାଟକ ନିକଟରେ ସୁରକ୍ଷାକର୍ମୀଙ୍କ ହାତରେ ଦୁଇଜଣ ଧରାପଡ଼ିଥିଲେ। କାରଖାନାର ସୁରକ୍ଷା ଅଧିକାରୀ ଘଟଣା ସମ୍ପର୍କରେ କଳିଙ୍ଗନଗର ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି କପର ବୋଝେଇ ହୋଇଥିବା ଏକ ବୋଲେରୋକୁ ଜବତ କରିବା ସହ ବାରଗାଡ଼ିଆ ଗ୍ରାମର ଡ୍ରାଇଭର ହିମାଂଶୁ ଶେଖର ଜେନା ଓ ଡୁବୁରୀ ଗ୍ରାମର ଶିବ ଶଙ୍କର ବାରିକକୁ ଗିରଫ କରିଥିଲା। କେସ ନମ୍ବର ୩୦୧/୨୦୨୫ରେ ଉଭୟଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି। ତେବେ ଗିରଫ ଦୁଇଜଣ ମେସର୍ସ ବୀଣା ଇଲେକଟ୍ରିକାଲ କମ୍ପାନୀରେ କାମ କରନ୍ତି।

### ସୁକୁରଙ୍ଗି ଖଣିରୁ ମାଟି ଧସିଲା

# ଘରେ ପଶିଲା କାଦୁଅ ପାଣି

**କାଳିଆପାଣି, ୧।୯ (ସମିସ):** ଯାଜପୁର ଜିଲ୍ଲା କାଳିଆପାଣି ଖଣି ଅଞ୍ଚଳରେ ଥିବା ଓଡ଼ିଶା ଖଣିନିଗମ ସୁକୁରଙ୍ଗି ଖଣି ମାଟି ଡମ୍ପ ରବିବାର ସନ୍ଧ୍ୟାରେ ଧସି ଏକାଧିକ ଘରେ ନିକେଲ ମାଟି ଓ ପାଣି ପଶିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଲୋକଙ୍କ ଜୀବନ ଅଳ୍ପକେ ରକ୍ଷା ପାଇଥିବା ଜଣାପଡ଼ିଛି। ସୂଚନା ଥାଉକି ରବିବାର ସନ୍ଧ୍ୟାରେ ପ୍ରବଳ ବର୍ଷା ସାଙ୍ଗକୁ ଘଡଘଡି ହୋଇଥିଲା। ବର୍ଷାର ପରିମାଣ ଅଧିକ ଥିବାରୁ ସୁକୁରଙ୍ଗି ଖଣିର ମାଟି ଡମ୍ପଟି ଧସି ଯାଇଥିଲା ଫଳରେ ନିକେଲ ପାଣି ଓ ମାଟି ଚିରୁଗୁଡା ବସ୍ତିକୁ ମାଡିଆସି ଏକାଧିକ ଘରେ ପଶିଯାଇଥିଲା। ସନ୍ଧ୍ୟା ସମୟ ହୋଇଥିବାରୁ ଲୋକମାନେ ଶୋଇନଥିଲେ ଘରେ ୩ ଫୁଟରୁ ଅଧିକ ପାଣି ଓ ମାଟି ପଶି ଥିବା ଦେଖିବାକୁ ମିଳିଛି। ଖଣି ନିଗମ ନିୟମ ଅନୁଯାଇ ଡମ୍ପର ପ୍ରତିକାର କରିନଥିବାରୁ ଏଇଭଳି ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ପ୍ରଦୂଷଣ ବିଭାଗର ନିରବତା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖଣିରୁ ନିର୍ଗତ ହେକ୍ସାଭାଲଣ୍ଟ ଓ ନିକେଲ ମିଶା ଜଳକୁ ବିଶୋଧନ ନକରି ସିଧାସଳଖ ଡମଶାଳ ନଦୀକୁ ଛାଡୁଥିବା ଅଭିଯୋଗ ହୋଇଛି।

### ଛୋଟ ଗାଡ଼ି ଠାରୁ ଚାନ୍ଦା ଜୁଲମ

# ପ୍ରତିବାଦ କଲେ ଚାଳକ



**କାଳିଆପାଣି, ୧।୯ (ସମିସ):** ସୁକିନ୍ଦା ଖଣି ଅଞ୍ଚଳରେ ଥିବା କାଳିଆପାଣି, ସୁକୁରୁଙ୍ଗୀ, ସାଉଥ୍ କାଳିଆ ପାଣି, ଡି-କ୍ୱାରିରେ ଭଡାରେ ଲାଗିଥିବା ସମସ୍ତ ଛୋଟ ଗାଡ଼ି ଡ୍ରାଇଭରଙ୍କ ଠାରୁ ଚାନ୍ଦା ଜୁଲମ କରାଯାଉଛି। ଏହାର ପ୍ରତିବାଦରେ ଆଜି ଡ୍ରାଇଭର ମାନେ ଧାରଣା ଦେଇଥିଲେ। ଏଠାରେ ଲାଗିଥିବା ବୋଲେରୋ, ସ୍କର୍ପିଓ, ଇନୋଭା ଗାଡ଼ି ଚାଳକ ମାନଙ୍କୁ ଗୋଟିଏ ଗାଡ଼ି ବାବଦକୁ ୫୦୦୦ ଟଙ୍କା ଚାନ୍ଦା ଦେବା ପାଇଁ ଦାବୀ କରାଯାଉଛି। ନ ହେଲେ ଗାଡ଼ି ଚଲେଇ ଦିଆଯିବ ନାହିଁ ବୋଲି ଧମକ ଦିଆଯାଉଛି। ଏହାର ପ୍ରତିବାଦ କରି ଗାଡି ଡ୍ରାଇଭରମାନେ ଷ୍ଟେରିଙ୍ଗ ଛାଡ଼ ଆନ୍ଦୋଳନ କରିଛନ୍ତି। ଫଳରେ ଖଣିଭିତରକୁ ଅଧିକାରୀ ମାନେ ଯାଇ ପାରିନଥିଲେ। ତେବେ ପ୍ରଶ୍ନ ଉଠୁଛି ଡ୍ରାଇଭର ମାନେ ୧୦ ବର୍ଷରୁ ଅଧିକ ଦିନ ଧରି ଖଣିରେ କାର୍ଯ୍ୟ କରୁଥିଲେ ଏମିତି କେବେ ଦରମାରୁ କଟୁ ନଥିଲା। କିନ୍ତୁ ଚଳିତ ମାସ ଦରମା ଟଙ୍କାରୁ ୫୦୦୦ ଫେରସ୍ତ କରିବା ଡ୍ରାଇଭରଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ତୁରନ୍ତ ଏହା ବନ୍ଦ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି।

### କ୍ରସର ମାଲିକ ସହିତ ଲୁଚକାଳି ଖେଳୁଛି ପୁଲିସ

# ବ୍ୟାଙ୍କ କାରବାର କରୁଛି କିଏ

**କବାଟବନ୍ଧ/ଯାଜପୁର, ୧।୯ (ସମିସ)**

ଜେନାପୁର ଥାନା ରାହାଡ଼ପୁର ପଦ୍ମାବତୀ କ୍ରସର କର୍ମଚାରୀକୁ ହତ୍ୟା ଘଟଣାକୁ ୪ ମାସ ବିତିଲା। କିନ୍ତୁ ନ୍ୟାୟ ପାଇବା ଆଶାରେ ପୁଲିସ ଉପରେ ଭରସା ଓ ବିଶ୍ୱାସ କରି ଚାତକ ପରି ଚାହିଁ ବସିଛନ୍ତି ମୃତ କର୍ମଚାରୀ ଅର୍ଜିତର ପରିବାର। ମାତ୍ର ମୃତ ପରିବାରକୁ ନ୍ୟାୟ ଦେବା ପରିବର୍ତ୍ତେ ଅଭିଯୁକ୍ତ ସିଲୁ ମହାପାତ୍ରକୁ ଖସାଇ ଦେବାକୁ ଚେଷ୍ଟା କରି ବିଶ୍ୱାସଘାତକ କରୁଛି ଜିଲ୍ଲା ପୁଲିସ। କେସର ଅଗ୍ରଗତି ସମ୍ପର୍କରେ ଯେତେବେଳେ ପୁଲିସର କୌଣସି ଅଧିକାରୀ ତଥା ତଦନ୍ତକାରୀ ଅଧିକାରୀଙ୍କୁ ପଚାରିଲେ ଆମେ ତଦନ୍ତ ଜାରି ରଖିଛୁ ବୋଲି କହି ଖସି ଯାଉଛନ୍ତି।

ମୃତ ଅର୍ଜିତ ଜେନାର କେସରେ ପୁଲିସ ମୁଖ୍ୟ ଅଭିଯୁକ୍ତ ତଥା ପଦ୍ମାବତୀ କ୍ରସର ମାଲିକ ଜ୍ଞାନରଞ୍ଜନ ଓରଫ ସିଲୁ ମହାପାତ୍ରକୁ ଖୋଜି ଖୋଜି ନୟାନ୍ତ ହେଲାଣି ଏବଂ ପୁଲିସ ବିଭିନ୍ନ ଜାଗାରେ ଚଢ଼ଉ ମଧ କରୁଥିବା କହୁଛି। ମାତ୍ର ସିଲୁ ମହାପାତ୍ର ଖୁବ ଭଲ ଭାବରେ ତାଙ୍କର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନକୁ ପରିଚାଳନା କରୁଥିବା ଜଣାପଡ଼ିଛି। ଏହା କେମିତି ସମ୍ଭବ ହେଉଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

ମୁଖ୍ୟ ଅଭିଯୁକ୍ତ ସିଲୁ ମହାପାତ୍ରର ବିଛାଖଣ୍ଡି ଅଞ୍ଚଳରେ ଥିବା ପଥର ଖାଦାନ ଏବଂ କ୍ରସରକୁ ବହୁ ଭଲ ଭାବରେ ପରିଚାଳନା କରୁଥିବା ଜଣାପଡ଼ିଛି। ହତ୍ୟା ମାମଲା ଭଳି ଏକ ସଙ୍ଗିନ ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ ଥିବା ସିଲୁ ମହାପାତ୍ରର କୋଟି କୋଟି ଟଙ୍କାର ବ୍ୟବସାୟ, ବ୍ୟାଙ୍କ ଟ୍ରାଞ୍ଜାକସନ ଏବଂ ନିଜ ଦସ୍ତଖତର ଆବଶ୍ୟକତା ଥିବା କାଗଜପତ୍ର କେମିତି ହେଉଛି ତାହା ଆଶ୍ଚର୍ଯ୍ୟ ଲାଗୁଛି। ସିଲୁ ମହାପାତ୍ରର ବ୍ୟାଙ୍କ କାରବାର କିମ୍ବା କାହା ନିକଟକୁ ଫୋନ ପେ' ମାଧ୍ୟମରେ ଟଙ୍କା କାରବାର କରୁଛି ତାହା ମଧ ପୁଲିସ ଖୋଳତାଡ଼ କରିବାର ଆବଶ୍ୟକତା ରହିଛି। ଗୋଟିଏ ପରିବାରକୁ ପରୋକ୍ଷରେ ନ୍ୟାୟ ଦେଇ ନ ପାରି ମାନସିକ ନିର୍ଯାତନା ଦେଉଥିବା ଜିଲ୍ଲା ପୁଲିସ ନିଜର କର୍ତ୍ତବ୍ୟ ଭୁଲିଛି। ସାଧାରଣ ଲୋକ ନିକଟରେ ପୁଲିସ ନିଜର ପାରିବାପଣିଆ ଏବଂ କ୍ଷମତା ଦେଖାଉ ଥିବା ବେଳେ ସିଲୁ ମହାପାତ୍ର ନାମକ ଜଣେ ଅଭିଯୁକ୍ତ ପାଖକୁ ପହଞ୍ଚି ନ ପାରିବା ସମ୍ପୂର୍ଣ୍ଣ ପୁଲିସ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ତଦନ୍ତକାରୀ ଅଧିକାରୀ ଯାଜପୁର ରୋଡ଼ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ସମ୍ଭବ ହୋଇ ନ ଥିଲା।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/07 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|
| ସହକାରୀ ତଥ୍ୟ ସୁରକ୍ଷା ଅଧିକାରୀ | 1 | 45 |

**ବିଜ୍ଞାପନ ସଂ. CRPD/SCO/2025-26/09 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (31.05.2025 କଟ୍ ଅଫ୍) |
|---|---|---|---|
| ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 40 |
| ଡେପୁଟି ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://bank.sbi/web/careers/post-your-query)**ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 25.08.2025 ରୁ 15.09.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 25.08.2025

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

# ଦୋରାଗୁଡାରେ ସର୍ଟସର୍କିଟରୁ ଅଗ୍ନିକାଣ୍ଡ

କୋରୁକୋଣ୍ଡା,୧।୯(ସମିସ): କୋରୁକୋଣ୍ଡା ବ୍ଲକ ସଦର ମହକୁମାସ୍ଥିତ ଦୋରାଗୁଡା ଗ୍ରାମରେ ସଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା। ସୂଚନା ଅନୁସାରେ, ଆଜି ଅପରାହ୍ନରେ ସୁବାଷ ଗୌଡ଼ଙ୍କ ଘରରୁ ହଠାତ୍ ନିଆଁ ଓ ଧୂଆଁ ବାହାରିବାରୁ ତାଙ୍କ ପତ୍ନୀ ଭୟଭୀତ ହୋଇ ପଡ଼ୋଶୀଙ୍କୁ ଡାକିଥିଲେ। ପଡ଼ୋଶୀମାନେ ତୁରନ୍ତ କୋରୁକୋଣ୍ଡା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ସୂଚନା ପାଇ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆଗୁନକୁ ନିୟନ୍ତ୍ରଣରେ ଆଣିଥିଲେ। ପ୍ରାଥମିକ ତଥ୍ୟ ଅନୁଯାୟୀ, ସର୍ଟସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଘରର ବହୁ ଦାମୀ ବିଦ୍ୟୁତ୍ ଉପକରଣ ସହିତ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଛି।

## ସାର ଗୋଦାମରେ ଚଢ଼ଉ

# ୩ ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ

ବିଷମ କଟକ,୧।୯ (ସମିସ): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକରେ ଚାରିଟି ସାର ଗୋଦାମରେ ଅଚାନକ ଚଢ଼ଉ ହୋଇଛି। ସରାକାରଙ୍କ ଧାର୍ଯ୍ୟ ଦରଠାରୁ ସାର ଚଢ଼ା ଦରରେ ବିକ୍ରି ହେଉଥିବା ସନ୍ଦେହରେ ଚାରିଟି ସ୍ଥାନର ଗୋଦାମ ଉପରେ ଏହି ଚଢ଼ଉ କରାଯାଇଛି। ବିଷମ କଟକ ତହସିଲଦାର କେ. ଭେଙ୍କେଟେଶ୍ୱର ରେଡ୍ଡିଙ୍କ ଅଧ୍ୟକ୍ଷତାରେ ଏକ ଟିମ ଗଠନ କରି ଏହି ଚଢ଼ଉ କରାଯାଇଛି। ଏହି ଚଢ଼ଉରେ ତହସିଲଦାରଙ୍କ ସମେତ ବ୍ଲକ କୃଷି ଅଧିକାରୀ ଘନଶ୍ୟାମ ହାଇବ୍ରୁ ଏବଂ ପୁଲିସର ଏକ ଟିମ୍ ଉପସ୍ଥିତିରେ ବିଷମ କଟକ ସଦର ବ୍ଲକର କାମାକ୍ଷୀ ଏଣ୍ଟେରପ୍ରାଇସ, କୁମ୍ଭାରଢାମୁଣି ସଦର ପଞ୍ଚାୟତର ଅଜିତ କୁମାର ଚୌଧୁରୀଙ୍କ ଧବେଳେଶ୍ୱର ଏଣ୍ଟେର ପ୍ରାଇସ, ଦେବେନ୍ଦ୍ର ଗାଜବାଲିଙ୍କ ଜାଗା କାଳିଆ ଏଣ୍ଟରପ୍ରାଇଜେସ୍ ଏବଂ ଦୁର୍ଗୀ ସଦର ପଞ୍ଚାୟତର ନଳିନୀ କାନ୍ତ ପାଲଙ୍କ ପଦ୍ମାବତୀ



ଏଣ୍ଟେରପ୍ରାଇଜେସ୍‌ର ଏହି ସାର ଗୋଦାମରେ ଆଜି ସନ୍ଧ୍ୟା ସମୟରେ ଚଢ଼ାଉ ହେଇଥିଲା। ସାର ଗୋଦାମରେ କେତେ ପରିମାଣର ସାର ଗଚ୍ଛିତ ରହିଛି ସେ ନେଇ ଯାଞ୍ଚକରିବା ସହ ସମସ୍ତ ନଥିପତ୍ରକୁ ଯାଞ୍ଚ କରିଛନ୍ତି। ଯାଞ୍ଚ ସମୟରେ ବିଷମ କଟକ ସଦର ବ୍ଲକର କାମାକ୍ଷୀ ଏଣ୍ଟେରପ୍ରାଇଜେସ୍‌ର ସାର ଷ୍ଟକ ସହ ସମସ୍ତ କାଗଜପତ୍ର ଠିକ ରହିଥିବା ବେଳେ କୁମ୍ଭାରଢାମୁଣି ସଦର ପଞ୍ଚାୟତର ଧବେଳେଶ୍ୱର ଏଣ୍ଟେରପ୍ରାଇଜେସ୍ ଜଗା କାଳିଆ ଏଣ୍ଟେରପ୍ରାଇଜେସ୍ ଏବଂ ଦୁର୍ଗୀ ସଦର ପଞ୍ଚାୟତର ପଦ୍ମାବତୀ ଏଣ୍ଟେରପ୍ରାଇଜେସ୍ ସାର ଗୋଦାମର ଷ୍ଟକ୍ ରେଜିଷ୍ଟର ଓ ଗଚ୍ଛିତ ସାରର କୌଣସି ତାଳମେଳ ନଥିବା ତଦନ୍ତ ବେଳେ ଜଣାପଡିଛି। ତେଣୁ ଏହି ତିନି ସାର ବ୍ୟାବସାୟୀଙ୍କୁ ତହସିଲଦାର କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସପ୍ତାହ ମଧ୍ୟରେ ସମସ୍ତ ତଥ୍ୟ ଦେବା ପାଇଁ ନୋଟିସରେ ଉଲ୍ଲେଖ ରହିଛି। କେତେ ପରିମାଣର ସାର ଅଣା ଯାଇଥିଲା, କେଉଁ କେଉଁ ଚଷୀଙ୍କୁ ଏହି ସାର ବିକ୍ରି କରାଯଇଛି ଏବଂ ସମସ୍ତ ନଥିପତ୍ର ସମୟ ସୀମା ମଧ୍ୟରେ ଦେବା ପାଇଁ କୁହାଯାଇଛି। କାରଣ ଦର୍ଶାଅ ନୋଟିସର ଉତ୍ତର ସପ୍ତାହକ ମଧ୍ୟରେ ନ ରଖିଲେ ଏହି ତିନି ସାର ବ୍ୟବସାୟୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ତହସିଲଦାର ଶ୍ରୀ ରେଡି ସୂଚନା ଦେଇଛନ୍ତି।

● ସାର ବଣ୍ଟନରେ ଅନିୟମିତତା

# ଚାଷୀଙ୍କ ଏନ୍ଏଚ୍ ଅବରୋଧ

କାଲିମେଲା,୧।୯ (ସମିସ): ସାର ଯୋଗାଣରେ ଅନିୟମିତତାକୁ ନେଇ ୩୨୬ ନମ୍ବର ଜାତୀୟ ରାଜପଥକୁ ସୋମବାର ଅବରୋଧ କରିଛନ୍ତି ଉତ୍ତ୍ୟକ୍ତ ଚାଷୀ। ବର୍ଷା ଋତୁ ସରିବାକୁ ଆସିଥିବା ବେଳେ ଚାଷୀଙ୍କୁ ମିଳୁନି ସାର। ମାଲକାନଗିରି ଜିଲ୍ଲା କାଲିମେଲା ଲାମ୍ପ୍ସରେ ସାର ମିଳୁ ନ ଥିବାରୁ ଚାଷୀ ଦଲାଲ ହାବୁଡ଼ରେ ପଡ଼ି ଶୋଷଣ ହେଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ତୁରନ୍ତ ସାର ଯୋଗାଣ ଦାବିରେ କାଲିମେଲା ବ୍ଲକର ଚାଷୀ ମାନେ ରାସ୍ତା ଅବରୋଧ କରିଥିଲେ। ସାର ଯୋଗାଣ ଦାବିରେ ଦୀର୍ଘ ସମୟ ଧରି ଚାଷୀ ମାନେ ଜାତୀୟ ରାଜପଥ ରାସ୍ତା ଅବରୋଧ କରି ଅଡି ବସିଥିଲେ। ସେପଟେ କଳା ବଜାରରେ ୟୁରିଆ ସାରର ଦାମ ଆକାଶ ଛୁଆଁ ବୋଲି ଚାଷୀ କିଣିବାକୁ ସକ୍ଷମ ନାହାନ୍ତି। ବର୍ତ୍ତମାନ ଧାନ ଫସଲରେ ଡିଏପି ଏବଂ ୟୁରିଆ ସାରର ଯଥେଷ୍ଟ ଆବଶ୍ୟକତା ରହିଥିବା ବେଳେ ସାର ବେପାରୀ ଏହାର ଫାଇଦା ଉଠାଇ ଚଢ଼ା ଦରରେ ବିକ୍ରି କରି କଳାବଜାରୀ ସୃଷ୍ଟି କରୁଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। ଏହାସହ ସରକାର ତୁରନ୍ତ ସାର ଉପଲବ୍ଧ କରିବାକୁ ଦାବି କରିଛନ୍ତି। ଖବର ପାଇ ଘଟଣା ସ୍ଥଳରେ କାଲିମେଲା ଥାନା ପୁଲିସ୍ ପହଞ୍ଚି ଉତ୍ତ୍ୟକ୍ତ ଚାଷୀ ମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିବା ଜଣାପଡ଼ିଛି।

# ନିଶା ସେବନ କରି କାର୍ଯ୍ୟାଳୟ ଆସୁଛନ୍ତି ସରକାରୀ ଅଧିକାରୀ !

ମାଲକାନଗିରି,୧।୯ (ସମିସ): ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନେ କିଭଳି କାର୍ଯ୍ୟ ସମ୍ପାଦନ କରିବେ ସେ ନେଇ ବିଭିନ୍ନ ନିତିନିୟମ ଲାଗୁ କରିଛନ୍ତି ରାଜ୍ୟ ସରକାର। ହେଲେ କିଛି ସରକାରୀ କର୍ମଚାରୀ ନିଜର ବେପାରୁଆ ଆଚରଣ ରଖି ଏହାକୁ ମାନୁନାହାନ୍ତି। ଯାହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ କାର୍ଯ୍ୟାଳୟରେ। ବ୍ଲକରେ ମନରେଗା କାର୍ଯ୍ୟ ପାଇଁ ନିଯୁକ୍ତି ଜଣେ ଅଧିକାରୀ ମଦ୍ୟ ପାନ କରି ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ଦେଖିବାକୁ ମିଳିଛି। ସୋମବାର ଦିନ କିଛି ଗଣମାଧ୍ୟମ ପ୍ରତିନିଧି ମାନେ ମନରେଗା ଯୋଜନାରେ ହୋଇଥିବା କୌଣସି କାମର ତଥ୍ୟ ଜାଣିବା ନିମନ୍ତେ ତାଙ୍କ ଅଫିସ ପହଞ୍ଚିଥିଲେ। ଅଫିସ୍ ଭିତରକୁ ଯିବା ପରେ ସେ ଭୀଷଣ ମଦ ପିଇଥିବା ବେଳେ କଥା କହିବା ହୋସ୍‌ରେ ସେ ନ ଥିବା ଜାଣିବାକୁ ପାଇଥିଲେ। ତାଙ୍କୁ ଏବାବଦରେ ପଚାରିବାରୁ ସେ ଅଫିସ୍ ଛାଡି ବାହାରକୁ ଚାଲିଯାଇଥିଲେ। ସେ ନିତିଦିନ ମଦ୍ୟ ପାନ କରି ଅଫିସ ଆସୁଥିବା ଅଭିଯୋଗ ହୋଇଛି। ଏନେଇ ପଡିଆ ବ୍ଲକର ବିଡିଓ ଅଶ୍ୱନୀ ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ, ଉକ୍ତ ଅଧିକାରୀ ଜଣକଙ୍କର ଏପରି କାର୍ଯ୍ୟକଳାପ ଦେଖି ସେ ତାଙ୍କ ଠାରୁ ସମସ୍ତ ଦାୟିତ୍ୱ ପୂର୍ବରୁ ହଟାଇ ଦେଇଛନ୍ତି। ସେ ଏଭଳି ନିଶାସକ୍ତ ଅବସ୍ଥାରେ ରହୁଥିବାରୁ ତାଙ୍କୁ କୌଣସି ଦାୟିତ୍ୱ ଦିଆଯାଉ ନାହିଁ। ଏନେଇ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ମଧ୍ୟାହ୍ନଭୋଜନର ମାନ ପରଖିଲେ ଜିଲ୍ଲାପାଳ



ମାଲକାନଗିରି, ୧।୯ (ସମିସ): ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଜିଲ୍ଲାରେ ମଧ୍ୟାହ୍ନଭୋଜନରେ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳ ନିଜେ ପଦ୍ମଗିର ଏସଏସଡି ଉଚ୍ଚ ବିଦ୍ୟାଳୟ ଗସ୍ତ କରି ମଧ୍ୟାହ୍ନ ଭୋଜନର ମାନ ପରଖିଛନ୍ତି। ଏହି ଅବସରରେ ପାଠପଢା କେମିତି ଚାଲିଛି ପଚାରି ବୁଝିଥିଲେ ଜିଲ୍ଲାପାଳ। ପିଲାଙ୍କ ସୁବିଧା ଅସୁବିଧା ବୁଝିଥିଲେ। ସେହିପରି ଉକ୍ତ ସ୍କୁଲର ଭିତ୍ତିଭୂମି ପରିଦର୍ଶନ କରିବା ସହ ଉନ୍ନୟନ କାମ ବୁଲି ଦେଖିଥିଲେ ଜିଲ୍ଲାପାଳ। ଛାତ୍ରଛାତ୍ରୀଙ୍କୁ ଉତ୍ତମ ଗୁଣବତ୍ତା ସମ୍ପନ୍ନ ଖାଦ୍ୟ ପରଷିବା ପାଇଁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏବେ ଜିଲ୍ଲାପାଳଙ୍କ ସମେତ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଉପଖଣ୍ଡ ସ୍ତରୀୟ ଅଧିକାରୀ ମାନେ ମଧ୍ୟାହ୍ନ ଭୋଜନର ଗୁଣବତ୍ତା, ମାନ ଓ ସ୍ୱାଦ ଚାଖିବେ। ମୁଖ୍ୟତଃ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ପରେ ନିକଟସ୍ଥ ସମସ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନର ସ୍ୱାଦ ଚାଖିବେ ଅଧିକାରୀ ମାନେ। ଆଜି ପଦ୍ମଗିରି ପଞ୍ଚାୟତରେ ଅଭିଯୋଗ ଶୁଣାଣି ପରେ ସମସ୍ତ ଅଧିକାରୀ ମାନେ ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ପିଲା ମାନଙ୍କ ସହିତ ମିଶି ମଧ୍ୟାହ୍ନ ଭୋଜନର ମାନ ପରଖି ଥିଲେ। ଆରକ୍ଷୀ ଅଧିକ୍ଷକ ଖରାପଲ୍ଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉପ ଜିଲ୍ଲପାଳ ତଳସାହି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଚାଖି ଥିଲେ। ପଞ୍ଚାୟତର ନିକଟସ୍ଥ ଅନ୍ୟାନ୍ୟ ବିଦ୍ୟାଳୟ ଯଥା ସିନ୍ଧରୀମାଲ, ବାଂଟିଗୁଡା, ଜଦୁଗୁଡା, ବିଲାପାରି ଇତ୍ୟାଦି ବିଦ୍ୟାଳୟରେ ଅଧିକାରୀ ମାନେ ମଧ୍ୟାହ୍ନ ଭୋଜନର ସ୍ୱାଦ ଚାଖିଥିଲେ। ଆସନ୍ତା ଦିନ ଗୁଡିକରେ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଗୁଡିକରେ ମଧ୍ୟାହ୍ନଭୋଜନର ସ୍ୱାଦ ଓ ମାନ ସୁନିଶ୍ଚିତ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣଗ୍ରାହୀ ସୂଚନା ଦେଇଛନ୍ତି।

# ଜାତୀୟ କ୍ରୀଡ଼ା ଦିବସ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଉମରକୋଟ, ୧।୯ (ସମିସ)



ନବରଙ୍ଗପୁର ଜିଲ୍ଲା ଉମରକୋଟ ଇଣ୍ଡୋର ଷ୍ଟାଡିୟମ୍‌ରେ ଚାଲିଥିବା ତ୍ରିଦିବସୀୟ ଜାତୀୟ କ୍ରୀଡ଼ା କାର୍ଯ୍ୟକ୍ରମ ସମାପ୍ତ ହୋଇଛି। ଗତ ୨୯ ତାରିଖରୁ କିମ୍ବଦନ୍ତି ହକି ତାରକା ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ଏହି କ୍ରୀଡାଚାଲିଥିଲା। ପ୍ରଥମ ଦିନରେ ସ୍ଥାନିୟ ଗାନ୍ଧୀ ଛକଠାରୁ ଏକ ମିନି ମାରାଥନ ବାହାରି ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ପହଞ୍ଚିଥିଲା। ଏଥିରେ ଏମ୍‌ପିଏସ୍ ଏକାଡେମୀର ବହୁ ଖେଳାଳି ଯୋଗ ଦେଇଥିଲେ। ନିଜେ ଫିଟ୍ ରହିବା ସହ ସମସ୍ତଙ୍କୁ ଫିଟ୍ ରଖିବାକୁ ଶପଥ ନେଇଥିଲେ। ଅପରାହ୍ନରେ ଏକ ଫୁଟବଲ ମ୍ୟାଚ୍‌ର ଆୟୋଜନ କରାଯାଇଥିଲା। ଏଥିସହ ଦୌଡ଼ି ଟଣା ବା ଟଗ ଅଫ ୱାର ଏବଂ ଜୁନିଅର ବେଡ ମିଣ୍ଟନ୍ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନରେ ଅତିଥି ଭାବରେ ନବରଙ୍ଗପୁର ସାଂସଦ ପ୍ରତିନିଧି ରାମ ନାୟକ, ଜିଲ୍ଲା କ୍ରୀଡ଼ା ସଙ୍ଘର ମହିଳା ସଂଯୋଜିକା ଚନ୍ଦନା ମଲିକ, ଜିଲ୍ଲା କ୍ରୀଡ଼ା ସଂଘ ଇଣ୍ଡୋର ଗେମ୍ ସମ୍ପାଦକ କୃଷ୍ଣପ୍ରସାଦ ପଟ୍ଟନାୟକ, କ୍ରୀଡ଼ା ଶିକ୍ଷକ ଏମ୍ ବିଜୟ କୁମାର ଯୋଗ ଦେଇଥିଲେ। ଦ୍ୱିତୀୟ ଦିନରେ ଜୁନିଅର ବେଡମିଣ୍ଟନ୍ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ତୃତୀୟ ଦିନରେ ସ୍ଥାନୀୟ ଗୋପବନ୍ଧୁ ଛକ ଠାରୁ ଏକ ସାଇକେଲ ରାଲି ବାହାରି ଇଣ୍ଡର ଷ୍ଟାଡିୟମ୍‌ରେ ପହଞ୍ଚିଥିଲା। ପରେ ପୁରସ୍କାର ବିତରଣ ଉତ୍ସବରେ ବିଜେତା, ଉପ ବିଜେତା ଓ କ୍ରୀଡାରେ ଭାଗ ନେଇଥିବା ସମସ୍ତ ଖେଳାଳି ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରେ ଅତିଥି ଭାବରେ ନବରଙ୍ଗପୁର ସାଂସଦ ପ୍ରତିନିଧି ରାମନାୟକ, ଜିଲ୍ଲା କ୍ରୀଡ଼ା ସଂଘର ଇଣ୍ଡୋର ଗେମ୍ ସମ୍ପାଦକ କୃଷ୍ଣ ପ୍ରସାଦ ପଟ୍ଟନାୟକ, କ୍ରୀଡା ଶିକ୍ଷକ ଏମ ବିଜୟ କୁମାର, ଇଣ୍ଡୋର ଷ୍ଟାଡିୟମ୍ ନିରୀକ୍ଷକ ଅଶୋକ ସାହୁ ଯୋଗ ଦେଇଥିଲେ। ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟ ପ୍ରତିବର୍ଷ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳନ କରି ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଓ ଜିଲ୍ଲା କ୍ରୀଡ଼ା ବିଭାଗ ଓ ଜିଲ୍ଲା କ୍ରୀଡ଼ା ସଂଘର ସହଯୋଗରେ ଉମରକୋଟ ବହୁମୁଖୀ ଇଣ୍ଡୋର୍ ଷ୍ଟାଡ଼ିୟମ୍ ଠାରେ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡା ଦିବସ ପାଳନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ କ୍ରୀଡା ଶିକ୍ଷକ କିଶୋର ସିଲ୍, ଭାର ଉତ୍ତୋଳନ ପ୍ରଶିକ୍ଷକ ନକୁଳ ଶାନ୍ତା, କ୍ରୀଡା ଶିକ୍ଷକ ପ୍ରଫୁଲ୍ଲ କଲାର ତଥା ଶାରିରିକ ପ୍ରଶିକ୍ଷଣ ଗୁରୁ ଛାତ୍ର ଏବଂ ଛାତ୍ରୀ ନବୀନା ସାନ୍ତା, ଯଗମଣି ଭତ୍ରା, ପୁନେଇ ପୂଜାରୀ , ନରସିଂହ ହରିଜନ, କମଳୁ କଲାର, ଢ଼ାକାଲ ସିଂ ଗଣ୍ଡ, ଜଗଦୀଶ ସାନ୍ତା, ବସନ୍ତ ସାନ୍ତା ଏବଂ ମନୋଜ ନାୟକ ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

# ଡ୍ରାଇଭର ମହାସଂଘର ପ୍ରତିଷ୍ଠା ଦିବସ



ମାଥିଲି,୧।୯ (ସମିସ): ଡ୍ରାଇଭର ମହାସଂଘ ଦୀର୍ଘ ପଚିଶ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। ଏହି ପରିପେକ୍ଷୀରେ ରାଜ୍ୟ ସଂଘର ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲ୍ଲା ମାଥିଲି ଡ୍ରାଇଭର ମହାସଂଘର ସଭାପତି କେ ଶିବ ପ୍ରସାଦ ରାଓଙ୍କ ନେତୃତ୍ୱରେ ଆଜି ମାଥିଲି ଡ୍ରାଇଭର କାର୍ଯ୍ୟାଳୟ ଠାରେ ମୁଖ୍ୟ ଅତିଥି ଭାବେ ପ୍ରେରଣା ମହିଳା ମହିଳା ଟ୍ରଷ୍ଟର ସଭାନେତ୍ରୀ ସନ୍ତୋଷିନୀ ପାତ୍ରଙ୍କ ସହ ଅନେକ ନେତ୍ରୀ ଯୋଗ ଦେଇ ପତାକା ଉତ୍ତୋଳନ ପରେ ଏକ ବିରାଟ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିବା ସହିତ ଏକ ସଭାର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାଥିଲି କୋଡିଏଟି ପଞ୍ଚାୟତରୁ ଶତାଧିକ ଡ୍ରାଇଭର ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ମାଥିଲି ଥାନା ଅଧିକାରିଣୀ ଦୀପାଞ୍ଜଳି ପ୍ରଧାନ ବ୍ୟାପକ ପୋଲିସ ବ୍ୟବସ୍ଥା କରିଥିଲେ।

# ରାଇଘରରୁ ବ୍ରହ୍ମପୁରକୁ ସରକାରୀ ବସ୍ ସେବା ଦାବି

ରାଇଘର,୧।୯ (ସମିସ): ବ୍ରହ୍ମପୁର ଠାରୁ ରାଇଘର ପର୍ଯ୍ୟନ୍ତ ବସ୍ ସେବା ନିମନ୍ତେ ବାରମ୍ବାର ବ୍ରହ୍ମପୁର ସ୍ଥିତ ଡିଟିଏମ୍ , ଭୁବନେଶ୍ୱର ମୁଖ୍ୟ ଅଫିସ , ପରିବହନ ମନ୍ତ୍ରୀ , ବିଭାଗୀୟ ପଦାଧିକାରୀଙ୍କୁ ଜଣାଇବା ସହ ଗଣମାଧ୍ୟମ ଖବର କାଗଜରେ ଖବର ପ୍ରକାଶନ ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳୁନି। ବ୍ରହ୍ମପୁର ସ୍ଥିତ ପୂର୍ବତନ ଡିଟିଏମ ନୂଆ ବସ୍ ଆସିଲେ ନିଶ୍ଚୟ ଦିଆଯିବ ବୋଲି ୬/୭ ବର୍ଷ ତଳେ କହିଥିଲେ। ବ୍ରହ୍ମପୁର ଠାରୁ ରାଇଘରକୁ ଏକ ଘରୋଇ ବସ୍ ୪ ବର୍ଷ ହେବ ଭଞ୍ଜନଗର, ବାଲିଗୁଡା ,ଭବାନୀପାଟଣା ଦେଇ ଚଳଚଳ କରୁଛି। ଗୋଟାଏ ବସ୍ ଚଳାଚଳ ଫଳରେ ମନମୁଖୀ କାରବାର କରୁଥିବା ପସେଞ୍ଜର ଅଭିଯୋଗ କରୁଛନ୍ତି। ରାଇଘର ଠାରୁ ବ୍ରହ୍ମପୁରକୁ ୫୩୦ ରୁ ୫୫୦ କିଲୋମିଟର ହେଉଥିବା ବେଳେ ଘରୋଇ ବସ୍ ସିଟ୍ ପିଛା ୬୫୦ ଟଙ୍କା ଏବଂ ସ୍ଲିପର୍ ପିଛା ୮୫୦ ଟଙ୍କା ନେଉଥିବା ଅଭିଯୋଗ ହେଉଛି। ବର୍ତମାନ ୧/୨ ସିଟ୍ ଉପଲବ୍ଧ ଥିବା ବେଳେ ଚଳାଚଳ କରୁଥିବା ଘରୋଇ ବସ୍ ୨/୨ ସିଟ୍ ଅନୁଯାୟୀ ସ୍ଲିପର ପଇସା ନେଉଛି। ଘରୋଇ ବସ୍‌ରେ କାର୍ଯ୍ୟରତ କଣ୍ଡକ୍ଟରଙ୍କ ବ୍ୟବହାର ଠିକ୍ ନଥିବା ଶୁଣିବାକୁ ମିଳୁଛି। ଅନ୍ୟ ପଟେ ଗୋଟାଏ ଘୋରୋଇ ବସ୍ ମଧ୍ୟ ବ୍ରହ୍ମପୁର ଠାରୁ ଉମରକୋଟ ବିନା ପରମିଟରେ ରାଇଘର ବୋର୍ଡ ଲଗାଇ ଉମରକୋଟରେ ଆସି ରହିଯାଉ ଥିବା ଜଣାଯାଇଛି। ଯାତ୍ରୀଙ୍କୁ ମନମୁଖୀ କରିବା ଦେଖିବାକୁ ମିଳୁଛି। ଯାହା ଫଳରେ ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଗୋଟାଏ ବଡ଼ ବ୍ୟବସାୟିକ କେନ୍ଦ୍ର ସ୍ଥଳ ଭାବେ ପରିଚିତ ହେଉଥିବା ବେଳେ ଏହି ବ୍ଲକରେ ୨୬ଗୋଟି ପଞ୍ଚାୟତ ନେଇ ଗଠିତ ହେଇଛି। ଏହି ବ୍ଲକରେ ଗଞ୍ଜାମ ଜିଲ୍ଲାର ବହୁ ଅଧିବାସୀ ବସବାସ କରୁଛନ୍ତି। ସେମାନେ ବ୍ରହ୍ମପୁର ଯିବାକୁ ହେଲେ ରାଇଘରଠାରୁ ଚଳାଚଳ କରୁଥିବା ଘରୋଇ ବସ୍ କିମ୍ବା ୨୮ କିମି ଉମରକୋଟ ଯାଇ ବ୍ରହ୍ମପୁର ଯିବାକୁ ବାଧ୍ୟ ହେଉଛନ୍ତି। ତେଣୁ ଓ ଏସଆରଟିସି ବିଭାଗୀୟ ପଦାଧିକାରୀ ଏହା ଉପରେ ନଜର ଦେଇ ଏହାର ସମାଧାନ ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

# ଡ୍ରାଇଭର ଦିବସ ପାଳିତ

କାଶୀପୁର,୧।୯ (ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ଡ୍ରାଇଭର ମହାସଂଘ ତରଫରୁ ସେପ୍ଟେମ୍ବର୧କୁ ଡ୍ରାଇଭର ଦିବସ ରୂପେ ପାଳନ କରାଯାଇଛି। ସୋମବାର କାଶୀପୁର କାର୍ଯ୍ୟାଳୟରେ ଡ୍ରାଇଭର ମହାସଂଘ ତରଫରୁ ସାଧାରଣ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଡ୍ରାଇଭର ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ କେକ୍ କାଟି ଆନନ୍ଦ ଉଲ୍ଲାସରେ ଡ୍ରାଇଭର ଦିବସ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳରୁ ଶତାଧିକ ଡ୍ରାଇଭରଙ୍କ ଉପସ୍ଥିତ ଦେଖିବାକୁ ମିଳିଥିଲା। ଏହା ପରେ ପାରମ୍ପରିକ ବାଦ୍ୟର ତାଳେ ତାଳେ ଡ୍ରାଇଭରମାନେ ନାଚି ଝୁମିଥିଲେ। କାଶୀପୁର ଡ୍ରାଇଭର ମହାସଂଘର ସଭାପତି ଯୋଗୀଜୀବନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ଡ୍ରାଇଭର ଯୋଗଦେଇଥିଲେ।

# ନଦୀରୁ ବେଆଇନ ବାଲି ଚାଲାଣ

କାଲିମେଲା,୧।୮ (ସମିସ): ଜଙ୍ଗଲ ସାଙ୍ଗକୁ ଉଭୟ ନଦୀର ତଟବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ସରକାରୀ ବାବୁଙ୍କ ଦୃଷ୍ଟି ଆଢୁଆଳରୁ ବର୍ତ୍ତି ରହିଥିବା କୁଟୁମପଲ୍ଲୀ ଗ୍ରାମ ନିକଟସ୍ଥ ନଦୀଘାଟରୁ ଲୋଡ ଲୋଡ ବାଲି ବେଆଇନ ଭାବେ ଚାଲାଣ କରାଯାଉଥିବା ଜଣାପଡ଼ିଛି। ମାଲକାନଗିରି ଜିଲ୍ଲାର ଜୀବନରେଖା କୁହାଯାଉଥିବା ଶାବେରୀ ନଦୀଠାରୁ ମାତ୍ର କେଇ ମିଟର ଦୂରରେ ରହିଥିବା ବିସ୍ତିର୍ଣ୍ଣ ବାଲିକୁ ଟ୍ରାକ୍ଟର ସାହାଯ୍ୟରେ ଲୋଡ କରି ବେଆଇନ ଭାବେ ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ କିଛି ଚାଲାଣକାରୀ ଭବିଷ୍ୟତକୁ ଦୃଷ୍ଟିରେ ରଖି ନଦୀ ତଟରେ ଥିବା ଜଙ୍ଗଲରେ ମଧ ଲୋଡ ଲୋଡ ବାଲି ଗଚ୍ଛିତ ରଖୁଥିବା ଦେଖୁବାକୁ ମିଳିଛି। ସୂଚନା ମୁତାବକ ମାଲାକନଗିରି ଜିଲ୍ଲା ମୋଟୁ ତହସିଲ ଅନ୍ତର୍ଗତ ଏମପିଭି ୫୪ ଓ କୁଟୁମପଲ୍ଲୀ ଗ୍ରାମ ନଦୀ ତଟକୁ ଯାଉଥିବା ରାସ୍ତା ଦେଇ କୁଟୁମପଲ୍ଲୀ ନଦୀ କୂଳରୁ ଦୈନିକ ଟ୍ରାକ୍ଟର ଯୋଗେ ଏହି ବାଲି ଚାଲାଣ କରାଯାଉଥିବା ଜଣାପଡ଼ିଛି। ଏଥିସହ ନଦୀ ଘାଟରୁ ବାଲି ବୋହି ନଦୀ ତଟରେ ଥିବା ଜଙ୍ଗଲରେ ରଖି ଆବଶ୍ୟକ ମୁତାବକ କାମରେ ଲଗାଇବା ପାଇଁ ଚାଲାଣ କରାଯାଉଥିବା ଜଣାପଡ଼ିଛି। ଏହି ସ୍ଥାନରେ ସରକାରୀ ବାବୁଙ୍କ ପାଦ ପଡୁ ନଥିବାରୁ ଏହାର ସୁଯୋଗ ନେଇ ବେଆଇନ ଚାଲାଣକାରୀ ମାନେ ସକ୍ରିୟ ଭାବେ ଏଠାରୁ ବାଲି ଚାଲାଣ କରୁଛନ୍ତି। ଘାଟରୁ ବେଆଇନ ଭାବେ ବାଲି ଚାଲାଣ ଯୋଗୁଁ ସରକାରଙ୍କ ରାଜସ୍ୱ ହାନୀ ହେଉଛି। ଏ ନେଇ ମୋଟୁ ତହସିଲଦାରଙ୍କ ସହ ଆଲୋଚନା କରିବାରୁ ସେ ଏ ବାବଦରେ ଜାଣି ନ ଥିବା ବେଳେ ଏହାର ତଦନ୍ତ କରି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ରାୟଗଡ଼ାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ରାୟଗଡ଼ା,୧।୯ (ସମିସ):

ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫର ଜିଲ୍ଲା ସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସଦ୍‌ଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଖଣ୍ଡିୟ ବନ ଅଧିକାରୀ ସଚିନ ଅହ୍ଲା ସାହେବ ଓହଲେ, ,ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଅତିରିକ୍ତ ଆରକ୍ଷୀ ଅଧିକାରୀ,ଉପ ଜିଲ୍ଲାପାଳ ରମେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭି ସରୋଜିନୀ ଦେବୀ, ପ୍ରକଳ୍ପ ପ୍ରଶାସକ ଆଇଟିଡ଼ିଏ ଚନ୍ଦ୍ରକାନ୍ତ ମାଝୀ ଉପସ୍ଥିତ ରହି ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଆଜି ମୋଟ ୭୭ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୬୯ଟି ବ୍ୟକ୍ତିଗତ ଏବଂ ୮ ଗୋଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା। ୬ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିବା ବେଳେ ସେମାନଙ୍କୁ ଜିଲ୍ଲାପାଳ ୭୦ହଜାର ଟଙ୍କା ଜିଲ୍ଲା ରେଡକ୍ରସ ଫଣ୍ଡରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଜିଲ୍ଲା ସ୍ତରୀୟ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

# ଡୁଡାମେଟା ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର

କୋରୁକୋଣ୍ଡା,୧।୯ (ସମିସ): ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ଦିନ ମାଲକାନଗିରି କିଲ୍ଲା କୋରୁକୋଣ୍ଡା ବ୍ଲକ ଡୁଡାମେଟା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଗ୍ରାମପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୁଲ୍ୟ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସରପଞ୍ଚ ମାଧବ ମାଡ଼ିଙ୍କ ଅଧ୍ୟକ୍ଷତାରେ ଏହି ଶିବିର ପରିଚାଳିତ ହୋଇଥିଲା। ନାଏବ ସରପଞ୍ଚ ସବିତା ଦାସ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିରାରାମ ଭୂମିଆ, କୋରୁକୋଣ୍ଡା ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ରାଜେଶ ଦାସଙ୍କ ସମେତ ଅନ୍ୟାନ୍ୟ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏହି ଶିବିରରେ ଉକ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ଲୋକମାନେ ପ୍ରଥମେ ସେମାନଙ୍କର ନାମ ଓ ଠିକଣା ପଞ୍ଜିକରଣ କରିଥିଲେ। ଅଭିଯୋଗ ଶୁଣାଣିରେ ୧୩ ଅଭିଯୋଗ ସହିତ ୨ଜଣ ସ୍ଥାନୀୟ ବାସୀଙ୍କ ଆଧାର ସମ୍ପର୍କିତ ସମସ୍ୟାର ତୁରନ୍ତ ସମାଧାନ କରିଥିଲେ। ଅନ୍ୟ ସମସ୍ତଙ୍କ ଅଭିଯୋଗ ଗୁଡିକ ତୁରନ୍ତ ଏ ଦିଗରେ ବ୍ଲକ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବ୍ଲକ କର୍ତ୍ତୃପକ୍ଷ କହିଛନ୍ତି।

# ଜାତୀୟ କ୍ରୀଡ଼ା ଦିବସ ପାଳିର୍ତ

ମାଥିଲି, ୧।୯ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ଗ୍ରାମପଞ୍ଚାୟତ ମାଥିଲିର ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଶୋକ ମହାରଣାଙ୍କ ତତ୍ତ୍ୱାବଧାନରେ ହାଇସ୍କୁଲ ଖେଳ ପଡିଆ ଠାରେ ଜାତୀୟ କ୍ରୀଡା ଦିବସ ପାଳନ କରଯାଇଥିଲା। ଏଥିରେ ମୁଖ୍ୟ ଅତିଥି ସରପଞ୍ଚ କାନାମ ରାଜୁ ନାୟକ, ସମ୍ମାନିତ ଅତିଥି ବାଲରାଜୁ କୋପେ ଏବଂ ମାଥିଲି କଲେଜ ପ୍ରିନ୍ସିପାଲ୍ ସୁବ୍ରତ କୁମାର ଭଦ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଶହେ ମିଟର ଦୌଡ ଏବଂ ଧୀର ସାଇକେଲ ଚାଳନା ଖେଳର ଆୟୋଜନ କରାଯାଇଥିଲା। ଶେଷରେ ପୁରସ୍କାର ବିତରଣ କରଯାଇଥିଲା। ଅତିଥି ମାନେ ଛାତ୍ରଛାତ୍ରୀ ମାନଙ୍କୁ ବାଲ୍ୟ ବିବାହ, ସାଇବର ଠକେଇ ବନ୍ଦ, ଏବଂ ପ୍ରତିଦିନ ଏକ ଘଣ୍ଟା ଖେଳ ପଡିଆରେ ସମୟ ଦେବାକୁ ପରାମର୍ଶ ଦେଇଥିଲେ।

## କାଞ୍ଚମୁଇଁରେ ବେଆଇନ ଜମି ଅଧିଗ୍ରହଣକୁ ତୀବ୍ର ବିରୋଧ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ

ରାୟଗଡ଼ା, ୧।୯ (ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ବଡ଼ ଇରୁକୁବାଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ କାଞ୍ଚାମୁଇଁ ଗ୍ରାମରେ ବେଆଇନ ଜମି ଅଧିଗ୍ରହଣକୁ ବିରୋଧ କରାଯାଇଛି। ପଞ୍ଚାୟତ ପ୍ରତିନିଧିଙ୍କ ସହ ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରି ତୁରନ୍ତ ଏହି ବେଆଇନ ପ୍ରକ୍ରିୟା ବନ୍ଦ କରିବା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଲିଖିତ ଭାବେ ଜଣାଇଛନ୍ତି ଗ୍ରାମବାସୀ। ସେମାନେ ଦର୍ଶାଇଛନ୍ତି ଯେ, କାଞ୍ଚାମୁଇଁ ମୌଜା ୮ ଅନ୍ତର୍ଗତ ଜମିରେ ପଥର ଖନନ ହେଉଛି। ଏହି ଖନନ ପାଇଁ ଅନୁମତି ମିଳିଛି ନା ନାହିଁ ତାହାର ସୂଚନା ନାହିଁ। ହେଲେ ଉକ୍ତ ଜମି ନିକଟରେ ଥିବା ଅନ୍ୟ କିଛି ଜମି ଅଧିଗ୍ରହଣ କରି ପ୍ରାୟ ୧୦୦ ଏକର ଜମିରେ ଚାଷ ନଷ୍ଟ କରାଯାଉଛି। ଅଣଓଡ଼ିଆ ବ୍ୟକ୍ତିମାନେ ସେହି ସ୍ଥାନକୁ ଆସି ଗ୍ରାମବାସୀଙ୍କୁ ଧମକ ଦେଉଥିବା ଲିଖିତ ଅଭିଯୋଗ କରିଛନ୍ତି। ଏହି ପଥର ଖନନ ଦ୍ୱାରା ରାୟଗଡ଼ା ଜିଲ୍ଲା କାଞ୍ଚାମୁଇଁ ଓ କୋରାପୁଟ ଜିଲ୍ଲା ଅନବାଣୀ ମୌଜାରେ ଥିବା ବିରାଟ ପାହାଡ଼ ନଷ୍ଟ ହେଉଛି। ଏହି ବେଆଇନ ପଥର ଖନନ ବନ୍ଦ କରିବା ସହିତ ଜମି ଅଧିଗ୍ରହଣକୁ ବନ୍ଦ କରିବା ପାଇଁ



ଗ୍ରାମବାସୀ ଦାବି କରିଛନ୍ତି। ଜିଲ୍ଲାପାଳ ଆଶୁତୋଷ କୂଲକର୍ଣୀ ଏହି ଲିଖିତ ଅଭିଯୋଗ ଗ୍ରହଣ କରି ଘଟଣାର ତଦନ୍ତ ପାଇଁ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାଞ୍ଚାମୁଇଁ ଗ୍ରାମର ନରେଶ ବିଡିକା, ନାଡିଆ କଣ୍ଡାଗରି, ବିଶ୍ୱନାଥ ପୁଲାକା, ଗୁମ୍ଫା କଣ୍ଡାଗରି, ସନ୍ତୋଷ ନାୟକ ପ୍ରମୁଖ ଅଭିଯୋଗ ଶୁଣାଣୀ ଶିବିରରେ ଦାବିପତ୍ର ପ୍ରଦାନ କରିଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/07 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|
| ସହକାରୀ ତଥ୍ୟ ସୁରକ୍ଷା ଅଧିକାରୀ | 1 | 45 |

ବିଜ୍ଞାପନ ସଂ. CRPD/SCO/2025-26/09 (ନିୟମିତ ପଦବୀ)

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (31.05.2025 କଟ୍ ଅଫ୍) |
|---|---|---|---|
| ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 40 |
| ଡେପୁଟି ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 25.08.2025 ରୁ 15.09.2025 ପର୍ଯ୍ୟନ୍ତ ।**

ସ୍ଥାନ: ମୁମ୍ବାଇ
ତାରିଖ: 25.08.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

# ୩ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ; ୭ ଗିରଫ

ରାଉରକେଲା, ୧।୯ (ସମିସ)



ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଘୋଘଡ ଅଞ୍ଚଳରେ ଚଢ଼ଉ କରି ରାଜଗାଙ୍ଗପୁର ପୁଲିସ ୨୭ ଗ୍ରାମ୍ ଓଜନର ବ୍ରାଉନ ସୁଗର ଜବତ କରିବା ସହ ଏହି ଘଟଣାରେ ୭ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଜଗାଙ୍ଗପୁର ଇଦିଗା ମହଲାର ଏମଡି ସମଦ ଓରଫ ଛୋଟୁ (୩୦), ଏମଡି ନଉସାଦ ଓରଫ ଟେମ୍ପୁ (୩୮), ମୁସ୍ତାକ ଅନସାରୀ ଓରଫ ଡବ୍ଲୁ (୨୫), ଏମଡି ସହିଦ ଓରଫ ଗଜନୀ (୩୨), ରାଜଗାଙ୍ଗପୁର ମୋହିନୀ ବିଲଡିଙ୍ଗର ଏମଡି ସଲିମ (୩୬), ମସଜିଦ ନିକଟ ଏମଡି ମୁଝାହିଦ୍ଦି ଓରଫ ଛୋଟୁ (୩୦) ଏବଂ ଓସିଏଲ ମାର୍କେଟରେ ରହୁଥିବା ରୋହିତ ଶାହା ଓରଫ ଆୟୁଷ (୨୪)। ଜବତ ବ୍ରାଉନ ସୁଗରର ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଅପରେସନ ଗଜ ଅଧିନରେ ସୁନ୍ଦରଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ରାଜଗାଙ୍ଗପୁର ଥାନା ପୁଲିସ ସହରର ଏବଂ ଆଖପାଖ ଅଞ୍ଚଳରେ ଚଢ଼ଉ ଜାରି ରଖିବା ସହ ଘୋଘଡ ଅଞ୍ଚଳରେ ଚଢଉ ବେଳେ ଏହି ସଫଳତା ପାଇଛି। ସୋମବାର ରାଜଗାଙ୍ଗପୁର ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୁତି ଭୂଷଣ ଭୋଇ ସୂଚନା ଦେଇ କହିଛନ୍ତି, ଥାନା ଅଧିକାରୀ ବିଜୟ କୁମାର ଦାସଙ୍କ ନେତୃତ୍ୱରେ ଗତକାଲି ସନ୍ଧ୍ୟାରେ ଘୋଘର ରୋଡ଼ ଅଞ୍ଚଳରେ ବ୍ରାଉନ୍‌ସୁଗାର (କୋଡ ନାମ ଟର୍କ) ବିକ୍ରି ହେଉଥିବା ଖବର ପାଇ ଏକ ପୁଲିସ ଟିମ୍ ଚଢ଼ଉ କରି ୭ ଜଣ ବ୍ରାଉନ୍‌ସୁଗର ବିକ୍ରେତାଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୨୭ ଗ୍ରାମ୍ ୨୫ ମିଲିଗ୍ରାମ୍ ଓଜନର ବ୍ରାଉନ ସୁଗର ଜବତ କରିଥିଲେ। ଗିରଫ ଅଭିଯୁକ୍ତଙ୍କ ଠାରୁ ୨୯୦୦ ଟଙ୍କା ଓ ୩ଟି ମଟର ସାଇକେଲକୁ ଜବତ କରିଥିବା ଜଣାପଡ଼ିଛି। ଏହି ଘଟଣାରେ ପୁଲିସ ୪୫୬/୧/୯/୨୫ ୟୁ /ଏସ ୨୧(ବି)୨୫/୨୯ ଏନ୍‌ଡିପିଏସ ଧାରାରେ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଏହି ଚଢ଼ଉରେ ବଡ଼ଗାଁ ଥାନା ଏସ୍‌ଆଇ ଖଗପତି ବିଶ୍ୱାଳ, ରାଜଗାଙ୍ଗପୁର ଥାନା ଏସ୍‌ଆଇ ପିପି ଜେନା, ଅରୁଣ କୁମାର ବେହେରା, ଏଏସ୍‌ଆଇ ସୁଶାନ୍ତ କୁମାର ସେନାପତି, ପି. ବିଘ୍ନେଶ୍ୱର ରାଓ, ହେମନ୍ତ କୁମାର ଧିରୁଆ ପ୍ରମୁଖ ସାମିଲ ଥିଲେ।

# ଲକ୍ଷ୍ମୀ ପୂଜା ନୂତନ କମିଟି ଗଠିତ



**ରାଉରକେଲା, ୧।୯ (ସମିସ):** ଆଗାମୀ ଲକ୍ଷ୍ମୀ ପୂଜା ଆୟୋଜନ ନେଇ ଆଖଣ୍ଡଳମଣି କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗତ ବର୍ଷର ଆୟବ୍ୟୟ ପ୍ରସ୍ତାବ ଆଗତ କରାଯାଇ ନୂତନ କମିଟି ଗଠନ କରାଯାଇଛି। କମିଟିର ସଭାପତି ଭାବେ ରାଜକିଶୋର ଦାସ, ଉପସଭାପତି ସନ୍ତୋଷ କୁମାର ଦାସ, ସାଧାରଣ ସମ୍ପାଦକ ରାମକୃଷ୍ଣ ପାଢ଼ୀ, ସହ ସମ୍ପାଦକ ସଚ୍ଚିଦାନନ୍ଦ ପଟ୍ଟନାୟକ, କୋଷାଧ୍ୟକ୍ଷ ଅଜୟ କୁମାର ରାୟ ଓ ସହ କୋଷାଧ୍ୟକ୍ଷ ମଳୟ କୁମାର ଭୋଳ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଚଳିତ ବର୍ଷର ଲକ୍ଷ୍ମୀ ପୂଜାକୁ ଜାକଜମକରେ ପାଳନ ପାଇଁ ଉକ୍ତ ବୈଠକରେ ନିଷ୍ପତି ଗ୍ରହଣ କରାଯିବା ସହ ଏଥିପାଇଁ ସ୍ଥାନୀୟବାସୀଙ୍କ ସହଯୋଗ କାମନା କରାଯାଇଥିଲା। ଏହି ଅବସରରେ କମଳାକାନ୍ତ ପତି, କାଳନ୍ଦୀ ଚରଣ ସୂତାର, ଭରତ ମାଝୀ, ମହାଶ୍ୱର ମାହାଳିକ, ଜଗନ୍ନାଥ ବଳ, ଅରୁଣ ଗୌଡ, ସୁନିଲ ହରିଡା, ପୁପୁ ମଲ୍ଲିକ, ବାପିନ ସାହୁ, ଶ୍ରୀକାନ୍ତ ମହାନ୍ତି, ବିଏନ ଦାସଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସୃଜନୀ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ପ୍ରସ୍ତୁତି

**ରାଉରକେଲା, ୧।୯ (ସମିସ):** ସୃଜନୀ ସାହିତ୍ୟ ସଂସଦର ୩୮ତମ ବାର୍ଷିକ ଉତ୍ସବ ଆସନ୍ତା ଅକ୍ଟୋବର ୨୬ ତାରିଖରେ ଦେଓଗାଁ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଏଥିପାଇଁ ସୃଜନୀ ସାହିତ୍ୟ ସଂସଦର ସଭାପତି ସଚ୍ଚିନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ସାରନଗରୀ ସ୍ଥିତ ସଂସଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସାଧାରଣ ସମ୍ପାଦକ ରବୀନ୍ଦ୍ର ବେହୁରିଆ ପ୍ରସ୍ତୁତି ବୈଠକର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ସଂସଦର ସାଧାରଣ ସମ୍ପାଦକ ଶ୍ରୀ ବେହୁରିଆ ବାର୍ଷିକୋତ୍ସବ ଅବସରରେ ଅନୁଷ୍ଠାନର ମୁଖପତ୍ର 'ସୃଜନୀ' ଉନ୍ମୋଚନ ହେବା ସହ ସଚ୍ଚିନ୍ଦ୍ର ସ୍ୱାଇଁଙ୍କ ଲିଖିତ ପୁସ୍ତକ 'ଅବନା ଶବ୍ଦାର୍ଥ' ଲୋକାର୍ପଣ ହେବ ବୋଲି ସୂଚାଇଥିଲେ। ଏହି ଅବସରରେ ଜାନକୀ ସାହୁଙ୍କୁ ସମ୍ମାନୀତ କରାଯିବା ସହ ରବୀନ୍ଦ୍ର ବିଶ୍ୱାଳ, ହରିହର ପାଢ଼ୀ, ଯୁବରାଜ ପଶାୟତଙ୍କୁ ଆଜୀବନ ସଭ୍ୟ ଭାବେ କୃତଜ୍ଞତା ପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଚାଳନା ନିମନ୍ତେ ଗଠନ କରାଯାଇଥିବା ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଭାବେ ପୂର୍ବତନ ବିଧାୟକ ରବି ଦେହୁରୀ ରହିଥିବା ବେଳେ ଆଦିତ୍ୟ କୁମାର ଷଡଙ୍ଗୀ, ହରିହର ବେହେରା, ଲକ୍ଷ୍ମୀଧର ସ୍ୱାଇଁ, ରାଜ କିଶୋର ଜେନା, ହରପ୍ରିୟା ସାମଲ, ଲୀଳାବତୀ ମହାପାତ୍ର, ବସନ୍ତ କୁମାର ଜେନା, ନମିତା ବେହେରା ସକ୍ରିୟ ସଭ୍ୟ ରହିଛନ୍ତି। ଶେଷରେ ହରିହର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ହେମଗିର ବ୍ଲକ୍‌ରେ ଯୁଗ୍ମଅଭିଯୋଗ ଶୁଣାଣି

**ରାଉରକେଲା, ୧।୯ (ସମିସ):** ହେମଗିର ବ୍ଲକ ପରିସରରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଆମ୍ରିତପାଲ୍ କୌର ଉପସ୍ଥିତ ରହି ମୋଟ ୮୨ ଗୋଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୩୫ ଗୋଟି ବ୍ୟକ୍ତିଗତ ଏବଂ ୪୫ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ୪ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୨ ଗୋଟି ଆବେଦନ ରହିଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଆଇଏଏସ ଫାବୀ ରସିଦ ଓ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ପିକ୍‌ଅପ୍ ଧକ୍କାରେ ଯୁବକ ମୃତ

**କୁତ୍ରା, ୧।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖ ଦେଇ ଯାଇଥିବା ୧୦ ନମ୍ବର ରାଜ୍ୟ ରାଜପଥ ଉପରେ ସୋମବାର ଅପରାହ୍ନରେ ଏକ ପିକ୍‌ଅପ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସୂଚନାନୁଯାୟୀ, ସୋମବାର ଅପରାହ୍ନରେ ବଡ଼ଗାଁ ଥାନା ଅର୍ନ୍ତଗତ ସାହାଜବାହାଲ ଝଟେଲବୁଡ ଗ୍ରାମର ସୁକୁୱାନ ଆଇନ୍ଦ(୪୪) କୁତ୍ରା ବଡ଼ଗାଁକୁ ନିଜ ବାଇକ ଯୋଗେ ଯାଉଥିଲେ। କୁତ୍ରା ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ଏକ ବୋଲେରୋ ପିକ୍‌ଅପ୍(ଓଡି୧୪ଏଫ ୯ ୭୧୦) ତାଙ୍କୁ ଧକ୍କା ଦେବା ସହ ତାଙ୍କ ଉପରେ ପିକଅପ୍‌ର ଚକା ମାଡିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ କୁତ୍ରା ଥାନା ଏସ୍‌ଆଇ ଆଶୁତୋଷ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୁଲିସ ପିକ୍‌ଅପ୍‌ଟିକୁ ଜବତ କରି ଥାନାକୁ ନେଇ ଅଧିକ ତଦନ୍ତ କରୁଥିବା ଏସ୍‌ଆଇ ଆଶୁତୋଷ ମହାନ୍ତି ପ୍ରକାଶ କରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ୨ ଗୁରୁତର

**ବଣାଇଁ, ୧।୯ (ସମିସ):** ଚାନ୍ଦିପୋଷ ଥାନା ଅନ୍ତର୍ଗତ ବିରତୋଲା ନିକଟରେ ୧୪୩ ନମ୍ବର ଜାତୀୟ ରାଜପଥ ଉପରେ କୌଣସି ଏକ ଅଜଣାଗାଡି ଧକ୍କାରେ ୨ ଜଣ ବାଇକ ଆରୋହୀ ଗୁରୁତର ଭାବେ ଆହତ ହୋଇଥିବା ସୂଚନା ମିଳିଛି। ସେମାନଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି।



ରାଉରକେଲା ହକର୍ସ ଆସୋସିଏସନ୍ ପକ୍ଷରୁ ହାଲୁଆ ପ୍ରସାଦ ବଣ୍ଟନ

# କଂଗ୍ରେସ ଭବନ ସମ୍ମୁଖରେ ବିଜେପିର ବିକ୍ଷୋଭ




**ଧସେଇ ପଶିବାବେଳେ ପୁଲିସ ସହ ଧସ୍ତାଧସ୍ତି**

ରାଉରକେଲା, ୧।୯ (ସମିସ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାଆଙ୍କ ନାମରେ ରାହୁଲ ଗାନ୍ଧୀଙ୍କ ଅଶାଳୀନ ମନ୍ତବ୍ୟର ପ୍ରତିବାଦ କରି ସୋମବାର ରାଉରକେଲା ବିଜେପି ପକ୍ଷରୁ ସେକ୍ଟର -୨୧ ସ୍ଥିତ କଂଗ୍ରେସ ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ସମୟରେ ବିଜେପି କର୍ମୀଙ୍କ କଂଗ୍ରେସ କର୍ମୀ ଓ ପୁଲିସ ସହ ଧସ୍ତାଧସ୍ତି ହୋଇଥିବା ନଜରକୁ ଆସିଥିଲା। ସୂଚନାନୁଯାୟୀ, ଆଜି ସେକ୍ଟର୍-୨୧ଠାରେ କଂଗ୍ରେସ ଭବନ ସମ୍ମୁଖରେ ବରିଷ୍ଠ ନେତା ଜଗବନ୍ଧୁ ବେହେରାଙ୍କ ନେତୃତ୍ୱରେ ବିଜେପିର କର୍ମୀ ଓ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାଆଙ୍କ ନାମରେ ରାହୁଲ ଗାନ୍ଧୀ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ଦୃଢ଼ ନିନ୍ଦା କରିବା ସହ ତୁରନ୍ତ ରାହୁଲ ଗାନ୍ଧୀ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ବିଜେପି ନେତୃବୃନ୍ଦ ଦାବି କରିଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନ ବେଳେ ବିଜେପି କର୍ମୀମାନେ କଂଗ୍ରେସ ଅଫିସ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଉପସ୍ଥିତ ପୁଲିସ କର୍ମଚାରୀଙ୍କ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ସେପଟେ ବିଜେପିର ଏହି ବିକ୍ଷୋଭରେ ସାମିଲ ହୋଇଥିବା କର୍ମୀଙ୍କୁ ମିଠା ପ୍ରଦାନ କରି କଂଗ୍ରେସ କର୍ମୀମାନେ ସ୍ୱାଗତ କରିଥିଲେ। ଅନ୍ୟପଟରେ ଜିଲ୍ଲା କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ ବିରୋଧୀ ଦଳର ନେତା କଂଗ୍ରେସ ଦଳର ରାହୁଲ ଗାନ୍ଧୀଙ୍କ ଲୋକପ୍ରିୟତାରେ ଅସହିଷ୍ଣୁ ହୋଇ ଆଜି ବିଜେପି ଦଳ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟକୁ ଘେରଉ କରିବାକୁ ଆସିଛନ୍ତି ତାହା ଏକ ହାସ୍ୟାସ୍ପଦ କଥା ବୋଲି କହିବା ସହ ବିଜେପି କର୍ମୀଙ୍କ ଏଭଳି ଘେରଉକୁ ନିନ୍ଦା କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ବିରେନ୍ଦ୍ର ନାଥ ପଟ୍ଟନାୟକ ବିଜେପି ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି ବୋଲି କହି ସମାଲୋଚନା କରିଛନ୍ତି।





SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/07 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|
| ସହକାରୀ ତଥ୍ୟ ସୁରକ୍ଷା ଅଧିକାରୀ | 1 | 45 |

**ବିଜ୍ଞାପନ ସଂ. CRPD/SCO/2025-26/09 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (31.05.2025 କଟ୍ ଅଫ୍) |
|---|---|---|---|
| ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 40 |
| ଡେପୁଟି ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 25.08.2025 ରୁ 15.09.2025 ପର୍ଯ୍ୟନ୍ତ ।**

ସ୍ଥାନ: ମୁମ୍ବାଇ
ତାରିଖ: 25.08.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)


## ଅଧା ରାସ୍ତାରେ ଆଣ୍ଠେଇଲା ଆମ୍ବୁଲାନ୍ସ




**ବଣାଇଁ, ୧।୯ (ସମିସ):** ରାଜ୍ୟରେ ଏବେ ୧୦୮ ଆମ୍ବୁଲାନ୍ସର ସ୍ଥିତି ଦୟନୀୟ। କେତେବେଳେ ଆମ୍ବୁଲାନ୍ସ କୁ ଆମ୍ବୁଲାନ୍ସ ଟାଣୁଛି ତ କେତେବେଳେ ଅଧା ରାସ୍ତାରେ ଆଣ୍ଠେଇ ପଡୁଛି ଆମ୍ବୁଲାନ୍ସ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ବଣାଇଁର ମୁଖ୍ୟ ରାସ୍ତାରେ। ଆମ୍ବୁଲାନ୍ସଟି ବଣାଇଁ ଡାକ୍ତରଖାନାକୁ ରୋଗୀ ଆଣି ଲହୁଣୀପଡ଼ାକୁ ଫେରିବା ବେଳେ ଦେଓଗାଁ ନିକଟରେ ଖରାପ ହେବାରୁ ମଝି ରାସ୍ତାରେ ପ୍ରାୟ ଏକ ଘଣ୍ଟା ଧରି ଅଟକି ରହିଥିଲା। ଶେଷକୁ ଚାଳକ ଏବଂ ଆମ୍ବୁଲାନ୍ସ କର୍ମଚାରୀ ସମସ୍ତେ ମିଶି ଠେଲି ଠେଲି ନେଇ ରାସ୍ତା କଡରେ ରଖିଲେ। ଏହି ଗାଡି କୌଣସି ଗ୍ରାମରୁ ଗୁରୁତର ରୋଗୀକୁ ନେଇ ମେଡିକାଲ ଆସୁଥାନ୍ତା ଆଉ ଜଙ୍ଗଲ ମଝିରେ ଏପରି ହୋଇଥାନ୍ତା, ତାହେଲେ ରୋଗୀର ଅବସ୍ଥା କଣ ହୋଇଥାନ୍ତା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଆମ୍ବୁଲାନ୍ସ ପରିଚାଳନା ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଆଗାମୀ ଦିନରେ ଆଦିବାସୀ ଅଞ୍ଚଳରେ ରୋଗୀ ସେବା ଯେପରି ଭଲ ଭାବରେ ହୋଇପାରିବ ସରକାର ସେଥିପ୍ରତି ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହୋଇଛି। ବୋଲି ଦାବି ହେଉଛି।










# ରାଜ୍ୟ ରାଜପଥରେ ଗଦା ହୋଇଛି ବାଲି

ଡେରାବିଶ, ୩୧୯ (ସମିସ)




କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଡେରାବିଶ ବ୍ଲକ୍ ଅନ୍ତର୍ଗତ ସଲାର ମଠ ଛକ ନିକଟରେ ଗଦା ହୋଇ ରହିଛି ୫୦ ଟ୍ରିପରୁ ଅଧିକ ବାଲି। ଏହି ବାଲିର ପାହାଡ଼ ଧିରେ ଧିରେ ରାଜପଥକୁ ମାଡ଼ି ଚାଲି ପଥଚାରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଧଳାଗାରକୁ ଟପି ରାସ୍ତାର ମଝି ଧଳା ଗାର ଆଡ଼କୁ ମାଡ଼ି ଗଲାଣି। ଫଳରେ ବାଲି ନିମନ୍ତେ ଦୈନିକ ଦୁର୍ଘଟଣା ଘଟି ଚାଲିଛି। ଗତକାଲି ସକାଳେ ଜଣେ ବାଇକ୍ ଆରୋହୀ ରାସ୍ତା କଡ଼ରେ ଯାଉଥିବାବେଳେ ଏହି ବାଲି ଗଦାରେ ପଶି ଭାରସାମ୍ୟ ହରାଇବା ସହିତ ପଡ଼ି ଖଣ୍ଡିଆ ଖାବରା ହୋଇଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ପ୍ରକାଶ କରାଯାଉଥିଲେ ମଧ୍ୟ ଉଭୟ ଖଣି ବିଭାଗ ଓ ତହସିଲ ପ୍ରଶାସନ ଚୁପ୍ ହୋଇ ବସିରହିଛି। ଜଣେ ପ୍ରଭାବଶାଳୀ ବ୍ୟକ୍ତି ଏଠାରେ ଗ୍ରାମ ରାସ୍ତା କାମ ଆଳରେ ବାଲି ଗଦା କରି ବାଲି ବେପାର ନିମନ୍ତେ ମସୁଧା ଚଳାଇଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। କାରଣ ରାସ୍ତା କାମ କରୁଥିବା ବ୍ୟକ୍ତି ଗ୍ରାମ ମଧ୍ୟରେ ବହୁ ଖାଲି ସ୍ଥାନ ଥିବା ସତ୍ତ୍ୱେ ସେଠାରେ ନ ପକାଇ ଜାତୀୟ ରାଜପଥ ଉପରେ କାହିଁକି ପକାଇଛନ୍ତି। ତେବେ ଲୋକଙ୍କ ଅଭିଯୋଗ ପରେ ଆଜି ଏକ ଜେସିବି ରାଜପଥ ଉପରେ ବିଛେଇ ହୋଇଥିବା ବାଲିକୁ ରାସ୍ତା କଡ଼କୁ ଠେଲୁଥିବା ଦେଖିବାକୁ ମିଳିଥିଲା। ତେବେ ଏହି ବାଲିକୁ ଜେସିବି ଚାଳକ ଜଣକ କେବଳ ପିଚୁ ଉପରୁ ଠେଲି ରାସ୍ତାର ପାଦଚଲା ସ୍ଥାନରେ ଗଦା କରିଛି। ଏପରିକି ଏହି ବାଲିଗଦାର ପଛପଟରେ ବହୁ ଅଦରକାରୀ ଖାଲି ସ୍ଥାନ ଥିଲେ ମଧ୍ୟ ଜାଣିଶୁଣି ଏହି ବାଲିକୁ ରାସ୍ତା ରାଜପଥ କଡ଼ରେ ରଖାଯାଇଛି। ଖଣି ବିଭାଗ ଓ ତହସିଲ ପ୍ରଶାସନ ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଲୋକମାନେ ଘରୋଇ କାମ ନିମନ୍ତେ ଗଦା କରିଥିବା ବାଲି ନିକଟରେ ପହଞ୍ଚି ଜରିମାନା କରୁଥିବାବେଳେ ରାଜ୍ୟ ରାଜପଥ କଡ଼ରେ ଗଦା ହୋଇଥିବା ଏହି ବାଲି ପାହାଡ଼ ଉପରେ କିପରି ସେମାନଙ୍କର ନଜର ପଡୁନାହିଁ ବୋଲି ଅଭିଯୋଗ କରିଛନ୍ତି। ଏପରିକି ଏହି ରାଜ୍ୟ ରାଜପଥ ଦେଇ ଜିଲ୍ଲା କାର୍ଯ୍ୟାଳୟଠାରୁ ତହସିଲ ପ୍ରଶାସନ ଯାଏ ବହୁ ଅଧିକାରୀ ଯାଉଥିବାବେଳେ କିପରି ଏହି ବାଲିଗଦା ସେମାନଙ୍କ ନଜର ଆଢୁଆଳରେ ରହିଛି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲା ପ୍ରଶାସନ ଏ ସମ୍ପର୍କରେ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



ଝଙ୍କଡ଼ ପୀଠ କନକପୁରସ୍ଥିତ ସର୍ବୋଲାରେ ମା' ତରାଦେଇ ଅନୁଷ୍ଠାନ ପକ୍ଷରୁ ଗଣେଶ ପୂଜା

## ବନିତା ହତ୍ୟା ଘଟଣା / ପୁଲିସର ତଦନ୍ତ ଜାରି, ଗାଁରେ ଶେଷକୃତ୍ୟ ସମ୍ପନ୍ନ

ପଟ୍ଟାମୁଣ୍ଡାଇ,୩୧୯ (ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିବା ବନିତା ରାଉତ ହତ୍ୟା ଘଟଣା ଏବେବି ରହସ୍ୟାବୃତ୍ତ ହୋଇ ରହିଛି। ଏହି ହତ୍ୟାର ପର୍ଦ୍ଦାଫାସ କରିବା ପାଇଁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ସାଇଣ୍ଟିଫିକ ଟିମ୍ ସହିତ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି। ତେବେ ସନ୍ଦିଗ୍ଧ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ମୃତା ବନିତାଙ୍କ ଶବ ବ୍ୟବଚ୍ଛେଦ ପରେ ତାଙ୍କ ଶାଶୂଘର ଗାଁ ନରେନ୍ଦ୍ରପୁରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସୁଦୂର କତାରରୁ ଆସି ସ୍ୱାମୀ ଅତୁଲ କୁମାର ରାଉତ ଗାଁରେ ପହଞ୍ଚିଛନ୍ତି। ସୁଧ ଟଙ୍କା କାରବାରକୁ ନେଇ ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ଜୋର ଧରିଛି। ତେବେ ଅନ୍ୟ କିଛି କାରଣ ଥାଇପାରେ ବୋଲି ମଧ୍ୟ ଆଲୋଚନା ହେଉଛି। ଏହି ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ବନ୍ଦନା ପାତ୍ର ପ୍ରକାଶ କରିଛନ୍ତି।



**କତାରରୁ ଫେରିଲେ ସ୍ୱାମୀ**

ସୂଚନା ମୁତାବକ, ଗତ ୨୭ ତାରିଖରୁ ନିଖୋଜ ଥିବା ବନିତାଙ୍କ ଗଳିତ ଶବ ଗତକାଲି ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ୩୧ନଂ ଭେଣ୍ଡି ଜୋନ କ୍ୟାବିନରୁ ମିଳିଥିଲା। ପ୍ରମାଣ ନଷ୍ଟ ପାଇଁ ବନିତାଙ୍କ ମୁହଁ ଓ ଶରୀରକୁ ବିଭତ୍ସ କରାଯାଇଥିଲା। ତଥାପି ସାଇଣ୍ଟିଫିକ ଟିମ ସହ ପୁଲିସ ପୂରା ଦମରେ ଏହାର ତଦନ୍ତ ଜାରି ରଖିଛି। ବନିତାଙ୍କ ମୃତଦେହ ଥିବା କ୍ୟାବିନଟି ସ୍ଥାନୀୟ ବେଲତଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ନାମରେ ଆଲଟ ହୋଇଥିବାବେଳେ ତାଙ୍କ ବଡ଼ଭାଇଙ୍କ ପରିବାରର ବନ୍ଧୁ ସମ୍ପର୍କ ଯାଜପୁର ବରୀ ଅଞ୍ଚଳର ସନ୍ତୋଷ ପରିଡ଼ା ଓରଫ ବାୟା ଏହି କ୍ୟାବିନରେ ବ୍ୟବସାୟ କରୁଥିବା ଜଣାପଡ଼ିଛି।

## ବଟମହାପୁରୁଷ ଯୁବ ସଂଗଠନ ପକ୍ଷରୁ ପୋଖରୀ ସଫେଇ

ତିର୍ତ୍ତୋଲ, ୩୧୯ (ସମିସ): ବଟ ମହାପୁରୁଷ ଯୁବ ସଂଗଠନ କାଇଁଟୋଳ ଗ୍ରାମ ପକ୍ଷରୁ ଗ୍ରାମର ପୁଷ୍କରିଣୀ ସଫେଇ କାର୍ଯ୍ୟ ସଭାପତି ଆଲୋକ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଟ ମହାପୁରୁଷ ସଂଗଠନର ସଭ୍ୟ ବିଶ୍ୱଜିତ ବିଶ୍ୱାଳ, ତାପସ ନାୟକ, ସମ୍ରାଟ ପଟ୍ଟନାୟକ, ଚିରଞ୍ଜିବୀ ନାୟକ, ସ୍ୱପ୍ନରଞ୍ଜନ ସାମଲ, ସୌମ୍ୟରଞ୍ଜନ ବିଶ୍ୱାଳ, ମାନସ ବିଶ୍ୱାଳ, ମଳୟ ବିଶ୍ୱାଳ, ଦିବ୍ୟଜ୍ୟୋତି ବିଶ୍ୱାଳ, ପ୍ରଭାସ ମହାନ୍ତି, ସତ୍ୟପ୍ରସାଦ ସାମଲ, ରୁଦ୍ରଙ୍କ ସମେତ ସଂଗଠନର ମହିଳା ସଭ୍ୟା ସାମିଲ ହୋଇଥିଲେ।



## ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ବେକରୁ ଚେନ୍ ଲୁଟିଲେ ଦୁର୍ବୃତ୍ତ

ଡେରାବିଶ,୩୧୯ (ସମିସ): ଡେରାବିଶ ଥାନା ଅଧୀନ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ କୁରୁଜଙ୍ଗା ନିକଟରୁ ଦୁଇଜଣ ଦୁର୍ବୃତ୍ତ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବେକରୁ ସୁନା ଚେନ୍ ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ମହିଳା ସ୍ୱାସ୍ଥ୍ୟ କର୍ମୀ ଡେରାବିଶ ଥାନାରେ ଅଭିଯୋଗ କରିବା ପରେ ଥାନାରେ ୧୫୨/୨୫ରେ ଏକ ମାମଲା ରୁଜୁ କରାଯାଇ ପୁଲିସ ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ ଏହି ଥାନା ଅଧୀନସ୍ଥ ତିଲଙ୍ଗ ଗ୍ରାମର ଜ୍ୟୋତ୍ସ୍ନାମୟୀ ସାହୁ ବୀରନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ସେବିକା ଭାବେ କାର୍ଯ୍ୟ କରନ୍ତି। ଆଜି ସେ ତାଙ୍କ ଡ୍ୟୁଟି ସାରି ଘରକୁ ଫେରିବା ବାଟରେ ଦିନ ୧ଟା ୫୫ ମିନିଟ୍ ସମୟରେ କୁରୁଜଙ୍ଗାସ୍ଥ ଜଣେ ବ୍ୟକ୍ତିଙ୍କ ଘରକୁ ଖାଇବାକୁ ଯାଇ ତାଙ୍କ ଘର ଆଗରେ ଗାଡ଼ି ରଖୁଥିବା ସମୟରେ ଦୁଇଜଣ ଯୁବକ ତାଙ୍କ ନିକଟକୁ ଆସି ସାରଦେଇପୁରକୁ ରାସ୍ତା ପଚାରିଥିଲେ। ସେ ସେମାନଙ୍କୁ ରାସ୍ତା ବତାଇବା ସମୟରେ ଦୁର୍ବୃତ୍ତ ଦୁଇଜଣ ତାଙ୍କ ବେକରୁ ସୁନା ଚେନ୍ ଛିଡ଼ାଇ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ନିକଟରେ ଜଣେ ବ୍ୟକ୍ତିଙ୍କ ଘର ବାହାରେ ଲାଗିଥିବା ସିସିଟିଭିରେ କଏଦ ହୋଇଥିବା ଶ୍ରୀମତୀ ସାହୁ ସୂଚନା ଦେଇଛନ୍ତି।

## ରାଧାକୃଷ୍ଣ ବଜାରରେ ଖୁଦୁରୁକୁଣୀ ଓଷା

ଢେଙ୍କାନାଳ,୧।୯ (ସମିସ): ଢେଙ୍କାନାଳ ସହରସ୍ଥିତ ରାଧାକୃଷ୍ଣ ବଜାର ଦୋଳ ମଣ୍ଡପ ସାହିରେ ଖୁଦୁରୁକୁଣୀ ଓଷା ଶେଷ ପାଳି ଅନୁଷ୍ଠିତ ହୋଇଛି। ଝିଅ ଓ ବୋହୂମାନେ ଦୀର୍ଘ ୨୫ ବର୍ଷ ହେବ ଏହି ପୂଜା କରି ଆସୁଛନ୍ତି। ମା'ଙ୍କୁ ବିଭିନ୍ନ ପ୍ରକାର ଭୋଗ ଲଗାଇ ପୂଜାର୍ଚ୍ଚନା କରିଥିଲେ। ସଭାପତି ସୁହାସିନୀ ଷଣ୍ଢ, ସମ୍ପାଦିକା ବର୍ଷାରାଣୀ ଷଣ୍ଢ, କୋଷାଧ୍ୟକ୍ଷ ଜ୍ୟୋତିର୍ମୟୀ ଷଣ୍ଢ ଓ ଅଞ୍ଚଳର ଝିଅବୋହୂମାନେ ପୂଜାରେ ସାମିଲ ହୋଇଥିଲେ।

## ରାଧାକୃଷ୍ଣବଜାରରେ ସଞ୍ଜୁଡ଼ି ଭୋଗ

ଢେଙ୍କାନାଳ,୧।୯ (ସମିସ): ଢେଙ୍କାନାଳ ସହର ରାଧାକୃଷ୍ଣ ବଜାରରେ ୧୫ତମ ଗଣେଶ ପୂଜା ପାଳନ ଅବସରରେ ସଞ୍ଜୁଡ଼ି ଭୋଗ ଲାଗି କରାଯାଇଛି। ଦୋଳମଣ୍ଡପ ମେଳନ ପଡ଼ିଆରେ ପୂଜାର ଷଷ୍ଠ ଦିବସରେ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପ୍ରସାଦସେବନ କରିଥିଲେ। ପୂଜକ ଘନଶ୍ୟାମ ଶର୍ମା ଓ କର୍ତ୍ତା ଗୋବିନ୍ଦ ଷଣ୍ଢ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ସଭାପତି ସଂଗ୍ରାମ ବେହେରା, ସମ୍ପାଦକ ମାନସ ବାରିକ, ଉପଦେଷ୍ଟା ବିଶ୍ୱରଞ୍ଜନ ଓଝା, ସମୀର ବେହେରାଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସୁପର ଟାଇଗର କ୍ଲବର ସଞ୍ଜୁଡ଼ି ଭୋଗ

ଢେଙ୍କାନାଳ,୧।୯ (ସମିସ): ଢେଙ୍କାନାଳ ଟାଉନ ପ୍ଲାନିଂଠାରେ ସୁପର ଟାଇଗର କ୍ଲବ ତରଫରୁ ୩୩ତମ ଗଣେଶ ପୂଜା ଅବସରରେ ସୋମବାର ଗଜାନନଙ୍କୁ ସଞ୍ଜୁଡ଼ି ଭୋଗ ଓ ଛପନ ଭୋଗ ଲାଗି କରାଯାଇଛି। ଶମ୍ଭୁ ଗୋପାଳ ମଠ ପ୍ରାଙ୍ଗଣରେ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପ୍ରସାଦସେବନ କରିଥିଲେ। ପୂଜକ ଭାରତ ଭୂଷଣ ରଥ, କର୍ତ୍ତା ଦୁଷ୍ମନ୍ତ କୁମାର ବେହେରା, ସଭାପତି ସାଗର ବେହେରା, ସମ୍ପାଦକ ପ୍ରଭାସ ଓଝା, ପ୍ରଶାନ୍ତ ବେହେରା, ରାଜୁ ରାଉତ, ଶ୍ରୀକାନ୍ତ ଓଝା, ସୁମନ୍ତ ରାଉତ, ଆକାଶ ବେହେରା, କାହ୍ନା ଓଝା, ତୁଷାର କୁମାର ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଛୋଟ ଗାଡ଼ିଠାରୁ ଚାନ୍ଦା ଜୁଲମ / ପ୍ରତିବାଦ କଲେ ଚାଳକ

କାଳିଆପାଣି, ୩୧୯ (ସମିସ): ସୁକିନ୍ଦା ଖଣି ଅଞ୍ଚଳରେ ଥିବା କାଳିଆପାଣି, ସୁକୁରୁଙ୍ଗୀ, ସାଉଥ୍ କାଳିଆ ପାଣି, ଡି-କ୍ୱାରିରେ ଭଡାରେ ଲାଗିଥିବା ସମସ୍ତ ଛୋଟ ଗାଡ଼ି ଡ୍ରାଇଭରଙ୍କ ଠାରୁ ଚାନ୍ଦା ଜୁଲମ କରାଯାଉଛି। ଏହାର ପ୍ରତିବାଦରେ ଆଜି ଡ୍ରାଇଭର ମାନେ ଧାରଣା ଦେଇଥିଲେ। ଏଠାରେ ଲାଗିଥିବା ବୋଲେରୋ, ସ୍କର୍ପିଓ, ଇନୋଭା ଗାଡ଼ି ଚାଳକ ମାନଙ୍କୁ ଗୋଟିଏ ଗାଡ଼ି ବାବଦକୁ ୫୦୦୦ ଟଙ୍କା ଚାନ୍ଦା ଦେବା ପାଇଁ ଦାବୀ କରାଯାଉଛି। ନ ହେଲେ ଗାଡ଼ି ଚଲେଇ ଦିଆଯିବ ନାହିଁ ବୋଲି ଧମକ ଦିଆଯାଉଛି। ଏହାର ପ୍ରତିବାଦ କରି ଗାଡି ଡ୍ରାଇଭରମାନେ ଷ୍ଟେରିଙ୍ଗ ଛାଡ଼ ଆନ୍ଦୋଳନ କରିଛନ୍ତି। ଫଳରେ ଖଣିଭିତରକୁ ଅଧିକାରୀ ମାନେ ଯାଇ ପାରିନଥିଲେ।



ତେବେ ପ୍ରଶ୍ନ ଉଠୁଛି ଡ୍ରାଇଭର ମାନେ ୧୦ ବର୍ଷରୁ ଅଧିକ ଦିନ ଧରି ଖଣିରେ କାର୍ଯ୍ୟ କରୁଥିଲେ ଏମିତି କେବେ ଦରମାରୁ କଟୁ ନଥିଲା। କିନ୍ତୁ ଚଳିତ ମାସ ଦରମା ଟଙ୍କାରୁ ୫୦୦୦ ଫେରସ୍ତ କରିବା ଡ୍ରାଇଭରଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ତୁରନ୍ତ ଏହା ବନ୍ଦ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି।

## ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ କର୍ମଶାଳା

ଢେଙ୍କାନାଳ,୧।୯ (ସମିସ): ଢେଙ୍କାନାଳ ଜିଲ୍ଲାପାଳ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ ଅଭିଯାନ କର୍ମଶାଳା ଅନୁଷ୍ଠିତ ହେଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ରୁଦ୍ରପ୍ରସନ୍ନ ପରିଜା ସମସ୍ତଙ୍କୁ ସ୍ୱାଗତ କରି ଆଦି କର୍ମଯୋଗୀ ଅଭିଯାନ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅଭିଯାନ ଏକ ପ୍ରଶାସନିକ ମଡେଲ। ଜିଲ୍ଲାରେ ୧୧୭ଟି ଗ୍ରାମରେ ପ୍ରତ୍ୟେକ ଗ୍ରାମରୁ ୨୦ ଜଣ ସ୍ୱେଚ୍ଛାସେବୀ ଚୟନ କରାଯିବ। ସେମାନେ ଗ୍ରାମବାସୀଙ୍କ ଦ୍ୱାରା ପ୍ରତ୍ୟେକ ଗ୍ରାମର ବିକାଶର ନକ୍ସା ପ୍ରସ୍ତୁତ କରିବାରେ ସହାୟକ ହେବେ। ଗ୍ରାମର ଯୁବକ, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ବୟସ୍କ ବ୍ୟକ୍ତି, ଜନଜାତି ବର୍ଗର ବରିଷ୍ଠ ମାନ୍ୟଗଣ୍ୟ ବ୍ୟକ୍ତି ଏହାର ସହଯୋଗୀ ରହିବେ। ପ୍ରତ୍ୟେକ ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ଗମନାଗମନ, ପକ୍କା ଗୃହ, ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ସମ୍ପର୍କରେ ଗ୍ରାମବାସୀ ଯୋଜନା ପ୍ରସ୍ତୁତ କରିବେ। ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରାଯିବ। ପ୍ରତ୍ୟେକ ଗ୍ରାମରେ ଆଦି ସେବାକେନ୍ଦ୍ର ଗଠନ କରାଯିବ। ସେଠାରେ ଗ୍ରାମବାସୀଙ୍କ ଅଭିଯୋଗ ଉଲ୍ଲେଖ କରାଯିବ। ସ୍ଥାନୀୟ ସ୍ତରରେ ସମସ୍ୟା ସମାଧାନ ହୋଇ ନ ପାରିଲେ ଏହାକୁ ବ୍ଲକ ଓ ଜିଲ୍ଲା ସ୍ତରରେ ସମାଧାନ ପାଇଁ ପଠାଯିବ। ଏହାସହ ଆଦି ସେବାକେନ୍ଦ୍ରରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଯୋଗାଯୋଗର ଠିକଣା ରହିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଆଶିଷ ରଞ୍ଜନ ସାହୁ, ୬ଟି ବ୍ଲକର ବିଡିଓ, ବିଭିନ୍ନ ବିଭାଗର ଅଧିକାରୀ, ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ଏବଂ ନ୍ୟୁ ଇଣ୍ଡିଆ ସ୍ୱେଚ୍ଛାସେବୀ ସଂଗଠନର ପରିଚାଳନା ନିର୍ଦ୍ଦେଶକ ଯୋଗଦେଇଥିଲେ।

## ଡିଆଇଇଟିରେ ଜାତୀୟ କ୍ରୀଡ଼ା ଦିବସ

ଢେଙ୍କାନାଳ,୧।୯ (ସମିସ)




ଢେଙ୍କାନାଳ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଶନିବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସପ୍ତଶଯ୍ୟା ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଉମେଶ ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଜର ଧ୍ୟାନଚାନ୍ଦଙ୍କ ଜୀବନୀ, ହକି କ୍ଷେତ୍ରକୁ ତାଙ୍କ ଅବଦାନ ଓ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅଧ୍ୟକ୍ଷ ନିଜ ବକ୍ତବ୍ୟରେ ପିଲାଙ୍କୁ ପରିଶ୍ରମୀ, ଶୃଙ୍ଖଳିତ ଓ ସମୟାନୁବର୍ତ୍ତୀ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣ ପ୍ରତିଷ୍ଠାନର କ୍ରୀଡ଼ା ଉପଦେଷ୍ଟା ସ୍ୱାଗତିକା ଶରଣଙ୍କ ସଂଯୋଜନାରେ ଉଭୟ ଜର୍ଜ ସ୍କୁଲ ଛାତ୍ରଛାତ୍ରୀ ଓ ପ୍ରତିଷ୍ଠାନର ଗୁରୁଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଭୟ ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ଶିକ୍ଷକ କର୍ମଚାରୀ ଶପଥପାଠ କରିଥିଲେ। କ୍ରୀଡ଼ା ସଂଯୋଜକ ତଥା ଛାତ୍ର ପ୍ରତିନିଧି ମନୋଜ କୁମାର ସାହୁ ଓ ସହ ସଂଯୋଜିକା ମାତାରାମ ଗାଗରାଇ ଶପଥପାଠ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଅଧ୍ୟାପିକା ପ୍ରତିଭା ଦଳେଇ ଧନ୍ୟବାଦ ଦେଇଥିଲେ।

## ପ୍ରଧାନଶିକ୍ଷକ ସତ୍ୟବାନ ସ୍ୱାଇଁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ତିର୍ତ୍ତୋଲ, ୩୧୯ (ସମିସ): ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ସିରସ୍ତା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟବାନ ସ୍ୱାଇଁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରାହାମା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଦୈତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବୋଉ ମଣ୍ଡପରେ ବାବା ବଳିଆଙ୍କ ଗୁରୁ ପୂଜା ଉତ୍ସବରେ ଗୁରୁ ଭାଇ ଭଉଣୀଙ୍କ ଉପସ୍ଥିତିରେ ଆଶ୍ରମର ବାବା ପ୍ରଧାନଶିକ୍ଷକ ଶ୍ରୀ ସ୍ୱାଇଁଙ୍କୁ ଉତ୍ତରୀୟ, ମା' ଲକ୍ଷ୍ମୀ ଓ ବାବା ବଳିଆଙ୍କ ଫଟୋଚିତ୍ର ପ୍ରଦାନ କରି ଅବସର ଜୀବନ ସୁଖମୟ ହେଉ ବୋଲି କାମନା କରି ଆଶୀର୍ବଚନ ପ୍ରଦାନ କରିଥିଲେ। ଏଥିସହିତ ବିଦ୍ୟାଳୟ ପରିସରରେ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ ଓ ଅତିଥିମାନେ ବିଦାୟୀ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ପ୍ରଧାନଶିକ୍ଷକଙ୍କ ବିଦ୍ୟାଳୟର ଉନ୍ନତି ପାଇଁ ନିରବଚ୍ଛିନ୍ନ ଉଦ୍ୟମ ପ୍ରଶଂସନୀୟ। ଏହି କାର୍ଯ୍ୟ ପାଇଁ ବିଦ୍ୟାଳୟ ଓ ଛାତ୍ରଛାତ୍ରୀ ତାଙ୍କ ନିକଟରେ ଚିର ଋଣି ହୋଇ ରହିବେ ବୋଲି ମତବ୍ୟକ୍ତ କରିଥିଲେ।

## ସ୍ୱାୟତ୍ତ ଶାସନ ଦିବସରେ କଳିଙ୍ଗ ମହିଳା ଶକ୍ତି ସମ୍ମାନିତ



ପାରାଦୀପ,୩୧୯ (ସମିସ): ଅଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ପାରାଦୀପ ଅଞ୍ଚଳର ଜଣାଶୁଣା ମହିଳା ସଂଗଠନ କଳିଙ୍ଗ ମହିଳା ଶକ୍ତିକୁ ସମ୍ମାନିତ କରାଯାଇଥିଲା। ପାରାଦୀପ ପୌର ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜୟଦେବ ସଦନରେ ଆୟୋଜିତ ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ମହିଳା ସଙ୍ଗଠନକୁ ସମ୍ମାନିତ କରିଥିଲେ। ସଂଗଠନର ସଭାପତି ମନୋରମା ଖଟୁଆ ଓ ଅନ୍ୟ ସଦସ୍ୟ ମଞ୍ଚରେ ଉପସ୍ଥିତ ରହି ଏହି ସମ୍ମାନ ଗ୍ରହଣ କରିଥିଲେ। କଳିଙ୍ଗ ମହିଳା ଶକ୍ତି ପାରାଦୀପ ଅଞ୍ଚଳର ଗରିବ ନିଷ୍ପେସିତ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହିତ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ନିୟୋଜିତ ହୋଇଥାଏ। ଉତ୍ସବରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବନ୍ଦର ଅଧ୍ୟକ୍ଷ ପିଏଲ ହରନାଦ, ସାଂସଦ ଡଃ ବିଭୁପ୍ରସାଦ ତରାଇ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପୌର ଉପାଧ୍ୟକ୍ଷା ଛବିଲତା ରାଉତ ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଏସସି-ଏସଟି ଶିକ୍ଷକ ଶିକ୍ଷୟିତ୍ରୀ ଓ ନିରୀକ୍ଷକ ସଙ୍ଘ ବୈଠକ

- ନୂତନ କର୍ମକର୍ତ୍ତା ନିର୍ବାଚନ



ଢେଙ୍କାନାଳ,୧।୯ (ସମିସ): ଢେଙ୍କାନାଳ ଜିଲ୍ଲା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଢେଙ୍କାନାଳ ଶାଖାର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ବରିଷ୍ଠ ଶିକ୍ଷକ ତୀର୍ଥବାସୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆଲୁଅଝରଣଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସଂଘର କର୍ମକର୍ତ୍ତା ନିର୍ବାଚନ କରାଯାଇଛି। ସଭାପତି ଭାବେ ଶଙ୍କର୍ଷଣ ମଲ୍ଲିକ, ଉପସଭାପତି ବିକ୍ରମାଦିତ୍ୟ ସାହୁ, ମନସ୍ୱିନୀ ସାହୁ, ତୀର୍ଥବାସୀ ମହାନ୍ତି, ଦୋଳଗୋବିନ୍ଦ ବେହେରା, ସମ୍ପାଦକ ସନ୍ଧ୍ୟାରାଣୀ ରଥ, ଅରୁଣ ବେହେରା, ସୁଲୋଚନା ତ୍ରିପାଠୀ, ସହ-ସମ୍ପାଦକ ଅଦ୍ୱୈତ କୁମାର ବେହେରା, କୋଷାଧ୍ୟକ୍ଷ ମନୋଜ ମହାଳିକ, ସହ-କୋଷାଧ୍ୟକ୍ଷ ମିହିର ରଞ୍ଜନ ଧୀର ପ୍ରମୁଖଙ୍କୁ ଚୟନ କରାଯାଇଛି। ପରେ ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥପାଠ ହୋଇଥିଲା।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/07 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|
| ସହକାରୀ ତଥ୍ୟ ସୁରକ୍ଷା ଅଧିକାରୀ | 1 | 45 |

**ବିଜ୍ଞାପନ ସଂ. CRPD/SCO/2025-26/09 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (31.05.2025 କଟ୍ ଅଫ୍) |
|---|---|---|---|
| ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 40 |
| ଡେପୁଟି ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 25.08.2025 ରୁ 15.09.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 25.08.2025
**ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)**





## ଏସ୍‌ସିବିରେ ଗୁରୁତ୍ୱପୂର୍ଣ୍ଣ ବୈଠକ

# ତୃତୀୟ ଯକୃତ ପ୍ରତିରୋପଣ ପାଇଁ ପ୍ରସ୍ତୁତି

**କଟକ, ୧।୯ (ସମିସ)**

କିଛି ମାସର ବ୍ୟବଧାନ ପରେ କଟକ ବଡ ମେଡିକାଲରେ ଯକୃତ ପ୍ରତିରୋପଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଜଟିଳ ଯକୃତ ରୋଗୀ କିପରି ନୂଆ ଜୀବନ ପାଇବେ ସେଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇଛି। ଆଜି ଅପରାହ୍ନରେ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଏ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇଥିଲା। ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଅତିରିକ୍ତ ଡିଏମଇଟି ଡାକ୍ତର ଉମାକାନ୍ତ ଶତପଥୀ ଅଧ୍ୟକ୍ଷତା କରିଥିବା ବେଳେ ବଡ ମେଡିକାଲର ୨୦ଜଣ ବରିଷ୍ଠ ଡାକ୍ତର ଉପସ୍ଥିତ ଥିଲେ। ହାଇଦ୍ରାବାଦର ଏସିଆନ ଇନଷ୍ଟିଚ୍ୟୁଟ ଅଫ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି(ଏଆଇଜି)ର ବରିଷ୍ଠ ଉପସଭାପତି ସନ୍ତୋଷ ସାହୁ ମଧ୍ୟ ଯୋଗ ଦେଇଥିଲେ। ତେବେ ପ୍ରତିରୋପଣ ନିମନ୍ତେ ଅଭିଜ୍ଞ ଡାକ୍ତରୀ ଦଳ ଗଠନ କରିବା ଓ କିଛି ଅତ୍ୟାବଶ୍ୟକ ମେସିନ କ୍ରୟ ଦିଗରେ ଆଲୋଚନା ହୋଇଛି। ଏହା କେବଳ ଏକ ପ୍ରସ୍ତୁତି ବୈଠକ ଥିଲା, ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ପ୍ରତିରୋପଣ ପାଇଁ କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯାଉଛି ବୋଲି ଅତିରିକ୍ତ ଡିଏମଇଟି ଡାକ୍ତର ଶତପଥୀ କହିଛନ୍ତି।

ଜଟିଳ ଯକୃତ ରୋଗରେ ପୀଡ଼ିତ ହୋଇ ଜୀବନ ସହ ସଂଘର୍ଷ କରୁଥିବା ଗୁରୁତର ରୋଗୀଙ୍କୁ ଆରୋଗ୍ୟ କରିବା ପାଇଁ ପଥ ପ୍ରସ୍ତୁତ କରାଯାଉଛି। ପୁଣି ଥରେ କଟକ ବଡ ମେଡିକାଲରେ ଯକୃତ ପ୍ରତିରୋପଣ ଆରମ୍ଭ ହେବ। କିଛି ଦିନ ପୂର୍ବେ ଭୁବନେଶ୍ୱରସ୍ଥିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଏକ ଜରୁରିକାଳୀନ ବୈଠକ ଡକାଯାଇଥିଲା। ଯେଉଁଥିରେ ସ୍ୱାସ୍ଥ୍ୟ ସଚିବ ଏସ୍ ଅଶ୍ୱସ୍ତି ଅଧ୍ୟକ୍ଷତା କରି ପ୍ରତିରୋପଣ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ। ଆଜି ଏସ୍‌ସିବିରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମିଳିଥିବା ସୂଚନା ମୁତାବକ, ଜିଆଇ ସର୍ଜରୀ, ଆନେସ୍ଥେସିଓଲୋଜି, ସିଟିଭିଏସ, ପେଡ଼ିଆଟ୍ରିକ, ଜେନେରାଲ ସର୍ଜରୀ, ବାୟୋକେମେଷ୍ଟ୍ରି, ହେପାଟୋଲୋଜି, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ମାଇକ୍ରୋବାୟୋଲୋଜି, ଟ୍ରାନ୍ସଫ୍ୟୁଜନ ମେଡିସିନ, ରେସପିରେଟୋରୀ ମେଡିସିନ, ପାଥୋଲୋଜି ଆଦି

**ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଡିଏମଇଟିଙ୍କ ଆଲୋଚନା**

**ଅଭିଜ୍ଞ ଡାକ୍ତରୀ ଦଳ ଗଠନ ଓ ମେସିନ କ୍ରୟ ଦିଗରେ ଗୁରୁତ୍ୱାରୋପ**

ବିଭାଗର ବିଭାଗୀୟ ମୁଖ୍ୟଙ୍କୁ ଡକାଯାଇଥିଲା। ବଡ ମେଡିକାଲର ୨୦ଜଣ ବରିଷ୍ଠ ଡାକ୍ତରଙ୍କ ସହ ଦୀର୍ଘ ସମୟର ଆଲୋଚନା ହୋଇଥିଲା। ପ୍ରତିରୋପଣ ପୂର୍ବରୁ ଏଆଇଜି ସହ ଏମଓୟୁ ନବୀକରଣ କରାଯିବା ବାବଦରେ ମଧ୍ୟ ଆଲୋଚନା ହୋଇଛି। ଏଆଇଜି ପକ୍ଷରୁ କିଛି ପରାମର୍ଶ ଦିଆଯାଇଥିଲା। ଏହାର ଅନୁପାଳନ ନିମନ୍ତେ ମଧ୍ୟ ବିଚାରବିମର୍ଶ କରାଯାଇଛି। ତେବେ ଯକୃତ ପ୍ରତିରୋପଣ ୟୁନିଟ ନିମନ୍ତେ କିଛି ମେସିନ କିଣାଯାଇ ପାରିନାହିଁ। ଅବଶିଷ୍ଟ ମେସିନ କିଣିବା ପାଇଁ ଆଲୋଚନା ହୋଇଛି। ସେହିପରି ସଫଳପୂର୍ବକ ଯକୃତ ପ୍ରତିରୋପଣ କରାଇବା ନିମନ୍ତେ ୪ଜଣିଆ ସ୍ୱତନ୍ତ୍ର ଡାକ୍ତରୀ କମିଟି ପୂର୍ବରୁ ଗଠନ ହୋଇଥିଲା। କିଛି ମାସ ପୂର୍ବେ କମିଟିରେ ଥିବା ଜେନେରାଲ ସର୍ଜନ ପ୍ରଫେସର ଡାକ୍ତର ରାଜେଶ ଦୋରାଙ୍କୁ ଫୁଲବାଣୀ ବଦଳି କରି ଦିଆଯାଇଛି। ଏହି କମିଟିକୁ ପୁନର୍ ସଙ୍ଗଠିତ କରିବା ଦିଗରେ ପ୍ରଚେଷ୍ଟା କରାଯାଉଛି। ଏତଦବ୍ୟତୀତ ବଡ ମେଡିକାଲର ଡାକ୍ତର ଓ ନର୍ସିଂ ଅଫିସରଙ୍କୁ ପ୍ରଶିକ୍ଷଣ ନିମନ୍ତେ ପୁଣି ଥରେ ପ୍ରସ୍ତୁତ କରାଯିବା ପାଇଁ ମଧ୍ୟ ଆଜି ଆଲୋଚନା ହୋଇଛି।

## ଗଣେଶ ପୂଜା ସମ୍ପନ୍ନ



**କଟକ, ୧।୯ (ସମିସ):** ମାନସିଂହପାଟଣା ପୂଜା କମିଟି ତରଫରୁ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସନ୍ତୋଷ ବେହେରା କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ସଭାପତି ପ୍ରଦୀପ କୁମାର ସାହୁ, ସମ୍ପାଦକ ନୀତେଶ କୁମାର ବେହେରା, କୋଷାଧ୍ୟକ୍ଷ କପିଳେଶ୍ୱର ସାହୁ, ମହେଶ କୁମାର ବେହେରାଙ୍କ ସମେତ ପୂଜା କମିଟିର ସମସ୍ତ ସଦସ୍ୟ ପୂଜା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଗୋଟିଏ ବୃକ୍ଷ ଆସନ୍ତାକାଲିର ଆମ ଜୀବନ: ଫ୍ରିଡମ୍ ମୁଖ୍ୟ ଅମୀୟ ଧଳ



**କଟକ, ୧।୯ (ସମିସ):** ଆଧୁନିକ ସଭ୍ୟତାରେ ପରିବେଶ ଦିନକୁ ଦିନ ବିଗିଡିବାରେ ଲାଗିଲାଣି। ବର୍ତ୍ତମାନ ଠାରୁ ସଚେତନ ନ ହେଲେ ଆଗାମୀ ଦିନର ପୀଢି ସମାଜରେ ତିଷ୍ଠିବା କଷ୍ଟକର ହୋଇପଡ଼ିବ। ଏହି ଅବସରରେ ବରୀ ବ୍ଲକ ଅନ୍ତର୍ଗତ ଭଅଁରା ଗ୍ରାମର ଶିକ୍ଷାବିତ ବିଜୟ କୁମାର ଜେନାଙ୍କ ନାତି ସ୍ୱଦେଶ ଜେନା (ଲୁକୁନ)ଙ୍କ ଜନ୍ମ ଦିବସ ଉପଲକ୍ଷେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଯଜ୍ଞେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଏହି ଚାରାରୋପଣ କାର୍ଯ୍ୟକ୍ରମରେ ଅତିଥି ଭାବେ ଭାରତ ବର୍ଷର ଏକ ନମ୍ବର ମାନ୍ୟତାପ୍ରାପ୍ତ ଖାଇବା ତେଲ ଫ୍ରିଡମର ଓଡ଼ିଶା ହେଡ ଅମୀୟ ଧଳ ଯୋଗଦେଇ ଗଛ ଲଗାଇବା ଉପରେ ଜନସାଧାରଣଙ୍କୁ ସଚେତନତା କରାଇବା ସହ ଆଜିର ଗୋଟିଏ ବୃକ୍ଷ ଆସନ୍ତାକାଲିର ଆମ ଜୀବନ ଅଟେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସବ୍ୟସାଚୀ ଦାସ, ଡା. କୈଳାଶ ଚନ୍ଦ୍ର ପତି, ବରୀ ଜଳସମ୍ପଦ ଅଧିକାରୀ ଇଂ ମନୋରଞ୍ଜନ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ନିଳକ୍ରମ ସେଠି, ସାହସପୁର ସରପଞ୍ଚ କଳ୍ପନା ଭୂୟାଁ, ଯଜ୍ଞେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁମିତ୍ରା ପଣ୍ଡା, ବୋଦୁଅ ପାଳସାହି ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ଜେନା, ଶିକ୍ଷକ ସର୍ବେଶ୍ୱର ସେଠୀ, ମୋହନ ପରମାଣିକ, ମଧୁସ୍ମିତା ପଳେଇ ପ୍ରମୁଖ ଯୋଗଦାନ କରିଥିଲେ।

### ସ୍ୱାୟତ୍ତ ଶାସନ ଦିବସ

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ



**କଟକ, ୧।୯ (ସମିସ):** ଚଳିତ ବର୍ଷ ସ୍ୱାୟତ୍ତ ଶାସନ ଦିବସ ଅବସରେ କଟକ ମେୟର ସୁବାସ ସିଂହ ମହାନଗର ନିଗମ ଅଞ୍ଚଳର ଅନେକ ଉନ୍ନତିମୂଳକ ପ୍ରକଳ୍ପ ଯଥା ୱାର୍ଡ ନମ୍ବର ୩ ବିଜୁ ପଟ୍ଟନାୟକ ପାର୍କ ନିକଟରେ ଏକ ବାୟୋ ଟଏଲେଟ, ବିଜୁ ପଟ୍ଟନାୟକ ପାର୍କ ରୋଡ ଠାରୁ କାଠଯୋଡ଼ି ମଧୁସୂଦନ ସେତୁ ପର୍ଯ୍ୟନ୍ତ ରୋଡରେ ଷ୍ଟ୍ରିଟ ଲାଇଟ, ୱାର୍ଡ ନମ୍ବର ୧୬ ସ୍ଥିତ ବିଜୁ ପଟ୍ଟନାୟକ ଛକ ଠାରୁ ମଧୁକୁଞ୍ଜ ପାର୍କ ପର୍ଯ୍ୟନ୍ତ ରାସ୍ତାରେ ଷ୍ଟ୍ରିଟ ଲାଇଟ, ବାରବାଟୀ ଷ୍ଟାଡିଅମ ନିକଟରେ ଏକ ବାୟୋ ଟଏଲେଟ, ୱାର୍ଡ ନମ୍ବର ୨୨ସ୍ଥିତ ମେରିଆ ବଜାର ଠାରେ ଏକ ଅଙ୍ଗନବାଡି କେନ୍ଦ୍ର, ୱାର୍ଡ ଅଫିସ, ୱାର୍ଡ ନମ୍ବର ୩୪ ମାତା ମଠ ନିକଟରେ ଏକ ଭେଣ୍ଡିଙ୍ଗ ଜୋନ, ୱାର୍ଡ ନମ୍ବର ୩୭ ନକେଇପଡ଼ା ଠାରେ ଭେଣ୍ଡିଙ୍ଗ ଜୋନ, ୱାର୍ଡ ନମ୍ବର ୩୮ର ଚୁନା ଭାଟି ରାସ୍ତାର ନବୀକରଣ ଓ ଡ୍ରେନ ନିର୍ମାଣ, ୱାର୍ଡ ନମ୍ବର ୪୨ରେ ୩ଟି ଅଙ୍ଗନବାଡି କେନ୍ଦ୍ର, ୱାର୍ଡ ନମ୍ବର ୫୪ସ୍ଥିତ ଗାନ୍ଧୀପଲ୍ଲୀ ଠାରେ ଏକ ଅଙ୍ଗନବାଡି କେନ୍ଦ୍ର, ସହିତ ଜଗତପୁର ଛକ ଠାରେ ଏକ ବାୟୋ ଟଏଲେଟକୁ ନିଜ କରକମଳରେ ଉଦଘାଟନ କରିଥିଲେ। ଏଥି ସହିତ ୱାର୍ଡ ନମ୍ବର ୨୬ର ୱାର୍ଡ ଅଫିସ ନିର୍ମାଣ ଏବଂ ୱାର୍ଡ ନମ୍ବର ୩୮ ଶ୍ରୀଜା ହସ୍ପିଟାଲ ନିକଟରେ ଏକ ଭେଣ୍ଡିଙ୍ଗ ଜୋନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ କଟକ ମେୟର ଶ୍ରୀ ସିଂହଙ୍କ ସହିତ ସିଏମସି କମିଶନର କିରଣଦୀପ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ ରାଉତ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ, କର୍ପୋରେଟର ପ୍ରିୟମ୍ବଦା ମହାନ୍ତି, ଲକ୍ଷ୍ମୀପ୍ରିୟା ବେହେରା, ଚନ୍ଦନ ଜେନା, ଗଗନ ଓଝା, ଦୀପକ ଦାସ, ପ୍ରଦୀପ ସାହୁ, ବନଲତା ପ୍ରଧାନ, ଯତୀନ ବେହେରା, ସୁବାସିସ ପଟ୍ଟନାୟକ, ମୀନା ସାହୁ, ତାପସ ରାଜନ ସାମନ୍ତରାୟ ଓ ସିଏମସିର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## କ୍ରେଡିଟ୍ କାର୍ଡରୁ ୧ ଲକ୍ଷ ଠକେଇ; ଥାନାରେ ମାମଲା

**କଟକ, ୧।୯ (ସମିସ):** ବାଦାମବାଡ଼ି ଥାନା ଅନ୍ତର୍ଗତ ବିଶ୍ରାମନଗରରେ କ୍ରେଡିଟ୍ କାର୍ଡକୁ ଆକ୍ଟିଭ କରାଇବା ଆଳରେ ଏକ ଅଭିନବ ସାଇବର ଠକେଇ ହୋଇଛି। ସାଇବର ଠକ କ୍ରେଡିଟ୍ କାର୍ଡଧାରୀଙ୍କ ମୋବାଇଲକୁ ଏପିକେ ଫାଇଲ ପଠାଇ ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୨୭ ହଜାର ଟଙ୍କା ଠକିନେଇଥିବା ଜଣାପଡ଼ିଛି। ଏନେଇ ଥାନାରେ ଏତଲା ହୋଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୁଲିସ ସୂଚନା ଅନୁସାରେ, ଲିଙ୍କରୋଡ୍ ବିଶ୍ରାମନଗର ଅଞ୍ଚଳରେ ପ୍ରକାଶ କୁମାର ସିଂହଙ୍କ ଘର ହୋଇଥିବା ବେଳେ ସେ କିଛି ଦିନ ତଳେ ଏକ ରାଷ୍ଟ୍ରାୟତ ବ୍ୟାଙ୍କର କ୍ରେଡିଟ କାର୍ଡ ଆଣିଥିଲେ। ତାହାକୁ ଆକ୍ଟିଭ କରି ରଖିଥିଲେ। ଗତ ୨୮ ତାରିଖ ଅପରାହ୍ନ ୩ଟାରେ ହଠାତ ଏକ ଅଜଣା ନମ୍ବରରୁ ତାଙ୍କ ପାଖକୁ ଫୋନ୍ କଲ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ନିଜକୁ ଉକ୍ତ ବ୍ୟାଙ୍କର ଆରଏମ (ଆଞ୍ଚଳିକ ଶାଖା ପରିଚାଳକ) ଭାବେ ପରିଚୟ ଦେଇଥିଲା। ସେ କହିଲା ଯେ, ଆପଣଙ୍କ କ୍ରେଡିଟ କାର୍ଡ ଗତ ୪ ଦିନ ହେବ ଆକ୍ଟିଭ କରାଯାଇଛି। କିନ୍ତୁ ସେଥିରେ କିଛି କାରବାର କରିହେବ ନାହିଁ। ଆଉ କିଛି ଇଣ୍ଟରନାଲ୍ ସେଟିଂ କରାଯିବା ପରେ କ୍ରେଡିଟ କାର୍ଡଟି ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ବ୍ୟକ୍ତି ଜଣକ କହିଥିଲା। ପ୍ରକାଶ ଏହାକୁ ବିଶ୍ୱାସ କରିଥିଲେ। ଏହାପରେ ଅଜଣା ବ୍ୟକ୍ତି ଜଣକ ତାଙ୍କ ମୋବାଇଲକୁ ଏକ 'ଏପିକେ' ଫାଇଲ ପଠାଇଥିଲା। ଏହି ଫାଇଲରେ କ୍ରେଡିଟ କାର୍ଡ ସମ୍ପୂର୍ଣ୍ଣ ଆକ୍ଟିଭ କରିବାର ତଥ୍ୟ ରହିଛି ବୋଲି ଜଣାଇଥିଲା। ଉକ୍ତ ଏପିକେ ଫାଇଲକୁ ଖୋଲିବା ପରେ କିଛି କ୍ଷଣ ପାଇଁ ପ୍ରକାଶଙ୍କ ମୋବାଇଲର ନିୟନ୍ତ୍ରଣ ସାଇବର ଠକଙ୍କ ହାତକୁ ଚାଲିଯାଇଥିଲା। ଏହାପରେ ତାଙ୍କ କ୍ରେଡିଟ କାର୍ଡ ଆକାଉଣ୍ଟରୁ ଦୁଇ ଥରରେ ମୋଟ ୧ ଲକ୍ଷ ୨୭ ହଜାର ୬୬୬ ଟଙ୍କା କଟି ଯାଇଥିଲା। ପ୍ରଥମେ ୭୬ ହଜାର ୩୨୬ ଟଙ୍କା ଓ ପରେ ୫୧ ହଜାର ୩୪୦ ଟଙ୍କା କଟିଯାଇଥିଲା। ଏ ସମ୍ପର୍କରେ ମୋବାଇଲକୁ ମେସେଜ ଆସିବା ପରେ ପ୍ରକାଶ ଠକେଇ ବିଷୟ ଜାଣିବାକୁ ପାଇଥିଲେ। ଏହାପରେ ପ୍ରକାଶ ତୁରନ୍ତ କ୍ରେଡିଟ କାର୍ଡକୁ ବ୍ଲକ କରିଦେଇଥିଲେ। ଉକ୍ତ ଅଜଣା ବ୍ୟକ୍ତିଙ୍କୁ ଫୋନ କରିବାରୁ ମାସିକ ବୀମା ବାବଦକୁ ୪୨୧୭ ଟଙ୍କା ଆହୁରି କଟିବ ବୋଲି କହି ସେ ଫୋନ କାଟିଦେଇଥିଲା। ଏହା ପରଠୁ ତାର ଫୋନ ନମ୍ବର ଆଉ ଲାଗି ନ ଥିଲା। ଏଭଳି ସ୍ଥିତିରେ ଠକେଇରେ ପଡ଼ିଥିବା ଜାଣିପାରି ପ୍ରକାଶ ବାଦାମବାଡି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ କେସ ନଂ ୩୬୨/୨୫, ବିଏନଏସର ୩୧୮(୪), ଆଇଟି ଆକ୍ଟ ୬୬(ସି), ୬୬(ଡି)ରେ ଏକ ମାମଲା ରୁଜୁ କରିଛି। ପ୍ରକାଶଙ୍କ ଆକାଉଣ୍ଟରୁ ଟଙ୍କା ଏକ ଆଇଟି ସଂସ୍ଥାକୁ ଟ୍ରାନ୍ସଫର ହୋଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ପୁଲିସ ଆର୍ଥିକ ଦେଣନେଣର ବ୍ୟାଙ୍କ ତଥ୍ୟ ମଗାଇଛି। ଏହି ତଥ୍ୟ ଆଧାରରେ ତଦନ୍ତ ତ୍ୱରାନିତ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ସୁଭାଷ ସଂଗଠନ ପକ୍ଷରୁ ଡିସିପିଙ୍କୁ ଦାବିପତ୍ର

## ଶୋଭାଯାତ୍ରା ଆରମ୍ଭରୁ ସାଉଣ୍ଡ ଯାଞ୍ଚ କରୁ ପୁଲିସ



**କଟକ, ୧।୯ (ସମିସ):** ଭସାଣି ଶୋଭାଯାତ୍ରା ଚାଲିଥିବା ସମୟରେ ପୁଲିସ ଦ୍ୱାରା ସାଉଣ୍ଡ ବକ୍ସ କଢାଯିବାକୁ ବିରୋଧ କରାଯାଇଛି। ଶୋଭାଯାତ୍ରା ଆରମ୍ଭ ହେବା ପୂର୍ବରୁ ଏହାର ଯାଞ୍ଚ କରିବାକୁ ଦାବି ହୋଇଛି। ଏନେଇ ସୁଭାଷ ସଂଗଠନ ତରଫରୁ ଆଜି ଡିସିପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରବିବାର ପ୍ରଥମ ପର୍ଯ୍ୟାୟ ଗଣେଶ ଭସାଣି ସମୟରେ ସାଉଣ୍ଡ ବକ୍ସ ବଜାଇବା ନିୟମକୁ ନେଇ ବିଭିନ୍ନ କ୍ଲବ କର୍ମକର୍ତ୍ତାମାନଙ୍କ ସହିତ ପୁଲିସର ଉଚ୍ଚବାଚ ହୋଇଥିଲା। ଥାନାୱାରୀ ପୁଲିସ କର୍ମଚାରୀମାନେ ମଣ୍ଡପ ବା ଶୋଭାଯାତ୍ରା ବାହାରିଲା ବେଳେ ସାଉଣ୍ଡ ସିଷ୍ଟମର ଯାଞ୍ଚ କରିନଥିଲେ। ବରଂ ଭସାଣି ଶୋଭାଯାତ୍ରା ଚାଲୁଥିଲା ବେଳେ ରାସ୍ତା ମଝିରେ ମେଢକୁ ଅଟକାଇ ସାଉଣ୍ଡ ସିଷ୍ଟମକୁ କାଢିନେଇଥିଲେ। ଏହାକୁ ନେଇ ଅନେକ ସ୍ଥାନରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସର ଏତାଦୃଶ କାର୍ଯ୍ୟ ପୂଜା ଆୟୋଜକଙ୍କ ଭାବାବେଗକୁ ଆଘାତ ଦେଇଥିବାରୁ ସମସ୍ତଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ପରବର୍ତ୍ତୀ ପର୍ଯ୍ୟାୟ ଭସାଣିରେ ଏହାର ପୁନରାବୃତ୍ତି ନହେବା ଭଳି ପଦକ୍ଷେପ ନେବାକୁ ସଂଗଠନ ପକ୍ଷରୁ ଅନୁରୋଧ କରାଯାଇଛି। ଏନେଇ ସୁଭାଷ ସଂଗଠନ ପକ୍ଷରୁ ଡିସିପିଙ୍କ ଉଦ୍ଦେଶ୍ୟରେ ଏଡିସିପି ଅମରେନ୍ଦ୍ର ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ଜ୍ଞାନ ରଞ୍ଜନ ଦାସ, ସୁରେଶ ମହାନ୍ତି, ବାପୁଜୀ କର, ସନ୍ତୋଷ ମହାନ୍ତି, ଅନ୍ନଦା ପ୍ରସାଦ ଦାସ, ଏନ. ଫଗୁଆ, ଲୋପାମୁଦ୍ରା ଷଡଙ୍ଗୀ, ଶ୍ରୀକାନ୍ତ ସାମଲ, ଭବାନୀ ଶଙ୍କର ମହାପାତ୍ର, କାର୍ତ୍ତିକ କୁମାର ସାହୁ, ଶୁଭେନ୍ଦୁ ମହାନ୍ତି, ଶ୍ରୀନିବାସ ରେଡି, ସଂଗ୍ରାମ ବ୍ରହ୍ମା, ହାଡିବନ୍ଧୁ ସାହୁ, ରାକେଶ ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

### ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

## ତୁଷାରକାନ୍ତିଙ୍କୁ ସଦରଥାନା, ଓମ୍ ପ୍ରକାଶଙ୍କୁ ୪୨ମୌଜା ଥାନା

**କଟକ, ୧।୯ (ସମିସ):** କମିସନରେଟ ପୁଲିସର ଇନ୍ସପେକ୍ଟର ସ୍ତରରେ ଅଦଳବଦଳ ହୋଇଛି। ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ତୁଷାରକାନ୍ତି ସେଠୀଙ୍କୁ କଟକ ସଦର ଥାନାକୁ ବଦଳି ହୋଇଥିବା ବେଳେ ସଦର ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତିଙ୍କୁ ୪୨ମୌଜା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣାଙ୍କୁ ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଭାବେ ବଦଳି ହୋଇଛି। ସେହିପରି ନିକଟରେ କନ୍ଧମାଳରୁ କମିସନରେଟ ପୁଲିସକୁ ଆସିଥିବା ରାଜେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କୁ ଭରତପୁର ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ସିପି ଅଫିସରେ କାର୍ଯ୍ୟରତ ଗୟାନନ୍ଦ ସାହାଙ୍କୁ ଇନଫୋଭ୍ୟାଲି ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ସେହିପରି ଭରତପୁର ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ଓ ଇନଫୋଭ୍ୟାଲି ଥାନା ଅଧିକାରୀ କୃପାସିନ୍ଧୁ ବରାଡ଼ଙ୍କୁ ଡିସିପି ଅଫିସକୁ ବଦଳି କରାଯାଇଛି। ସେହିଭଳି ସିପି ଅଫିସରେ କାର୍ଯ୍ୟରତ ଇନ୍ସପେକ୍ଟର ଦୀପିକା ଦେବୀ ରାୟଙ୍କୁ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲାକୁ ବଦଳି ହୋଇଛି।

## ଆଦି କର୍ମଯୋଗୀ ଅଭିଯାନରେ ଜିଲ୍ଲାର ୨୧ ଗାଁ ସାମିଲ

**କଟକ, ୧।୯ (ସମିସ):** ବିକଶିତ ଭାରତ ଗଠନ ନିମନ୍ତେ ଆଦି କର୍ମଯୋଗୀ ଅଭିଯାନ ଆରମ୍ଭ କରାଯାଇଛି। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଦି କର୍ମଯୋଗୀ ହେଉଛି ଏକ ମହତ୍ୱାକାଂକ୍ଷୀ ଅଭିଯାନ ଯାହା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଉତ୍ତରଦାୟୀ ଶାସନ ଏବଂ ସମାଜର ଶେଷ ସ୍ତର ପର୍ଯ୍ୟନ୍ତ ସେବା ସୁନିଶ୍ଚିତ କରେ। ଏଥିପାଇଁ କଟକ ଜିଲ୍ଲାର ୨୧ଟି ଗାଁ ଚିହ୍ନଟ କରାଯାଇଛି। ଗାଁର ସାମଗ୍ରିକ ଉନ୍ନତି ସହ, ଗାଁର ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ସମସ୍ତ ସରକାରୀ ସୁବିଧା ଉପଲବ୍ଧ କରାଯିବା ସହ ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟେକ ଗାଁର ୧୫ଜଣଙ୍କୁ ଚିହ୍ନଟ କରାଯାଇ ତାଲିମ ଦିଆଯିବ। ଆଜି ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ଼ ଉପ ଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଜିଲ୍ଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର ଓ ବିଭିନ୍ନ ବ୍ଲକର ଅଧିକାରୀମାନେ ଉପସ୍ଥିତ ଥିଲେ। ୨୦୧୧ ଜନଗଣନା ଅନୁଯାୟୀ ୫୦୦ ଜନସଂଖ୍ୟା ବିଶିଷ୍ଟ ଗ୍ରାମ ଯେଉଁଠାରେ ୫୦ ପ୍ରତିଶତ ଜନସଂଖ୍ୟା ଆଦିବାସୀ ସମ୍ପ୍ରଦାୟର ହୋଇଥିବେ ସେହି ଅନୁଯାୟୀ ଗ୍ରାମଗୁଡିକୁ ଚିହ୍ନଟ କରାଯାଇଛି।

**ପ୍ରତି ଗ୍ରାମର ୧୫ଜଣଙ୍କୁ ଦିଆଯିବ ତାଲିମ**

## ଭିଜିଲାନ୍ସ ଏସ୍‌ପିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କଟକ, ୧।୯ (ସମିସ):** ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ଏସପି (ସମନ୍ୱୟ) ତନୁଜା ମହାନ୍ତି ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ କୁମାର ଜେଠୱା ଶ୍ରୀମତୀ ମହାନ୍ତିଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ତାଙ୍କର ସୁଖି ଓ ନିରାମୟ ଜୀବନ କାମନା କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ପ୍ରକାଶଥାଉ କି, ଶ୍ରୀମତୀ ମହାନ୍ତି ୧୯୮୭ ମସିହା ଅକ୍ଟୋବର ମାସରେ ରାଜ୍ୟ ପୁଲିସ ବିଭାଗରେ ସବ-ଇନ୍ସପେକ୍ଟର ଭାବେ ଗଞ୍ଜାମ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଚାକିରିରେ ଯୋଗଦାନ କରିଥିଲେ। ରାଜ୍ୟ ଭିଜିଲାନ୍ସ ବିଭାଗରେ ୨୦୦୬ ମସିହାରୁ ଦକ୍ଷତା ଓ ସଫଳତାର ସହ କାର୍ଯ୍ୟକରି ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ। ଉକ୍ତ ସଭାରେ ଅତିରିକ୍ତ ଡିଜି (ଭିଜିଲାନ୍ସ) ଅସୀତ ପାଣିଗ୍ରାହୀ, ଆଇଜି (ଭିଜିଲାନ୍ସ) ସଞ୍ଜୟ କୌଶଲ, ଭିଜିଲାନ୍ସ ସେଲ ଏସପି ଏମ. ରାଧାକ୍ରିଷ୍ଣଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।




### ହ୍ୟୁଜ୍ 'ଆପ୍'ରେ ଠକେଇ ମାମଲା

# କୁଖ୍ୟାତ ସାଇବର ଠକ ଗିରଫ; ୩ ଲକ୍ଷ ଜବତ

**କଟକ, ୧।୯ (ସମିସ)**

'ହ୍ୟୁଜ୍' ମୋବାଇଲ୍ ଆପ୍ଲିକେସନ୍ ଦ୍ୱାରା ବିଭିନ୍ନ ଅଞ୍ଚଳରୁ କୋଟି କୋଟି ଟଙ୍କା ଠକେଇ ହେବା ଘଟଣାରେ ଆଜି ପୁଲିସ ଜଣେ ସାଇବର ଅପରାଧିକୁ ଗିରଫ କରିଛି। ଏହି ଆପ୍‌କୁ ଚଳାଇବାରେ ରାଜ୍ୟ ମୁଖ୍ୟ ଭାବେ କାମ କରୁଥିବା କର୍ମଚାରୀକୁ କଟକ ସାଇବର ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ହେଉଛି କଟକ ବାଦାମବାଡ଼ି ଅଞ୍ଚଳରେ ରହୁଥିବା ବାଲେଶ୍ୱରର ପାର୍ଥସାରଥୀ ଦାସ(୬୩)। ସେ' ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ। ଅଭିଯୁକ୍ତ ନିକଟରୁ ସାଢ଼େ ୩ ଲକ୍ଷ ଟଙ୍କା ଜବତ ହୋଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତକୁ ରିମାଣ୍ଡରେ ଆଣି ଠକେଇର ଲିଙ୍କ୍ ଖୋଳତାଡ଼ କରିବାକୁ ପୁଲିସ ନିଷ୍ପତ୍ତି ନେଇଛି।

କିଛି ମାସ ହେବ ରାଜ୍ୟରେ 'ହ୍ୟୁଜ୍' ମୋବାଇଲ୍ ଆପ୍ଲିକେସନ୍ ଓ ୱେବ୍‌ସାଇଟ୍ ଜରିଆରେ ଅନ୍‌ଲାଇନ୍ ଚାକିରି ବା ରୋଜଗାର କରିବାର ଏକ ସୁଯୋଗ ଦିଆଯାଉଥିଲା। ଖୁବ୍ କମ୍ ସମୟ ମଧ୍ୟରେ ଏହା ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲୋକଙ୍କ ପାଖରେ ପହଞ୍ଚିଯାଇଥିଲା। ଏହି ଆପ୍‌ରେ ପ୍ରଥମେ ୨୧ଶହ ଟଙ୍କା ଦେଇ ମେମ୍ବର ହେବା ପରେ ଦୈନିକ ୫ଟି ଭିଡିଓ ଅନ୍‌ଲାଇନ୍‌ରେ ଦେଖିବାକୁ ସୁଯୋଗ ମିଳୁଥିଲା। ଏହି ଭିଡିଓ ଦେଖିବା ସହିତ ସେଥିରେ ୫ଟି ଷ୍ଟାର୍ ରେଟିଂ ଦେବାକୁ କୁହାଯାଉଥିଲା। ବଦଳରେ ଏହି ଆପ୍ଲିକେସନ୍ ପକ୍ଷରୁ ପ୍ରତି ଭିଡିଓ ପିଛା ୧୫ ଟଙ୍କା କରି ମିଳୁଥିଲା। ସେହିଭଳି ୫ ହଜାର ୫୦୦ ଟଙ୍କା ଦେଇ ମେମ୍ବର ହେଲେ ଦୈନିକ ୧୦ଟି ଭିଡିଓ ଦେଖିବା ସହିତ ପ୍ରତି ଭିଡିଓରେ ୨୦ ଟଙ୍କା ଆସୁଥିଲା। ୧୬ ହଜାର ୫୦୦ ଟଙ୍କା ଦେଇ ମେମ୍ବର ହେଲେ ୧୫ଟି ଭିଡିଓ ଦେଖିବା ସହିତ ଦୈନିକ ପ୍ରତି ଭିଡିଓରେ ୪୧ ଟଙ୍କା ମିଳୁଥିଲା। ଏଭଳି ଢଙ୍ଗରେ ଦରଘାବଜାର ଥାନା ଅନ୍ତର୍ଗତ କଦମ୍‌ରସୁଲ୍ ଅଞ୍ଚଳର ପ୍ରାୟ ୩୦୦ ଯୁବକ ଏହି ଆପ୍ ସହିତ ଯୋଡ଼ିହୋଇଥିଲେ। ଦୈନିକ ଭିଡିଓ ଦେଖିବା ପରେ ଟଙ୍କା ଆସୁଥିଲା ଓ ତାହାକୁ ଉଠାଣ ମଧ୍ୟ କରୁଥିଲେ। ମାତ୍ର ଅଗଷ୍ଟ ୧୫ ପରେ ଉକ୍ତ ଆପ୍ଲିକେସନ୍ ହଠାତ୍ ବନ୍ଦ ହୋଇଗଲା। ବାର୍ଷିକ ମେଣ୍ଟେନାନ୍ସ ଚାର୍ଜ ବାବଦ ପୁଣି ପ୍ରତି ମେମ୍ବର ପିଛା ୪ ହଜାର ୯୫୦ ଟଙ୍କା ଜମା କରିବାକୁ କୁହାଯାଇଥିଲା। ସବୁ ମେମ୍ବର ମଧ୍ୟ ଏଭଳି କରିଥିଲେ। ମାତ୍ର ୧୯ ତାରିଖରେ ଏହି ଆପ୍ଲିକେସନ୍ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା। ପରେ ବାଦାମବାଡ଼ି ନୂଆ ଏଲଆଇସି କଲୋନୀ ପାଖରେ ଥିବା ଏହି କାର୍ଯ୍ୟାଳୟରେ ଆସି ଅଭିଯୋଗ କରିବାରୁ କେହି ଶୁଣିନଥିଲେ। ପରେ କାର୍ଯ୍ୟାଳୟରେ ତାଲା ମଧ୍ୟ ପଡ଼ିଯାଇଥିଲା। ଘଟଣା ନେଇ କଟକ ସାଇବର ଥାନାରେ ଶତାଧିକ ଅଭିଯୋଗ ପହଞ୍ଚିଥିଲା। ଦରଘାବଜାର ଅଞ୍ଚଳର ସେକ୍ ଆଦିଲ୍‌ଙ୍କ ଏତଲାକୁ ଆଧାର କରି ସାଇବର ଥାନା ମାମଲା ରୁଜୁ କରିଥିଲା। ଆଉ 'ହ୍ୟୁଜ୍' ଆପ୍‌ର ରାଜ୍ୟ ମୁଖ୍ୟ କୁହାଯାଉଥିବା ପାର୍ଥସାରଥୀ ଦାସଙ୍କୁ ଗତକାଲି ଭଦ୍ରକ ଅଞ୍ଚଳରୁ ଗିରଫ କରାଯାଇଛି। ତାଙ୍କ ଆକାଉଣ୍ଟରେ ଥିବା ଅଢ଼େଇ ଲକ୍ଷ ଟଙ୍କା ଅଚଳ କରାଯାଇଛି। ସେହିପରି ପାଖରୁ ୬୭ ହଜାର ଟଙ୍କା ନଗଦ ମିଳିଛି। ଗୁରୁତ୍ୱପୂର୍ଣ୍ଣ ହେଉଛି ହଜାର ହଜାର ଲୋକ ମେମ୍ବରସିପ ବାବଦରେ କୋଟି କୋଟି ଟଙ୍କା ଆପ୍‌ରେ ନିବେଶ କରିଥିଲେ। ଯାହା ଏବେ ସମ୍ପୂର୍ଣ୍ଣ ବୁଡ଼ିଯାଇଛି। ଏହି ଜାଲିଆତି ଓ ଠକେଇର ଲିଙ୍କ ରାଜ୍ୟ ବାହାରେ ରହିଛି। ତେଣୁ ଅଭିଯୁକ୍ତ ପାର୍ଥସାରଥୀଙ୍କୁ ଖୁବ୍‌ଶୀଘ୍ର କଟକ ସାଇବର ଥାନା ରିମାଣ୍ଡରେ ଆଣି ଜେରା କରିବ ବୋଲି ସୂଚନା ଦେଇଛି। ଏହି ଲିଙ୍କରେ ଥିବା ଅନ୍ୟ କର୍ମଚାରୀ ଓ ରାଜ୍ୟ ବାହାର ସମ୍ପୃକ୍ତିକୁ ମଧ୍ୟ ସାଇବର ଥାନା ଖୋଳତାଡ଼ କରିବ ବୋଲି ପୁଲିସ କହିଛି।



# ଭୁବନେଶ୍ୱର ସିଟି



ଭୁବନେଶ୍ୱରରେ ନିୟୁ ସିଟି

## ପୁରୁଣା ଯୋଜନା; ନୂଆ ପ୍ରଚାର

ଭୁବନେଶ୍ୱର, ୧।୯ (ସମିସ)

ଭୁବନେଶ୍ୱର ସହର ଉନ୍ନତି ପାଇଁ ବିଡିଏ ଆଉ ନୂଆ କିଛି ଚିନ୍ତା କରି ପାରୁନାହିଁ। ରାଜଧାନୀରେ ଉନ୍ନୟନମୂଳକ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। କାର୍ଯ୍ୟକାରୀ ହୋଇ ସାରିଥିବା ମେଟ୍ରୋ ପ୍ରକଳ୍ପକୁ ବନ୍ଦ କରାଗଲା। ଟିପି ସ୍କିମ୍‌ର ଅଗ୍ରଗତି ବିଳମ୍ବ ହେଉଛି। ରାଜଧାନୀକୁ ବସ୍ତି ମୁକ୍ତ କରିବାକୁ ହୋଇଥିବା ଯୋଜନା ଜାଗା ମିଶନକୁ ବନ୍ଦ କରିଦିଆଗଲା। ଏଣୁ ୨୦୨୩ ମସିହାର ପ୍ରକଳ୍ପକୁ ନୂତନ ଢଙ୍ଗରେ ପ୍ରଚାର କରାଯାଉଛି। ଭୁବନେଶ୍ୱରରେ ନିୟୁ ସିଟି ନିର୍ମାଣ ହେବା ପ୍ରକଳ୍ପ ବିଡିଏର ଏକ ପୁରୁଣା ଯୋଜନା। ଏହି ପ୍ରକଳ୍ପକୁ ୨୦୨୩ ମସିହାର ବିଡିଏ ପ୍ରତିଷ୍ଠା ଦିବସରେ ତତ୍କାଳୀନ ସରକାର ଉନ୍ମୋଚନ କରିଥିଲେ। ଏହା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ନିୟୁ ସିଟି ନିର୍ମାଣ ହେବ ବୋଲି ତାଙ୍କ ଅଭିଭାଷଣରେ କହିଛନ୍ତି। ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ମଧ୍ୟ ଏହି ପ୍ରକଳ୍ପକୁ ନିର୍ମାଣ ହେବ ବୋଲି କହି ପୁରୁଣା ଯୋଜନାକୁ ନୂଆ ଢଙ୍ଗରେ ପ୍ରଚାର କରୁଛନ୍ତି।

ଯୋଜନା ଥିଲା ୮୨୧ ଏକର ଜାଗାରେ ନୂଆ ସହର ନିର୍ମାଣ ହୋଇଥାନ୍ତା। ଦେଢ଼ ଲକ୍ଷ ଲୋକଙ୍କ ରହଣି ପାଇଁ ହେବ ବ୍ୟବସ୍ଥା କରାଯାଇଥିଲା। ଅତ୍ୟାଧୁନିକ ସୁବିଧା ସୁଯୋଗ ସହ ପାର୍କ, ଜିମ୍, ମାର୍କେଟ କମ୍ପ୍ଲେକ୍ସ, ହସ୍ପିଟାଲ, ସ୍କୁଲ, ସିନେମା ହଲ, ସପିଂ ମଲ, ସୁଇମିଂ ପୁଲ, ଖେଳ



ପଡ଼ିଆ ଆଦି ଏକାଠି ନିର୍ମାଣ ହେଇଥାନ୍ତା। ଭୁବନେଶ୍ୱର ଉପକଣ୍ଠର ଗୋଠପାଟଣା ଓ ଦାସପୁର ମୌଜାରରେ ଏଥିପାଇଁ ୮୨୧ ଏକର ଜମି ଚିହ୍ନଟ ହୋଇଥିଲା। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏନେଇ ନିଜ ନିଜ ସ୍ତରରେ ନ୍ୟୁ ସିଟି ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ। ବହୁ ବାର ଉଚ୍ଚସ୍ତରୀୟ କେନ୍ଦ୍ରୀୟ ଟିମ୍ ମଧ୍ୟ ଘଟଣା ସ୍ଥଳ ପରିଦର୍ଶନ କରିଥିଲେ। ଏପରିକି ପାଚେରୀ ନିର୍ମାଣ ଶେଷ ହୋଇଥିଲା।

ଅର୍ଥ କମିସନଙ୍କ ସୁପାରିସ କ୍ରମେ ଦେଶର ୮ଟି ରାଜ୍ୟରେ ନ୍ୟୁ ସିଟି ନିର୍ମାଣ ପାଇଁ କେନ୍ଦ୍ର ସରକାର ଯୋଜନା କରି ଥିଲେ। ଏହି 'ନ୍ୟୁ ସିଟି'ର ରୂପରେଖ ପାଇଁ ପ୍ରତ୍ୟେକ ରାଜ୍ୟକୁ କେନ୍ଦ୍ର ସରକାର ୧ ହଜାର କୋଟି ଟଙ୍କା ଦେବେ ବୋଲି ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ କେଉଁ ରାଜ୍ୟର କେଉଁ ସହରରେ ଏହି ୮ ଟି 'ନ୍ୟୁ ସିଟି' କରାଯିବ ସେନେଇ ସବୁ ରାଜ୍ୟଠାରୁ କେନ୍ଦ୍ର ସରକାର ପ୍ରସ୍ତାବ ଓ ଯୋଜନା ଆହ୍ୱାନ କରିଥିଲେ। ସ୍ମାର୍ଟସିଟି ପ୍ରତିଯୋଗିତା ଭଳି କେନ୍ଦ୍ର ସରକାରଙ୍କ ଏହି ପ୍ରସ୍ତାବ କ୍ରମେ ଦେଶର ୨୨ଟି ଏହି ନ୍ୟୁ ସିଟି ନିର୍ମାଣ ପାଇଁ ଆଗ୍ରହ ପ୍ରକାଶ କରିବା ସହିତ କେନ୍ଦ୍ର ସରକାରଙ୍କୁ ଯୋଜନା ପ୍ରଦାନ କରିଥିଲେ।

ଏହି ଯୋଜନାରେ ମୁଖ୍ୟତଃ ସିଟିରେ କେଉଁ ପ୍ରକାର ସୁବିଧା ସୁଯୋଗ ରହିବ ଓ ଏହା ପରିବେଶ ଉପଯୋଗୀ ହୋଇପାରିବ କି ନାହିଁ ବ୍ୟବସାୟୀକ ଉଦ୍ଦେଶ୍ୟ ଓ ଅନ୍ୟାନ୍ୟ ଦିଗ ଉପରେ ସୂଚନା ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ନିକଟରେ ଏହି ପ୍ରସ୍ତାବ ପେଠ କରାଯିବା ପରେ କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରାଳୟର ଏକ ଟିମ ଓଡ଼ିଶା ଗସ୍ତରେ ଆସି ହେବାକୁ ଥିବା ପ୍ରକଳ୍ପର ଜାଗା ପରିଦର୍ଶନ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ୨୨ଟି ରାଜ୍ୟ ମଧ୍ୟରୁ ନୂଆ ସହର ପାଇଁ ୮ଟି ରାଜ୍ୟକୁ ଚୟନ କରାଯିବାକୁ ଥିବାରୁ ଓଡ଼ିଶା ଦ୍ୱାରା ଦିଆଯାଇଥିବା ପ୍ରସ୍ତାବକୁ କେନ୍ଦ୍ର ସରକାର ସ୍ୱୀକୃତି ଦେଇଥିଲେ।

ମାସ ବଦଳିଲେ ବଦଳୁଛି 'ଉତ୍କଳ' କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି

## ଗଲା ମାସରେ ଅସୁରକ୍ଷିତ; ଏମାସରେ ସୁରକ୍ଷିତ !

ଭୁବନେଶ୍ୱର, ୧।୯ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କଥାରେ ତାଳମେଳ ରହୁନି। ଗତ ଅଗଷ୍ଟ ୧୧ରେ ଫକୀରମୋହନ ଛାତ୍ରାବାସ ବା ହଷ୍ଟେଲ୍ ନମ୍ବର-୩ ଛାତ ଉପରୁ ଖସିପଡ଼ି ଜଣେ ଅଣଛାତ୍ରଙ୍କ ମୃତ୍ୟୁ ପରେ ତତ୍କାଳ ହଷ୍ଟେଲ୍ ଖାଲି କରିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏପରକି ହଷ୍ଟେଲ୍ ଅସୁରକ୍ଷିତ ହୋଇ ପଡ଼ିଥିବା ଦର୍ଶାଇ ନବୀକରଣ ବା ପୁନଃରୁଦ୍ଧାର କରିବାକୁ ହଷ୍ଟେଲ୍‌କୁ ବିଦ୍ୟୁତ୍ ଓ ପାଣି ସଂଯୋଗ ବିଚ୍ଛିନ୍ନ କରିବାକୁ କହିଥିଲେ। ମାସ ବଦଳିବା ସହ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିରେ ମଧ୍ୟ ପରିବର୍ତ୍ତନ ହୋଇଛି। ବାଣୀବିହାର ପିଲାଙ୍କ ପାଇଁ ସେହି ୩ ନମ୍ବର ହଷ୍ଟେଲ୍ ଆବଣ୍ଟନ କରିବାକୁ ସୋମବାର ବିଜ୍ଞପ୍ତି ଜାରି କରିଛନ୍ତି। ଫଳରେ ଅସୁରକ୍ଷିତ ହୋଇ ପଡ଼ିଥିବା କୋଠା ପୁନଃରୁଦ୍ଧାର ନ କରି ମଧ୍ୟ କିପରି ସୁରକ୍ଷିତ ହୋଇ ପଡ଼ିଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେବା ସହ କର୍ତ୍ତୃପକ୍ଷଙ୍କ ମନୋଭାବ ଓ କାର୍ଯ୍ୟଧାରା ନେଇ ସନ୍ଦେହ ସୃଷ୍ଟି ହୋଇଛି।

**ଅସୁରକ୍ଷିତ ୩ ନମ୍ବର ହଷ୍ଟେଲ୍‌ରେ ରହିବେ ଛାତ୍ର**

ସୋମବାର ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ, ହଷ୍ଟେଲ୍-୩ ସମେତ ୧ ଓ ୨କୁ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କୁ ଆବଣ୍ଟନ କରାଯିବ। ପୂର୍ବରୁ ସେଲ୍ଫ ଫାଇନାନ୍ସରେ ପଢୁଥିବା ପିଲାଙ୍କୁ ହଷ୍ଟେଲ୍ ମିଳୁ ନ ଥିବାବେଳେ ଏଥର ସେମାନଙ୍କୁ ମଧ୍ୟ ସାମିଲ କରାଯିବ ବୋଲି ସୂଚନା ମିଳିଛି। ଏଣୁ ଜବରଦଖଲ କରିଥିବା ରୁମ୍‌ଗୁଡ଼ିକୁ ଆସନ୍ତା ୪ ତାରିଖ ପୂର୍ବରୁ ଖାଲି କରିବାକୁ କୁହାଯାଇଛି। ଏହାକୁ ଅମାନ୍ୟ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି। ଫଳରେ ଅଗଷ୍ଟ ୧୧ରେ ହଷ୍ଟେଲ୍ ଖାଲି କରିବାକୁ ଜାରି କରାଯାଇଥିବା ଚେତାବନୀକୁ କେହି ଭ୍ରୂକ୍ଷେପ କରି ନଥିବା ସ୍ପଷ୍ଟ ହୋଇଛି। ବାରମ୍ବାର ଚେତାବନୀ ସତ୍ତ୍ୱେ ଅଣଛାତ୍ରଙ୍କ କବଳରୁ ବାଣୀବିହାର ହଷ୍ଟେଲ୍‌କୁ ମୁକ୍ତ କରିବାରେ କର୍ତ୍ତୃପକ୍ଷ ବିଫଳ ହେଉଥିବାରୁ ଛାତ୍ରଙ୍କ ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାସହ ନୂତନ ଭାବରେ ଆବଣ୍ଟିତ ହେବାକୁ ଥିବା ହଷ୍ଟେଲ୍ କୋଠରୀକୁ କେହି ବିକ୍ରି ନ କରିବା ଏବଂ ଅଣଛାତ୍ର ବା ବାହାର ଲୋକଙ୍କୁ ଭିତରକୁ ନ ନେବାକୁ ତାଗିଦ କରାଯାଇଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସୁହାଇଲା ପରି ଦୋମୁହାଁ ନୀତି ଆପଣାଉଥିବାରୁ ଛାତ୍ରଙ୍କ ସରକ୍ଷା ଦିନକୁଦିନ ଅଧିକ ବିପନ୍ନ ହେଉଥିବା ପୂର୍ବତନ ଛାତ୍ରମାନେ ଅଭିଯୋଗ କରିଛନ୍ତି।

## ଇନ୍ସପେକ୍ଟରସ୍ତରରେ ଅଦଳବଦଳ

● ରାଜେନ୍ଦ୍ରଙ୍କୁ ଭରତପୁର, ଗିରିଶଙ୍କୁ ଚନ୍ଦ୍ରଶେଖରପୁର ଥାନା

ଭୁବନେଶ୍ୱର, ୧।୯ (ସମିସ): କମିସନରେଟ ପୁଲିସର ଇନ୍ସପେକ୍ଟରସ୍ତରରେ ଅଦଳବଦଳ ହୋଇଛି। ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ତୁଷାରକାନ୍ତି ସେଠୀଙ୍କୁ କଟକ ସଦର ଥାନାକୁ ବଦଳି ହୋଇଥିବା ବେଳେ ସଦର ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତିଙ୍କୁ ୪୨ ମୌଜା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣାଙ୍କୁ ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଭାବେ ବଦଳି ହୋଇଛି। ସେହିପରି ନିକଟରେ କନ୍ଧମାଳରୁ କମିସନରେଟ ପୁଲିସକୁ ଆସିଥିବା ରାଜେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କୁ ଭରତପୁର ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ସିପି ଅଫିସରେ କାର୍ଯ୍ୟରତ ଗୟାନନ୍ଦ ସାହାଙ୍କୁ ଇନଫୋଭ୍ୟାଲି ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ସେହିପରି ଭରତପୁର ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ଓ ଇନଫୋଭ୍ୟାଲି ଥାନା ଅଧିକାରୀ କୃପାସିନ୍ଧୁ ବରାଡ଼ଙ୍କୁ ଡିସିପି ଅଫିସକୁ ବଦଳି କରାଯାଇଛି। ସେହିଭଳି ସିପି ଅଫିସରେ କାର୍ଯ୍ୟରତ ଇନ୍ସପେକ୍ଟର ଦୀପିକା ଦେବୀ ରାୟଙ୍କୁ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲାକୁ ବଦଳି ହୋଇଛି।

ମନ୍ଦିର ବେଢ଼ାରେ ନାବାଳିକା ଅସଦାଚରଣ

## ପୂଜକକୁ ୭ ବର୍ଷ ଜେଲ୍ ଦଣ୍ଡାଦେଶ

ଭୁବନେଶ୍ୱର, ୧।୯ (ସମିସ): କପିଳେଶ୍ୱର ମନ୍ଦିର ବେଢ଼ାରେ ନାବାଳିକାକୁ ଅସଦାଚରଣ ଘଟଣାର ରାୟ ସୋମବାର ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ଅତିରିକ୍ତ ସେସନ୍ସ ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତର ବିଚାରପତି ଶୁଭଞ୍ଜନ ମହାନ୍ତି ମାତ୍ର ୮୯ ଦିନରେ ମାମଲାର ବିଚାରକରି ଅଭିଯୁକ୍ତ ପୂଜକକୁ ପ୍ରଦ୍ୟୁମ୍ନ କୁମାର ମାଳିଆ ଓରଫ୍ ବିନ୍ଦୁକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନା ଅନୁସାରେ, କପିଳେଶ୍ୱରଙ୍କ ମନ୍ଦିର ବେଢ଼ାରେ ଦକ୍ଷିଣକାଳୀ ଓ ଶନି ମନ୍ଦିର ମଧ୍ୟ ରହିଥିବା ବେଳେ ବିନ୍ଦୁ ସେଠାରେ ପୂଜକ ଭାବେ କାମ କରୁଥିଲେ। ଗତ ଜୁନ୍ ମାସ ୩ ତାରିଖ ସନ୍ଧ୍ୟାରେ ଦୁଇ ନବମ ଶ୍ରେଣୀର ଛାତ୍ରୀ ତଥା ସମ୍ପର୍କୀୟ ଭଉଣୀ ଦକ୍ଷିଣକାଳୀ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। କିଛି ସମୟ ପରେ ଦୁଇ ଭଉଣୀ କପିଳେଶ୍ୱର ମନ୍ଦିର ପରିସରରେ ଅଲଗା ହୋଇଯାଇଥିଲେ। ରାତି ପ୍ରାୟ ୮ଟା ସମୟରେ ନାବାଳିକା ପୀଡିତା ଭଉଣୀଙ୍କୁ ନପାଇ ମନ୍ଦିର ବାହାରକୁ ଫେରୁଥିଲେ। ସେହି ସମୟରେ ବିନ୍ଦୁ ତାଙ୍କୁ ଶନି ମନ୍ଦିରରେ ପୂଜା ଦେଖିବାକୁ ଡାକିଥିଲେ। ବିନ୍ଦୁ ପୁରୋହିତ ବେଶରେ ଥିବାରୁ ନାବାଳିକା ପୀଡିତା ତା'କୁ ବିଶ୍ୱାସ କରି ଶନି ମନ୍ଦିରକୁ ଯାଇଥିଲେ। ସେଠାକୁ ଯିବାପରେ ବିନ୍ଦୁ ତାଙ୍କୁ ଅନ୍ଧାରିଆ ବେଢ଼ାକୁ ନେଇ ଯାଇଥିଲେ। ସେଠାରେ ନାବାଳିକାଙ୍କୁ ଅସଦାଚରଣ କରିବା ସହ ଅନୁପଯୁକ୍ତ କାର୍ଯ୍ୟ କରିଥିଲା। ପୀଡିତା ନାବାଳିକା ଚିତ୍କାର କରି ପ୍ରତିବାଦ କରିବାରୁ ବିନ୍ଦୁ ତାକୁ ହତ୍ୟା କରିବାକୁ ଧମକ ଦେଇଥିଲା। ନାବାଳିକା ପୀଡିତା ବାପାମାଆଙ୍କୁ ଜଣାଇବେ ବୋଲି କ?ହିବାରୁ ବିନ୍ଦୁ ତାଙ୍କ ବାପାମାଆଙ୍କୁ ମଧ୍ୟ ହତ୍ୟା କରିବ ବୋଲି ଧମକ ଦେଇଥିଲା। ପୀଡ଼ିତା ତୁରନ୍ତ ସେହି ସ୍ଥାନ ଛାଡ଼ି ମନ୍ଦିର ପରିସରରୁ ବାହାରି ଆସିଥିଲେ। ଫାଟକରେ ତାଙ୍କ ସମ୍ପର୍କୀୟ ଭଉଣୀଙ୍କୁ ପାଇ କାନ୍ଦି କାନ୍ଦି ତାଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ଘଟଣା ବିଷୟରେ ଜାଣି ପୀଡ଼ିତାଙ୍କ ମାଆ ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା



**୧୫ ଦିନରେ ଚାର୍ଜସିଟ୍, ୮୯ ଦିନରେ ଫଇସଲା**

ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ଶ୍ରୀଲିଙ୍ଗରାଜ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଅଭିଯୁକ୍ତ ପୂଜକ ପ୍ରଦ୍ୟୁମ୍ନ କୁମାର ମାଳିଆ ଓରଫ ବିନ୍ଦୁକୁ ଗିରଫ କରିଥିଲେ। ଏଥିସହିତ ମାତ୍ର ୧୫ ଦିନରେ ତଦନ୍ତ ଶେଷ କରି ବିନ୍ଦୁ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହ ସମ୍ପୃକ୍ତ ସାକ୍ଷ୍ୟ ଓ ଦସ୍ତାବିଜ ଆଧାରରେ ମାତ୍ର ୮୯ ଦିନରେ ବିଚାର ଶେଷ କରିଛନ୍ତି। ଆସାମୀ ବିନ୍ଦୁକୁ ଦୋଷୀ ସାବ୍ୟସ୍ତ କରିବା ସହ ୭ ବର୍ଷର ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ସେପଟେ ପୀଡ଼ିତାଙ୍କ ଶାରୀରିକ ଓ ମାନସିକ ଆଘାତକୁ ଆଖି ଆଗରେ ରଖି ଏକ ଲକ୍ଷ ଟଙ୍କାର ସହାୟତା ରାଶି ଦେବା ପାଇଁ ଡିଏଲ୍ଏସକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବରିଷ୍ଠ ପବ୍ଲିକ ପ୍ରୋସିକ୍ୟୁଟର ସୁବ୍ରତ ପ୍ରିୟଦର୍ଶୀ ଏହି ମାମଲାକୁ ପରିଚାଳନା କରୁଥିଲେ।

## ପୂଜାଚାନ୍ଦା ପାଇଁ ବୁଲିଲା ଖଣ୍ଡା



ଭୁବନେଶ୍ୱର, ୧।୯ (ସମିସ): ଗଣେଶ ପୂଜା ଚାନ୍ଦା ପାଇଁ ଖଣ୍ଡା ବୁଲାଇ ଆତଙ୍କ ଖେଳାଉଥିବା ବେଳେ ଜଣଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ମା ପାଟଦେବୀ ବସ୍ତିର ଅଶୋକ ପିଙ୍ଗୁଆ (୨୨)।

ପୁଲିସ ସୂଚନା ଅନୁସାରେ, ଗତକାଲି ରାତି ୧୧ଟା ୩୦ ସମୟରେ ମଞ୍ଚେଶ୍ୱର ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଅଶୋକ ମଞ୍ଜନାଥ ସ୍କୁଲ ନିକଟରେ ଖଣ୍ଡା ବୁଲାଇ ଜନସାଧାରଣଙ୍କୁ ଧମକ ଦେଉଥିଲା। ବା ପୁଲିସ ଟିମ୍ ପହଞ୍ଚିବା ବେଳକୁ ଅଶୋକ ଲୋକଙ୍କୁ ଗାଳିଗୁଲଜ କରିବା ସହ ନିକଟସ୍ଥ ବାସିନ୍ଦା, ଦୋକାନୀ, ମହିଳା ଓ ପିଲାମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଥିବା ଦେଖିବାକୁ ପାଇଥିଲେ। ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଅଶୋକକୁ କାବୁ କରିବା ସହ ତା ଠାରୁ ଖଣ୍ଡା ଜବତ କରିଥିଲା। ଗଣେଶ ପୂଜା ଚାନ୍ଦା ପାଇଁ ସେ ଖଣ୍ଡା ବୁଲାଇ ଆତଙ୍କ ଖେଳାଉଥିବା ପୁଲିସ ଜାଣିବାକୁ ପାଇଛି। ନିଜ ଆଡ଼ୁ ଏକ ମାମଲା ରୁଜୁ କରି ଅଶୋକକୁ କୋର୍ଟ ଚାଲାଣ କରିଛି। ଅଶୋକ ନାମରେ ପୂର୍ବରୁ ମଞ୍ଚେଶ୍ୱର ଥାନାରେ ଗୋଟିଏ ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## 'ପ୍ରହାର' ଆରମ୍ଭରୁ ପଡ଼ିଲେ ୩ ନିଶା ବେପାରୀ

ଭୁବନେଶ୍ୱର, ୧।୯ (ସମିସ): ନିଶା ବେପାରୀଙ୍କୁ ଦମନ କରିବା ପାଇଁ ସାରା ରାଜ୍ୟରେ ସୋମବାରଠାରୁ ଆରମ୍ଭ ହୋଇଛି ଅପରେସନ 'ପ୍ରହାର'। ରାଜଧାନୀର ୩ ନିଶା ବେପାରୀଙ୍କୁ ଗିରଫ କରିଛି କମିସନରେଟ ପୁଲିସ। ସେମାନଙ୍କ ମଧ୍ୟରେ ଜଣେ ମହିଳା ମଧ୍ୟ ରହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଇନଫୋସିଟି ଥାନା ଚିଗରତୋଲା ବସ୍ତିର ଏସ୍‌କେ ମୌସମ, ଛୋଟୁ ମଣ୍ଡଳ ଓ ଇନ୍ଦ୍ରଧନୁ ମାର୍କେଟର ସାବିତ୍ରୀ ବେହେରା।

ପୁଲିସ ସୂଚନା ଅନୁସାରେ, ଚିଗରତୋଲା ବସ୍ତିରେ ବ୍ରାଉନ୍‌ସୁଗର ଗଚ୍ଛିତ ଥିବା ଖବରପାଇ ଇନଫୋସିଟି ଥାନା ପୁଲିସ ଚଢ଼ଉ କରିଥିଲା। ମୌସମ ଘରେ ଚଢ଼ଉ କରି ୪୫ ଗ୍ରାମ୍ ଓଜନର ବ୍ରାଉନସୁଗର ଜବତ କରିଥିଲା। ଅଧିକ ଯାଞ୍ଚ ପରେ ଘର ଭିତରୁ ୭.୬୫ ଏମ୍ଏମର ବନ୍ଧୁକ, ୪ଟି ଜୀବନ୍ତ



ଗୁଳି ଓ ଗୋଟିଏ ମୋବାଇଲ ଫୋନ୍ ମିଳିଥିଲା। ସେଠାରୁ ମୌସମ ଓ ତା'ର ସହଯୋଗୀ ଛୋଟୁକୁ ଥାନାକୁ ଉଠାଇ ଆଣିଥିଲା। ଉଭୟ ଜଳେଶ୍ୱର ଅଞ୍ଚଳରୁ ବ୍ରାଉନସୁଗର ଆଣି ରାଜଧାନୀରେ ବିକ୍ରି କରୁଥିଲେ ବୋଲି ପଚରାଉଚରା ବେଳେ ପୁଲିସ ଆଗରେ ସ୍ୱୀକାର କରିଥିଲେ। ତେବେ ବନ୍ଧୁକ ଜବତ ନେଇ ଦୁଇ ଅଭିଯୁକ୍ତ ମୁହଁ ଖୋଲିନଥିଲେ। ଏନେଇ ଇନଫୋସିଟି ଥାନା ପୁଲିସ ଏନଡିପିଏସ୍ ଓ ଆର୍ମ୍ସ ଆକ୍ଟରେ ମାମଲା ରୁଜୁ କରିଥିଲା ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୪ ଲକ୍ଷ ୫୦ ହଜାର ହେବ ବୋଲି ପୁଲିସ କହିଛି। ମୌସମ ନାମରେ ପୂର୍ବରୁ ୮ଟି ଓ ଛୋଟୁ ନାମରେ ୩ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

ସେପଟେ ଇନ୍ଦ୍ରଧନୁ ମାର୍କେଟରେ ଗଞ୍ଜେଇ ବିକ୍ରି ହେଉଥିବା ନେଇ ନୂଆପଲ୍ଲୀ ଥାନା ପୁଲିସକୁ ଖବର ମିଳିଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ଆଇଡି ମାର୍କେଟ ନିକଟସ୍ଥ ଶିଶୁ ମନ୍ଦିରକୁ ଲାଗି ରହିଥିବା ଏକ ଦୋକାନରେ ଚଢ଼ଉ କରିଥିଲା। ପାନ ଦୋକାନରୁ ୧୧୦ ପ୍ୟାକେଟ୍ ଗଞ୍ଜେଇ ଜବତ କରିବା ସହ ସାବିତ୍ରୀଙ୍କୁ ଗିରଫ

**ବେପାରୀଙ୍କ ଠାରୁ ମିଳିଲା ବନ୍ଧୁକ ଓ ଗୁଳି**

**୪୫ ଗ୍ରାମ୍ ବ୍ରାଉନସୁଗର, କିଲେ ଗଞ୍ଜେଇ ଜବତ**

**ଆଜି ସିଲ୍ ହେବ ମହିଳାଙ୍କ ଦୋକାନ**

କରିଥିଲା। ଓଜନ ପରେ ତାହା ଏକ କିଲୋ ଗଞ୍ଜେଇ ବୋଲି ଜଣାପଡ଼ିଥିଲା। ସେ ମଧ୍ୟ ଦୀର୍ଘଦିନ ହେବ ଗଞ୍ଜେଇ ବିକ୍ରି କରୁଥିବା ଜଣାପଡ଼ିଥିଲା। ଏନେଇ ନୂଆପଲ୍ଲୀ ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ସାବିତ୍ରୀଙ୍କୁ କୋର୍ଟ ଚାଲାଣ କରିଛି। ଗଞ୍ଜେଇ ବିକ୍ରି ମାମଲାରେ ସାବିତ୍ରୀ ପୂର୍ବରୁ ମଧ୍ୟ ଦୁଇ ଥର ଜେଲ୍ ଯାଇଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି। ବାରମ୍ବାର ନିଶାଦ୍ରବ୍ୟ ବିକ୍ରି କରୁଥିବାରୁ ଆସନ୍ତାକାଲି ତାଙ୍କ ଦୋକାନ ସିଲ୍ କରାଯିବ ବୋଲି ପୁଲିସ କହିଛି।

## ପୋଖରୀରୁ ନବଜାତ ଶିଶୁକନ୍ୟାର ମୃତଦେହ ଉଦ୍ଧାର

ଧଉଳି, ୧।୯ (ସମିସ): ବାଲିଅନ୍ତା ଥାନା ବାଳକାଟି ଫାଣ୍ଡି ଅଧୀନ ସରକଣା ପଞ୍ଚାୟତ ଦଣ୍ଡିଲୋ ଗ୍ରାମରେ ଥିବା ଲିଙ୍ଗରାଜ ସାହୁଙ୍କ ପୋଖରୀରୁ ନବଜାତ ଶିଶୁକନ୍ୟାର ମୃତଦେହ ଉଦ୍ଧାର କରାଯାଇଛି। ଶିଶୁକନ୍ୟାଟି ଏକ ବ୍ୟାଗରେ ଲୁଗା ଗୁଡାହୋଇ ପୋଖରୀରେ ଭାସୁଥିଲା। ଖବରନେବାରେ ଜଣାପଡ଼ିଛି ଗ୍ରାମର ଲଙ୍ଗରାଜ ସାହୁଙ୍କ ପୋଖରୀକୁ କେହି ଶୌଚ ହେବାକୁ ଯାଇଥିବା ବେଳେ ଏହି ବ୍ୟାଗଟି ଭାସୁ ଥିବାର ଦେଖିଥିଲେ। ଏବଂ ସେଥିରେ ଏକ ପିଲାର ଗୋଡ଼ ଦେଖାଯାଇଥିଲା। ସେ ଏ ନେଇ ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବରପାଇ ବାଲିଅନ୍ତା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଶିଶୁକନ୍ୟାକୁ ଉଦ୍ଧାର କରିଥିଲା। ପରେ ବ୍ୟବଚ୍ଛେଦ ନିମନ୍ତେ ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଶିଶୁକନ୍ୟା ଜନ୍ମହେବା ପରେ ମୃତ୍ୟୁ ହୋଇଥାଇପାରେ ବୋଲି ଅନୁମାନ କରାଯାଇଛି।

## ପୁଲିସ ପାଇଁ ଚିନ୍ତା ବଢ଼ାଉଛି 'ବସ୍ତି ଅପରାଧ'

ଭୁବନେଶ୍ୱର, ୧।୯ (ସମିସ)

ରାଜଧାନୀର ବସ୍ତିଗୁଡ଼ିକ ଅପରାଧ ମୁକ୍ତ ହେବ। ପୁଲିସ ବସ୍ତି ବାସିନ୍ଦାଙ୍କ ସହ ଉତ୍ତମ ସମ୍ପର୍କ ରଖିବା ସହ ବନ୍ଧୁତ୍ୱର ହାତ ବଢ଼ାଇବ। ଏଭଳି ମହତ୍ୱ ଉଦ୍ଦେଶ୍ୟ ନେଇ କମିସନରେଟ ପୁଲିସ ପକ୍ଷରୁ ଆରମ୍ଭ ହୋଇଥିଲା 'ବସ୍ତିକୁ ଚାଲ' ଅଭିଯାନ। ବସ୍ତିରେ ବଢୁଥିବା ଅପରାଧ ଓ ଅପରାଧିକ କାର୍ଯ୍ୟକଳାପକୁ ରୋକିବାକୁ 'ପୁଲିସ ମିତ୍ର' ମଧ୍ୟ ନିଯୁକ୍ତି କରାଯାଇଥିଲା। ହେଲେ ଏବେ ସେସବୁ କାଗଜପତ୍ରରେ ସୀମିତ ରହିଯାଇଛି। ଆଉ 'ବସ୍ତିକୁ ଚାଲ' ଅଭିଯାନ ଏକପ୍ରକାର କୋମାକୁ ଚାଲି ଯାଇଛି। ଏବେ ବସ୍ତିରେ କଥା କଥାକେ ଫୁଟୁଛି ଗୁଳିକାଣ୍ଡ ସାଙ୍ଗକୁ ବୋମାମାଡ଼ ହେବା ସହ ନୂଆନୂଆ ଗ୍ୟାଙ୍ଗ ମୁଣ୍ଡ ଟେକୁଛି। ଫୁଲେଶ୍ୱରୀ ବସ୍ତିରେ ଗୋଷ୍ଠୀ ବିବାଦରୁ ହୋଇଥିବା ବୋମାମାଡ଼ ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ରାଜଧାନୀ ଯେତିକି କାୟା ବିସ୍ତାର କରୁଛି ରାତାରାତି ସେତିକି ନୂଆ ବସ୍ତି ଗଢ଼ି ଉଠୁଛି। ପ୍ରଥମେ ସରକାରୀ ଜମି ମାଡ଼ି ବସି ଆଶ୍ରୟ ନେଇଥିବା ଲୋକ ପରବର୍ତ୍ତୀ ସମୟରେ ବିପଦଜନକ ସାବ୍ୟସ୍ତ ହେଉଛନ୍ତି। ସରକାରୀ ଜମି ଉପରେ ଛିଡ଼ା ହୋଇଥିବା ବସ୍ତି ବର୍ତ୍ତମାନ ଅପରାଧୀଙ୍କ ପେଣ୍ଠସ୍ଥଳ ପାଲଟିଛି। ଗଞ୍ଜେଇ, ବ୍ରାଉନସୁଗର କାରବାର ଠାବ ଆରମ୍ଭ କରି ଗୋଷ୍ଠୀ ସଂଘର୍ଷ ଓ ହଣାକଟା ଦିନକୁ ଦିନ ବଢ଼ିବାରେ ଲାଗିଛି। ନିଶା ମାଫିଆମାନେ ବସ୍ତି ମାଧ୍ୟମରେ ପୂରା ରାଜଧାନୀକୁ କବ୍‌ଜା କରିବାକୁ ବସିଲେଣି। ବସ୍ତିଗୁଡ଼ିକରେ ନିଶା କାରବାର ଏବେ ଚରମ ସୀମାରେ ପହଞ୍ଚିଛି। ବସ୍ତିଗୁଡ଼ିକ ଏବେ ବ୍ରାଉନସୁଗର, ଗଞ୍ଜେଇ ଓ ଚୋରା ମଦ କାରବାରର ମଙ୍ଗ ଧରିଛନ୍ତି।

**ବଢୁଛି ନିଶା କାରବାର, ମୁଣ୍ଡ ଟେକୁଛି ନୂଆ ଗ୍ୟାଙ୍ଗ**

**କୋମାରେ ବସ୍ତିକୁ ଚାଲ ଅଭିଯାନ**

ନିଶା ମାଫିଆମାନେ ପ୍ରଥମେ ବସ୍ତିରେ ରହୁଥିବା ବେକାରୀ ଯୁବକମାନଙ୍କୁ ଟାର୍ଗେଟ କରୁଛନ୍ତି। ସେମାନଙ୍କ ମାଧ୍ୟମରେ ବସ୍ତିରେ ନିଶା କାରବାରକୁ ବ୍ୟାପକ କରୁଛନ୍ତି। ବେକାର ଯୁବକମାନେ ନିଶା ମାଫିଆଙ୍କ ଠାରୁ ନିଶାଦ୍ରବ୍ୟ ଆଣି ବିକ୍ରି କରି କମିସନ ପାଉଛନ୍ତି। ବିନା କୌଣସି ବିନିଯୋଗରେ ନିଶା କାରବାରରୁ ଟଙ୍କା ଉପାର୍ଜନ ହେବାପରେ ଗଣ୍ଡଗୋଳର ସୂତ୍ରପାତ ଆରମ୍ଭ ହେଉଛି। ଏଭଳି ସହଜ ଉପାୟରେ ଅର୍ଥ ଉପାର୍ଜନ ପାଇଁ ଅସାମାଜିକ ଯୁବକମାନେ ନିଜର ଗ୍ୟାଙ୍ଗ୍ ତିଆରି କରୁଛନ୍ତି। ଏହାପରେ



Flickr/DFID/Nick Cunard

ନିଶା କାରବାରକୁ କେନ୍ଦ୍ରକରି ହଣାକଟା ଓ ଗୋଷ୍ଠୀ ସଂଘର୍ଷ ହେଉଛି। ଏହାକୁ ନେଇ ବସ୍ତିରେ ଆତଙ୍କ ସୃଷ୍ଟି ହେବା ସହ ଗୁଳି ଓ ବୋମା ଫୁଟୁଛି। ଦିନେ ବସ୍ତିରେ ବେକାରୀ ହୋଇ ବୁଲୁଥିବା ଯୁବକ ରାତାରାତି ଅପରାଧୀ ହୋଇ ଉଭା ହେଉଛି। ବସ୍ତିର ଅସାମାଜିକ ଯୁବକ ନିଶା କାରବାର ଟଙ୍କାରୁ ଗ୍ୟାଙ୍ଗ ଗଢ଼ିବା ପରେ ଆଉ ପାଦେ ଆଗକୁ ଯାଉଛନ୍ତି। ଆଖପାଖରେ ଥିବା ସରକାରୀ ଜମି ଉପରେ ନଜର ପକାଉଛନ୍ତି। ଏକାକୀ ନଯାଇ ପାଖ ଗାଁ ଗୁଡ଼ିକର ଯୁବକଙ୍କୁ ସାଥୀ କରୁଛନ୍ତି। ପରେ ବସ୍ତି ଓ ପାଖ ଗାଁର ଯୁବକ ମିଶି ସରକାରୀ ଜମିକୁ କବଜା କରୁଛନ୍ତି। ଏହାପରେ ଜମି ଜବରଦଖଲକୁ ନେଇ ଆରମ୍ଭ ହେଉଛି ଗୋଷ୍ଠୀ ବିବାଦ। ବିବାଦରୁ ଗୁଳିକାଣ୍ଡ ଓ ବୋମାମାଡ଼ ଭଳି ସାଙ୍ଘାତିକ ଅପରାଧ ଘଟାଇବାକୁ ମଧ୍ୟ ପଛାଉ ନାହାନ୍ତି। ବସ୍ତିରୁ ଆରମ୍ଭ ହୋଇଥିବା ନିଶା କାରବାରର ଧାରା ପରେ ବଡ଼ ବଡ଼ ଅପରାଧ ଘଟାଉଛି। ବସ୍ତିରେ ଅପରାଧ ରୋକିବା ଲାଗି କମିସନରେଟ ପୁଲିସର ପକ୍ଷରୁ ଆରମ୍ଭ କରାଯାଇଥିବା ବସ୍ତିକୁ ଚାଲ ଅଭିଯାନ ଏକପ୍ରକାର ଫେଲ୍ ମାରିଛି।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/07 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|
| ସହକାରୀ ତଥ୍ୟ ସୁରକ୍ଷା ଅଧିକାରୀ | 1 | 45 |

**ବିଜ୍ଞାପନ ସଂ. CRPD/SCO/2025-26/09 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (31.05.2025 କଟ୍ ଅଫ୍) |
|---|---|---|---|
| ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 40 |
| ଡେପୁଟି ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 25.08.2025 ରୁ 15.09.2025 ପର୍ଯ୍ୟନ୍ତ ।**

ସ୍ଥାନ: ମୁମ୍ବାଇ
ତାରିଖ: 25.08.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

## ୩ଶହରୁ ଊର୍ଦ୍ଧ୍ୱ ଗଣେଶ ମୂର୍ତ୍ତି ବିସର୍ଜନ କଲା ସବୁଜ ବାହିନୀ



ବ୍ରହ୍ମପୁର,୧।୯ (ସମିସ): ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ଗଜାନନଙ୍କ ପ୍ରତିମୂର୍ତ୍ତିକୁ ଉଦ୍ଧାର କରି ବିସର୍ଜନ କରାଯାଇଥିଲା। ସହରର ବିଭିନ୍ନ ପୋଖରୀ ହୁଡାରେ ପରିତ୍ୟକ୍ତ ଅବସ୍ଥାରେ ଥିବା ତିନିଶହରୁ ଅଧିକ ମୂର୍ତ୍ତିକୁ ଅନୁଷ୍ଠାନର ସଦସ୍ୟମାନେ ଗାଡି ଯୋଗେ ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା ପ୍ରସ୍ତୁତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରିଥିଲେ। ଗଣେଶ ପୂଜା ପାଇଁ ସଭିଏଁ ପ୍ରଭୁଙ୍କ ସ୍ୱାଗତ ଧୁମଧାମରେ କରିଥିବା ବେଳେ ପ୍ରତିମୂର୍ତ୍ତି ଗୁଡିକର ବିସର୍ଜନ କ୍ଷେତ୍ରରେ ବହୁ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ମହାନଗର ନିଗମ ବିସର୍ଜନ ପାଇଁ ୪ଟି ଅସ୍ଥାୟୀ ପୋଖରୀର ବ୍ୟବସ୍ଥା କରିଥିଲା। କିନ୍ତୁ ସେଠାରେ ବିସର୍ଜନ କରିବା ପରିବର୍ତ୍ତେ ବିଭିନ୍ନ ସାହିରେ ଥିବା ପୋଖରୀରେ ମୂର୍ତ୍ତିଗୁଡିକୁ ବୁଡାଇ ଆଣି ପୁଣି ହୁଡାରେ ଥୋଇ ଦିଆଯାଇଥିଲା। ଏପରିକି ଅନେକ ମୂର୍ତ୍ତି କେଉଁଠି ବରଗଛ ମୂଳେ ତ ଆଉ କେଉଁଠି ପୋଖରୀ ହୁଡାରେ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ଦେଖିବାକୁ ମିଳିଥିଲା। ଯାହା ଗଜାନନଙ୍କ ପ୍ରତି ଅସମ୍ମାନ ବୋଲି ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ କହିଛନ୍ତି। ଏହାକୁ ନେଇ ସବୁଜ ବାହିନୀ ପକ୍ଷରୁ ହରିଡାଖଣ୍ଡି ବନ୍ଧ, ଧୋବା ବନ୍ଧ, ଜଗବନ୍ଧୁ ସାହି ପୋଖରୀ, ଆଇନାବନ୍ଧ ସାହି ପୋଖରୀ, ପାଣିଗ୍ରାହୀପେଣ୍ଠ ପୋଖରୀ ଓ ବିଜିପୁର ପୋଖରୀ ହୁଡାରେ ପଡ଼ିଥିବା ଶତାଧିକ ମୂର୍ତ୍ତିକୁ ନେଇ ବିସର୍ଜନ କରାଯାଇଛି। କାର୍ଯ୍ୟକ୍ରମରେ ଏ. ପ୍ରକାଶ, ଏମ୍. ଦିଲ୍ଲୀପ କୁମାର, ସାମ୍ବାଦିକ ସ୍ୱାଧୀନ ସାହୁ, ଶଙ୍କର ସାହୁ ଓ କାଳିଆ ସାହୁ ପ୍ରମୁଖ ସହାୟତା କରିଥିଲେ।

## ନିଆଁ ଲାଗି ନାବାଳକ ଗୁରୁତର

ବ୍ରହ୍ମପୁର,୧।୯ (ସମିସ): ନିଆଁ ଲାଗି ଜଣେ ନାବାଳିକା ଗୁରୁତର ହୋଇଥିବା ଜଣାପଡ଼ିଛି। ସଦର ଥାନା ଅନ୍ତର୍ଗତ ରୋହିଗାଁସ୍ଥିତ ନଳିହାଡ଼ ଗ୍ରାମରେ ରବିବାର ରାତିରେ ଗଜାନନଙ୍କ



ବିସର୍ଜନ ବେଳେ ଏଭଳି ଅଘଟଣ ଘଟିଥିଲା। ଏଥିରେ ସଂପୃକ୍ତ ନାବାଳକ ଗୁରୁତର ହୋଇଛନ୍ତି। ଆହତ ନାବାଳକ ଜଣକ ହେଲେ ଗ୍ରାମର ଶିବ ସ୍ୱାଇଁ(୧୪)। ଗ୍ରାମରେ ଗଣେଶ ପୂଜା ହୋଇଥିଲା। ରବିବାର ରାତିରେ ଭସାଣି ଲାଗି ଡିଜେ ବାଦ୍ୟର ତାଳେ ତାଳେ ସମସ୍ତେ ନାଚି ନାଚି ପୋଖରୀକୁ ଯାଉଥିଲେ। ଏହି ସମୟରେ ଦୁଇ ନାବାଳକ ହାତରେ ଗୋଟିଏ ବାଡ଼ିରେ କନା ଗୁଡ଼ାଇ ସେଥିରେ ପେଟ୍ରୋଲ ପକାଇ ନିଆଁ ଲଗାଇବା ଖେଳ ଦେଖାଉଥିଲେ। ଏପରି ଏକାଧିକ ଥର କରିବା ପରେ ଅସାବଧାନତା ହେତୁ ଜଣେ ନାବାଳକଙ୍କ ଦେହରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ନିଆଁକୁ ଲିଭାଇ ଦେଇଥିଲେ ମଧ୍ୟ ନାବାଳକଙ୍କ ମୁହଁରୁ ବେକ ପର୍ଯ୍ୟନ୍ତ ଜଳିଯାଇଛି। ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଅଧିକ ଚିକିତ୍ସା ପାଇଁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର

ବ୍ରହ୍ମପୁର,୧।୯ (ସମିସ): ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଡ଼. ପ୍ରମୋଦ କୁମାର ପୃଷ୍ଟି, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ଶର୍ବଣା ବିବେକ ଏମ୍, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଆଇଏଏସ ପ୍ରବେସନ୍ ମ୍ରିଣାଳିକା ରାଠୋର ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମୁଖ୍ୟତଃ ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ସୁରକ୍ଷା ଭତ୍ତା, ଜମି, ଶ୍ରମିକ କାର୍ଡ, ରାସନ୍ କାର୍ଡ ଓ ରାସ୍ତାଘାଟ ଆଦି ସମସ୍ୟା ନେଇ ସମୁଦାୟ ୧୭୫ଟି ଅଭିଯୋଗ ଦାଖଲ ହୋଇଛି। ଏଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୧୫୦ଟି ଓ ଗ୍ରାମ ଭିତ୍ତିକ ସମସ୍ୟା ୧୩ଟି ରହିଥିବାବେଳେ ୩ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ରେଡକ୍ରସ ତରଫରୁ ୯ ଜଣଙ୍କୁ ୮୩ହଜାର ୫୦୦ଟଙ୍କାର ସହାୟତା ରାଶି ଚେକ୍ ଦ୍ୱାରା ପ୍ରଦାନ କରାଯାଇଥିଲା। ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଓ ବ୍ରହ୍ମପୁର ଉପଖଣ୍ଡର ବିଡ଼ିଓ ଓ ତହସିଲଦାର ଉପସ୍ଥିତ ଥିଲେ। ଚଳିତ ଥର ଅଭିଯୋଗ ନେଇ ଆସିଥିବା ବ୍ୟକ୍ତିଙ୍କ ସମସ୍ୟାର ତଥ୍ୟ ଜନଶୁଣାଣି ପୋର୍ଟାଲରେ ଅପଲୋଡ଼ କରାଯାଇଥିଲା। ୱେବସାଇଟରେ କିଛି ସମସ୍ୟା ରହିଥିବା ବେଳେ ଅଭିଯୋଗକାରୀଙ୍କ ତଥ୍ୟ ୱେବସାଇଟରେ ଅପଲୋଡ କରିବାରେ ସମସ୍ୟା ହୋବାରୁ ଘଣ୍ଟା ଘଣ୍ଟା ଧରି ଲୋକଙ୍କୁ ଲାଇନରେ ଠିଆ ହୋଇଥିଲେ।

## ବିଜେପି ପକ୍ଷରୁ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ



ବ୍ରହ୍ମପୁର,୧।୯ (ସମିସ): ସ୍ଥାନୀୟ ଗିରିଜା ଛକରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଧାୟକ କେ. ଅନିଲ କୁମାରଙ୍କ ନେତୃତ୍ୱରେ ସାଂସଦ ରାହୁଲ ଗାନ୍ଧୀ ଓ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବିହାରର ଦରଭଙ୍ଗା ଜିଲ୍ଲାରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଭୋଟର ଅଧିକାର ଯାତ୍ରା ବେଳେ ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ମା'ଙ୍କ ବିରୋଧରେ ଅଶାଳୀନ ଟିପ୍ପଣୀ ଦେଇଥିଲେ। ଏହା ସହ ଯାତ୍ରାରେ ସାମିଲ ଥିବା କିଛି ନେତା ଓ କାର୍ଯ୍ୟକର୍ତ୍ତା ମୋଦୀଙ୍କ ବିରୋଧରେ ନାରାବାଜି ଦେଇଥିବା ବିଜେପି ଅଭିଯୋଗ କରିଥିଲା। ଏହା କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୁହେଁ ଦେଶର ଗଣତନ୍ତ୍ର ପ୍ରତି ଘୋର ଅପମାନ ହୋଇଥିବା ଦାବି ହୋଇଥିଲା। ଏହାକୁ ବିରୋଧ କରି ଭାରତୀୟ ଜନତା ପାର୍ଟି ପକ୍ଷରୁ ଉଭୟ ନେତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। କାର୍ଯ୍ୟକ୍ରମରେ ମେୟର ପ୍ରାର୍ଥୀନୀ ସବିତା ସୁଆର, ରାଜ୍ୟ ପ୍ରବକ୍ତା ଟି. ଗୋପି, ବିଧାୟକ ପ୍ରତିନିଧି ଅଶୋକ ଶୁକ୍ଳ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସରତ ପଟ୍ଟନାୟକ, କର୍ପୋରେଟର ସବିତା ସାହୁ, ବନିତା ସାହୁ, ମଣ୍ଡଳ ସଭାପତି ଜଗନ୍ନାଥ ଜେନା, ସୁମନ୍ତ ସାହୁ ଓ ପୂର୍ବତନ କର୍ପୋରେଟର ବଦ୍ରିନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଆଇଟିଆଇରେ ପୂରଣ ହେଲାନି ସିଟ୍

### ଛତ୍ରପୁର, ବ୍ରହ୍ମପୁର, ହିଞ୍ଜିଳି ଓ ପୁରୁଷୋତ୍ତମପୁରରେ ଫାଙ୍କା

### ବ୍ରହ୍ମପୁର ଆଇଟିଆଇରେ ଛାତ୍ରୀଙ୍କ ସଂଖ୍ୟା ହ୍ରାସ




ବ୍ରହ୍ମପୁର,୧।୯ (ସମିସ)

ଗଞ୍ଜାମ ଜିଲ୍ଲାରେ ଥିବା ବିଭିନ୍ନ ସରକାରୀ ଆଇଟିଆଇ ଗୁଡ଼ିକରେ ଚଳିତବର୍ଷ ସମସ୍ତ ସିଟ୍ ପୂରଣ ହୋଇପାରିନି। ବିଗତ ଦିନଗୁଡ଼ିକରେ ଆଇଟିଆଇ ପ୍ରତି ବିଦ୍ୟାର୍ଥୀମାନେ ମନ ବଳାଇଥିବା ବେଳେ ଏବେ ମୁହଁ ଫେରାଉଥିବା ଦେଖିବାକୁ ମିଳୁଛି। ଏବେ ସ୍ପଟ ଆଡମିଶନ ସରିଥିବା ବେଳେ ବ୍ରହ୍ମପୁର, ଛତ୍ରପୁର, ହିଞ୍ଜିଳି ଓ ପୁରୁଷୋତ୍ତମପୁର ଆଇଟିଆଇରେ ସିଟ୍ ଫାଙ୍କା ପଡ଼ିଥିବା ଜଣାପଡ଼ିଛି। ବିଶେଷକରି ଛାତ୍ରୀଙ୍କ ନାମଲେଖାକୁ ନେଇ ବ୍ରହ୍ମପୁର ଆଇଟିଆଇ ବିଗତ ଦିନରେ ନୂତନ ଉଦାହରଣ ସୃଷ୍ଟି କରିଥିବା ବେଳେ ଚଳିତବର୍ଷ ପଛରେ ପଡ଼ିଥିବା ଲକ୍ଷ୍ୟ କରାଯାଇଛି। ଏହି ଅନୁଷ୍ଠାନ ପ୍ଲେସମେଣ୍ଟ ଓ ଦକ୍ଷତା ବୃଦ୍ଧିର ଏକ ପ୍ରତୀକ ଭାବେ ସାରା ଦେଶରେ ଖ୍ୟାତି ଅର୍ଜନ କରିଥିଲା। ନଷ୍ଟରୁ ଶ୍ରେଷ୍ଠ କଳାକୃତି ସୃଷ୍ଟି ଦିଗରେ ଏକ ମାଇଲଖୁଣ୍ଟ ସାଜିଥିଲା। କିନ୍ତୁ ଏହି ଅନୁଷ୍ଠାନରେ ମଧ୍ୟ ସମସ୍ତ ସିଟ୍ ପୂରଣ ନ ହେବା ପରିତାପର ବିଷୟ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଉଛି। ଦକ୍ଷତା ବିକାଶର ବିଭିନ୍ନ ଦିଗ ପ୍ରତି ମାଟ୍ରିକ୍ ଛାତ୍ରଛାତ୍ରୀଙ୍କୁ ସଚେତନ କରାଗଲାନି ନା ଛାତ୍ରଛାତ୍ରୀ ନିଜଆଡୁ ମୁହଁ ଫେରାଇଲେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଥିବା ବ୍ରହ୍ମପୁର ଆଇଟିଆଇରେ ଚଳିତବର୍ଷ ୧୪୫ଟି ସିଟ୍ ଫାଙ୍କା ପଡ଼ିଛି। ବିଗତବର୍ଷ ଏଠାରେ ବହୁ ପୂର୍ବରୁ ନାମଲେଖା ସରୁଥିଲା। ହେଲେ ଚଳିତବର୍ଷ ପ୍ରଥମ, ଦ୍ୱିତୀୟ ପର୍ଯ୍ୟାୟ ସମେତ ସ୍ପଟ୍ ଆଡମିଶନ ପ୍ରକ୍ରିୟା ସରିଥିଲେ ହେଁ ଏଠାରେ ସମସ୍ତ ସିଟ୍ ପୂରଣ ହୋଇପାରିନି। ବ୍ରହ୍ମପୁର ଆଇଟିଆଇରେ ବିଭିନ୍ନ ଟ୍ରେଡ୍‌ରେ ସମୁଦାୟ ୨୧୪୮ଟି ସିଟ୍ ରହିଥିବା ବେଳେ ସମ୍ପ୍ରତି ୨୦୦୩ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ତନ୍ମଧ୍ୟରୁ ୫୬୮ଜଣ ଝିଅ ରହିଛନ୍ତି। ଏଠାରେ ଚଳିତଥର ଛାତ୍ରୀଙ୍କ ନାମ ଲେଖା କମିବା ସହ ନିର୍ଦ୍ଧାରିତ ସମୟ ଭିତରେ ବି ସମସ୍ତ ସିଟ୍ ପୂରଣ ନ ହେବା ଚିନ୍ତାର ବିଷୟ ବୋଲି କୁହାଯାଇଛି। ଏହିକ୍ରମରେ ଥ୍ରୀ-ଡି ପେଣ୍ଟିଂ, ଇଣ୍ଡଷ୍ଟ୍ରିଆଲ ପେଣ୍ଟର, ମେରାଇନ ଇଞ୍ଜିନ ଫିଟର, ଟ୍ରାକ୍ଟର ମେକାନିକ ଭଳି ବିଭିନ୍ନ ବିଭାଗରେ ସିଟ୍ ଖାଲି ରହିଛି। ଏହାର କାରଣ ଖୋଜିବାକୁ ଯେମିତି କାହାର ଦରଦ ନଥିବା ମନେ ହେଉଛି। ସେହିଭଳି ଛତ୍ରପୁର ସରକାରୀ ଆଇଟିଆଇରେ ମୋଟ ୪୬୪ଟି ସିଟ୍ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪୫୮ଜଣ ନାମ ଲେଖାଇଛନ୍ତି। ଏଠାରେ ୬ଟି ସିଟ୍ ଖାଲି ପଡ଼ିଛି। ଅନୁରୂପ ଭାବେ ହିଞ୍ଜିଳିକାଟୁ ସରକାରୀ ଆଇଟିଆଇରେ ସମୁଦାୟ ୬୮୪ଟି ସିଟ୍ ରହିଥିବା ସ୍ଥଳେ ୬୧୭ଜଣ ନାମ ଲେଖାଇ ସାରିଛନ୍ତି। ଏଠାରେ ୬୭ଟି ସିଟ୍ ଖାଲି ରହିଛି। ସେହିପରି ପୁରୁଷୋତ୍ତମପୁର ସରକାରୀ ଆଇଟିଆଇରେ ୬୨୦ଟି ସିଟ୍ ରହିଛି। ଏଠାରେ ୬୦୨ଜଣ ନାମ ଲେଖାଇଛନ୍ତି। ୧୮ଟି ସିଟ୍ ଖାଲିପଡ଼ିଛି। ଅନ୍ୟ ଗୋଟିଏ ଦୁଇଟି ସରକାରୀ ଆଇଟିଆଇରେ ସମସ୍ତ ସିଟ୍ ପୂରଣ ହୋଇଥିବା ସୂଚନା ମିଳିଛି। ପ୍ରକାଶଯୋଗ୍ୟ ଯେ, ରାଜ୍ୟରେ ସରକାରୀ ଆଇଟିଆଇ ଗୁଡ଼ିକରେ ନାମଲେଖା ନେଇ ପ୍ରଥମେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହିକ୍ରମରେ ଅନେକ ବିଦ୍ୟାର୍ଥୀ ଆବେଦନ କରିଥିଲେ। ଜୁନ ୨୮ରୁ ଜୁଲାଇ ୨ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ନାମଲେଖା ଅନୁଷ୍ଠିତ ହୋଇଥିଲା। ସେହିଭଳି ଜୁଲାଇ ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହୋଇଥିଲା। ତତପରେ ଅଗଷ୍ଟ ୧୧ରୁ ୩୦ତାରିଖ ପର୍ଯ୍ୟନ୍ତ ସ୍ପଷ୍ଟ ଆଡ଼ମିଶନ ହୋଇଥିଲା। ଏହିକ୍ରମରେ ସମ୍ପ୍ରତି ଆଇଟିଆଇ ଗୁଡ଼ିକରେ ନାମଲେଖା ପ୍ରକ୍ରିୟା ଶେଷ ହୋଇଛି। ବହୁ ଅନୁଷ୍ଠାନରେ ସିଟ୍ ଖାଲି ପଡ଼ିଥିବାରୁ ସରକାର ନାମଲେଖା ନେଇ ପୁନଃ ବିଜ୍ଞପ୍ତି ପ୍ରକାଶ କରିପାରନ୍ତି ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଜିଲ୍ଲାରେ ଥିବା ବହୁ ବେସରକାରୀ ଆଇଟିଆଇ ଗୁଡ଼ିକରେ ମଧ୍ୟ ସିଟ୍ ଖାଲି ପଡ଼ିଥିବା ସୂଚନା ମିଳିଛି।

## ଏବିଭିପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ବ୍ରହ୍ମପୁର,୧।୯ (ସମିସ)

ବ୍ରହ୍ମପୁର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା(ପୂର୍ବ) ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସମାପ୍ତ ହୋଇଯାଇଛି। ପ୍ରଥମ ଦିବସରେ ସାଙ୍ଗଠନିକ ସ୍ଥିତି ଓ ସୁଦୃଢ଼ୀକରଣ ଉପରେ ଆଲୋଚନା ହୋଇଥିବା ବେଳେ ଦ୍ୱିତୀୟ ଦିବସରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟ, ଆୟାମ ଗତିବିଧି ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଓଡ଼ିଶାର ପୂର୍ବ ପ୍ରାନ୍ତରୁ ୧୫୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ ସଙ୍ଗଠନ ସମ୍ପାଦକ ଅପାଂଶୁ ଶେଖର ସିଲ, କ୍ଷେତ୍ରୀୟ ସହ ସଙ୍ଗଠନ ସମ୍ପାଦକ ବୈଲୋଚନ ସାହୁ, ରାଜ୍ୟ ସଭାପତି ଶ୍ରୀମତୀ ଗାର୍ଗୀ ବାନାର୍ଜୀ, ପୂର୍ବପ୍ରାନ୍ତର ପ୍ରାନ୍ତ ସଙ୍ଗଠନ ସମ୍ପାଦକ ବୁଦ୍ଧଦେବ ବାଘ, ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରାଜ୍ୟ କାର୍ଯ୍ୟକାରିଣୀରେ ଆଗାମୀ ଦିନରେ ବିଭିନ୍ନ କଲେଜ୍ କ୍ୟାମ୍ପସରେ ଶିକ୍ଷାର୍ଥୀମାନଙ୍କ ବ୍ୟକ୍ତିତ୍ୱ ବିକାଶ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସିଡ଼ିଡି, ସାଂପ୍ରତିକ ପରିସ୍ଥିତିରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ନିମନ୍ତେ ମିଶନ ସାହସୀ ଭଳି କାର୍ଯ୍ୟକ୍ରମ ଆଗାମୀ ଛାତ୍ରସଂସଦ ନିର୍ବାଚନ ନିମନ୍ତେ ସମସ୍ତ କଲେଜ କ୍ୟାମ୍ପସରେ ଏବିଭିପି ସକ୍ରିୟତାର ସହ ଛାତ୍ରମାନଙ୍କ ମୌଳିକ ଅଧିକାର ଶିକ୍ଷା, ସୁରକ୍ଷା ଓ ରୋଜଗାର ବିଷୟ ଉପରେ ଗୁରୁତ୍ୱର ସହ ଆଲୋଚନା ହୋଇଥିଲା।

ପ୍ରତ୍ୟେକ କଲେଜ୍ କ୍ୟାମ୍ପସରେ ନିଜର ସବୁ ସକାରାତ୍ମକ ଦୃଷ୍ଟିକୋଣ ସହ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଓ ସାମାଜିକ କ୍ଷେତ୍ରରେ ଷ୍ଟୁଡେଣ୍ଟ୍ ଫର୍ ସେବା, ଷ୍ଟୁଡେଣ୍ଟସ ଫର୍ ଡେଭଲପମେଣ୍ଟ, ମେଡିଭିଜନ, ଥିଙ୍କ ଇଣ୍ଡିଆ, ଖେଲୋ ଭାରତ, ମିଶନ ସାହସୀ, ଆୟାମ ଓ ଗତିବିଧିର କାର୍ଯ୍ୟ ସମସ୍ତ କ୍ୟାମ୍ପସରେ ଆରମ୍ଭ ସହ କାର୍ଯ୍ୟବୃଦ୍ଧି ଉପରେ ଆଲୋକପାତ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀରେ ଦୁଇଟି ସ୍ଥିତି ଯଥା ଶିକ୍ଷା ସ୍ଥିତି ଓ ରାଜ୍ୟ ସ୍ଥିତି ଉପରେ ପ୍ରସ୍ତାବ ପାରିତ ହୋଇଥିଲା। ଶିକ୍ଷା ସ୍ଥିତି ପ୍ରସ୍ତାବରେ ଅଧ୍ୟାପକ ନିଯୁକ୍ତି, ଲାଇବ୍ରେରୀ, ଅନ୍ତରୀଣ ପ୍ରାଥମିକ ପରିଚାଳନା କମିଟିରେ ଛାତ୍ରମାନଙ୍କୁ ସଦସ୍ୟ ରୂପେ ଅଂଶଗ୍ରହଣ, ସଠିକ୍ ସମୟରେ କଲେଜରେ ପ୍ରବେଶ ଓ ପ୍ରସ୍ଥାନ ସହିତ ପରୀକ୍ଷାର ସମୟ ସୀମା ସଠିକ୍ ରୂପେ କଲେଜ୍ କର୍ତ୍ତୃପକ୍ଷଙ୍କ ପରିଚାଳନା ଉପରେ ପ୍ରସ୍ତାବ ରଖାଯାଇଥିଲା। ସେହିଭଳି ସାମାଜିକ ସ୍ଥିତି ପ୍ରସ୍ତାବରେ ବିଭିନ୍ନ ମେଡ଼ିକାଲ୍ କଲେଜରେ ଡାକ୍ତର ଓ ନର୍ସର ମରୁଡ଼ି ଅଭାବ, ଆଧୁନିକ ଯନ୍ତ୍ରପାତିର ଘୋର ଅଭାବ ଆଦି ବିଷୟ ଉପରେ ପ୍ରସ୍ତାବ ପାରିତ ହୋଇଥିଲା। ସମାରୋପ ସତ୍ରରେ କ୍ଷେତ୍ରୀୟ ସହସଙ୍ଗଠନ ସମ୍ପାଦକ ବୈଲୋଚନ ସାହୁ ଆଗାମୀ କାର୍ଯ୍ୟକ୍ରମ ଉପରେ ବିଦ୍ୟାର୍ଥୀମାନଙ୍କୁ ସୂଚନା ଦେଇଥିଲେ। ରାଜ୍ୟ ସଭାପତି ଅଧ୍ୟାପିକା ଗାର୍ଗୀ ବାନାର୍ଜୀ ଗଞ୍ଜାମ ବିଭାଗର ସର୍ବବିଧ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ପରିଶେଷରେ ସମ୍ପୂର୍ଣ୍ଣ ବ୍ୟବସ୍ଥା ସହପ୍ରମୁଖ ପ୍ରତ୍ୟୁଷ ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରି ଅଭିଯୋଗରେ ଦୁଇ ଗିରଫ



ବ୍ରହ୍ମପୁର,୧।୯ (ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ମୋନାର୍କ ଛକ ନିକଟରେ ଥିବା ଭଞ୍ଜ ବିହାର ସରସ୍ୱତୀ ଶିଶୁ ମନ୍ଦିରର ଚୋରି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ପୁଲିସ। ସେମାନେ ହେଲେ ପୁରୁଣା ଗୋଲାବନ୍ଧର ବି.ଯଶବନ୍ତ ରାଓ(୨୨), ଏସ.ଭରତ(୨୦) ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ସୂଚନା ପ୍ରକାରେ ଗତ ୨୭ ତାରିଖ ରାତିରେ ଏହି ସ୍କୁଲର ଗ୍ରୀଲ ତାଲା ଭାଙ୍ଗି ୟୁପିଏସ, ଚକଲେଟ ଡବା ଏବଂ ଏଟିଏମ କାର୍ଡ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପ୍ରକାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରି ସେଠାରୁ ଭଙ୍ଗା ତାଲା ଓ ଲୁହା ଗଡି ଜବତ କରିଥିଲା। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ବେଳେ ରଙ୍ଗେଇଲୁଣ୍ଡା ବିମାନ ବନ୍ଦର ନିକଟରେ ୨ଯୁବକଙ୍କ ଉପରେ ସନ୍ଦେହ ହେବା ପରେ ସେମାନଙ୍କୁ କାବୁ କରି ପଚରା ଉଚରା କରିଥିଲା। ବ୍ୟାଗରେ ଥିବା ଭଙ୍ଗା ଲୁହା, ଚକଲେଟ ଓ ଆଲମାରୀ ହେଣ୍ଡେଲ ଅନାନ୍ୟ ସାମଗ୍ରୀ ରହିଥିଲା। ସେମାନଙ୍କ ଠାରୁ ୟୁପିଏସ, ଏଟିଏମ କାର୍ଡ ସହ ୪୧୫ ଟଙ୍କା ଜବତ କରି କରିଛି ପୁଲିସ। ପୁଲିସ ଉପରୋକ୍ତ ଅଭିଯୁକ୍ତଙ୍କ ଠାରୁ ବହୁ ତଥ୍ୟ ହାସଲ କରିଛି। ମାଣ୍ଡିଆପଲ୍ଲୀ ଛକ ନିକଟରୁ ଏକ ବାଇକ (ଓଆର ୦୭ ୟୁ ୯୧୪୮) ଚୋରି କରିବା ଓ ମୋନାର୍କ ଛକ ନିକଟରେ ଥିବା ଏକ ଘରୁ ସିସି କ୍ୟାମେରାର ହାର ଡିସ୍କ ସହ ୧୭ ଶହ ୩୨ ଟଙ୍କା ଚୋରି କରିଥିବା ପୁଲିସ ନିକଟରେ ସ୍ୱୀକାର କରିଥିଲେ। ସେହିପରି ଚୋରି କରିଥିବା ବାଇକରେ ଯାଇ ହଳଦିଆପଦର ଏକ ଦୋକାନ ଭାଙ୍ଗି କିଛି ମେଡ଼ିସିନ ଓ ୩୦ହଜାର ଟଙ୍କା ଚୋରି କରିଥିବା ଅଭିଯୁକ୍ତମାନେ ପୁଲିସ ନିକଟରେ ମାନିଥିଲେ। ପୁଲିସ ସେମାନଙ୍କ ଠାରୁ କିଛି ସାମଗ୍ରୀ ସହ ୧୬ ହଜାର ୨୩୨ ଟଙ୍କା ଜବତ କରିଥିଲା। କେବଳ ଏତିକି ନୁହେଁ ଗତ ଅଗଷ୍ଟ ୨୨ତାରିଖ ରାତିରେ ମାଣ୍ଡିଆପଲ୍ଲୀ ଛକ ଶିରିଡ଼ି ସାଇ ମନ୍ଦିର ନିକଟରେ ପ୍ରଦୀପ କୁମାର ନାୟକଙ୍କ ଏକ କାର ଗ୍ଲାସ ଭାଙ୍ଗି କ୍ୟାମେରା ସହ କିଛି ସାମଗ୍ରୀ ଚୋରି କରିଥିଲେ ଉପରୋକ୍ତ ଅଭିଯୁକ୍ତମାନେ ବୋଲି ପୁଲିସ ତଦନ୍ତରେ ଜଣାପଡିଛି। ବ୍ରହ୍ମପୁର ପୁଲିସ ଉପରୋକ୍ତ ଘଟଣାରେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବ ବୋଲି ଜଣାପଡ଼ିଛି।

## ଶ୍ରମିକଙ୍କ ସମସ୍ୟା ନେଇ ଟିୟୁସିଆଇର ବୈଠକ

ବ୍ରହ୍ମପୁର,୧।୯ (ସମିସ): ଟିୟୁସିଆଇ ପକ୍ଷରୁ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ନେଇ ସୋମବାର ଗଞ୍ଜାମ କଳା ପରିଷଦରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକଙ୍କ କ୍ଷେତ୍ରରେ ସମାନ କାମକୁ ସମାନ ମଜୁରୀ ପ୍ରଦାନ କରାଯାଉନଥିବା ବେଳେ ସର୍ବନିମ୍ନ ମଜୁରୀ ଆଇନକୁ ଉଲଙ୍ଘନ କରାଯାଉଛି। ବିଭିନ୍ନ ସ୍ଥାନରେ ସଫେଇ କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ ଓ ସୁରକ୍ଷା କର୍ମଚାରୀ ଆଦିଙ୍କୁ ସ୍ଥାୟୀ ନିଯୁକ୍ତି ବଦଳରେ ଏଜେନ୍ସି ଜରିଆରେ ଠିକା ନିଯୁକ୍ତି ଦେଇ ଶ୍ରମ ଶୋଷଣ କରାଯାଉଛି। ସେହିପରି ଶ୍ରମିକମାନଙ୍କ




ଭବିଷ୍ୟନିଧି ପାଣ୍ଠି(ଇପିଏଫ) ଆଇନ ଓ ମଜୁରୀ ପୈଠ ଆଇନକୁ ମଧ୍ୟ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଥିବା ଟିୟୁସିଆଇର ରାଜ୍ୟ ସମ୍ପାଦକ ଶଙ୍କର ଇନକିଲାବ କହିଛନ୍ତି। ସେଦିଗରେ ପଦକ୍ଷେପ ନେବା ବଦଳରେ କର୍ପୋରେଟ ସ୍ୱାର୍ଥରେ ଶ୍ରମିକ ବିରୋଧି ୪ଟି ଶ୍ରମ ସଂହିତା କାର୍ଯ୍ୟକାରୀ କରୁଛନ୍ତି। ରାଜ୍ୟବାସୀଙ୍କ ଠାରୁ ଅଧିକ ଟିକସ ଆଦାୟ କରିବା ପାଇଁ ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପୌରପାଳିକା ଘୋଷଣା ହେଉଛି କିନ୍ତୁ ଏଥିରେ ସେବା ପ୍ରଦାନ କରୁଥିବା ଶ୍ରମିକ ଓ କର୍ମଚାରୀଙ୍କ ଭବିଷ୍ୟତ ପାଇଁ କାହାରି ନିଘା ନାହିଁ। ଏଥିସହିତ ମନରେଗା ଶ୍ରମିକଙ୍କ ପରିବାରରୁ ୨ଜଣଙ୍କୁ ବର୍ଷ ତମାମ କାମ ଯୋଗାଇବା, ଠିକା ନିଯୁକ୍ତିକୁ ସଂପୂର୍ଣ୍ଣ ରଦ୍ଦ କରି ସ୍ଥାୟୀ ନିଯୁକ୍ତି, ଶ୍ରମିକ ବିରୋଧି ୪ଶ୍ରମ ସଂହିତାର ପ୍ରତ୍ୟାହାର, ମାସିକ ସର୍ବନିମ୍ନ ମଜୁରି ୩୧ ହଜାର ଟଙ୍କାକୁ ବୃଦ୍ଧି କରିବା ଆଦି ପଦକ୍ଷେପ ହିଁ ଦାଦନ ରୋକିବା ପାଇଁ ସହାୟକ ହେବ ବୋଲି ମତପ୍ରକାଶ ପାଇଥିଲା। ଶ୍ରମ ଆଇନର ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ୧୦ସେପ୍ଟେମ୍ବର ୨୦୨୫ମସିହାରେ ଯୁଗ୍ମ ଶ୍ରମ କମିସନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟିୟୁସିଆଇର ରାଜ୍ୟ ସଂପାଦକ ଶଙ୍କର ଇନକିଲାବ, ଓଡିଶା ମନରେଗା ଶ୍ରମିକ ୟୁନିଅନର ନେତ୍ରୀ ପି. ପାର୍ବତୀ, ଓଡିଶା ନିର୍ମାଣ ଶ୍ରମିକ ୟୁନିଅନର ରାମଚନ୍ଦ୍ର ବାଡତ୍ୟା ଓ ଯଶୋଦା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସଫେଇ କର୍ମଚାରୀଙ୍କୁ ଜାତିଆଣ ଉଦ୍ଦେଶ୍ୟରେ ବଡ଼ାଖାନାକୁ ବାରଣ

### ମନ୍ତ୍ରୀଙ୍କ ଲୋକ ପାଇଁ ଖାଇବା ହୋଇଥିବା କହିଲେ ଏନ୍‌ଏସି କର୍ତ୍ତୃପକ୍ଷ

ବ୍ରହ୍ମପୁର,୧।୯ (ସମିସ)




ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ୱାୟତ୍ତ ଶାସନ ଦିବସ ସମାରୋହ ପାଳନ ଅବସରରେ ପରିମଳ କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ସଫେଇ କର୍ମଚାରୀଙ୍କୁ ଅଣଦେଖା କରାଯିବା ସହ ଦଳିତ, ଅଛୁଆଁ ବୋଲି ଦର୍ଶାଇ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରୁ ବାରଣ କରି ଭୋକିଲାରେ ଘଉଡ଼ାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ପୌର କର୍ମଚାରୀଙ୍କ ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ଥାନୀୟ ଜନସାଧାରଣ ମଧ୍ୟ ସାମିଲ ହୋଇଥିଲେ। ତେବେ ସଫେଇ କର୍ମଚାରୀଙ୍କୁ ଜାତିଆଣ ଆକ୍ଷେପ କରାଯାଇ ଭୋଜନ କାର୍ଯ୍ୟକ୍ରମରୁ ଦୁରେଇ ରଖାଯିବା ଘଟଣାକୁ ନେଇ ବିବାଦ ଦେଖାଦେଇଛି। ଏପରିକି ଖୋଦ ଏନଏସି ଅଧ୍ୟକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପାଖରେ ଅଭିଯୋଗ ପରେ ସଫେଇ କର୍ମଚାରୀଙ୍କ ପାଇଁ ଭୋଜନର ବ୍ୟବସ୍ଥା ହାଇନାହିଁ ପରବର୍ତ୍ତି ସମୟରେ ସେମାନଙ୍କ ପାଇଁ ବ୍ୟବସ୍ଥା କରାଯିବା ବୋଲି କହି ଘଉଡାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ରବିବାର ଏନଏସି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଉପସ୍ଥିତ ରହି ବିଳମ୍ବିତ ସମୟ ପର୍ଯ୍ୟନ୍ତ ସଫେଇ କର୍ମଚାରୀଙ୍କୁ ଅପେକ୍ଷା କରିବାକୁ କୁହାଯାଇଥିଲା ଓ ସମସ୍ତଙ୍କ ସମ୍ବର୍ଦ୍ଧନା ପରେ ଶେଷରେ ପୋଷାକ ବିତରଣ କରାଯାଇଥିଲା। ଅପରାହ୍ନ ୩ଟା ପରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରୁ ସଫେଇ କର୍ମଚାରୀଙ୍କୁ ଘଉଡ଼ାଇ ଦେବା ଭଳି ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି। ଫଳରେ ସଫେଇ କର୍ମଚାରୀ ସଙ୍ଘ ପକ୍ଷରୁ ଏହି ଘଟଣାକୁ ତୀବ୍ର ବିରୋଧ କରାଯାଇ ସେମାନଙ୍କୁ ପ୍ରଦାନ କରାଯାଇଥିବା ସମସ୍ତ ପୋଷାକକୁ ଫେରାଇ ଦେଇ ନିଜର ଅସନ୍ତୋଷ ବ୍ୟକ୍ତ କରିଥିବା ଜଣାପଡ଼ିଛି। ଏହି ଜାତିଆଣ ଆକ୍ଷେପ ଘଟଣାକୁ ନେଇ ନ୍ୟାୟିକ ତଦନ୍ତ କରିବା ସହ ଗତ ଦୁଇବର୍ଷ ଧରି ବଡ଼ାଖାନା ଆୟୋଜନ ନକରିବା ଘଟଣାର ମଧ୍ୟ ତଦନ୍ତ କରିବାକୁ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବି ରଖାଯାଇଛି। ସପ୍ତାହକ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନା ପାଇଁ ରାସ୍ତାକୁ ଓହ୍ଲାଇବାକୁ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘର ରାଜ୍ୟ ଆବାହକ ପ୍ରତାପ ପ୍ରଧାନ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପୌର କର୍ମଚାରୀ ସଙ୍ଘ ସଭାପତି ଟୁନା ରଥ, ରାହୁଲ ନାୟକ, ଲିବୁ ନାୟକ ଓ ମିଥୁନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର
ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/07 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|
| ସହକାରୀ ତଥ୍ୟ ସୁରକ୍ଷା ଅଧିକାରୀ | 1 | 45 |

ବିଜ୍ଞାପନ ସଂ. CRPD/SCO/2025-26/09 (ନିୟମିତ ପଦବୀ)

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (31.05.2025 କଟ୍ ଅଫ୍) |
|---|---|---|---|
| ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 40 |
| ଡେପୁଟି ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 25.08.2025 ରୁ 15.09.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 25.08.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ଶ୍ରୀକ୍ଷେତ୍ର ସିଟି

୧/୯/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୪୪,୧୯୪/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୩୦.୪୦୦ ଗ୍ରାମ୍





## ଶ୍ରୀମନ୍ଦିର ପରିସରରେ ଖୋଲିଲା ସ୍ତନ୍ୟପାନ ଗୃହ

ପୁରୀ,୧।୯ (ସମିସ): ଶ୍ରୀମନ୍ଦିର ପରିସରରେ ହୋଇଛି ଶିଶୁ ତଥା ମା'ମାନଙ୍କ ସକାଶେ ମାତୃ ଶିଶୁ ସ୍ତନ୍ୟପାନ ଗୃହ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ମନ୍ଦିର ଭିତରେ ଶାଖା କାର୍ଯ୍ୟାଳୟ ତଳେ ଶୀତତାପ ନିୟନ୍ତ୍ରିତ ଏକ ଗୃହରେ ଏକକାଳୀନ ୪ଜଣ ମହିଳା ଶିଶୁଙ୍କୁ ସ୍ତନ୍ୟପାନ କରାଇପାରିବେ। ସେପଟେ ଏଥିରେ ଦୁଇ ଜଣ ଲେଖାଏଁ ମହିଳା ଜେଟିପିଙ୍କୁ ନିୟୋଜିତ କରାଯାଇଛି। ଶ୍ରୀମନ୍ଦିରକୁ ପ୍ରତିଦିନ ବହୁ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ଆସୁଥିବାବେଳେ ଅନେକ ମା' ନିଜ ଛୋଟ ଶିଶୁଙ୍କୁ ନେଇ ଆସିଥା'ନ୍ତି। ବିଶେଷକରି ସ୍ତନ୍ୟପାନ ଉପରେ ନିର୍ଭରଶୀଳ ଶିଶୁ ଏବଂ ମା'ମାନଙ୍କ ଆବଶ୍ୟକତାକୁ ନଜରରେ ରଖି ଶ୍ରୀମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ସ୍ତନ୍ୟପାନ ଗୃହ କରାଯିବାକୁ ଯୋଜନା ହୋଇଥିବାବେଳେ ସୋମବାରଠାରୁ ଏହା କାର୍ଯ୍ୟକ୍ଷମ ହୋଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ଉଭୟ ଭକ୍ତ ଓ ସେବାୟତ ସ୍ୱାଗତ କରିଛନ୍ତି। ଏହା ବ୍ୟତୀତ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ମଧ୍ୟ ସ୍ତନ୍ୟପାନ କକ୍ଷର ଆବଶ୍ୟକତା ରହିଛି। ଅନ୍ୟପଟେ ଏହି ସ୍ତନ୍ୟପାନ କକ୍ଷରେ ମେଡିକାଲ ଟିମ୍ ମଧ୍ୟ ମୁତୟନ ହୋଇଥିବା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ କହିଛନ୍ତି।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



ପୁରୀ,୧।୯ (ସମିସ): ପୁରୀ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ୍ ୧୨୨ଟି ଅଭିଯୋଗ ମିଳିଥିଲା। ସେଥିରୁ ୯୪ଟି ବ୍ୟକ୍ତିଗତ, ୨୦ଟି ଗ୍ରାମ ସମ୍ବନ୍ଧୀୟ ଓ ୮ ଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା। ତତ୍‌କ୍ଷଣାତ୍ ୧୬ଟିର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ପ୍ରେରଣ କରାଯାଇଥିଲା। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ଭାରପ୍ରାପ୍ତ ଅଭିଯୋଗ ଶୁଣାଣି ଅଧିକାରୀ ପଞ୍ଚାନନ ପରିଜା ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଆସନ୍ତା ୮ ତାରିଖରେ ପିପିଲି ବ୍ଲକ୍ ସମ୍ମିଳନୀ କକ୍ଷରେ, ୧୫ରେ ଡେଲାଙ୍ଗ ବ୍ଲକ୍ ସମ୍ମିଳନୀ କକ୍ଷରେ ଓ ୨୨ ତାରିଖରେ ଗୋପ ବ୍ଲକ୍ ସମ୍ମିଳନୀ କକ୍ଷରେ ଦିନ ୧୦ଟା ସମୟରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଅଭିଯୋଗ ପ୍ରକୋଷ୍ଠ ସୂତ୍ରରୁ ପ୍ରକାଶ।

## ବୃଦ୍ଧାଶ୍ରମର ପ୍ରଥମ ମହଲା ଗୃହ ପ୍ରବେଶ ଉତ୍ସବ

ପୁରୀ,୧।୯ (ସମିସ): ପୁରୀର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ହୋପ୍ ଇଜ୍ ଲାଇଫ୍ ପକ୍ଷରୁ ପରିଚାଳିତ ବୃଦ୍ଧାଶ୍ରମ ପ୍ରଥମ ମହଲା ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ୨୦୨୦ ଫେବୃଆରୀ ୯ରେ ଏକ ଭଡ଼ା ଘରୁ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନ ଆଜି ଏକ ଦ୍ରୁମରେ ପରିଣତ ହୋଇଛି। ଅନୁଷ୍ଠାନରେ ପ୍ରତ୍ୟେକ ସଦସ୍ୟ ଓ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ୨୦୨୪ ଜାନୁଆରୀ ୧୩ରେ ପୁରୀ ସଦର ବେଲଦଳଠାରେ ଅନୁଷ୍ଠାନର ନିଜସ୍ୱ କୋଠାରେ ବୃଦ୍ଧାଶ୍ରମ ଆରମ୍ଭ ହୋଇଥିଲା। ଭାଦ୍ରବ ଶୁକ୍ଳ ଅଷ୍ଟମୀରେ ବୃଦ୍ଧାଶ୍ରମ ପ୍ରଥମ ମହଲା ଗୃହ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ବୃଦ୍ଧାଶ୍ରମରେ ବର୍ତ୍ତମାନ ୨୭ ଜଣ ବାପା-ମାଆ ରହୁଥିବାବେଳେ ପ୍ରଥମ ମହଲା ପରେ ଆହୁରି ୧୫ ଜଣ ବୃଦ୍ଧ ବାପା-ମାଆ ରହିପାରିବେ।

# ମଙ୍ଗଳା ପୀଠ ଓ ଦେଉଳି ମଠକୁ ରଥ ଚକ ଦିଆଯାଉ

ପୁରୀ,୧।୯ (ସମିସ): ପୁରୀ ଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠ ଓ ଦେଉଳି ମଠକୁ ଗୋଟିଏ ଲେଖାଏଁ 'ରଥଚକ' ପ୍ରଦାନ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦୀର୍ଘ ଦିନ ଧରି ଦାବି କରି ଆସୁଛନ୍ତି। ପରମ୍ପରା ଅନୁସାରେ, ମହାପ୍ରଭୁଙ୍କ ସମେତ ଚତୁର୍ଦ୍ଧାମୂର୍ତ୍ତିଙ୍କର ନବକଳେବର ସମୟରେ ଦାରୁସନ୍ଧାନରେ ଦଇତାପତିମାନେ ଶ୍ରୀକ୍ଷେତ୍ରରୁ ଯାତ୍ରା ଆରମ୍ଭ କରିଥା'ନ୍ତି କାକଟପୁର ମା' ମଙ୍ଗଳାଙ୍କ ପୀଠକୁ। ଏହି ଦଇତାପତିମାନଙ୍କ ସଦଳବଳେ ପ୍ରଥମେ ମା'ଙ୍କ ପାଖରେ ପୂଜାର୍ଚ୍ଚନା କରି ପରବର୍ତ୍ତି ସମୟରେ ଦେଉଳି ମଠରେ ରାତ୍ରିଯାପନ କରିବା ସହ ମା'ଙ୍କ ନିକଟରେ ଅଧିଆ ପଡ଼ିଥା'ନ୍ତି। ତାଙ୍କଠାରୁ ସ୍ୱପ୍ନାଦେଶ ପରେ ଦାରୁ ସନ୍ଧାନ ହୋଇଥାଏ। ଏହି ପ୍ରସ୍ତୁତି କାଳରେ ସେମାନେ ଆଦ୍ୟ ଲିଳା କ୍ଷେତ୍ର ରୂପେ ପରିଚିତ ମଙ୍ଗଳା ମନ୍ଦିର ନିକଟ ଦେଉଳି ମଠରେ ଅବସ୍ଥାନ କରିବାର ପରମ୍ପରା ଅଛି। ସ୍ୱପ୍ନାଦେଶ ନ ହେବା ପର୍ଯ୍ୟନ୍ତ ଅନୁସନ୍ଧାନକାରୀ ଦଳ ଏହି ମଠରେ ଶିବିର ସ୍ଥାପନ କରି ରହିଥାଆନ୍ତି। ମା'ଙ୍କ ସ୍ୱପ୍ନାଦେଶ ପ୍ରାପ୍ତି ପରେ ସେମାନେ ନିର୍ଦ୍ଦେଶିତ ମାର୍ଗରେ ଯାତ୍ରାକରି ଦାରୁ ପ୍ରାପ୍ତି ପରେ ଯଥାରୀତି ପାଳନ ପୂର୍ବକ ଶ୍ରୀକ୍ଷେତ୍ରକୁ ପ୍ରତ୍ୟାବର୍ତ୍ତନ କରିଥାଆନ୍ତି। ସେଥିପାଇଁ ମଙ୍ଗଳା ପୀଠ ଓ ଦେଉଳି ମଠକୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ଲୀଳା କ୍ଷେତ୍ର ବୋଲି କୁହାଯାଏ। ୧୯୬୯ରେ ଦେଉଳି ମଠ ପରିସରରୁ ସୁଦର୍ଶନଙ୍କ ଦାରୁ ଏବଂ ୧୯୯୨ରେ ନବକଳେବର ସମୟରେ ଅସ୍ତରଙ୍ଗ ନିକଟସ୍ଥ ମାଳଦା ଗ୍ରାମରୁ ମା' ସୁଭଦ୍ରାଙ୍କ ଦାରୁ ମିଳିଥିଲା। ମାତ୍ର ଏଯାବତ୍ ଏହି ପୀଠମାନଙ୍କରେ ଶ୍ରୀଜୀଉଙ୍କର ସ୍ମାରକୀ ସ୍ୱରୂପ 'ରଥଚକ' ରଖାଯାଇପାରି ନାହିଁ। ତେଣୁ ଏହି ପୀଠକୁ ମହାପ୍ରଭୁଙ୍କ ରଥଚକ ପ୍ରଦାନ କରିବାକୁ ସୋମବାର



କେତେକ ପ୍ରତିନିଧିମଣ୍ଡଳୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି।

ମା' ମଙ୍ଗଳାଙ୍କ ମନ୍ଦିର ପରିସରରେ ଗୋଟିଏ ରଥ ଚକ, ଦେଉଳି ମଠ ପରିସରରେ ତିନିଟି ରଥଚକ ଓ ମାଳଦା ଗ୍ରାମରୁ ଦାରୁ ପ୍ରାପ୍ତି ପରେ ତା'ର ସ୍ମାରକୀ ସ୍ୱରୂପ ଏକ ସୁଭଦ୍ରା ମନ୍ଦିର ନିର୍ମାଣ ସରିଛି। ସେହି ମନ୍ଦିର ପ୍ରାଙ୍ଗଣରେ ଏକ ରଥ ଚକ ସ୍ଥାପନ କରିବାର ବ୍ୟବସ୍ଥା କରାଗଲେ ଏହି ସ୍ଥାନମାନଙ୍କର ସମ୍ପତ୍ତିର ଯଥାର୍ଥତା ବଜାୟ ରହିବା ସଙ୍ଗେ ସଙ୍ଗେ ପୀଠମାନଙ୍କର ମହିମା ପ୍ରଚାରପ୍ରସାର ହୋଇପାରିବ। ତେଣୁ ମହାପ୍ରଭୁଙ୍କ ବିଶ୍ୱାବାସୁ ସେବକ ବିନାୟକ ଦାଶମହାପାତ୍ରଙ୍କ ସହ କାକଟପୁର-ଅସ୍ତରଙ୍ଗ ଅଞ୍ଚଳବାସୀଙ୍କ ପ୍ରତିନିଧି ଭାବେ ସ୍ଥାନୀୟ ଅଞ୍ଚଳର ଲୋକପ୍ରତିନିଧି ତଥା ପୂର୍ବତନ ବିଧାୟକ ରବି ମଲ୍ଲିକ, ଅସ୍ତରଙ୍ଗ ସାମ୍ବାଦିକ ସଂଘର ଉପଦେଷ୍ଟା ତଥା ସମାଜସେବୀ ପ୍ରତାପ ପରିଡ଼ା, ଅଶୋକ ପଡ଼ିଆରୀ, ଦେଉଳି ମଠ ସେବାୟତ ମିତୁ ରଞ୍ଜନ ଦୀକ୍ଷିତ, ସାମ୍ବାଦିକ ନିରଞ୍ଜନ ଦାସ, ଦୁଃଶାସନ ନାୟକ, ପ୍ରସାର ଖୁଣ୍ଟିଆ, ବିଶ୍ୱରଞ୍ଜନ ବିଶ୍ୱଶ୍ରୀ, ଲୋକନାଥ ସ୍ୱାଇଁ, ଆର୍ଯ୍ୟ ବିଶ୍ୱାଳ, ସମୀର ବେହେରା, ଆର୍ତ୍ତତ୍ରାଣ ମହାନ୍ତି, ସମୀର କର, ଆଦିତ୍ୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି କାକଟପୁର-ଅସ୍ତରଙ୍ଗର ପ୍ରମୁଖ ଦାରୁକ୍ଷେତ୍ରଗୁଡ଼ିକୁ ରଥ ଚକ ପ୍ରଦାନ କରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କୁ ପ୍ରଦାନ କରାଯାଇଛି।

## ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ୩୬ତମ ସାରସ୍ୱତ ସମାରୋହ

ପୁରୀ,୧।୯ (ସମିସ): ପୂଜ୍ୟପୂଜାର ଅନ୍ୟତମ ଅଗ୍ରଣୀ ଓ ପ୍ରାଚୀନ ସାରସ୍ୱତ ସଂଗଠନ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ୩୬ତମ ବାର୍ଷିକ ଉତ୍ସବ, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ, ରାଜ୍ୟସ୍ତରୀୟ କବି ଲେଖକ



ସମ୍ମେଳନ, ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ ଓ ବିବିଧ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ ଗତ ରବିବାର ପବିତ୍ର ରାଧାଷ୍ଟମୀ ତିଥିରେ ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠାନର ସଭାପତି ସଦାଶିବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତ ଓ ଅନ୍ୟାନ୍ୟ ଗ୍ରନ୍ଥ ଓଡ଼ିଆ ଅସ୍ମିତାର ଏକ ଅନନ୍ୟ ଗ୍ରନ୍ଥ। ଅତିବଡ଼ୀଙ୍କ ଜନ୍ମପୀଠ କପିଳେଶ୍ୱରପୁର ଗ୍ରାମ, ସାଧନା ପୀଠ ବଡ଼ ଓଡ଼ିଆ ମଠ ଓ ସମାଧି ପୀଠ ସାତଲହଡ଼ି ମଠ, ଓଡ଼ିଆ ଜାତି ପାଇଁ ମହାନ ପୁଣ୍ୟସ୍ଥଳ। ଏ ସବୁର ଯଥାର୍ଥ ବିକାଶ ଏପର୍ଯ୍ୟନ୍ତ ମଧ୍ୟ ହୋଇପାରି ନାହିଁ। ଏଥିପାଇଁ ସରକାର ଅବହେଳା ନ କରି ଏସବୁ ପୀଠର ସର୍ବାଙ୍ଗୀଣ ବିକାଶ ପାଇଁ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଦେବା ନିହାତି ଜରୁରୀ। ଓଡ଼ିଆ ସାହିତ୍ୟର ବିକାଶ ଅତିବଡ଼ୀ ସ୍ମୃତିରକ୍ଷା ଦିଗରେ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ଭୂମିକା ଅଭିନନ୍ଦନୀୟ ବୋଲି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ମତବ୍ୟକ୍ତ କରିଥିଲେ।

ଓଡ଼ିଆ ସାହିତ୍ୟ ଏକାଡେମୀର ସହଭାଗିତାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହର ପ୍ରଥମ ଅଧିବେଶନ କବିତାପାଠ ଓ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ ବରିଷ୍ଠ ସାହିତ୍ୟିକ ବିଜୟଲକ୍ଷ୍ମୀ ଦାଶ (ମିଶ୍ର)। ଦ୍ୱିତୀୟ ଅଧିବେଶନ ତଥା ସମ୍ମାନ ପ୍ରଦାନ ସମାରୋହରେ ବଡ଼ ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ ଉଦ୍‌ଘାଟକ, ଅବସରପ୍ରାପ୍ତ ପ୍ରଶାସକ ଅମରନାଥ ମିଶ୍ର, ଶ୍ରୀମନ୍ଦିର ସେବାୟତ ଭଗବାନ ସୁଆର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର "ଦକ୍ଷଣା'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କୁ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ, ଡ. ଭଗବାନ ଜୟସିଂହ, ସୁରମା ବଳିଆରସିଂହ, ସନ୍ତୋଷ କୁମାରୀ ସେଠୀ (ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ), ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତି, ବିଚିତ୍ରାନନ୍ଦ ପଣ୍ଡା, ତ୍ରିଲୋଚନ ଦାସ, କୃଷ୍ଣ ଚନ୍ଦ୍ର ରଥ, ରୋଜାଲିନ ପଣ୍ଡା ପ୍ରମୁଖଙ୍କୁ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ନଡ଼ିଆ ଉତ୍ପାଦନରେ ଓଡ଼ିଶା ଦେଶରେ ପଞ୍ଚମ

ପୁରୀ,୧।୯ (ସମିସ): ସ୍ୱାସ୍ଥ୍ୟପକ୍ଷେ ନଡ଼ିଆର ଉପକାରିତା ଓ ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ୨ ତାରିଖରେ ବିଶ୍ୱ ନଡ଼ିଆ ଦିବସ ପାଳନ କରାଯାଏ। ନଡ଼ିଆରେ ଅନେକ ପ୍ରକାର ପୋଷକତତ୍ତ୍ୱ ରହିଛି; ଯାହା ଆମ ଶରୀର ପାଇଁ ନିତାନ୍ତ ଆବଶ୍ୟକ। ପ୍ରକାଶ ଥାଉକି, ନଡ଼ିଆ ଉତ୍ପାଦନରେ ଓଡ଼ିଶା ଦେଶରେ ପଞ୍ଚମ ସ୍ଥାନରେ ରହିଛି। ଜଳରୁ ଜାଳ ପର୍ଯ୍ୟନ୍ତ ଏହା ସଭିଙ୍କ କଲ୍ୟାଣରେ ଲାଗିଥାଏ। ଏହି ସୁବର୍ଣ୍ଣ ଫଳର ପାଣି ପରି ଏହାର ରସ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଏଥିରେ ଥିବା ଲୌରିକ ଏସିଡ୍ ଆମ ଶରୀରକୁ ଜୀବାଣୁ, କୀଟାଣୁ ଓ କବକ ଦ୍ୱାରା ହେଉଥିବା ରୋଗକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ। ଏହି ପରିପ୍ରେକ୍ଷୀରେ ସଂକଳ୍ପ ଫାଉଣ୍ଡେସନ ଟ୍ରଷ୍ଟ ପରିବାର, ପୁରୀ ପକ୍ଷରୁ ସୋମବାର ଏକ ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତୋଟାସାହି ନିବାସୀ ଗଙ୍ଗା ବେହେରା(୬୦)ଙ୍କୁ ଦୀର୍ଘ ବର୍ଷ ହେଲା ପଇଡ଼ ବିକ୍ରି କରି ପରିବାର ପ୍ରତିପୋଷଣ କରି ଆସୁଥିବା ଯୋଗୁଁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଂକଳ୍ପ ଫାଉଣ୍ଡେସନ ଟ୍ରଷ୍ଟ ପରିବାର ଦ୍ୱାରା ପରିଚାଳିତ ଜରାଶ୍ରମର ସମସ୍ତ ଅନ୍ତେବାସୀଙ୍କ ପାଇଁ ପଇଡ଼ ପାଣିର ବ୍ୟବସ୍ଥା କରାଯାଇଥିଲା। ଅନୁଷ୍ଠାନର ରସା ସୁଷମା ସାହୁ, ହିତବ୍ରତ ବାହିନୀପତି, ରାକେଶ ଦାସ, ଯୋଗେନ୍ଦ୍ର ସାହୁ, ପୂର୍ଣ୍ଣିମା ରଥ, ବାସନ୍ତୀ ସାହୁ, ସୁଷମା ବେହେରା, ଗାୟତ୍ରୀ ବିଶ୍ୱକର୍ମା, ହରଷ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## ଓସିଏ ପକ୍ଷରୁ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ

ପୁରୀ,୧।୯ (ସମିସ): ପୁରୀରେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପ୍ରସଙ୍ଗ ଆଲୋଚନା କରାଯାଇଥିଲା। ଆଗକୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ୍ ଲାଗି ସଫଳ ଆୟୋଜନ ନେଇ ଆଲୋଚନା କରାଯାଇଥିଲା। ଏନେଇ ରାଜ୍ୟ ସରକାରଙ୍କ ସହିତ ଆଗାମୀ ଦିନରେ ବୈଠକ କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବା ନେଇ ଓସିଏ ସମ୍ପାଦକ ମତବ୍ୟକ୍ତ କରିଥିଲେ। ସେହିପରି ଓସିଏର ସାଧାରଣ ନିର୍ବାଚନ ବିଳମ୍ବରେ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଟି-୨୦ ମ୍ୟାଚ୍‌ର ସଫଳ ଆୟୋଜନ ନେଇ ସାଧାରଣ ନିର୍ବାଚନକୁ ଘୁଞ୍ଚାଯାଇଥିବା ବୈଠକରେ ପାରିତ ହୋଇଥିଲା। ସେହିପରି ବାରବାଟୀ ଷ୍ଟାଡିୟମ୍ ପରିସରରେ ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର ପ୍ରତିଷ୍ଠା ନେଇ ବୈଠକରେ ଆଲୋଚନା କରାଯାଇଥିବା ବେଳେ ଛୋଟ ଛୋଟ ପିଲାମାନଙ୍କୁ କ୍ରିକେଟ ଖେଳ ପ୍ରତି ଆକର୍ଷିତ କରିବା ଲକ୍ଷ୍ୟରେ ଏହି ସେଣ୍ଟର ମାଧ୍ୟମରେ କାର୍ଯ୍ୟକ୍ଷମ କରାଯିବା ନେଇ ଆଲୋଚନା ହୋଇଥିଲା। କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ନାମରେ ସେଣ୍ଟରର ନାମକରଣ କରାଯିବା ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଆସନ୍ତା ସେପ୍ଟେମ୍ବର ୧୫ ତାରିଖଠାରୁ ଓଡ଼ିଶାରେ ଓଡ଼ିଶା କ୍ରିକେଟ ଲିଗ୍ ଆରମ୍ଭ ହେବାକୁ ଯାଉଥିବାବେଳେ ଏହାର ସଫଳ ଆୟୋଜନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପୂର୍ବତନ କ୍ରିକେଟର ଦେବାଶିଷ ମହାନ୍ତି, ସଞ୍ଜୟ ରାଉଳ ଓ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଓସିଏ ସଦସ୍ୟମାନେ ଯୋଗଦେଇଥିଲେ।

## ଶ୍ରୀମନ୍ଦିରକୁ ନେଇ ମାଳ ମାଳ ଫେକ୍ ୱେବ୍‌ସାଇଟ୍
# ନକଲି ୱେବ୍‌ସାଇଟ୍ ପ୍ରତି ସତର୍କ ରହିବାକୁ ପୁଲିସର ପରାମର୍ଶ

ପୁରୀ,୧।୯ (ସମିସ): ଶ୍ରୀମନ୍ଦିରକୁ ନେଇ ମାଳ ମାଳ ୱେବ୍‌ସାଇଟ୍‌ରେ ରହିଛି ଫେକ୍ ତଥ୍ୟ। ଏଥିରେ ଟଙ୍କା ଦେଇ ଭିଆଇପି ଦର୍ଶନ ବାବଦରେ ରହିଛି ଫେକ୍ ସୂଚନା। ଏ ନେଇ ଭକ୍ତମାନେ ସଚେତନ ହେବା ଆବଶ୍ୟକତା ରହିଛି। ଗତ ୩୦ ତାରିଖରେ ଟଙ୍କହବକ୍ସ୍ତ୍ରବକ୍ସସଗ୍ରରଙ୍ଗବ.ମକ୍ଟଙ୍କ ନାମକ ଏକ ନକଲି ୱେବ୍‌ସାଇଟ୍ ପୁରୀ ପୁଲିସର ନଜରକୁ ଆସିଥିଲା। ଯାହା ଶ୍ରୀଜଗନ୍ନାଥ ମନ୍ଦିରରେ "ବିଶେଷ ପୂଜା ସେବା' ପ୍ରଦାନ କରୁଥିଲା। ପୁଲିସ ରିପୋର୍ଟ ଆଧାରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସିଂହଦ୍ୱାର ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ବର୍ତ୍ତମାନ ଏହି ମାମଲା ତଦନ୍ତାଧୀନ ଅଛି। ସେହିପରି ରବିବାର ଇଣ୍ଡିଆ ଥ୍ରୀଲ୍‌ସ ଓ ଜଗନ୍ନାଥ ପୁରୀ ଦର୍ଶନ ନାମକ ଆଉ ଏକ ନକଲି ୱେବ୍‌ସାଇଟ୍ ଚିହ୍ନଟ ହୋଇଥିଲା, ଯାହା "ବିଶେଷ ଦର୍ଶନ' ସେବା ପ୍ରଦାନ କରୁଥିଲା। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଅଭିଯୋଗ ଆଧାରରେ ସାଇବର ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ସମୟୋଚିତ ହସ୍ତକ୍ଷେପ ସହିତ ଉକ୍ତ ୱେବ୍‌ସାଇଟ୍‌କୁ ସମ୍ପୂର୍ଣ୍ଣ ଭାବରେ ଅବରୋଧ କରାଯାଇଛି। ପୁରୀ ପୁଲିସ ସମସ୍ତ ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଏପରି ନକଲି ୱେବ୍‌ସାଇଟ୍ ପ୍ରତି ସତର୍କ ରହିବାକୁ ଅନୁରୋଧ କରାଯାଇଛି। ମନ୍ଦିର ସମ୍ବନ୍ଧୀୟ ସୂଚନା ପାଇଁ ସମସ୍ତଙ୍କୁ କେବଳ ସରକାରୀ ଏବଂ ଶ୍ରୀମନ୍ଦିର ପ୍ରଶାସନ ସାଇଟ୍ ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଛି। କୌଣସି ସାଇବର ଠକେଇର ସନ୍ଦେହ ହେଲେ, ତୁରନ୍ତ ସାଇବର ଥାନା ସହିତ ୮୨୮୦୪୯୧୩୦୦ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

ପୁରୀ ଜିଲ୍ଲାରେ ପର୍ଯ୍ୟଟନ ସମ୍ବନ୍ଧୀୟ ଯେକୌଣସି ସହାୟତା ପାଇଁ ୧୧୨ କିମ୍ବା ପର୍ଯ୍ୟଟନ ହେଲ୍ପଲାଇନ୍ ୬୩୭୦୯୬୭୧୦୦କୁ ଡାଏଲ୍ କରିବାକୁ ପୁରୀ ପୁଲିସ ପକ୍ଷରୁ କୁହାଯାଇଛି। ସେପଟେ ସମସ୍ତ ହୋଟେଲ ମାଲିକ ଏବଂ ସେବା ପ୍ରଦାନକାରୀଙ୍କୁ ସତର୍କ ରହିବାକୁ ଓ ନିୟମିତ ଭାବରେ ଯାଞ୍ଚ କରିବାକୁ କୁହାଯାଇଛି। ଭକ୍ତ ଓ ପର୍ଯ୍ୟଟକଙ୍କୁ ଠକାମିରୁ ରକ୍ଷା ପାଇବା ପାଇଁ ତୁରନ୍ତ ସାଇବର ଥାନାର ସହାୟତା ନେବାକୁ କୁହାଯାଇଛି। ଭକ୍ତ ଓ ପର୍ଯ୍ୟଟକଙ୍କୁ ସୁରକ୍ଷା ଦେବା ପୁରୀ ପୁଲିସର ସର୍ବୋଚ୍ଚ ପ୍ରାଥମିକତା। ପ୍ରଭୁ ଜଗନ୍ନାଥ ଏବଂ ଶ୍ରୀମନ୍ଦିର ନାମରେ ଭକ୍ତମାନଙ୍କୁ ଠକିବାକୁ ଚେଷ୍ଟା କରୁଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁରୀ ଏସ୍‌ପି ପ୍ରତୀକ ସିଂ ମତପ୍ରକାଶ କରିଛନ୍ତି। ଅନ୍ୟପଟେ ଅଗଷ୍ଟ ମାସ ପର୍ଯ୍ୟନ୍ତ ୪୦୮ଟି ଅନ୍‌ଲାଇନ୍ ଟଙ୍କା ଠକେଇ ଅଭିଯୋଗ ହୋଇଥିବାବେଳେ ୩୯୦ଟି ବ୍ୟାଙ୍କ ଆକାଉଣ୍ଟକୁ ରଦ୍ଦ କରାଯାଇଛି। ୧୨୫ ଫେକ୍ ୱେବ୍‌ସାଇଟ୍‌କୁ ଅଚଳ କରାଯାଇଥିବାବେଳେ ୬୬ଟି ସୋସିଆଲ୍ ମିଡିଆ ଆକାଉଣ୍ଟ ଅବରୋଧ କରାଯିବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ସଞ୍ଜୟ ମିଶ୍ରଙ୍କୁ 'ଯୋଗ ଶ୍ରୀ' ସମ୍ମାନ

ପୁରୀ,୧।୯ (ସମିସ): ଗତ ୨୯ ତାରିଖରେ ଝାଡ଼େଶ୍ୱରୀ କ୍ଲବ୍ ଓ ଶ୍ରୀମା ଯୋଗ ମନ୍ଦିର ଏବଂ ହେଲ୍‌ଥ ପଏଣ୍ଟର ମିଳିତ ସହଯୋଗରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଏକ ରାଜ୍ୟସ୍ତରୀୟ ସଙ୍ଗୀତ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଝାଡ଼େଶ୍ୱରୀ କ୍ଲବ୍‌ର



ବରିଷ୍ଠ ଜିମ୍ନାଷ୍ଟିକ୍ସ, ଯୋଗାସନ ଏବଂ ମାଲ୍‌ଖମ୍ବ ପ୍ରଶିକ୍ଷକ ସଞ୍ଜୟ ମିଶ୍ରଙ୍କୁ ତାଙ୍କର କର୍ତ୍ତବ୍ୟନିଷ୍ଠ ଏବଂ କଠିନ ପରିଶ୍ରମର ଫଳସ୍ୱରୂପ 'ଯୋଗ ଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଛି। କିଛିଦିନ ପୂର୍ବେ ଲଜପତ୍ ଭବନ ନୂଆଦିଲ୍ଲୀଠାରେ ସେ 'ଆଦିଯୋଗୀ ଯୋଗ ଭୂଷଣ' ସମ୍ମାନରେ ସମ୍ମାନିତ ହୋଇଥିଲେ।

## ଶ୍ରୀକ୍ଷେତ୍ରର ସାହିତ୍ୟିକ ଦମ୍ପତି ସମ୍ମାନିତ

ପୁରୀ,୧।୯ (ସମିସ)

ସମ୍ପ୍ରତି ଭଦ୍ରକର ମାଖଲପୁରଠାରେ ଅନୁଷ୍ଠିତ ଦିବଂଗତ ସମାଜସେବୀ ମାୟାଧର ପାତ୍ରଙ୍କ ଦଶମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଅବସରରେ ଓଡ଼ିଆ ସାହିତ୍ୟକୁ ସାମଗ୍ରିକ ଅବଦାନ ନିମନ୍ତେ ଶ୍ରୀକ୍ଷେତ୍ରର ବିଶିଷ୍ଟ ସାହିତ୍ୟିକ ଦମ୍ପତି ମାନସ ରଞ୍ଜନ ମହାପାତ୍ର ଓ ଶୈଳବାଳା ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ଲୋକନାଥ ପାଠାଗାରକୁ ମଧ୍ୟ ସେମାନେ ପଠନ ପ୍ରବୃତ୍ତିର ବିକାଶ ପାଇଁ ପୁସ୍ତକ ପ୍ରଦାନ କରିଥିଲେ। ଶିକ୍ଷା ଓ ସଂସ୍କୃତିର ବିକାଶ ପାଇଁ ଦେଶର ବିଭିନ୍ନ ଅଞ୍ଚଳରେ ଏହି ଦମ୍ପତି ଗତ ଅର୍ଦ୍ଧଶତାବ୍ଦୀ ଧରି କାର୍ଯ୍ୟରତ।

## ସାତଲହଡ଼ି ମଠରେ ଜଗନ୍ନାଥ ଦାସଙ୍କ ଜୟନ୍ତୀ ସମାରୋହ
# 'ଭାଗବତ ଶାନ୍ତି ଓ ମୁକ୍ତି ପ୍ରଦାନର ମାଧ୍ୟମ'

ପୁରୀ,୧।୯ (ସମିସ): ଅତିବଡ଼ୀ ଜଗନ୍ନାଥ ଦାସଙ୍କ କାଳଜୟୀ ଓଡ଼ିଆ ଭାଗବତ ଓଡ଼ିଆ ଅସ୍ମିତାର ପ୍ରତୀକ। ଏହା ଯୁଗ ଯୁଗକୁ ଆମ ସଂସ୍କୃତିର ରକ୍ଷା କବଚ ପାଲଟିଥିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସୋମବାର ପୁରୀ ସାତଲହଡ଼ି ମଠଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ପାଳିତ ହୋଇଥିଲା। ଏହି ଅବସରରେ ଶ୍ରୀଜଗନ୍ନାଥ ଓ ଭାଗବତ ଧର୍ମ ଭାବନା କ୍ଷେତ୍ରରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଶୁକଦେବ ମହାନ୍ତି



ଭାଗବତ ସମର୍ପଣ ଓ ଭକ୍ତିର ସୂତ୍ର ବୋଲି କହିଥିଲେ। ଏହାକୁ ଏତେ ସରଳତାରେ, ଭାବରେ ଓ ସାବଲୀଳ ଭାଷାରେ ଅତିବଡ଼ୀ ଜଗନ୍ନାଥ ଦାସ ରଚନା କରିଛନ୍ତି ଯେ ଅତି ସାଧାରଣ ଲୋକଟିଏ ମଧ୍ୟ ଏହାକୁ ପଢ଼ି, ଶୁଣି, ବୁଝି ପ୍ରଭାବିତ ହୋଇପାରୁଛନ୍ତି। ଯୁଗ ଯୁଗ ପାଇଁ ଏହା ସମଗ୍ର ମାନବ ଜାତିକୁ ପ୍ରେରଣା ଦେଇ ଚାଲିଥିବ ବୋଲି ସେ କହିଥିଲେ। ଆଲୋଚକ ଭାବେ ପ୍ରବକ୍ତା ଦୟାନିଧି ତ୍ରିପାଠୀ, ନିର୍ମଳା ଫତେସିଂହ, ପଣ୍ଡିତ ବିପିନ ବିହାରୀ ମିଶ୍ର, ଭାଷ୍ୟକାର ବଦ୍ରି ମିଶ୍ର ପ୍ରମୁଖ ଯୋଗଦେଇ ଭାଗବତର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆମ ଜୀବନ ଚର୍ଯ୍ୟାରେ ଭାଗବତର ଭୂମିକା ସମ୍ପର୍କରେ ଆଲୋଚନା କରିବା ସହ ଜନ୍ମ ପୂର୍ବରୁ ମୃତ୍ୟୁ ପରେ ମଧ୍ୟ ଭାଗବତର ପ୍ରାସଙ୍ଗିକତା ରହିଛି ବୋଲି ସେମାନେ କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଓ ଭାଗବତ ଚିରକାଳ ଆମକୁ ଶାନ୍ତି ଓ ମୁକ୍ତି ପ୍ରଦାନର ମାଧ୍ୟମ ହୋଇ ଚାଲିଥିବ ବୋଲି କହିଥିଲେ। ଏକାଡେମୀର ସହ ସଚିବ ସଞ୍ଜୟ ଛୁଆଳସିଂ ପ୍ରାରମ୍ଭିକ ସୂଚନା ଦେବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସିଂହଦ୍ୱାରଠାରେ ଆନୁଷ୍ଠାନିକ ପୂଜାର୍ଚ୍ଚନା ପରେ ଦୀପଦାନ କରାଯାଇଥିଲା। ପରେ ସଂକୀର୍ତ୍ତନ ଦଳମାନଙ୍କ ସହଯୋଗରେ ଏକ ଶୋଭାଯାତ୍ରା ସାତଲହଡ଼ି ମଠ ପର୍ଯ୍ୟନ୍ତ ଅଣାଯାଇଥିଲା। ମଠରେ ବଦ୍ରି ମିଶ୍ରଙ୍କ ଦ୍ୱାରା ଭାଗବତ ପଠନ କରାଯାଇଥିଲା।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ, କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/07 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|
| ସହକାରୀ ତଥ୍ୟ ସୁରକ୍ଷା ଅଧିକାରୀ | 1 | 45 |

**ବିଜ୍ଞାପନ ସଂ. CRPD/SCO/2025-26/09 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (31.05.2025 କଟ୍ ଅଫ୍) |
|---|---|---|---|
| ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 40 |
| ଡେପୁଟି ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 25.08.2025 ରୁ 15.09.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 25.08.2025
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**



# ଭୁବନେଶ୍ୱର ସିଟି

### ରାଜ୍ୟପାଳଙ୍କୁ ଫେରାଦ ହେଲା ଷ୍ଟୁଡେଣ୍ଟ ଏଗେନ୍ଷ୍ଟ କରପସନ୍

# ଓୟୁଏଟି କୁଳପତିଙ୍କ ନିଯୁକ୍ତି ବେଆଇନ!

ଭୁବନେଶ୍ୱର, ୧।୯ (ସମିସ): ଆସନ୍ତା ୮ ତାରିଖ ଅର୍ଥାତ୍ ମାତ୍ର ସପ୍ତାହେ ପରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ କାର୍ଯ୍ୟକାଳ ସରିବ। ଏହା ପୂର୍ବରୁ ତାଙ୍କର ନିଯୁକ୍ତି ବେଆଇନ୍ ବୋଲି ରାଜ୍ୟପାଳ ତଥା କୁଳାଧିପତିଙ୍କ ନିକଟରେ ଅଭିଯୋଗ ହୋଇଛି। ଏପରିକି କୁଳପତି ହେବା ପୂର୍ବରୁ ତାଙ୍କ ନାମରେ ଭିଜିଲାନ୍ସ ମାମଲା ରହିଥିବା କୁହାଯାଇଛି। ପ୍ରାଧ୍ୟାପକ ଭାବେ ୧୦ବର୍ଷ ପୂରଣ କରିବା ପୂର୍ବରୁ ତଞ୍ଚକତା କରି କୁଳପତି ପଦ ହାତେଇଛନ୍ତି। ତାଙ୍କ ନିଯୁକ୍ତି, ପଦୋନ୍ନତି ସମେତ ବିଭିନ୍ନ କାଗଜପତ୍ର ପ୍ରଦାନ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଷ୍ଟୁଡେଣ୍ଟ ଏଗେନ୍ଷ୍ଟ କରପସନ୍ ପକ୍ଷରୁ ଦାବି କରାଯାଇଛି। ସଂଗଠନର ଆବାହକ ବିଭୂତି ଭୂଷଣ ମହାପାତ୍ରଙ୍କ ଅଭିଯୋଗ ଅନୁଯାୟୀ, ପ୍ରଫେସର ରାଉଳ ୧୯୯୪ରେ ଅଧ୍ୟାପକ ଭାବେ ନିଯୁକ୍ତି ପାଇବା ସହ ୨୦୦୦ ରେ ସିନିଅର୍ ସ୍କେଲ୍, ୨୦୦୩ରେ ରିଡର୍ ଭାବେ ପଦୋନ୍ନତି ପାଇଛନ୍ତି। ୨୦୦୮ ଜୁଲାଇ ୭ରେ ୯୦୦୦ ଗ୍ରେଡ୍ ପେ ପାଇଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଆଇନ୍ ଅନୁଯାୟୀ ୯୦୦୦ ଗ୍ରେଡ୍ ପେ ପାଇବାର ୩ବର୍ଷ ପରେ ଯାଇ ପ୍ରଫେସର ଭାବେ ପଦୋନ୍ନତି ପାଇପାରିବେ। ହେଲେ ୩ ବର୍ଷ ପୂରଣ ହେବାର ୬ ମାସ ଆଗରୁ ଅର୍ଥାତ୍ ୨୦୧୧ ମସିହା ଜାନୁଆରୀ ୭ ତାରିଖରେ ପ୍ରଫେସର ଭାବେ ପଦୋନ୍ନତି ପାଇଛନ୍ତି। ଯାହା ବେଆଇନ୍। ସେହିପରି ଅନ୍ୟୁନ ୧୦ ବର୍ଷ ପ୍ରାଧ୍ୟାପକ (ପ୍ରଫେସର) ଭାବେ ଜଣେ କାର୍ଯ୍ୟ କରିବା ପରେ କୁଳପତି ପାଇଁ ଯୋଗ୍ୟ ହୋଇଥାନ୍ତି। ହେଲେ ପ୍ରଫେସର ରାଉଳ ସାଢେ ୮ ବର୍ଷ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରିଛନ୍ତି। ତଞ୍ଚକତା ପୂର୍ବକ ସେ କୁଳପତି ପଦ ହାତେଇଥିବା ଅଭିଯୋଗରେ କୁହାଯାଇଛି। ଏହାସହ ଓୟୁଏଟି ସମେତ ଅନୁବନ୍ଧିତ ମହାବିଦ୍ୟାଳୟରେ ୱାଇ-ଫାଇ ଲଗାଇବା, ଅଧ୍ୟାପକ ଓ ବିଭାଗୀୟ ମୁଖ୍ୟ ନିଯୁକ୍ତି ଏବଂ ୩୪ ଜଣ ଫିଲ୍ଡ କର୍ମଚାରୀଙ୍କୁ ନିଯୁକ୍ତି ଦେବାରେ ବ୍ୟାପକ ଲାଞ୍ଚ କାରବାର କରାଯାଇଛି। ଏଣୁ ସମସ୍ତ ଅଭିଯୋଗକୁ ବିଚାର କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ସମ୍ପର୍କରେ କୁଳପତିଙ୍କ ପ୍ରତିକ୍ରିୟା ମିଳି ପାରିନି।

### ୨୧ରେ ସମାବର୍ତ୍ତନ ଉତ୍ସବ ପାଇଁ ପ୍ରସ୍ତୁତି

ଆସନ୍ତା ୮ ତାରିଖରେ ଓୟୁଏଟି କୁଳପତିଙ୍କ କାର୍ଯ୍ୟକାଳ ସରିବ। କାର୍ଯ୍ୟକାଳ ଆଉ ମାତ୍ର ସପ୍ତାହେ ଥିଲେ ମଧ୍ୟ ନୂତନ କୁଳପତି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଏପରିକି ବର୍ତ୍ତମାନ କୁଳପତି ଥିବା ପ୍ରଫେସର୍ ପ୍ରଭାତ କୁମାର ରାଉଳଙ୍କ କାର୍ଯ୍ୟକାଳ ମଧ୍ୟ ବୃଦ୍ଧି କରାଯିବା ନେଇ ବିଜ୍ଞପ୍ତି ଜାରି ହୋଇନି। ହେଲେ ଆସନ୍ତା ୨୧ ତରିଖରେ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ କରିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି। ଗତ ୩୦ ତାରିଖରେ ବସିଥିବା ଏକାଡେମିକ୍ କାଉନ୍ସିଲ୍ ବୈଠକରେ ଆଲୋଚନା ହୋଇଛି। ଖୋଦ୍ କୁଳପତି ଏ ସମ୍ପର୍କରେ ବୈଠକରେ ସୂଚନା ଦେବା ସହ ୮ ତାରିଖରେ ଚୂଡ଼ାନ୍ତ ନିଷ୍ପତ୍ତି ସମ୍ପର୍କରେ ପୁନଃ ଆଲୋଚନା କରିବାକୁ କହିଛନ୍ତି। ଫଳରେ ନୂତନ କୁଳପତି ନିଯୁକ୍ତ କରିବା ପରିବର୍ତ୍ତେ କାର୍ଯ୍ୟକାଳ ବଢ଼ାଇବାକୁ ସରକାର ଏକ ପ୍ରକାର ନିଷ୍ପତ୍ତି ନେଇସାରିଥିବା ଚର୍ଚ୍ଚା ହେଉଛି। ଅପରପକ୍ଷରେ କୁଳପତିଙ୍କ ଏପରି ଘୋଷଣା ଉପସ୍ଥିତ ସଦସ୍ୟଙ୍କୁ ଚକିତ କରିଛି।

## ନାବାଳିକାଙ୍କୁ ଅପହରଣ କରି ଯୁବକ ଗିରଫ



ହଂସପାଳ, ୧।୯ (ସମିସ): ନାବାଳିକା ଝିଅକୁ ଅପହରଣ କରିବା ଅଭିଯୋଗରେ ପାହାଳ ଥାନା ପୋଲିସ ଯାଜପୁର ବାଲିଚନ୍ଦ୍ରପୁର ଥାନା ନଣପୁର ର ରଜତ କୁମାର ସାହୁ(୩୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଅଭିଯୋଗକାରିଣୀ ଙ୍କ ୧୪ ବର୍ଷର ଝିଅ ଅଛି, ଯାହାକୁ ସେ ପିଲାଦିନରୁ ପୋଷ୍ୟ ଭାବରେ ଗ୍ରହଣ କରିଥିଲେ। ଗତ ଏପ୍ରିଲ ୬ ତାରିଖରେ ଅଟଳା ବଜାରର ଜଣେ ଫାଷ୍ଟଫୁଡ୍ ଦୋକାନ ମାଲିକ ଅଭିଯୁକ୍ତ ଗଣେଶ ମଲ୍ଲିକ ରାତିରେ ନାବାଳିକା ଝିଅକୁ ଅପହରଣ କରିଥିଲେ ଏବଂ ତାଙ୍କ ଘରୁ ସୁନା, ରୁପା ଅଳଙ୍କାର ଏବଂ ଏକ ମୋବାଇଲ୍ ଫୋନ୍ ଚୋରି କରିଥିଲେ। ପୀଡ଼ିତାଙ୍କୁ ଅପହରଣ କରିବା ପରେ ଗଣେଶ ମଲ୍ଲିକ ତାଙ୍କୁ ଦିଲ୍ଲୀର ଶାସ୍ତ୍ରୀ ନଗରକୁ ନେଇଯାଇଥିଲେ। ସେଠାରେ ସେମାନେ ତାଙ୍କ ସମ୍ପର୍କୀୟଙ୍କ ଘରେ ରହିଥିଲେ। ପରେ ସେ ପୀଡିତାଙ୍କୁ ଛାଡି ସେଠାରୁ ପଳାଇ ଯାଇଥିଲେ। ପରବର୍ତ୍ତୀ ସମୟରେ, ଏହା ଜଣାପଡ଼ିଥିଲା ଯେ ଅଭିଯୁକ୍ତ ରଜତ କୁମାର ସାହୁ, ଯିଏ ପୂର୍ବରୁ ପୀଡିତାଙ୍କ ଟ୍ୟୁସନ୍ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ ଏବଂ ତାଙ୍କ ସହିତ ଏକପାଖିଆ ସମ୍ପର୍କ ରଖୁଥିଲେ, ପୀଡିତାଙ୍କୁ ଦିଲ୍ଲୀର ଶାସ୍ତ୍ରୀ ନଗରରେ ଏକ ଭଡା ଘରେ ରଖିଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଏକ ପୋଲିସ ଟିମ ଉଦ୍ଧାର ପାଇଁ ଦିଲ୍ଲୀ ଯାଇଥିଲେ। ଆଜି ପୀଡିତାଙ୍କୁ ଭୁବନେଶ୍ୱରରୁ ଅଭିଯୁକ୍ତ ରଜତ କୁମାର ସାହୁଙ୍କ ସହିତ ଉଦ୍ଧାର କରାଯାଇଥିଲା। ଯିଏ ତାଙ୍କ ଦୋଷ ସ୍ୱୀକାର କରିଥିଲେ। ସେ ନାବାଳିକାଙ୍କୁ ବିବାହ କରିବା ଉଦ୍ଦେଶ୍ୟରେ ଅପହରଣ କରିଥିବା ପ୍ରକାଶ କରିଥିଲେ।

## ବିଡିଏର ୪୩ ତମ ପ୍ରତିଷ୍ଠା ଦିବସ

### କଳିଙ୍ଗ ବିହାର କେ- ୯ ରେ ଖେଳପଡ଼ିଆ ଓ ପାର୍କ ଉଦ୍‌ଘାଟନ

ଭୁବନେଶ୍ୱର, ୧।୯ (ସମିସ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ୪୩ତମ ପ୍ରତିଷ୍ଠା ଦିବସ ସୋମବାର ଜୟଦେବ ଭବନରେ ପାଳିତ ହୋଇଯାଇଛି। ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ତଥା ବିଡିଏ ଅଧ୍ୟକ୍ଷ ଡ଼ା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇ ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ସହରରେ ରୂପାନ୍ତରିତ କରିବାର ସ୍ୱପ୍ନ ସହିତ, ସହରର ଅଭିବୃଦ୍ଧି, ରାଜଧାନୀରେ ନିଜର ସ୍ୱପ୍ନର ଘର ଗଢିବା ପାଇଁ ଚାହୁଁଥିବା ଲୋକଙ୍କ ସ୍ୱପ୍ନକୁ ସଫଳ କରିବା ଦିଗରେ ବିଡିଏର ପ୍ରତିବଦ୍ଧତା ବିଷୟରେ କହିଥିଲେ। ମେୟର ସୁଲୋଚନା ଦାସ ଭୁବନେଶ୍ୱରକୁ ସମସ୍ତଙ୍କ ପାଇଁ ଉପଯୁକ୍ତ ସହରରେ ଗଢ଼ିବାରେ ବିଡିଏର ମୁଖ୍ୟ ଭୂମିକା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂହ, ବିଡିଏ କର୍ମଚାରୀ ଇଉନାଇଟେଡ୍ ଫୋରମର ସଭାପତି ସମୀର ମହାନ୍ତି ଯୋଗ ଦେଇଥିବା ବେଳେ ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଅତିରିକ୍ତ ଆୟୁକ୍ତ ସ୍ନିଗ୍ଧା ରାଣୀ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।



ବିଡିଏ ପ୍ରତିଷ୍ଠା ଦିବସ ଅବସରରେ ମନ୍ତ୍ରୀ ମହାପାତ୍ର କଳିଙ୍ଗ ବିହାର କେ ୯(ବି) ଅଞ୍ଚଳରେ ଏକ ଖେଳପଡ଼ିଆ ଓ ପାର୍କର ଉଦଘାଟନ କରିଥିଲେ। ଏହି ଖେଳପଡ଼ିଆ ୨.୩ ଏକର ଏବଂ ପାର୍କ ୧.୩୬ ଏକର ଜାଗାରେ ନିର୍ମିତ ହୋଇଛି। ଉଭୟ ପ୍ରକଳ୍ପ ମିଳିତ ଭାବେ ପ୍ରାୟ ୫.୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ଏହି ସଂଯୋଜିତ ପାର୍କ ଓ ଖେଳପଡ଼ିଆରେ ସ୍ପ୍ରିଙ୍କଲର ଜଳସେଚନ ବ୍ୟବସ୍ଥା, ଭୂମିଗତ ଜଳ ଭଣ୍ଡାର, ଚାରିପାଖରେ ଚେନ୍ ଲିଙ୍କ ସହିତ କାନ୍ଥ, ଶୌଚାଳୟ, ଚେଞ୍ଜିଂ ରୁମ୍, ଓପନ ଜିମ୍, ଯୋଗ ପିଣ୍ଡି ଏବଂ ଚାଲିବା ପାଇଁ ଟ୍ରାକ୍ ଭଳି ଅନେକ ସୁବିଧା ରହିଛି। ଏହି ଉତ୍ସବରେ ମେୟରଙ୍କ ସମେତ ଏକାମ୍ର ଭୁବନେଶ୍ୱର ବିଧାୟକ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏବଂ ବିଡିଏ ଉପାଧ୍ୟକ୍ଷ ଡା.ଏନ୍ ତିରୁମାଲା ନାୟକ ଓ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ରାଜଧାନୀରେ ରେଶମ ପ୍ରଦର୍ଶନୀ କଟନଫ୍ୟାବ୍

ଭୁବନେଶ୍ୱର, ୧।୯ (ସମିସ): ୟୁନିଟ୍-୩ ଖାରବେଳ ନଗର ପ୍ରଦର୍ଶନୀ ପଡ଼ିଆଠାରେ କଟନଫ୍ୟାବ୍ ୨୦୨୫ର ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ୨୩ ରୁ ଆରମ୍ଭ ହୋଇଥିବା ଏହି ଫ୍ୟାବ୍ ସେପ୍ଟେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଏହି ପ୍ରଦର୍ଶନୀ ୧୪ତମ ଥର ପାଇଁ ଭୁବନେଶ୍ୱରରେ ଚାଲୁଛି। ଦେଶର ବିଭିନ୍ନ ପ୍ରକାର ପ୍ରଦର୍ଶନୀ ଆୟୋଜନ କରିବା ସମ୍ପୂର୍ଣ୍ଣ ଦାୟିତ୍ୱ ପୂର୍ଣ୍ଣ ଭୁବନେଶ୍ୱର ସମିତି ପସନ୍ଦ କରିଛି ମନସୁନ୍ ସିଜନ୍ ଏବଂ ବଡ଼ ପୂଜା ଉତ୍ସବ ପାଇଁ ହସ୍ତଶିଳ୍ପ ବଜାର। ୧୨ଟି ରାଜ୍ୟର ୧୨୨ଟି ହସ୍ତଶିଳ୍ପୀ ଏହି ମେଳାରେ ଯୋଗ ଦେଇ ତାଙ୍କର ସାମଗ୍ରୀ ପ୍ରଦର୍ଶନ କରିବେ ଯାହା ଲକ୍ଷ୍ନୌର ଚିକନକ୍ ଡ୍ରେସ୍ ମ୍ୟାଟେରିଆଲସ୍, ଶାଢ଼ି, କୁର୍ତ୍ତା ପାଇଜାମା, ଟପସ୍, ଗୁଜୁରାଟର ଏଥନିକ୍ ପ୍ରି, କୁର୍ତ୍ତା, ଡ୍ରେସ୍ ମ୍ୟାଟେରିଆଲସ୍, ରାଜସ୍ଥାନି ବ୍ଲକ ପ୍ରିଣ୍ଟେଡ୍, କୋଟା ଦରୀ ଡ୍ରେସ୍ ମ୍ୟାଟେରିଆଲସ୍, ଲେଡ଼ିଜ୍ କୁର୍ତ୍ତା, ଲେହେଙ୍ଗା-ଛୋଲି, ମଲମଲ, ବନ୍ଧେଜ୍ ସୁଇଟସ୍, ସ୍କି-ଟପ୍, ସାଲୱାର ଏବଂ ଦୁପଟା, ଦିଲ୍ଲୀର ବିକନ୍ ଏମ୍ବ୍ରୋଡ଼ରୀ ଡ୍ରେସ୍ ମ୍ୟାଟେରିଆଲ୍ ଏବଂ ଶାଢ଼ି, ସିତାପୁରୀର ଏକ୍ସପୋର୍ଟ କ୍ୱାଲିଟ୍ ଦରି(ସାତରଙ୍ଗି), ମ୍ୟାଟସ୍, ରନର ଏବଂ ରଗସ୍, ବିଭିନ୍ନ ପ୍ରକାରର ଗହଣା, ରାଜସ୍ଥାନ ଷ୍ଟୋନ୍ ଓ ମେଟାଲ"ଗହଣା, ଦିଲ୍ଲୀ ଆର୍ଟିଫିସିଆଲ ଗହଣା ଏବଂ ବିଭିନ୍ନ ଦେଶର ଭିନ୍ନ ଭିନ୍ନ ପ୍ରକାରର ହସ୍ତତନ୍ତ ସାମଗ୍ରୀ ମିଳିବ।



## ଯୁବତୀଙ୍କ ଫଟୋ ଭାଇରାଲ କରି ପ୍ରେମିକ ଗିରଫ

ଭୁବନେଶ୍ୱର, ୧।୯ (ସମିସ): ଯୁବତୀଙ୍କ ଫଟୋ ଭାଇରାଲ କରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ନିନ୍ଦିଗାଁର ଜୟଦେବ ଜେନା (୨୩)। ପୁଲିସ ସୂଚନା ଅନୁସାରେ, ଜୟଦେବ ଖାରବେଳ ନଗର ଅଞ୍ଚଳରେ ରହି କାମ କରିବି ସମୟରେ ଯୁବତୀଙ୍କ ସଂସ୍ପର୍ଶରେ ଆସିଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ହେଲେ କୌଣସି କାରଣକୁ ନେଇ ଉଭୟ ଅଲଗା ହୋଇ ଯାଇଥିଲେ। ଏହାପରେ ଜୟଦେବ ସୋସିଆଲ ମିଡିଆ ପ୍ଲାଟଫର୍ମରୁ ଯୁବତୀଙ୍କ ଫଟୋ ଡାଉନଲୋଡ୍ କରି ଅଶ୍ଳୀଳ ଭାବରେ ମର୍ଫ କରି ଭାଇରାଲ କରି ଦେଇଥିଲା। ଯୁବତୀଙ୍କ ବନ୍ଧୁ ଓ ସମ୍ପର୍କୀୟଙ୍କ ଫଟୋ ସହିତ ବିଭ୍ରାନ୍ତ କରିବା ସହ ଅପମାନଜନକ ବିଷୟବସ୍ତୁ ପୋଷ୍ଟ କରିଥିଲା ଯୁବତୀଙ୍କୁ ବାରମ୍ବାର ଦୁର୍ବ୍ୟବହାର କରିବା ସହ ପାଠପଢ଼ା ଓ କାମରେ ବାଧା ସୃଷ୍ଟି କରୁଥିଲା। ଏମିତିକି ଏସିଡ୍ ମାଡ଼ କରିବା ସହ ତାଙ୍କ ବନ୍ଧୁମାନଙ୍କୁ ହତ୍ୟା କରିବା ପାଇଁ ଧମକ ଦେଇଥିଲା। ବିଭିନ୍ନ ନମ୍ବରରୁ ଫୋନ୍ କଲ୍ କରି ତାଙ୍କୁ ହଇରାଣ କରି ଆସୁଥିଲା। ଏନେଇ ଯୁବତୀ ଜଣକ ଖାରବେଳ ନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ମାଷ୍ଟରକ୍ୟାଣ୍ଟିନ ଛକରୁ ଜୟଦେବକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତା' ଠାରୁ ମୋବାଇଲ୍ ଫୋନ୍ ଜବତ କରିଥିଲା।

## ସାରସ୍ୱତ ସମାଜର ସାହିତ୍ୟ ସନ୍ଧ୍ୟା

ଭୁବନେଶ୍ୱର, ୧।୯ (ସମିସ): ଗୋଦାବରୀଶ ସାହିତ୍ୟ ସଂସଦରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ରାଜକିଶୋର ପତିଙ୍କ ଅଧ୍ୟକ୍ଷତାରେ ସାରସ୍ୱତ ସମାଜର ମାସିକ ସାହିତ୍ୟ ଆଲୋଚନାଚକ୍ର ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଡ. ପାରେଶ୍ୱର୍ ସାହୁ, ରମାଦେବୀ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ଅଧ୍ୟାପିକା ଡ. ସରୋଜିନୀ ପାଣି ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନ ପ୍ରତିଷ୍ଠାତା ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ସହ ଅନୁଷ୍ଠାନ ଆଭିମୁଖ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ସୁଭ୍ରାଲ ନନ୍ଦ ଏବଂ ସୌଦାମିନୀ ସାମନ୍ତରାୟଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ୭୦ରୁ ଊର୍ଦ୍ଧ୍ୱ କବି ଓ ସାହିତ୍ୟିକ ଅଂଶଗ୍ରହଣ କରିଥିଲେ। ଶେଷରେ କବି ସଙ୍ଗୀତା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଟିପୁଅ ମହୋତ୍ସବରେ ନୃତ୍ୟଗୁରୁଙ୍କୁ ସମ୍ମାନ



ଭୁବନେଶ୍ୱର, ୧।୯ (ସମିସ): ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋଟିପୁଅ ଗୁରୁ ଗୋବିନ୍ଦ ଚନ୍ଦ୍ର ପାଲ୍, ଗୁରୁ ଧନେଶ୍ୱର ସ୍ୱାଇଁ, ଡ଼କ୍ଟର ଚିତ୍ତରଞ୍ଜନ ମଲିଆ, ଗୁରୁ ସତ୍ୟପ୍ରିୟ ପଲାଇ, ଡ଼କ୍ଟର ସ୍ନେହପ୍ରଭା ସାମନ୍ତରାୟ, ଗୁରୁ ନୀଳାଚଳ ମହାପାତ୍ର ପ୍ରମୁଖଙ୍କୁ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ସମ୍ବର୍ଦ୍ଧିତ କରିଥିଲେ। ସେହିଭଳି ଅନୁଷ୍ଠିତ ଆଲୋଚନାଚକ୍ରରେ ଗୋଟିପୁଅର ସକାରାତ୍ମକ ଭବିଷ୍ୟତ ପାଇଁ ନୃତ୍ୟର ବିଭିନ୍ନ ଦିଗକୁ ନେଇ ବିଶ୍ଳେଷଣ କରାଯାଇଛି। ଆଜିର ଉଦଯାପନୀ ସମାରୋହରେ ଗୁରୁ ଭାଗିରଥି ମହାପାତ୍ର (୮୩ ବର୍ଷ ବୟସରେ) ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ, ଯାହାକି ଆଜିର କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରହିଥିଲା। ଏଥିସହ 'ଗୋଟିପୁଅର ମୌଳିକତା ଓ ବେଶପୋଷାକ' ଶୀର୍ଷକକୁ ନେଇ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା।

ଉଦ୍‌ଯାପନୀ ସନ୍ଧ୍ୟାରେ ଦଶଭୂଜା ଗୋଟିପୁଅ ନୃତ୍ୟ ପରିଷଦ, ଲକ୍ଷ୍ମୀପ୍ରିୟା ଗୋଟିପୁଅ ନୃତ୍ୟ କେନ୍ଦ୍ର, ସ୍ୱାତୀଶ୍ରୀ ଗୋଟିପୁଅ ଓ ଓଡ଼ିଶୀ ନୃତ୍ୟ ପରିଷଦ, ନକ୍ଷତ୍ର ଗୁରୁକୁଳ ଟ୍ରଷ୍ଟ, ଅଭିନ୍ନ ସୁନ୍ଦର ଗୋଟିପୁଅ, କସଡ଼ା ଗୋଟିପୁଅ ଆଦି ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ପଦ୍ମଶ୍ରୀ କୁମକୁମ ମହାନ୍ତି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନୃତ୍ୟ ମହୋତ୍ସବରେ ୨୦ଟି ନୃତ୍ୟଦଳ ଅଂଶଗ୍ରହଣ କରିଥିଲେ।

## କିଟ୍‌ରେ ରାଜ୍ୟ ଏସ୍‌ଏନ୍‌ଏଆଇ ଦ୍ୱିବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର, ୧।୯ (ସମିସ): କିଟ୍ ବିଶ୍ୱବିଦ୍ୟାଳୟରେ ଷ୍ଟୁଡେଣ୍ଟ ନର୍ସେସ୍ ଆସୋସିଏସନ ଅଫ୍ ଇଣ୍ଡିଆ ଓଡ଼ିଶା ରାଜ୍ୟ ଶାଖାର ୩୧ତମ ଦ୍ୱିବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଭାରତୀୟ ତାଲିମପ୍ରାପ୍ତ ନର୍ସ ସଂଘ (ଟିଏନ୍‌ଏଆଇ)ର ଓଡ଼ିଶା ଶାଖା ଏବଂ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ ନର୍ସିଂ ସାଇନ୍ସେସର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଦୁଇଦିନିଆ ସମ୍ମିଳନୀର ବିଷୟବସ୍ତୁ ଥିଲା 'ଆଜିର ଶିକ୍ଷା, କାଲିର ନେତୃତ୍ୱ: ଜଣେ ନର୍ସିଂ ଛାତ୍ରୀଙ୍କ ଯାତ୍ରା'। ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ଆର.ସି. ଦାସ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, ଉପକୁଳପତି ପ୍ରଫେସର ଡ. ସିବିକେ ମହାନ୍ତି, ଟିଏନଏଆଇର ଉପସଭାପତି (ପୂର୍ବାଞ୍ଚଳ) ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରଜ୍ଞା ପାରମିତା ମିଶ୍ରଙ୍କୁ 'ସର୍ଭିସ ଟୁ ହ୍ୟୁମାନିଟି ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି ଅବସରରେ ରବିବାର ଏକ ଜନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।

## ଖାରବେଳ ନଗରରେ ଖୋଲିଲା ସ୍ୱାଏକର୍‌ର ନୂଆ ଷ୍ଟୋର



ଭୁବନେଶ୍ୱର, ୧।୯ (ସମିସ): ଦେଶର ଅଗ୍ରଣୀ ଫ୍ୟାସନ ବ୍ରାଣ୍ଡ ଭାବେ ଜଣାଶୁଣା ସ୍ୱାଏକରର ଏକ ନୂତନ ଏକ୍ସକ୍ଲୁସିଭ୍ ଷ୍ଟୋର ଭୁବନେଶ୍ୱରର ଖାରବେଳ ନଗରସ୍ଥିତ ନରୁଲା କମ୍ପ୍ଲେକ୍ସଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱଜିତ ମିଶ୍ର ଏବଂ ଅରିଜିତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ୬୫୦ବର୍ଗଫୁଟ ବିଶିଷ୍ଟ ଏହି ନୂତନ ଷ୍ଟୋରରେ ଯୁବ ପିଢୀଙ୍କୁ ସୁହାଇଲା ଭଳି ବିଭିନ୍ନ ପ୍ରକାରର ଟି ସାର୍ଟ, ଶୀତ ପୋଷାକ, ପର୍ଫ୍ୟୁମ୍, ଏବଂ ୱାଲେଟ୍ ଆଦି ଉପକରଣ ଉପଲବ୍ଧ ରହିଛି। ଏହି ଅବସରରେ ଫ୍ରାଞ୍ଚାଇଜ୍ ମାଲିକ ନମନ ନରୁଲା ଏବଂ ସଞ୍ଜୟ ନରୁଲାଙ୍କ ସମେତ ସେମାନଙ୍କର ପରିବାରବର୍ଗ ମଧ୍ୟ ଉପସ୍ଥିତ ଥିଲେ। ଏଥିରେ ସ୍ୱାଏକରର ଏଏସ୍‌ଏମ୍ ବିକି ଗୁପ୍ତା ଯୋଗଦେଇଥିଲେ। ଏହି ଅବସରରେ ନରୁଲା ପରିବାରର ବନ୍ଧୁ ଓ ଶୁଭେଚ୍ଛୁ ମାନେ ଉପସ୍ଥିତ ଥିଲେ। ଏହି ଷ୍ଟୋରଟି ଭୁବନେଶ୍ୱରର ୬ଷ୍ଠ ତମ ଏବଂ ଓଡ଼ିଶାର ୨୦ତମ ଷ୍ଟୋର। ଏହି ନୂତନ ଷ୍ଟୋରଟି ସାରା ଦେଶରେ ନିଜର ଛାପ ଛାଡିବା ସହ ଯୁବପିଢ଼ିଙ୍କ ଫେଶନ ସେନ୍ସ ସହ ଯୋଡିହେବାର ପ୍ରତିବଦ୍ଧତାକୁ ସୁଦୃଢ କରିପାରିଛି। ସୂଚନାଯୋଗ୍ୟ, ୧୯୯୨ ମସିହାରେ ପ୍ରତିଷ୍ଠା ହୋଇଥିବା ସ୍ୱାଏକର ଏକ ପ୍ରମୁଖ ଫ୍ୟାସନ ବ୍ରାଣ୍ଡ ଯାହା ବିଭିନ୍ନ ପ୍ରକାର ଷ୍ଟାଇଲିସ୍, କଣ୍ଟେପରାରି ଡିଜାଇନ୍ ଏବଂ ଆସେସୋରିଜ୍ ସହ ଜଡିତ ରହି ନିଜର ଏକ ସ୍ୱତବ ପରିଚୟ ସୃଷ୍ଟି କରିପାରିଛି।

# ପ୍ରକୃତି ଓ ପରମ୍ପରା ସୁରକ୍ଷାରେ ପୂଜା

ଭୁବନେଶ୍ୱର, ୧।୯ (ସମିସ)

ପାର୍ବଣ ପୂର୍ବରୁ ସରକାର ଡିଜେ ବ୍ୟାନ୍ କରିଥିବା ବେଳେ ଏବେ କ୍ରମେ ପରମ୍ପରା ଓ ପ୍ରକୃତି ସୁରକ୍ଷାକୁ ପ୍ରାଧାନ୍ୟ ଦେଉଛନ୍ତି ଅନେକ ପୂଜା କମିଟି। ଗଣେଶପୂଜା ହେଉଛି ଦୁର୍ଗାପୂଜା ତୋରଣ ଏବଂ ମୂର୍ତ୍ତିରେ ପରିବେଶ ଅନୁକୂଳ ସାମଗ୍ରୀର ବ୍ୟବହାର, ମଣ୍ଡପର ସାଜସଜ୍ଜାରେ ପରିବେଶ ସୁରକ୍ଷା ବାର୍ତ୍ତା ଦେଉଥିବା ଥିମ୍ ଏବଂ ଭସାଣିରେ ପାରମ୍ପରିକ ନୃତ୍ୟ ଓ ବାଦ୍ୟକୁ ପ୍ରାଧାନ୍ୟ ଦେଉଛନ୍ତି ଅନେକ ପୂଜା ଆୟୋଜକ। ଯାହା ବର୍ତ୍ତମାନର ଏକ ପ୍ରକାର ଟ୍ରେଣ୍ଡ ପାଲଟିଗଲାଣି କହିଲେ ଭୁଲ ହେବ ନାହିଁ।

ଯଦିବା ଗତ ୧୦ରୁ ୧୫ ବର୍ଷ ତଳେ ରାଜଧାନୀ ଉପକଣ୍ଠ ଧଉଳି ଆର୍ଟ କଲେଜ କଲେଜ ଏବଂ ତମାଣ୍ଡୋର ଗୁରୁକୁଳ ଶିକ୍ଷାଶ୍ରମ ଟ୍ରଷ୍ଟ ପକ୍ଷରୁ ପ୍ରଥମଥର ପାଇଁ ବିନା ରାସାୟନିକ ରଙ୍ଗରେ ମୂର୍ତ୍ତି ପୂଜା ହୋଇ ଆସୁଥିଲା କିନ୍ତୁ ଗତ ଦୁଇ ତିନି ବର୍ଷ ହେଲା ଏହା ଅଧିକ ମାତ୍ରାରେ ଟ୍ରେଣ୍ଡ କରୁଛି। ମୂର୍ତ୍ତି ନିର୍ମାଣଠାରୁ ଆରମ୍ଭ କରି ପୂଜା ସାଜସଜ୍ଜାରେ ଏଭଳି ବ୍ୟବସ୍ଥାକୁ ଅନେକ ଆପଣେଇ ନେଇଛନ୍ତି। ଚଳିତ ବର୍ଷର ଗଣେଶ ପୂଜାରେ ବିଭିନ୍ନ ଛୋଟରୁ ବଡ ଗଣେଶ ପୂଜା ମଣ୍ଡପରେ କେଉଁଠି ପରିବେଶ ଅନୁକୂଳ ମୂର୍ତ୍ତି ନିର୍ମିତ ହୋଇଥିବା ବେଳେ କେଉଁ ପରିବେଶ ସୁରକ୍ଷାର ଝଲକ ତୋରଣ ଏବଂ ମଣ୍ଡପରେ ଦେଖିବାକୁ ମିଳିଥିଲା। ସେହିଭଳି ଆଉ କିଛି ମଣ୍ଡପରେ ଆଧୁନିକ ତାକୁ ସମ୍ପୂର୍ଣ୍ଣ ବାରଣ କରିବା ସହ ପୂଜାରେ ପାରମ୍ପରିକ ନୃତ୍ୟ, ସଂଗୀତ ଓ ବାଦ୍ୟକୁ ପ୍ରାଧାନ୍ୟ ଦିଆଯାଇଥିଲା। ଯେପରି ସହିଦନଗର ୱିନର ଆସୋସିଏସନ ପକ୍ଷରୁ ପରିବେଶ ଓ ହାତୀ ସୁରକ୍ଷାର ବାର୍ତ୍ତା ଦେବା ପାଇଁ ଓଡ଼ିଶାରେ ପ୍ରାଣ ହରାଇଥିବା ସମସ୍ତ ହାତୀଙ୍କ ଉଦେଶ୍ୟରେ ଗଜ ରଥେ ଗଜାନନ ରୂପେ ଗଣେଶ ପ୍ରତିଷ୍ଠା ହୋଇଥିଲେ। ଅନ୍ୟପଟେ ନୂଆପଲ୍ଲୀ

### ପରିବେଶ ଅନୁକୂଳ ମୂର୍ତ୍ତି ସାଙ୍ଗକୁ ପ୍ଲାଷ୍ଟିକ ବର୍ଜନକୁ ଦିଆଯାଉଛି ଗୁରୁତ୍ୱ

### ପାରମ୍ପରିକ ଶୈଳୀ ବାଦ୍ୟ ଓ ନାମ ସଂକୀର୍ତ୍ତନରେ ଭସାଣ

ଗଣେଶ ପୂଜାରେ ଅନୁଷ୍ଠାନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟ ସହ ୨ ମାସ ସମୟଧରି ପରିବେଶ ଅନୁକୂଳ ସାମଗ୍ରୀରେ ସୁଉଚ୍ଚ ମୂର୍ତ୍ତି ନିର୍ମାଣ ସହ ଭସାଣିରେ ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ ଦିଆଯାଇଥିଲା। ସେହିଭଳି ଭୁବନେଶ୍ୱର ସହିଦନଗର ଫ୍ୟାନ୍ସି ମାର୍କେଟ୍ ୱେଲ୍‌ଫେୟାର ଆସୋସିଏସନ ପକ୍ଷରୁ ଏବଂ ବାଲିପାଟଣା ଗଣେଶ ପୂଜା ଭସାଣିରେ ପାରମ୍ପରିକ ଭାବେ ରାମ, ଲକ୍ଷ୍ମଣ, ସୀତା ଆଦି ବେଶରେ ଘଣ୍ଟ, ଘଣ୍ଟା, ମୃଦଙ୍ଗ, ଝାଞ୍ଜ ଓ ଗିନିରେ ନାମ ସଂକୀର୍ତ୍ତନ କରି ଗଣେଶଙ୍କୁ ମେଲାଣି ଦେଇଥିଲେ।



ସେହିଭଳି ଆଗକୁ ଦୁର୍ଗା ପୂଜା। ସେଥିପାଇଁ ମଣ୍ଡପଗୁଡିକ ନିଜ ପ୍ରସ୍ତୁତିରେ ପରିବେଶ ଅନୁକୂଳ ମୂର୍ତ୍ତିକୁ ଗୁରୁତ୍ୱ ଦେଉଛନ୍ତି। ସେ ନେଇ ପ୍ରସ୍ତୁତି ମଧ୍ୟ ଜୋରଦାର ରହିଛି। ଏନେଇ ସହିଦନଗର ଦୁର୍ଗା ପୂଜା କମିଟିର ସଚ୍ଚିନନ୍ଦନ ନାୟକ କୁହନ୍ତି, ପୂଜାରେ ସବୁବେଳେ ପାରମ୍ପରିକ ରୀତିନୀତି ସହ ପରିବେଶକୁ ଗୁରୁତ୍ୱ ଦିଆଯାଏ ତେଣୁ ମଣ୍ଡପ ମଧ୍ୟରେ ପଲିଥିନ୍‌କୁ ସମ୍ପୂର୍ଣ୍ଣ ବାରଣ କରିବା ସହ ଭକ୍ତଙ୍କୁ ଛୋଟ ଛୋଟ ବାଉଁଶ ପାଛିଆରେ ଭୋଗ ଦିଆଯାଇଥାଏ। ସେହିପରି ଆଇଗିଣିଆ ଦୁର୍ଗାପୂଜା କମିଟିର ସଦସ୍ୟ ଟୁଲୁ କୁହନ୍ତି, ମଣ୍ଡପରେ ଗତ ତିନି ବର୍ଷ ହେବ ପ୍ଲାଷ୍ଟିକ ସମ୍ପୂର୍ଣ୍ଣ ବର୍ଜନ ହୁଏ ଏବଂ ଭସାଣ ଉତ୍ସବରେ ସବୁବେଳେ ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ ଦିଆଯାଇଥାଏ। ଏହିପରି ପୂଜା ମଣ୍ଡପଠୁ ଆରମ୍ଭକରି ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ କର୍ମସ୍ଥଳରେ ମଧ୍ୟ ପ୍ରକୃତି ଓ ପରମ୍ପରାକୁ ଗୁରୁତ୍ୱ ଦେଉଛନ୍ତି। କିଛି ସ୍ଥାନରେ ପରିବେଶ ଅନୁକୂଳ ମୂର୍ତ୍ତି ଭିତରେ ମଞ୍ଜି ମଧ୍ୟ ରହୁଛି ଫଳରେ ଭସାଣିପରେ ଧୀରେ ଧୀରେ ମଞ୍ଜି ମାଟିରେ ମିଶି ଗଛ ସୃଷ୍ଟି ହୋଇ ପାରିବ।

ଏ ନେଇ ଧଉଳି ଆର୍ଟ କଲେଜର ପ୍ରତିଷ୍ଠାତା ପଞ୍ଚାନନ ସାମଲ କହିଛନ୍ତି ପୂଜା ଏକ ମହତ କାର୍ଯ୍ୟ। ପ୍ରକୃତିର ସୁରକ୍ଷା ତାଠୁ ଆହୁରି ମହତ। ୧୮ ବର୍ଷ ଧରି ଏପରି ପରିବେଶ ଅନୁକୂଳ ମୂର୍ତ୍ତି ନିର୍ମାଣ ହେଉଛି। ଆଜିକାଲି ପରିବେଶ ପ୍ରଦୂଷଣ ବଢ଼ିବାରେ ଲାଗିଛି। ରାସାୟନିକ ପଦାର୍ଥ, କାଚ, ଜରି ଏବଂ ରଙ୍ଗରେ ପ୍ରଦୂଷଣ ବଢୁଛି ଏବଂ ତାହା ପରିବେଶ ପ୍ରତିକୂଳ ଅଟେ। ତେଣୁ ପରିବେଶର ସୁରକ୍ଷା ଏବଂ ସଚେତନତା ବଣ୍ଟିବା ଉଦେଶ୍ୟରେ ଏପରି ପ୍ରୟାସ କରାଯାଉଛି। କେବଳ ଯେ ରାସାୟନିକ ପଦାର୍ଥ ବ୍ୟବହାରରେ ଆକର୍ଷଣ ନାହିଁ ବରଂ ସୌନ୍ଦର୍ଯ୍ୟର ଦୃଷ୍ଟିକୋଣ ବଦଳାଇ ଅନ୍ୟ ଦିଗକୁ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଛନ୍ତି ଶ୍ରୀ ସାମଲ।

ଗାଁରୁ ଦେଶୀ ମଦ ଭାଟି ଉଠିବା ପ୍ରସଙ୍ଗ

# ହଦଗୋଟ ଗ୍ରାମବାସୀଙ୍କ ରାସ୍ତାରୋକ ସ୍ଥଗିତ

**ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ଚେତାବନୀ**

କପ୍ତିପଦା, ୧।୯ (ସମିସ): କପ୍ତିପଦା ବ୍ଲକ ମାଙ୍କଡ଼ପଡ଼ା ଗ୍ରାମପଞ୍ଚାୟତ ହଦଗୋଟ ଗ୍ରାମରେ ଥିବା ଦେଶୀ ମଦ ଭାଟି ବନ୍ଦ ନ ହେଲେ ସେପ୍ଟେମ୍ବର ୧ ତାରିଖରେ ଗୋଲେଇ ନିକଟରେ ଦିଆଯାଇଥିବା ରାସ୍ତାରୋକ ଡାକରାକୁ ସ୍ଥଗିତ ରଖାଯାଇଛି। ଏ ନେଇ ଗ୍ରାମବାସୀଙ୍କ ତରଫରୁ ନିଷ୍ପତ୍ତି ନିଆଯାଇ ଏକ ଲିଖିତ ଦରଖାସ୍ତ ଜିଲ୍ଲା ପ୍ରଶାସନ ଓ କପ୍ତିପଦା ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଘଟଣାରୁ ପ୍ରକାଶ ଯେ, ଗ୍ରାମରେ ୧୭ ବର୍ଷ ହେଲା ଏକ ଦେଶୀ ମଦଭାଟି ରହିଛି। ସବୁଠାରୁ ଦୁଃଖର କଥା ମାତ୍ର ୫୦ ମିଟର ଦୂରରେ ଅଛି ଏକ ପ୍ରାଥମିକ ବିଦ୍ୟାଳୟ। ପଚା ଗନ୍ଧରେ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ଅତିଷ୍ଠ ହୋଇପଡ଼ିଲେଣି। ଫଳରେ ପାଠପଢ଼ାଇବା ବହୁ କଷ୍ଟକର ହେଉଛନ୍ତି। ମଦଭାଟିକୁ ବିରୋଧକରି ଗ୍ରାମବାସୀ ଆନ୍ଦୋଳନ ଏବଂ ଧାରଣା ଦେଇଛନ୍ତି। ଏପରିକି ଏ ନେଇ ପୂର୍ବରୁ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଅବକାରୀ ବିଭାଗ ତରଫରୁ ଦୁଇଥର ତଦନ୍ତ ହୋଇଥିବା ସରପଞ୍ଚଙ୍କ ସୂତ୍ରରୁ ଜଣାପଡ଼ିଛି। ଗ୍ରାମବାସୀଙ୍କ ତରଫରୁ ଜିଲ୍ଲା ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ସରପଞ୍ଚଙ୍କ ଜରିଆରେ ଏକ ଦାବିପତ୍ର ମଧ୍ୟ ଦିଆଯାଇଥିବା ବେଳେ ଗତ ସୋମବାର ଉପଖଣ୍ଡ ସ୍ତରୀୟ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ୍ୟ ଏକ ସ୍ମାରକପତ୍ର ଦିଆଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଓ ଉପଖଣ୍ଡ ଅବକାରୀ ଅଧିକାରୀ ତଦନ୍ତ କରି ଫେରିଛନ୍ତି; କିନ୍ତୁ ତଦନ୍ତ ବାଟବଣା ହୋଇଥିବା ନେଇ ଅଭିଯୋଗର ତଦନ୍ତ ଦାବି ହେଉଛି। ତଦନ୍ତ ପୂର୍ବରୁ ଭାଟି ମାଲିକ କିଛି ଲୋକଙ୍କୁ ମଦ ମାଂସ ଭୋଜି ଦେଇ ତଦନ୍ତକୁ ଠିକ ବାଟରେ ଯିବାକୁ ଦେଇ ନାହାନ୍ତି। ଯେଉଁମାନେ ମଦ ଭାଟିକୁ ବିରୋଧ କରିବେ ସରକାର ତାଙ୍କର ଜାଗା ଉଚ୍ଛେଦ କରିଦେବାର ଭୟ ଦେଖାଇଛନ୍ତି। କିଛି ନିରୀହ ଆଦିବାସୀ ଲୋକଙ୍କୁ ମଦ ମାଂସର ପ୍ରଲୋଭନ ଦେଖାଇ ଗାଁରେ ବିଶୃଙ୍ଖଳା ସୃଷ୍ଟି କରାଉଛନ୍ତି। ଅବକାରୀ ବିଭାଗ ମଦ ଭାଟିରୁ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ମାପ କରିଥିବା ବେଳେ ମଦର ଗନ୍ଧ କ'ଣ ରାସ୍ତା ଦେଇ ବୁଲି ବୁଲି ଯିବକି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ତେବେ ତଦନ୍ତ ରିପୋର୍ଟ ପ୍ରକାଶ ପାଇବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା କରିଛନ୍ତି ଗ୍ରାମବାସୀ।

ଆଗାମୀ ଦିନରେ ଭାଟି ସ୍ଥାନାନ୍ତର ନ ହେଲେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ଏବଂ ଆବଶ୍ୟକ ପଡ଼ିଲେ ନ୍ୟାୟ ପାଇଁ ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା କରିବାକୁ ବାଧ ହେବୁ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଦେବେନ୍ଦ୍ର ପରିଡ଼ା, ରାଉତରାୟ ହାଁସଦା, ଚିନୁ ମାରାଣ୍ଡି, ସାଙ୍ଗ ହାଁସଦା, ଭୁତଲ ମାରାଣ୍ଡି, ରବି ମୁର୍ମୁ, ୱାର୍ଡ ମେମ୍ବର ରାମ ହାଁସଦା, ମେଘରାଜ ସିଂ, ଭଗବାନ ସୋରେନ, ମଙ୍ଗଲ ମାରାଣ୍ଡି, ସନ୍ତୋଷ ପରିଡ଼ା, ଅବନୀ ବିନ୍ଧାଣୀ, ଲକ୍ଷ୍ମଣ ହାଁସଦା ପ୍ରକାଶ କରିଛନ୍ତି। ଏ ନେଇ ମାଙ୍କଡପଡ଼ା ସରପଞ୍ଚ କ୍ଷେତ୍ରମୋହନ ଟୁଡୁଙ୍କୁ ଯୋଗାଯୋଗ କରିବାରୁ ଗାଁ ମଝିରୁ ମଦ ଭାଟି ଖାଲିଥିବା ଜାଗାକୁ ସ୍ଥାନାନ୍ତର ହେବା ଉଚିତ। ଏହି ଭାଟି ପାଇଁ ଲୋକଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହେଉଛି। ଭବିଷ୍ୟତରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ବ୍ୟାଘାତ ସୃଷ୍ଟି ହେବାର ସମ୍ଭାବନାକୁ ଏଡାଇ ଦିଆ ଯାଇ ନ ପାରେ। .ତେଣୁ ସରକାର ଯଥାଶୀଘ୍ର ଏହାର ସମାଧାନ କରିବା ଉଚିତ ବୋଲି କହିଛନ୍ତି। ସେହିପରି ୪ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ମାକୁ ସିଂ କହନ୍ତି ଯେ, ମୁଁ ଲୋକଙ୍କ ସହିତ ଅଛି। ଆବଶ୍ୟକ ହେଲେ ଏ ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରି ଦାବି ଜଣାଇବି।

● ଦାନ୍ତିଆମୁହାଁ-ଭାଲିଆ ରାସ୍ତାରେ କାଦୁଅ ପଚପଚ

## ଠିକାଦାରଙ୍କ ମନମାନି ପାଇଁ ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା



ବେତନଟୀ, ୧।୯ (ସମିସ): ବାରିପଦା ଗ୍ରାମ୍ୟ ଉନ୍ନୟନ ବିଭାଗ ତଦାରଖରେ ଚାଲିଥିବା ଦାନ୍ତିଆମୁହାଁ-ଭାଲିଆ ରାସ୍ତା ନିର୍ମାଣ ଓ ବେତନଟୀ-ମୋରଡ଼ା ବ୍ଲକ ସୀମାନ୍ତ ମାଛୁଆଖୋଲ ନାଳ ଉପରେ ପୋଲ ନିର୍ମାଣ ଅବହେଳା ଓ ଠିକାଦାରଙ୍କ ମନମାନି ଯୋଗୁଁ ଲୋକେ ଦୁର୍ଦ୍ଦଶା ଭୋଗଛନ୍ତି। ପ୍ରକଳ୍ପରେ ଅଯଥା ବିଳମ୍ବ ହେଉଥିବା ବେଳେ ଠିକାଦାର ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟି ନ ଦେଇ ମନମାନି ଚଳାଇଛନ୍ତି। ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ହୋଇଥିବାରୁ ଚାଲିକରି କିମ୍ବା ଦୁଇଚକିଆ ଯାନରେ ଯିବା ସମ୍ଭବ ହେଉନି। ଏହା କେବଳ ଠିକାଦାରଙ୍କ ଯୋଗୁଁ ଏଭଳି ଅବ୍ୟବସ୍ଥା ହୋଇଛି ବୋଲି ଲୋକେ ଅଭିଯୋଗ କରୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ଅପାରଗତା ମଧ୍ୟ ଏଥିପାଇଁ ଦାୟୀ। ଏ ନେଇ କନିଷ୍ଠ ଯନ୍ତ୍ରୀ ଜ୍ୟୋତିରଞ୍ଜନ ନାୟକଙ୍କୁ ପଚାରିବାରୁ ବେତନଟୀ ସବ୍ ଡିଭିଜନରେ ଏସଡିଓ ନ ଥିବାରୁ ଡିଭିଜନ ଆମକୁ ଦାୟିତ୍ୱ ନ ଦେଇ ବାରିପଦା ସବ୍-ଡିଭିଜନକୁ ଦାୟିତ୍ୱ ଦିଆଯାଇଛି। ଚିତ୍ରଡା କନିଷ୍ଠ ଯନ୍ତ୍ରୀ ମହାନ୍ତ ବାବୁ ଦାୟିତ୍ୱରେ ଅଛନ୍ତି। ଏ ନେଇ ଚିତ୍ରଡା କନିଷ୍ଠ ଯନ୍ତ୍ରୀ ମହାନ୍ତ ବାବୁଙ୍କୁ ପଚାରିବାରୁ ଠିକାଦାର ମୋ କଥା ଶୁଣୁ ନାହାଁନ୍ତି କି ମାନୁ ନାହାଁନ୍ତି ବୋଲି କହିଛନ୍ତି। ବାରିପଦା ଏସଡିଓ ଦାୟିତ୍ୱରେ ଥିବା ଯନ୍ତ୍ରୀ ସୁକୁମାର ବାବୁଙ୍କୁ ପଚାରିବାରୁ ଏହା ବାରିପଦା ସବ୍-ଡିଭିଜନର ଦାୟିତ୍ୱ ହୋଇଥିବାରୁ ଯନ୍ତ୍ରୀମାନେ ୩୦ କିମି ଦୂରରୁ ଆସି ତଦାରଖ କରିବା ଅସମ୍ଭବ। ଠିକାଦାର ନିଜର ମନଇଚ୍ଛା ବର୍ଷା ଦିନେ ମୋରମ ପକାଇଥିବାରୁ ରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇଛି। ତଥାପି ଠିକାଦାରଙ୍କ ସହିତ କଥାହୋଇ ଡଷ୍ଟ ପକାଇବାକୁ କହିବ ବୋଲି କହିଛନ୍ତି। ରାସ୍ତା ନିର୍ମାଣ ସମୟରେ କୌଣସି ବିଭାଗୀୟ ଅଧିକାରୀ ରହୁ ନ ଥିବାରୁ ଠିକାଦାର ମନଇଚ୍ଛା କାମ କରୁଛି। ବିଶେଷକରି ରବିବାର ଓ ଗୁରୁବାର ଦାନ୍ତିଆମୁହାଁରେ ସାପ୍ତାହିକ ହାଟ୍ ବସୁଥିବାରୁ ହଜାର ହଜାର ଲୋକ ଏହି ରାସ୍ତା ଦେଇ ଯାତାୟାତ କରନ୍ତି। ରାସ୍ତାର ଦୁର୍ଦ୍ଦଶା ଯୋଗୁଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆ ନ ଯାଏ, ତେବେ ଦୁର୍ଘଟଣା ଓ ଆହତଙ୍କ ସଂଖ୍ୟା ବୃଦ୍ଧି ପାଇବ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଅନ୍ୟଥା, ଅଞ୍ଚଳବାସୀଙ୍କ କ୍ଷୋଭ ଆନ୍ଦୋଳନରେ ପରିଣତ ହେବ ବୋଲି ସ୍ଥାନୀୟ ବାସିନ୍ଦା ଅର୍ଜୁନ ପାତ୍ର କହିଛନ୍ତି।

## ୫ରୁ ଜିଲ୍ଲାବ୍ୟାପୀ ପ୍ରଦର୍ଶିତ ହେବ ଚଳଚ୍ଚିତ୍ର 'ଆନ୍ଦୋଳନ'

ବାରିପଦା, ୧।୯ (ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳ ଅଭୟାରଣ୍ୟ ଏବଂ ପରିବେଶର ସୁରକ୍ଷା ସହିତ ଜଙ୍ଗଲ, ପାହାଡ଼ ପର୍ବତକୁ କୌଣସି ପ୍ରକାରର କ୍ଷତି ନ ପହଞ୍ଚାଇ ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀର ଗନ୍ତାଘର ମୟୂରଭଞ୍ଜରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଓ ବନ୍ୟଜାତ ଦ୍ରବ୍ୟର (ବାଉଁଶ, ସବାଇ ଘାସ, ଶାଳ ପତ୍ର ଏବଂ ଅନ୍ୟାନ୍ୟ) ଉଚିତ୍ ବ୍ୟବସାୟୀକରଣ ମାଧ୍ୟମରେ ଲକ୍ଷାଧିକ ବେକାର ଯୁବକ ଯୁବତୀ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ଏବଂ ଅଞ୍ଚଳର କିପରି ଅର୍ଥନୈତିକ ଅଭିବୃଦ୍ଧି ହେବ ସେ ନେଇ ଦୀର୍ଘବର୍ଷ ଧରି ଆନ୍ଦୋଳନରତ ଭଞ୍ଜସେନା ପକ୍ଷରୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ପରିକଳ୍ପନା କ୍ରମେ ଜନସଚେତନତା ଉଦ୍ଦେଶ୍ୟରେ ନିର୍ମିତ ହୋଇଛି 'ଆନ୍ଦୋଳନ' ଚଳଚ୍ଚିତ୍ର। ବିନା ଶୁଳ୍କ ଚଳଚ୍ଚିତ୍ରରେ ଥିବା ବାର୍ତ୍ତାଟିକୁ ସମଗ୍ର ଜିଲ୍ଲାବାସୀଙ୍କ ପାଖରେ ପହଞ୍ଚିବା ପାଇଁ ଭଞ୍ଜସେନା ପକ୍ଷରୁ ଦୁଇଟି ଏଲଇଡି ଗାଡି ମାଧ୍ୟମରେ ଚଳିତ ସେପ୍ଟେମ୍ବର ୫ ତାରିଖ ଶୁକ୍ରବାର 'ଗୁରୁଦିବସ'ରୁ ୪ଟି ଉପଖଣ୍ଡରେ ଚଳଚ୍ଚିତ୍ରଟି ପ୍ରଦର୍ଶନ କରାଯିବ। ସେପ୍ଟେମ୍ବର ୨୫ ତାରିଖ ସୁଦ୍ଧା ୨୧ ଦିନ ଏହି ଚଳଚ୍ଚିତ୍ର ପ୍ରଦର୍ଶନ ହେବ। ସେପ୍ଟେମ୍ବର ୫ ତାରିଖ 'ଗୁରୁଦିବସ'ଠାରୁ ଗୋଟିଏ ଏଲଇଡି ଗାଡି ପାଞ୍ଚପୀଢ ଉପଖଣ୍ଡ ଠାକୁରମୁଣ୍ଡାରୁ ଆରମ୍ଭ ହୋଇ ବାମନଘାଟି ଉପଖଣ୍ଡ ବିଶୋଇ ବ୍ଲକରେ ସାରି ଜିଲ୍ଲାର ସଦର ମହକୁମା ବାରିପଦାରେ ପହଞ୍ଚିବ। ସେହିପରି ଆଉ ଗୋଟିଏ ଏଲଇଡି ଗାଡି ବାରିପଦା ଉପଖଣ୍ଡ ବାଙ୍ଗିରିପୋଷି ବ୍ଲକରୁ ଆରମ୍ଭ ହୋଇ କପ୍ତିପଦା ବ୍ଲକରେ ଶେଷକରି ଶେଷରେ ସଦର ମହକୁମା ବାରିପଦାରେ ପହଞ୍ଚିବ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି କହିଛନ୍ତି।

## କପ୍ତିପଦାକୁ ଏନ୍ଏସି ମାନ୍ୟତା ନେଇ ସରକାରଙ୍କ ଅଭିନନ୍ଦନ ଜଣାଇଲେ ବୁଦ୍ଧିଜୀବୀ




କପ୍ତିପଦା, ୧।୯ (ସମିସ): ପଞ୍ଚାୟତିରାଜ ଦିବସରେ ରାଜ୍ୟ ସରକାର ଦ୍ୱିତୀୟ ପର୍ଯ୍ୟାୟରେ ୧୬ଟି ବିଜ୍ଞାପିତ ଅଞ୍ଚଳ ଘୋଷଣା କରିଛନ୍ତି। ସେଥିମଧ୍ୟରୁ କପ୍ତିପଦାକୁ ବିଜ୍ଞାପିତ ଅଞ୍ଚଳର ମାନ୍ୟତା ପ୍ରଦାନ କରାଯାଇଥିବାରୁ କପ୍ତିପଦା ବିକାଶ ମଞ୍ଚ ତଥା ବୁଦ୍ଧିଜୀବୀ, ସମାଜସେବୀ, ଶିକ୍ଷାବିତଙ୍କ ସମେତ ସାଧାରଣ ନାଗରିକଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି। ଲୋକ ବାଜା ବଜାଇ ବ୍ୟାନର ଧରି ବଜାର ପରିକ୍ରମା କରିବା ସହିତ ସମସ୍ତଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଉଦଳା ବିଧାୟକ ଭାସ୍କର ମଢେଇଙ୍କୁ ଅଭିନନ୍ଦନ ଓ କୃତଜ୍ଞତା ଜଣାଇଛନ୍ତି। ଦୀର୍ଘଦିନର ସଂଘର୍ଷ ପରେ କପ୍ତିପଦାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ମିଳିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଶୀଘ୍ର ଏହା କିପରି ରୂପରେଖ ନେବ ସେଥିପାଇଁ ପ୍ରଶାସନିକ କ୍ଷେତ୍ରରେ ତତ୍ପରତା ପ୍ରକାଶ ପାଇବା ଆବଶ୍ୟକ ବୋଲି କପ୍ତିପଦା, ଝିଙ୍କପଦା, ଜାମବଣୀ ଓ ଖଲାଡି ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲାପରିଷଦ ସଦସ୍ୟ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତା ମତବ୍ୟକ୍ତ କରିଛନ୍ତି।

## ଚିତ୍ରଡ଼ା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



ମୋରଡ଼ା, ୧।୯ (ସମିସ): ମୋରଡ଼ା ବ୍ଲକ ଚିତ୍ରଡା ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ସ୍ୱତନ୍ତ୍ର ଅତିଥି ଭାବେ କାନ୍ଦ୍ରା ସୋରେନ, ମୁଖ୍ୟବକ୍ତା ପୂର୍ବତନ ଅଧ୍ୟାପକ ହରିଶ୍ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ପ୍ରତିଷ୍ଠାତା ସ୍ୱର୍ଗତ ଉମେଶ ଚନ୍ଦ୍ର ଦାସଙ୍କ ପୁତ୍ରବଧୂ ସଂଯୁକ୍ତା ଦାସ, ପରିଚାଳନା କମିଟିର ସଭାପତି ବରେନ୍ଦ୍ର କୁମାର ଦାସ, ନିରଞ୍ଜନ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ପ୍ରଥମେ କଲେଜ ପ୍ରତିଷ୍ଠାତା ଉମେଶ ଚନ୍ଦ୍ର ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସଭା ଆରମ୍ଭ ହୋଇଥିଲା। ଅଧ୍ୟାପିକା ସୌଦାମିନୀ ସିଂଙ୍କ ସମେତ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ରସାୟନ ବିଜ୍ଞାନ ପ୍ରାଧ୍ୟାପକ କାମଦେବ ପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମାଝୀ ପ୍ରତ୍ୟେକ ଛାତ୍ରଛାତ୍ରୀ ଅନୁଷ୍ଠାନର ମୂଲ୍ୟବୋଧ ଏବଂ ଆଦର୍ଶର ଦୂତ। ତେଣୁ ନିଜର ସ୍ୱପ୍ନ ସାକାର ନିମନ୍ତେ କଠିନ ପରିଶ୍ରମ କରିବାକୁ ସେ ପରାମର୍ଶ ଦେଇଥିଲେ। ଅଧ୍ୟାପକ ବୁଦ୍ଧିରାମ ସିଂ ମଞ୍ଚ ପରିଚାଳନା କରିଥିଲେ।

## ଖାଦ୍ୟ ଓ ସ୍ୱାସ୍ଥ୍ୟ ଭ୍ରାମ୍ୟମାଣ ପ୍ରଦର୍ଶନୀ ଉଦ୍‌ଘାଟିତ




ବଡସାହି, ୧।୯ (ସମିସ): ବଡସାହି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ରାଷ୍ଟ୍ରୀୟ ବିଜ୍ଞାନ ସଂଗ୍ରାହାଳୟ ପରିଷଦ ଆନୁକୂଲ୍ୟରେ ଓ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ସହଯୋଗରେ ଖାଦ୍ୟ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ଭ୍ରାମ୍ୟମାଣ ପ୍ରଦର୍ଶନୀ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅନୁସୂୟା ଖମାରୀ ଉଦଘାଟନ କରିଥିଲେ। ଏହି ପ୍ରଦର୍ଶନୀ ୩ଦିନ ଧରି ଚାଲିବ। ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମନ୍ମଥ କୁମାର ଜେନା, ବିକାଶ କୁମାର ମୁଦୁଲି ଓ ବିନ୍ଦୁସାଗର ଲେଙ୍କା ସେମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଅନ୍ୟ ଦିନରେ ବ୍ଲକର ଅନ୍ୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ପ୍ରଦର୍ଶନୀକୁ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ପର୍ଯ୍ୟାୟକ୍ରମେ ଜିଲ୍ଲାର ୪୮ ଟି ବିଦ୍ୟାଳୟରେ ଏହି ପ୍ରଦର୍ଶନୀ ପ୍ରଦର୍ଶିତ ହେବ।

## ମାରାଂବୁରୁ ଚ୍ୟାଲେଞ୍ଜ କପ୍; ଭଗାମୁଣ୍ଡା ଚାମ୍ପିଅନ



ମହୁଲଡିହା, ୧।୯ (ସମିସ): ଠାକୁରମୁଣ୍ଡା ବ୍ଲକ ତରାମରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୋବରଯୋଡ଼ା ଗ୍ରାମରେ ଚାଲିଥିବା ୩ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ମାରାଂ ବୁରୁ ଚ୍ୟାଲେଞ୍ଜ କପ ନାମରେ ଏହି ଟୁର୍ଣ୍ଣାମେଣ୍ଟ ଗତ ୧୨ ବର୍ଷ ଧରି ଚାଲିଥିବାବେଳେ ୪ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇ ବିଜେତା ଦଳକୁ ପୁରସ୍କାର ବଣ୍ଟନ କରିଥିଲେ। ଖେଳ ସମସ୍ତଙ୍କୁ ଭାଇଚାରାରେ ବାନ୍ଧି ରଖିବାରେ ସଫଳ ହୋଇଛି। ଗାଁ ଗାଁରେ ଦ୍ୱେଷ ବିଦ୍ୱେଷକୁ ଭୁଲି ସମସ୍ତେ ଏକାଠି ହୋଇ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିବାରୁ ସମସ୍ତ କର୍ମକର୍ତ୍ତାଙ୍କୁ ସେ ଧନ୍ୟବାଦ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ତରାମରା ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ଚାମ୍ପିଅନ ଭାବେ ୟୁଏମଜି ଭଗାମୁଣ୍ଡା ୪୦ ହଜାର ଅର୍ଥ ରାଶି ପୁରସ୍କାର ପାଇଥିବା ବେଳେ ରନର୍ସ ଅପ ଦଳ ୟୁଏମଜି ଶରତ ୩୦ ହଜାର ଟଙ୍କା ପାଇଛି। ସେହିପରି ତୃତୀୟ ଓ ଚତୁର୍ଥ ଦଳ ଭାବେ ରୋହିତ-ଏକ୍ସଏଲ ଓ ସୁମିତ ଏକ୍ସଏଲ ୨୦ ଓ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପାଇଛନ୍ତି। ରେଫରୀ ଭାବେ ନୀତିଶ ମାଝୀ, ମାନସିଂ ମୁର୍ମୁ, ସୁରେଇ ମୁର୍ମୁ, କେଦାର କାଲୁଣ୍ଡିଆ ଦାୟିତ୍ୱ ନିର୍ବାହ କରିଥିଲେ।

## ବିଶ୍ୱବିଦ୍ୟାଳୟ ସାନ୍ତାଳୀ ବିଭାଗରେ ସ୍ୱାଗତ ଉତ୍ସବ



ବାରିପଦା, ୧।୯ (ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସାନ୍ତାଳୀ ଭାଷା ଓ ସାହିତ୍ୟ ବିଭାଗରେ ନବାଗତ ଛାତ୍ରଛାତ୍ରୀଙ୍କୁ ଦ୍ୱିତୀୟ ବର୍ଷର ବିଦ୍ୟାର୍ଥୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଫେସର ତଥା ସଂଯୋଜକ ଡ. ଯତୀନ୍ଦ୍ର ନାଥ ବେଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତକତପୁର ଟିଟିଆଇର ଅଧ୍ୟକ୍ଷ ଇଂ କାନ୍ଦାନ୍ ମାଝୀ, ସମ୍ମାନିତ ଅତିଥି ଭାବେ ପରୀକ୍ଷା ନିୟନ୍ତ୍ରକଙ୍କ ପିଏ ରାମଚନ୍ଦ୍ର ବାସ୍କେ ଏବଂ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ସାନ୍ତାଳୀ ବିଭାଗର ଅଧ୍ୟାପକ ଡ଼ଃ ଲକ୍ଷ୍ମଣ ବାସ୍କେ, ବିଶ୍ୱବିଦ୍ୟାଳୟ ସାନ୍ତାଳୀ ବିଭାଗର ଅଧ୍ୟାପକ ଦୁର୍ଗା ସୋରେନ ଓ ପିଲଚୁଆନୁ ଠାକୁର ମୁର୍ମୁ ଯୋଗଦେଇ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହିତ ପାଠ୍ୟକ୍ରମରେ ଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ପାଣ୍ଡୁ କୁମାର ମୁର୍ମୁ, ଗଣେଶ ଟୁଡୁ ଓ ଧାନୀପ୍ରିୟା ସୋରେନ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସୀମଲ ସୋରେନ, ଭୀମ ମୁର୍ମୁ, ସଙ୍ଗୀତା ମୁର୍ମୁ ଓ ଜ୍ୟୋତି ରେଖା ରୁଡ୍ ମାର୍ଣ୍ଡି ଉପସ୍ଥିତ ଥିଲେ। ଶେଷରେ ଗବେଷକ ସଞ୍ଜୀୟ କୁମାର ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

● ବିଇଓଙ୍କ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ବିଧାୟକଙ୍କୁ ଦାବିପତ୍ର

# କାର୍ଯ୍ୟାଳୟରେ ନାଲି କାର୍‌କୁ ଦେଖି ଶିକ୍ଷକ ଆତଙ୍କିତ

ବଡସାହି, ୧।୯ (ସମିସ): ବଡସାହି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ବାରମ୍ବାର ବିବାଦରେ ଛନ୍ଦି ହେଉଛି। ସଚିବଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳ ଓ ଡିଇଓ ସବୁ ଜାଣି ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ। ଏହି ଅଫିସର ଜଣେ ପୂର୍ବତନ ଏବିଇଓ ବିଭିନ୍ନ ଦୁର୍ନୀତିରେ ଛନ୍ଦି ହୋଇ ଏଠୁ ବିଦା ହେବା ପରେ ବି ତାଙ୍କର ଦବଦବା ରହିଛି। ଆଜି ବି ତାଙ୍କ ଇଙ୍ଗିତରେ ବହୁ ବେନିୟମ କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ ହୋଇଛି। ତାଙ୍କ ବିରୋଧରେ ଅଭିଯୋଗ କରିଥିବା ଶିକ୍ଷକଙ୍କ ପ୍ରତି ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏକ ନାଲି କାରକୁ ନେଇ ଶିକ୍ଷକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏହି ନାଲି କାର ଯେଉଁଦିନ ବିଇଓ ଅଫିସରେ ପହଞ୍ଚୁଛି କିଛି ଦିନ ପରେ ଜଣେ ନା ଜଣେ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଗତ ୨୭ ତାରିଖ ସରସ୍ୱତୀ ପୂଜା ଛୁଟି ଥିବା ସତ୍ତ୍ୱେ ଏହି ନାଲି କାରଟି ବିଇଓ ଅଫିସ ସମ୍ମୁଖରେ ଛିଡା ହୋଇଥିଲା। କାର୍ଯ୍ୟାଳୟର ସମସ୍ତ ଝରକା ବନ୍ଦ ଥିବା ବେଳେ ପ୍ରବେଶ ଗ୍ରୀଲଟି ଖୋଲାଥିଲା। ତେବେ କାରଟି କାହାର ଏବଂ ଛୁଟିଦିନରେ କ'ଣ କରୁଥିଲେ। ସେଥିରେ କିଏ ଥିଲେ ତାହାର ତଦନ୍ତସାପେକ୍ଷ। ଏଥିରେ ଅତିଷ୍ଠ ହୋଇ ବିଭିନ୍ନ ଶିକ୍ଷକ ସଂଗଠନ ପକ୍ଷରୁ ୧୩ ଦଫା ସମ୍ବଳିତି ଏକ ଦାବିପତ୍ର ବଡସାହି ବିଧାୟକଙ୍କୁ ପ୍ରଦାନ କରାଯାଇଛି। ୧୪୦ ଜଣ ଶିକ୍ଷକଙ୍କ ନିୟମ ବର୍ହିଭୂତ ଡେପୁଟେସନ, ଶିକ୍ଷକ ସତ୍ୟପ୍ରକାଶ ମହାନ୍ତଙ୍କ ୨ମାସରେ ୨ଥର ଡେପୁଟେସନ,




ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ବେହେରାଙ୍କୁ ସୁହାଇଲା ଭଳି ସୁବିଧାଜନକ ସ୍ଥାନରେ ଅବସ୍ଥାପିତ କରିବା, ଲାଞ୍ଚ ଦେଉ ନ ଥିବା ଅବସରପ୍ରାପ୍ତ ଶିକ୍ଷକଙ୍କ ପେନସନ ସମ୍ପର୍କିତ କାଗଜପତ୍ର ଠିକ୍ ସମୟରେ ନ କରିବା, ଏଚବିଏ ବାବଦରେ ୨୫ହଜାର ଟଙ୍କାର ଲାଞ୍ଚ ପ୍ରଦାନ କରବାର ଏକମାସ ପରେ ବିଲ କରିବା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁନିତା ସିଂଙ୍କ ଦୀର୍ଘ ୪ମାସ ଧରି ପେନସନ ନମିଳିବା, ଶିକ୍ଷକ ମୋହନ ସୁନ୍ଦର ମହାନ୍ତଙ୍କୁ ୭ମାସ ଧରି ନିଲମ୍ବିତ କରିଥିଲେ ହେଁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା, ଶିକ୍ଷକ କାର୍ତ୍ତିକ ଜେନାଙ୍କୁ ଆକ୍ରୋଶମୂଳକ ଭାବେ ଦୁଇ ମାସ ମଧ୍ୟରେ ଦୁଇ ଥର ଅନ୍ୟ ବିଦ୍ୟାଳୟକୁ ବଦଳି କରି ପୁଣି ଆଦେଶ ବାତିଲ କରିବା, ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପରିଭ୍ରମଣ ଅର୍ଥ ଆତ୍ମସାତ କରିବା, ସମଗ୍ର ଶିକ୍ଷା ପ୍ରଶିକ୍ଷଣ କାର୍ଯ୍ୟାକ୍ରମରେ ଆର୍ଥିକ ଅନୁଦାନର ସଠିକ୍ ବିନିଯୋଗ ନ କରି ଆତ୍ମସାତ କରିବା, କ୍ରୟ କମିଟି ଗଠନ ନ କରି ଅଫିସର କଣ୍ଟିଜେନ୍ସି ଅନୁଦାନକୁ ହଡପ କରିବା ଆଦି ଦାବି ରହିଛି। ଏହି ସମସ୍ତ ଦାବିକୁ ନେଇ ବିଧାୟକ ସନାତନ ବିଜୁଳି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଡିଇଓଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଡିଇଓ ତଦନ୍ତ ଦାୟିତ୍ୱ ଏଡିଇଓ ବିନୋଦ ସିଂଙ୍କୁ ଦେଇଥିବା ବେଳେ ସେ ଗତ ୨୬ ତାରିଖରେ ତଦନ୍ତ କରି ଫେରିଛନ୍ତି। ଏହାବାଦ ଧାନପୋତା ପ୍ରାଥମିକ ବିଦ୍ୟାଳୟକୁ ବାରମ୍ବାର ଯାଇ ଶିକ୍ଷକମଙ୍କ ଦୋଷ ଦୁର୍ବଳତା ଖୋଜିବା ସହିତ ସେମାନଙ୍କୁ ମାନସିକ ନିର୍ଯାତନା ଦେବା, ଅବିଭାବକଙ୍କୁ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ କରିବା ପାଇଁ ପ୍ରବର୍ତ୍ତାଇବା ଓ ଦୀର୍ଘ ସମୟ ବିଦ୍ୟାଳୟରେ ରହି ପିଲାଙ୍କ ପାଠ ପଢ଼ାରେ ସମୟନଷ୍ଟ କରୁଥିବାର ସରପଞ୍ଚ ସୀତା ମାରାଣ୍ଡି, ସମିତିସଭ୍ୟ ସରସ୍ୱତୀ ସିଂ, ଚେୟାରମ୍ୟାନ ପ୍ରଫୁଲ୍ଲ ସିଂ, ଭାଇସ ଚେୟାରମ୍ୟାନ ସୁଜାତା ମହାନ୍ତ, ପୂର୍ବର୍ତନ ଚେୟାରମ୍ୟାନ ଦୁର୍ଗାଚରଣ ମହାନ୍ତଙ୍କ ସମେତ ଗ୍ରାମବାସୀ ଡିଇଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ବିଇଓ ମଧୁସ୍ମିତା ଗିରିଙ୍କୁ ପଚାରିବାରୁ ସେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

## ସତ୍ୟନାରାୟଣ ମନ୍ଦିରରେ ରାଧାଷ୍ଟମୀ ପୂଜା



ରାଇରଙ୍ଗପୁର, ୧।୯ (ସମିସ): ରାଇରଙ୍ଗପୁର ସତ୍ୟନାରାୟଣ ମନ୍ଦିରରେ ଆଚାର୍ଯ୍ୟ ସନୱାରମାଲ ଜୀ ଶାସ୍ତ୍ରୀଙ୍କ ନେତୃତ୍ୱରେ ପଣ୍ଡିତ ଦୀନେଶ ଜୀ ଶାସ୍ତ୍ରୀ ରାଧାରାଣୀଙ୍କ ବିଶେଷ ପୂଜା କରିଥିଲେ। ରାଧାରାଣୀଙ୍କ ଆଶୀର୍ବାଦ ପାଇବା ଭକ୍ତଙ୍କ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ଭକ୍ତମାନେ ରାଧାରାଣୀଙ୍କୁ ଦର୍ଶନ କରିଥିଲେ। ଏହା ପରେ ସନ୍ଧ୍ୟା ୭ଟାରୁ ରାଧାକୃଷ୍ଣ ଭଜନ ମଣ୍ଡଳୀ ଦ୍ୱାରା ଭଜନ ସେବା ଆୟୋଜନ କରାଯାଇଥିଲା। ଏହି ଅବସରରେ ମନ୍ଦିର ପରିସର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।






# ଚୀନ୍‌ର ମୟୂର୍ ପ୍ୟାଲେସ୍‌ରେ ବିରାଜିବେ ଦୁର୍ଗତିନାଶିନୀ

ଭୁବନେଶ୍ୱର, ୨।୯ (ସମିସ): ପାଖେଇ ଆସୁଛି ଜଗତ୍‌ଜନନୀ ମା' ଦୁର୍ଗାଙ୍କ ପୂଜା। ସମସ୍ତଙ୍କ ମଧ୍ୟରେ ଉତ୍କଣ୍ଠା ମଧ୍ୟ ବଢ଼ିବାରେ ଲାଗିଛି। ଆଉ ମାତ୍ର ଅଳ୍ପ ଦିନ ପରେ ଧରାପୃଷ୍ଠରେ ଅବତାରଣା କରିବେ ମହିଷାମର୍ଦ୍ଦିନୀ ମା' ଦୁର୍ଗା। ଚଳିତ ଥର ରାଜଧାନୀରେ ପ୍ରାୟ ଛୋଟ ବଡ଼ ମିଶି ୧୫୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜାର ଆୟୋଜନ କରାଯାଉଥିବା ବେଳେ ବମିଖାଲ ଦୁର୍ଗାପୂଜା ସମିତି ପକ୍ଷରୁ ମଧ୍ୟ ଆରମ୍ଭ ହୋଇଛି ପ୍ରସ୍ତୁତି। କମିଟି ପକ୍ଷରୁ ଚଳିତ ବର୍ଷ ୮୦ ଫୁଟ ଉଚ୍ଚତା ଏବଂ ୧୧୦ ଫୁଟ ଚଉଡ଼ା ବିଶିଷ୍ଟ ଚୀନ୍‌ର ମୟୂର ପ୍ୟାଲେସ୍ ସଦୃଶ ତୋରଣ

## ■ ଅଷ୍ଟମୀରେ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ

## ■ ଦଶମୀରେ ଲେଜର୍ ଲାଇଟ୍ ସୋ'

ନିର୍ମାଣ କରାଯାଉଛି। ତୋରଣ ନିର୍ମାଣ କାର୍ଯ୍ୟରେ ପ୍ରାୟ ୪୦ଜଣ ବଙ୍ଗୀୟ କାରିଗର ନିୟୋଜିତ ହୋଇଥିବା ବେଳେ ମା'ଙ୍କ ୧୬ଫୁଟ ଉଚ୍ଚତାର ମା'ଙ୍କ ମୂର୍ତ୍ତି ଓ ମେଢ଼ ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ଚଳିତ ବର୍ଷ କମିଟି ପକ୍ଷରୁ ୬୨ତମ ପୂଜା ପାଳନ ହେବାକୁ ଯାଉଥିବାରୁ କର୍ମକର୍ତ୍ତାଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଚାନ୍ଦି ମୁକୁଟରେ ଶୋଭା ପାଇବେ ମା'। ପୂଜାବିଧି ଅନୁସାରେ ଷଷ୍ଠୀରେ ବେଲ୍ୱବରଣୀ, ସାଙ୍ଗକୁ ୧୦ମୀ ପର୍ଯ୍ୟନ୍ତ ବିଭିନ୍ନ ରକମର ପିଠାପଣା ମା'ଙ୍କ ପାଖରେ ଅର୍ପଣ କରାଯିବ। ଅଷ୍ଟମୀରେ ମା'ଙ୍କ ପାଖରେ ଖେଚୁଡି ଓ ଡାଲମା ଭୋଗ ଲାଗି ହେବ। ପ୍ରତି ସନ୍ଧ୍ୟାରେ ଖେଚୁଡି ଓ ଖିରୀ ଭୋଗ ଲାଗି ହେବା ସହ ଦଶମୀରେ ମା'ଙ୍କ ପାଖରେ ଦହିପଖାଳ ଭୋଗ ଲାଗି ହେବ। ଏଥର ଆଖିଦୃଶିଆ ତୋରଣ ସାଙ୍ଗକୁ ପୂଜାର ପ୍ରାୟ ୭ଦିନ ପୂର୍ବରୁ ଆଲୋକମାଳାରେ ଝଲସିବ



ରାସ୍ତାଘାଟ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ରହିଛି ସପ୍ତମୀରେ ଭଜନ ସମାରୋହରେ ବିଶିଷ୍ଟ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିବେ। ଅଷ୍ଟମୀ ଓ ନବମୀରେ ଅର୍କେଷ୍ଟ୍ରା ସାଙ୍ଗକୁ ଦଶମୀରେ ରହିଛି ଲେଜର ଲାଇଟ୍ ସୋ'। ଅଷ୍ଟମୀ ପୂଜାରେ ମହିଳା ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ଘରୋଇ ଏଜେନ୍ସିରୁ ସୁରକ୍ଷାକର୍ମୀଙ୍କ ସହ କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ବିଭିନ୍ନ ଦିଗକୁ ଲକ୍ଷ୍ୟ ରଖିବେ। ଚଳିତ ବର୍ଷ ପୂଜା ବଜେଟ୍ ପ୍ରାୟ ୫୦ ରୁ ୬୦ଲକ୍ଷ ରହିଥିବା କମିଟି ପକ୍ଷରୁ କୁହାଯାଇଛି।



ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏକ ଥିମ୍‌କୁ ନେଇ ତୋରଣ ପ୍ରସ୍ତୁତ କରାଯାଇଛି। ଅଷ୍ଟମୀରେ ମହିଳା ଭକ୍ତମାନେ ଶାଢ଼ି ପୂଜା କରିବା ସହ ଏହିଦିନ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ରହିବ। ଦର୍ଶନ ପାଇଁ ମହିଳା ଓ ପୁରୁଷ ଭିନ୍ନ ଲାଇନ୍ କରାଯିବା ଏବଂ ୫୦ରୁ ଊର୍ଦ୍ଧ୍ୱ ସିସିଟିଭି କ୍ୟାମେରା ସହ ପୁଲିସ ପ୍ରଶାସନ, କମିଟିର ସଦସ୍ୟମାନେ ମଧ୍ୟ ସଜାଗ ରହିବେ। ସେହିପରି ଅଗ୍ନିନରାପତ୍ତା ବ୍ୟବସ୍ଥା, ଦିବ୍ୟାଙ୍ଗଙ୍କ ପାଇଁ ହ୍ୱିଲ୍‌ଚେୟାର ବ୍ୟବସ୍ଥା କରାଯିବ।

**ସୁଜନ କୁମାର ଜେନା(ସଭାପତି)**



ଚଳିତ ବର୍ଷ କମିଶନରେଟ୍ ପୁଲିସର ନିୟମ ଅନୁସାରେ ଭସାଣୀ ଅନୁଷ୍ଠିତ ହେବ। ଯଦି ଡିଜେ ବଜାଇବାକୁ ଅନୁମତି ନମିଳେ ତେବେ ପାରମ୍ପରିକ ବାଦ୍ୟରେ ମା'ଙ୍କୁ ମେଲାଣି ଦିଆଯିବ। ଭସାଣି ଦିନ ମେଢ଼ ବମିଖାଲ ମଣ୍ଡପରୁ ବାଣୀବିହାର, ସେଠାରୁ ସମସ୍ତ ମେଢ଼ ଏକାଠି ହୋଇ ରାଜମହଲ ଅଭିମୁଖେ ଭସାଣି ଶୋଭାଯାତ୍ରାରେ କରାଯାଇ ଉକ୍ତ ସ୍ଥାନରୁ କୁଆଖାଇ ନଦୀରେ ମା'ଙ୍କୁ ମେଲାଣି ଦିଆଯିବ। ତେବେ ଶାନ୍ତି ଶୃଙ୍ଖଳାରେ କିପରି ପୂଜା ହୋଇପାରିବ ଏଥିପ୍ରତି ଦୃଷ୍ଟି ଦିଆଯିବା ସହ ପୁଲିସ୍ ସହ ସହଯୋଗ କରାଯିବ।

**ଶୈଳେନ୍ଦ୍ର କୁମାର ଜେନା (ସମ୍ପାଦକ)**

# ରୋଗ ଯନ୍ତ୍ରଣା ସହି ନ ପାରି ଜୀବନ ହାରିଲେ ଯୁବକ

ବାଲିପାଟଣା, ୨।୯ (ସମିସ) : ରୋଗ ଯନ୍ତ୍ରଣାକୁ ସହି ନ ପାରି ଜୀବନ ହାରିଲେ ଯୁବକ। ମୃତ ଯୁବକ ହେଲେ ବାଲିପାଟଣା ଥାନା ସରାଟ ଗ୍ରାମର କ୍ଷୀରୋଦ ପ୍ରଧାନ ଓରଫ ଟିକି ( ୩୬ )। ସୂଚନା ଅନୁଯାୟୀ କ୍ଷୀରୋଦ କିଛିଦିନ ହେଲା ହଳଦିଆ କାମଳ, ଜ୍ୱରରେ ଆକ୍ରାନ୍ତ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ହସ୍ପିଟାଲ ନେଇ ଚିକିତ୍ସା କରିବାକୁ ଚେଷ୍ଟା କରିଥିଲେ। କ୍ଷୀରୋଦ ହସ୍ପିଟାଲରେ ରହିବାକୁ ଭୟ କରୁଥିଲେ। କିଛି ଦିନ ତଳେ କ୍ଷୀରୋଦ ଆଡମିସନ ପରେ ହସ୍ପିଟାଲ ବେଡ଼ ଛାଡି ଘରକୁ ଚାଲି ଆସିଥିଲେ। ସେ ମାନସିକ ସ୍ତରରେ ଦୁର୍ବଳ ହୋଇ ପଡ଼ିଥିଲେ। ସୋମବାର କ୍ୟାପିଟାଲ ହସ୍ପିଟାଲକୁ ଯିବା ପାଇଁ ସ୍ଥିର ହୋଇଥିଲା। ସେ ବିଷୟରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପରିବାର ଲୋକଙ୍କ ସହ କଥା ମଧ୍ୟ ହୋଇଥିଲେ। କିନ୍ତୁ ଭୋରୁ ଟେଣ୍ଟ ସାମଗ୍ରୀ ରଖା ଯାଇଥିବା ଗୋଦାମ ଘରେ ସେ ବେକରେ କପଡ଼ା ବାନ୍ଧି ଝୁଲି ପଡ଼ିଥିଲେ। ପରିବାର ଲୋକେ ଘରେ ନ ପାଇବାରୁ ଆଖପାଖରେ ଖୋଜାଖୋଜି କରିଥିଲେ। ଗୋଦାମ ଘର ଭିତରେ ଝୁଲନ୍ତା ଅବସ୍ଥାରେ ତାଙ୍କର ମୃତଦେହ ଦେଖି ପରିବାର ଲୋକେ ଗାଁ ଲୋକଙ୍କୁ ଡାକିଥିଲେ। ତାଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣା ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲିପାଟଣା ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ପ୍ରକ୍ରିୟା ଜାରି ରଖିଛି।

# ମାନସିକ ଶକ୍ତି ପାଇଁ ଯୋଗ ନିତାନ୍ତ ଆବଶ୍ୟକ



ଭୁବନେଶ୍ୱର, ୨।୯ (ସମିସ): ପ୍ରାଚୀନ ଭାରତୀୟ ସଂସ୍କୃତିର ସଚେତନତା ଓ ପୁନଃଜାଗରଣ ପାଇଁ ଆମ ସଂସ୍କୃତି କୁଇଜ୍, ଯୋଗ ଓ ଶ୍ରୀମଦ୍ ଭାଗବଦ୍ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା ରାଜଧାନୀର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଗୀତା ତ୍ରିପାଠୀ ଓ ତ୍ରିଦିବ ତ୍ରିପାଠୀଙ୍କ ପ୍ରଚେଷ୍ଟା ଓ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଡ. ଦେବବ୍ରତ ସାହାଣୀ, ସୁଦତ୍ତା ପଟ୍ଟନାୟକ, ଡ. ସୌରେନ୍ଦ୍ର ମହାପାତ୍ର ଓ ଗୌରୀ ଶଙ୍କର ଶର୍ମା ପ୍ରଦୀପ ପ୍ରଜ୍ୱଳନ କରି ପୁରସ୍କାର ବିତରଣ କରିଥିଲେ। ଡ. ଦେବବ୍ରତ ସାହାଣୀ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ମାନସିକ ଶକ୍ତି ବଢ଼ାଇବା ପାଇଁ ସହଜ ଯୌଗିକ କୌଶଳଗୁଡ଼ିକ ନିୟମିତ ଅଭ୍ୟାସ କରିବାକୁ ପ୍ରେରଣା ଦେଇଥିଲେ। ସଞ୍ଜୟ ନନ୍ଦ ଯୌଗିକ ଜୀବନଶୈଳୀର ଉପାଦେୟତା, ସୁଖ ରହିବାର ସୂତ୍ର, ପୁରାତନ ଶାସ୍ତ୍ର ଓ ଭଗବତର ଶିକ୍ଷା ଆଜିର ସମୟରେ କିଭଳି ପ୍ରାସଙ୍ଗିକ ତାହାର ଚର୍ଚ୍ଚା କରିଥିଲେ। ଏହି ପ୍ରତିଯୋଗିତା ଜୁଲାଇ ମାସ ଠାରୁ ଗୀତା ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜଧାନୀର ୪୧ଟି ବିଦ୍ୟାଳୟର ସାଢେ ତିନି ହଜାର ଛାତ୍ରଛାତ୍ରୀଙ୍କୁ ନେଇଁ ଅନୁଷ୍ଠିତ ହୋଇଥିଲା।

# ଡମଣା ଦୁର୍ଗାପୂଜା ମାଟି ଅନୁକୂଳ

ଭୁବନେଶ୍ୱର, ୨।୯ (ସମିସ): ପବିତ୍ର ରାଧାଷ୍ଟମୀ ତିଥିରେ ଡମଣା ଗୋପୀନାଥ ଜୀଉ ଦୁର୍ଗାପୂଜା କମିଟି ପକ୍ଷରୁ ସାର୍ବଜନୀନ ଦୁର୍ଗାପୂଜା ପାଇଁ କୁଆଖାଇ ନଦୀ ପଠାରୁ ମାଙ୍କ ମୃଣ୍ମୟୀ ମୂର୍ତ୍ତି ନିମନ୍ତେ ମାଟି ଅନୁକୂଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କର୍ତ୍ତା ଭାବରେ ଡମଣା ସାର୍ବଜନୀନ ଦୁର୍ଗାପୂଜାର ପ୍ରତିଷ୍ଠାତା ତଥା ସଭାପତି ନିଶାକର ସାହୁ ମାଟି ଅନୁକୂଳ କରିଥିଲେ।



ଭକ୍ତିଭାବପୂର୍ଣ୍ଣ ମ୍ୟୁଜିକ ଭିଡ଼ିଓ 'ଭୋଲେନାଥ'ର ଗାୟକ ଏବଂ ଅଭିନେତା ତଥା ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପୁରାତନ ଛାତ୍ର ଅନୁରାଗ କୀର୍ତ୍ତି ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକଙ୍କୁ ସାକ୍ଷାତ କରିଛନ୍ତି।

## ଟ୍ରମ୍ପଙ୍କ ଟାରିଫ୍ ଯୋଗୁଁ ଭାରତୀୟଙ୍କ ରୋଜଗାର ଉପରେ ସଙ୍କଟ

# ଏଆଇସିସିଟିୟୁ ପକ୍ଷରୁ ଭୁବନେଶ୍ୱରରେ ପ୍ରତିବାଦ

ଭୁବନେଶ୍ୱର, ୨।୯ (ସମିସ): ଟ୍ରମ୍ପଙ୍କ ଟାରିଫ୍ ଯୋଗୁଁ ସରକାରଙ୍କୁ ତୁରନ୍ତ ହସ୍ତକ୍ଷେପ କରି ମଜଦୁରମାନଙ୍କୁ ବେରୋଜଗାର ହେବାରୁ ରକ୍ଷା କରିବାକୁ ହେବ ବୋଲି ଆଜି ଏଆଇସିସିଟିୟୁ ପକ୍ଷରୁ ଦେଶବ୍ୟାପି ପ୍ରତିବାଦ ଦିବସରେ ଦାବି କରାଯାଇଛି। ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଲଗାଇଥିବା ୫୦ ପ୍ରତିଶତ ଟ୍ୟାରିଫ୍ ଲଗାଇଥିଲେ। ତେଣୁ ଏହି ଟ୍ୟାରିଫ ସବୁଠାରୁ ଖରାପ ପ୍ରଭାବ କାର୍ଯ୍ୟରତ ବର୍ଗ ଉପରେ ପଡ଼ିବ। ମଜଦୁରମାନଙ୍କ ଜୀବନ ଏବଂ ଗରିମା ପଶ୍ଚିମୀ ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କୁ ଖୁସି କରିବାକୁ ବଳିଦାନ କରାଯାଉଛି। ଏଆଇସିସିଟିୟୁ ସରକାର ତୁରନ୍ତ ହସ୍ତକ୍ଷେପ କରି ପ୍ରଭାବିତ ଉଦ୍ୟୋଗଗୁଡ଼ିକର ମଜଦୁରମାନଙ୍କୁ




ରୋଜଗାର ହରାଇବା ଏବଂ ବେତନ କଟାଯିବାରୁ ରକ୍ଷା କରିବାକୁ ଉଚିତ୍ ରାଜକୋଷୀୟ ସହାୟତା ପ୍ରଦାନ କରିବାକୁ ଦାବି କରିଛି। ଏହି ଦେଶବ୍ୟାପୀ ପ୍ରତିବାଦ ଦିବସରେ ଏଆଇସିସିଟିୟୁର ସଭାପତି ରାଧାକାନ୍ତ ସେଠୀ, ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା, ସମ୍ପାଦକ ସତ୍ୟମନୁ ପ୍ରଧାନ, ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ନୃତ୍ୟଶିଳ୍ପୀ ଡକ୍ଟର ଚିତ୍ତରଂଜନଙ୍କୁ ସମ୍ବର୍ଦ୍ଧନା



କଟକ, ୧।୯ (ସମିସ): ସ୍ୱାୟତ୍ତ ଶାସନ ଦିବସ ଅବସରରେ କଟକ ମହାନଗର ନିଗମ ପକ୍ଷରୁ ଓଡ଼ିଆ ଅଧ୍ୟାପକ ତଥା ଅନ୍ତଃରାଷ୍ଟ୍ରୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ଚିତ୍ତରଂଜନ ସାହାଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଆ ଭାଷା ଓ ଓଡ଼ିଶୀ ନୃତ୍ୟରେ ସାମଗ୍ରିକ କୃତିତ୍ୱ ପାଇଁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ତାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। କଟକ ସହିଦଭବନ ପ୍ରେକ୍ଷାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ମେୟର୍ ସୁବାସ ସିଂ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ, ବାରବାଟୀ ବିଧାୟିକା ସୋଫିଆ ଫିରଦୋସ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଡିସିପି ଖିଲାରୀ ଋଷିକେଶ ପ୍ରମୁଖ ଯୋଗଦେଇ ଡ. ଚିତ୍ତରଞ୍ଜନଙ୍କ ନୃତ୍ୟ ଓ ସାହିତ୍ୟ ଜୀବନର ଭୂୟସୀ ପ୍ରଶଂସା କରିଥିଲେ। ଦେଶବିଦେଶର ବିଭିନ୍ନ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ କର୍ମଶାଳା, ସମ୍ମିଳନୀ ଆୟୋନଜ କରି ଯୁବଗୋଷ୍ଠୀଙ୍କ ମଧ୍ୟରେ ଓଡ଼ିଆ ଭାଷା ସାହିତ୍ୟ, ଓଡ଼ିଶୀ ନୃତ୍ୟର ପ୍ରଚାରପ୍ରସାର କରି ଡ. ସାହାଣୀ ନିଜର ଏକ ନିଆରା ପରିଚୟ ସୃଷ୍ଟି କରିଛନ୍ତି।

# ଆସନ୍ତା ୪ରୁ ସିପିଆଇର ରାଜ୍ୟ ସମ୍ମିଳନୀ

ଭୁବନେଶ୍ୱର, ୨।୯(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସମ୍ବିଧାନ ଅନୁସାରେ ପ୍ରତି ୩ ବର୍ଷରେ ରାଜ୍ୟ ସମ୍ମିଳନୀ ହେଉଥିବାବେଳେ ଚଳିତ ସେପ୍ଟେମ୍ବର ୪ରୁ ୬ ତିନିଦିନ ଧରି ଭୁବନେଶ୍ୱରଠାରେ ସିପିଆଇର ୨୪ତମ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ। ଚଳିତ ବର୍ଷ ପାର୍ଟିର ଶତବାର୍ଷିକୀ ଚାଲିଥିବାରୁ ୪ ସେପ୍ଟେମ୍ବର ଭୁବନେଶ୍ୱରଠାରେ ଶତବାର୍ଷିକୀ ମହାସମାବେଶରେ ଜନଗଣଙ୍କ ସଂଘର୍ଷ ସଂକଳ୍ପ ସମାବେଶ ଅନୁଷ୍ଠିତ ହେଉଅଛି ବୋଲି ସୋମବାର ସିପିଆଇ ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ ଓ ଏନ. ନାରାୟଣ ରେଡି ଏବଂ ୨୪ ଓଡ଼ିଶା ରାଜ୍ୟ ସମ୍ମିଳନୀ ଅଭ୍ୟର୍ଥନା କମିଟିର ଉପସାଧାରଣ ସମ୍ପାଦକ ସୁର ଜେନା ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଚଳିତ ବର୍ଷ ସିପିଆଇର ଶହେ ବର୍ଷ ଚାଲିଥିବାବେଳେ ରାଜ୍ୟର ୨୪ତମ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେଉଥିବାରୁ ଏହି ସମ୍ମିଳନୀର ଖୋଲା ଅଧିବେଶନ 'ଶତବାର୍ଷିକୀ ସମାରୋହ'ରେ ଜନଗଣଙ୍କ ସଂଘର୍ଷ ସଂକଳ୍ପ ସମାବେଶ ଅନୁଷ୍ଠିତ ହେବ। ଏଥିରେ ସମଗ୍ର ରାଜ୍ୟର ପାର୍ଟି ସଭ୍ୟ, ସମର୍ଥକ, ଛାତ୍ର, ଯୁବ, ମହିଳା, ଶ୍ରମିକ, କୃଷକ, ବୁଦ୍ଧିଜୀବୀ ବହୁ ସଂଖ୍ୟାରେ ଯୋଗ ଦେବେ। ଆଗାମୀ ୩ ବର୍ଷ ପାଇଁ ନୂତନ ରାଜ୍ୟ ପରିଷଦ, ସେଥିମଧ୍ୟରୁ ନୂତନ କାର୍ଯ୍ୟକାରୀ କମିଟି ଓ ସମ୍ପାଦକ ମଣ୍ଡଳୀ ନିର୍ବାଚିତ ହେବେ ବୋଲି ସୂଚନା ଦିଆଯାଇଛି।

# କ୍ୟାଟିସି କମ୍ ଟିଏସି ଲଞ୍ଚ କ୍ୟାମ୍ପ୍‌ର ଉଦ୍‌ଯାପିତ



ଭୁବନେଶ୍ୱର, ୨।୯ (ସମିସ): ଓଡ଼ିଶା ଗର୍ଲସ୍ ବ୍ୟାଟାଲିଅନ୍ ଏନସିସିଙ୍କ ଯୁକ୍ତି ବାର୍ଷିକ ପ୍ରଶିକ୍ଷଣ କ୍ୟାମ୍ପ କମ୍ ଥାଲ୍ ସେନିକ୍ କ୍ୟାମ୍ପ (ଗର୍ଲସ୍) ଲଞ୍ଚ କ୍ୟାମ୍ପ ଏସଓଏ କ୍ୟାମ୍ପସରେ ସମାପ୍ତ ହୋଇଛି। ୧୦ ଦିନିଆ ଏହି କ୍ୟାମ୍ପରେ କ୍ୟାଡେଟମାନେ ବାଧା ଅତିକ୍ରମଣ, ଫାୟରିଂ, ମାନଚିତ୍ର ପଢ଼ିବା, ସ୍ୱାସ୍ଥ୍ୟ-ସ୍ୱଚ୍ଛତା, ଦୂରତା ଅନୁମାନ ଓ କ୍ଷେତ୍ର ସିଗ୍ନାଲ୍ ଭଳି ବିଭିନ୍ନ ପ୍ରଶିକ୍ଷଣ ନେଇଥିଲେ। କ୍ୟାମ୍ପ କମାଣ୍ଡାଣ୍ଟ ଲେ.କଲ୍. ମାନସ ମିଶ୍ର ଓ ଡେପୁଟି କମାଣ୍ଡାଣ୍ଟ ମେଜର୍ ଅଶୁତୋଷ ତ୍ରିପାଠୀଙ୍କ ନେତୃତ୍ୱରେ ଏହି କ୍ୟାମ୍ପ ପରିଚାଳିତ ହୋଇଥିଲା। ୨୮ ଅଗଷ୍ଟରେ ଏନସିସି ଗ୍ରୁପ୍ କମାଣ୍ଡର୍ କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ କ୍ୟାମ୍ପକୁ ସନ୍ଦର୍ଶନ କରି କ୍ୟାଡେଟମାନଙ୍କୁ ଶୃଙ୍ଖଳା, ସଙ୍କଳ୍ପ ଓ ନେତୃତ୍ୱର ପ୍ରେରଣା ଦେଇଥିଲେ। କ୍ୟାମ୍ପ ମାଧ୍ୟମରେ କ୍ୟାଡେଟମାନେ ସେନା ଓ ନେତୃତ୍ୱ କୌଶଳ ସହିତ ଦଳୀୟତା, ସହନଶୀଳତା ଓ ସାଂସ୍କୃତିକ ଗର୍ବର ମୂଲ୍ୟବୋଧ କରିଥିଲେ।

# ଜାତୀୟ ଶିକ୍ଷା, ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୨।୯(ସମିସ): ଜାତୀୟଶିକ୍ଷା, ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦର ଜାତୀୟ ଶିକ୍ଷା, ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦର ୬୫ତମ ପ୍ରତିଷ୍ଠା ଦିବସ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱରରେ ଆଭାସୀ ମାଧ୍ୟମରେ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜାତୀୟଶିକ୍ଷା, ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦର ଦିଲ୍ଲୀସ୍ଥିତ ପ୍ରତିଷ୍ଠାନରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଯାହାର ସିଧାପ୍ରସାରଣ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱରର ନୁତନ ସଭାଗୃହରେ ହୋଇଥିଲା। ପ୍ରତିଷ୍ଠାନର ଅଧକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀଙ୍କ ସଭାପତିତ୍ୱରେ ଓ ପ୍ରଫେସର ରମାକାନ୍ତ ମହାଲିକ୍‌ଙ୍କ ତତ୍ତ୍ୱାବଧନରେ କାର୍ଯ୍ୟକ୍ରମରେ ଏନସିଆରଟିର ପୁର୍ବତନ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତି, ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ, ସମସ୍ତ ପ୍ରଫେସର୍, ଅଣଶିକ୍ଷକ କର୍ମଚାରୀ, ଛାତ୍ରଛାତ୍ରୀ, ଗବେଷକ ଓ ପ୍ରତିଷ୍ଠାନ ସହ ଜଡ଼ିତ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। କାର୍ଯକ୍ରମରେ ନୁତନ ଶିକ୍ଷା ପାଠ୍ୟକ୍ରମ ଆଧାରିତ ଆପ୍ ଓ ପୁସ୍ତକମାନ ଉନ୍ମୋଚନ ହୋଇଛି। ଏହି ଅବସରରେ ଓଡ଼ିଆ ପୁସ୍ତକ 'ଉତ୍କଳ ଜନନୀଙ୍କ ସୁଯୋଗ୍ୟ ସନ୍ତାନ' ପୁସ୍ତକ ମଧ୍ୟ ଶିକ୍ଷା ମନ୍ତ୍ରୀ ଉନ୍ମୋଚନ କରିଛନ୍ତି।

**ଆମ ରାଜଧାନୀ ଆମ ଐତିହ୍ୟ**

# କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମିତ ନାଗେଶ୍ୱର ମନ୍ଦିର



ଭୁବନେଶ୍ୱର, ୨।୯(ସମିସ): ରାଜଧାନୀରେ ଐତିହ୍ୟସମ୍ପନ୍ନ ପୁରାତନ ମନ୍ଦିରଗୁଡିକ ସବୁଠି ଖଞ୍ଜି ହୋଇଥିବା ଭଳି ଦୃଶ୍ୟମାନ ହୁଏ। ତେଣୁ ଏହାକୁ ମନ୍ଦିରମାଳିନୀ ସହରର ମଧ୍ୟ ଆଖ୍ୟା ଦିଆଯାଇଛି। ଓଡ଼ିଶା ଇତିହାସର ଏପରି ଅନେକ ଗୌରବମୟ ଅତୀତକୁ ଛାତିରେ ଧରି ରଖିଛି ଏହି ସହର। ଐତିହାସିକ ମୂକସାକ୍ଷୀ ଭାବେ ଆଜି ମଧ୍ୟ ସେସବୁ ସ୍ଥାନ ଓଡ଼ିଶାର ଇତିହାସ ବଖାଣୁଛନ୍ତି। ସେଥିମଧ୍ୟରୁ ଅନ୍ୟତମ ହେଉଛି ଦଶମ ଶତାବ୍ଦୀର ନାଗେଶ୍ୱର ମନ୍ଦିର।

ଏହି ମନ୍ଦିରଟି ଲିଙ୍ଗରାଜ ମନ୍ଦିରର ପଶ୍ଚିମ ଦିଗକୁ ରହିଛି। ମନ୍ଦିରଟି ଦଶମ ଶତାବ୍ଦୀ ବେଳକୁ ସୋମବଂଶୀ ରାଜାଙ୍କ ସମୟରେ ନିର୍ମାଣ କରାଯାଇଥିବା କୁହାଯାଏ। ଏଠାରେ ପ୍ରଭୁ ଶିବଙ୍କୁ ପୂଜା କରାଯାଇଥାଏ, ପାର୍ଶ୍ୱ ଦେବଦେବୀ ଭାବେ ପାର୍ବତୀ, କାର୍ତ୍ତୀକେୟ ଏବଂ ଗଣେଶଙ୍କୁ ପୂଜା କରାଯାଇଥାଏ। ଓକ୍ରୋସ ବାଲୁକା ପଥରରେ ନିର୍ମିତ ଏହି ମନ୍ଦିର ମୁକ୍ତେଶ୍ୱର ମନ୍ଦିର ସହ ସମାନତା ଦେଖାଯାଏ। ଯାହାକି କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମିତ ହୋଇଛି। ମନ୍ଦିରର ଅନ୍ୟ କାରୁକାର୍ଯ୍ୟକୁ ଦେଖି କେହି କେହି ଏହାକୁ କେଶରୀ ବଂଶ ସମୟର ବୋଲି ମଧ୍ୟ ଅନୁମାନ କରନ୍ତି। ମନ୍ଦିରକୁ ଲାଗି ଏକ ସୁନ୍ଦର ବଗିଚା ମଧ୍ୟ ରହିଛି। ଏହି ପ୍ରାଚୀନ ମନ୍ଦିରର ରକ୍ଷଣାବେକ୍ଷଣ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଛି। ମନ୍ଦିର ସମ୍ମୁଖରେ ଏକ ଅଁଳା ଗଛ ପୂଜା ପାଉଛି। ଯେଉଁଠି ଭକ୍ତ ମାନସିକ କରିବା ପାଇଁ ଘଣ୍ଟି, ଚାବି ଓ ନାଲି ସୂତା ବାନ୍ଧିଥା'ନ୍ତି ବୋଲି ମନ୍ଦିରର ପୂଜକଙ୍କ ପାଖରୁ ଶୁଣିବାକୁ ମିଳିଥିଲା। ଏହା ସହିତ ମନ୍ଦିର ପରିସରରେ ଆଉ ଏକ ଛୋଟ ମନ୍ଦିର ରହିଛି, ଯେଉଁଠି ହନୁମାନ, ଜଗନ୍ନାଥ, ଲକ୍ଷ୍ମୀ, କୃଷ୍ଣଙ୍କ ଛୋଟ ଛୋଟ ମୂର୍ତ୍ତି ପୂଜା କରାଯାଉଛି। ଏହା ବ୍ୟତୀତ ସେଠାରେ ଭକ୍ତଙ୍କ ଦ୍ୱାରା ପୂଜା ପାଇଁ ସମର୍ପିତ ହୋଇଥିବା ଅନେକଗୁଡ଼ିଏ ନାଗଙ୍କ ପିତ୍ତଳ ମୂର୍ତ୍ତି ମଧ୍ୟ ସେଠାରେ ରହିଛି। ମନ୍ଦିର ପରିସର ମଧ୍ୟରେ ଏକ ଐତିହ୍ୟ କୁଣ୍ଡ ରହିଛି। ମନ୍ଦିରଟି ଶିବଙ୍କୁ ସମର୍ପିତ ହୋଇଥିବାରୁ ଶିବରାତ୍ରି, ସଂକ୍ରାନ୍ତି ଭଳି ପର୍ବ ଏଠାରେ ପାଳନ କରାଯାଇଥାଏ।

## ଏବେ କେମିତି ରହିଛି

ମନ୍ଦିରର ରକ୍ଷଣାବେକ୍ଷଣ ଅଭାବରୁ ଏହାର ରଙ୍ଗ ପରିବର୍ତ୍ତନ ହେବାରେ ଲାଗିଲାଣି। ବାଲୁକା ପଥରରେ ନିର୍ମିତ ହୋଇଥିବାରୁ ବାହାର ପାର୍ଶ୍ୱ କ୍ଷୟ ହେବାରେ ଲାଗିଲାଣି। ସେଥିପାଇଁ ଖୋଦିତ ହୋଇଥିବା ମୂର୍ତ୍ତି ସ୍ପଷ୍ଟ ଭାବରେ ଜଣାପଡୁନି। କେଉଁଠି ମନ୍ଦିରରେ ଗଛଲତା ମାଡ଼ିଗଲାଣି ତ କେଉଁଠି ମନ୍ଦିର ଉପରେ ଗଛ ଉଠିଲାଣି। ସେହିପରି ପରିସରରେ ଥିବା କୁଣ୍ଡରେ ମଧ୍ୟ ଗଛର ଶୁଖିଲା ପତ୍ର ଓ ଆବର୍ଜନା ପଡ଼ି ପାଣି ଅପରିଷ୍କାର ହେଲାଣି। ଏହାର ରକ୍ଷଣାବେକ୍ଷଣ ସଠିକ୍ ଭାବରେ କରା ନ ଗଲେ ଏହି ଐତିହ୍ୟ କୀର୍ତ୍ତିରାଜି ନଜର ଆଢୁଆଳରେ ରହି ଆହୁରି ନଷ୍ଟ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି।



## ଅବସର ନେଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ



ବାରିକପୁର,୧।୯ (ସମିସ): ଗତ ଅଗଷ୍ଟ ମାସ ୧ତାରିଖରେ କାର୍ଯ୍ୟଭାର ଗ୍ରହଣ କଲେ, ଆଉ ଗତ ୩୧ତାରିଖରେ ଅବସର ଗ୍ରହଣ କଲେ । ମୋଟାମୋଟି କହିବାକୁ ଗଲେ ମାତ୍ର ୩୦ଦିନ ପାଇଁ କାର୍ଯ୍ୟ କରି ଅବସର ଗ୍ରହଣ କରିଛନ୍ତି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଉମାପ୍ରସାଦ ବିଶ୍ୱାଳ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କ ପାଇଁ ଅବସର ପାକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ କରାଯାଇଛି । ଅନ୍ୟପକ୍ଷରେ ଡାକ୍ତର ସୁଧୀରଞ୍ଜନ ନାୟକଙ୍କୁ ଇନଚାର୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ ନିଯୁକ୍ତି କରାଯାଇଛି ।

## ସୁମତୀଙ୍କୁ ୫ମାସ ହେଲା ମିଳୁନି ଭତ୍ତା



ଦୋଳସାହି,୧।୯ (ସମିସ): ତିହିଡି ବ୍ଲକ ଗୁଆମାଳ ପଞ୍ଚାୟତରେ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଭତ୍ତା ହିତାଧିକାରୀଙ୍କୁ ସଠିକ୍ ଭାବେ ପ୍ରଦାନ କରାଯାଉ ନଥିବା ସହ ତାଙ୍କୁ ମାନସିକ ନିର୍ଯାତନା ଦିଆ ଯାଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ଦୈନିକ "ସକାଳ' ରେ ବାରମ୍ବାର ଖବର ପରିବେଷଣ ପରେ ଏହି ବ୍ଲକ୍‌ର ଏକ ୩୧ ପଞ୍ଚାୟତର ଶହେରୁ ଅଧିକ ହିତାଧିକାରୀ ପାଇ ପାରିନାହାନ୍ତି । ସେହିପରି ଏହି ବ୍ଲକର ଗୁଆମାଳ ପଞ୍ଚାୟତର ବିଶ୍ୱନାଥପୁର ଗ୍ରାମର ବିଧବା ସୁମତୀ ମାଝୀଙ୍କୁ ୫ମାସରୁ ଅଧିକ ସମୟ ଧରି ବ୍ଲକ୍ ପ୍ରଶାସନ ପକ୍ଷରୁ ତାଙ୍କୁ ଭତା ଦିଆଯାଉନାହିଁ । ଓଲଟି ସେ ଭିନ୍ନକ୍ଷମ ବୋଲି ଦର୍ଶାଇ ତାଙ୍କ ଭତ୍ତା ବନ୍ଦ କରାଯିବା ନେଇ ଖବର ପ୍ରକାଶ ପାଇଥିଲା । ତବେ ଅଦ୍ୟାବଧି ତାଙ୍କୁ ଭତା ପ୍ରଦାନ କରାଯାଇନାହିଁ । ଏନେଇ ଗୁଆମାଳ ପଞ୍ଚାୟତ ଅଧିକାରୀ ଅରୁଣ ପଣ୍ଡାଙ୍କୁ ପଚାରିବାରୁ ସେ କୌଣସି ସଠିକ୍ ଉତ୍ତର ଦେଇପାରୁନାହାନ୍ତି । ବିଧବା ସୁମତୀ ମାଝୀଙ୍କୁ କାହିଁକି ଭତ୍ତା ବନ୍ଦ କରାଯାଇଛି ଓ କାହିଁକି ଦିଆଯାଉନାହିଁ ଏହାର ତଦନ୍ତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବାକୁ ଦାବି ହୋଇଛି ।

## ସରିଲା କ୍ଷୟକ୍ଷତି ଆକଳନ; ସହାୟତାକୁ ଅପେକ୍ଷା



ବାରିକପୁର,୧।୯ (ସମିସ): ବୈତରଣୀ ନଦୀରେ ଦେଖାଦେଇଥିବା ତୃତୀୟ ବନ୍ୟା ଯୋଗୁ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ଚାଷ ଜମି ଗୁଡିକ କ୍ଷତିଗ୍ରସ୍ତ ହୋଇଛି । କ୍ଷତିଗ୍ରସ୍ତ ପନିପରିବା ଓ ଧାନ ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇଛନ୍ତି । ବିଶେଷ କରି ରୁଆ ଜମିରେ ବନ୍ୟା ପାଣି ମାଡିଯାଇଥିବା ବେଳେ ଏହା ଦୁଇତିନି ଦିନ ଧରି ଜମି ରହିଥିଲା । ତେଣୁ ଅନେକ ସ୍ଥାନରେ ଧାନ ଗଛ ପଚି ଯାଇଥିବା ଜଣାପଡିଛି । ଏହାକୁ ଆଖିଆଗରେ ରଖି କୃଷି ବିଭାଗ କ୍ଷେତ୍ର ପରିଦର୍ଶନ କରିବା ସହିତ କ୍ଷୟକ୍ଷତି ଆକଳନ କରି ଜିଲ୍ଲା ପ୍ରଶାସନକୁ ତଥ୍ୟ ପ୍ରଦାନ କରିଛି । ମିଳିଥିବା ସୂଚନା ଅନୁଯାୟୀ ବ୍ଲକର ରହଣିଆ, କେଶପୁର, ବିରୋଳି, ବିନ୍ଧାଣ, ଷୋଳମପୁର, ଦେଉଳପଦୀ, ବରାହ ନୂଆପଡା, ନୌରଙ୍ଗପୁର, ମାଳଦା, ମଣିନାଥପୁର, ମୁଢ଼ାପଦା ଗ୍ରାମ ଅଧିନସ୍ଥ ଚାଷ ଜମିରେ ଚାଷ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ତଥ୍ୟ ଦିଆଯାଇଛି । ସେହିଭଳି ଚତୁର୍ଭୁଜପୁର, ଜଳହରି, ରାମପୁର, ମହିଷାଗଡିଆ, ରଘୁନାଥପୁର, କଟିଂ, ଯାନଗଡିଆ, ସଠଗାଁ, ଦୋଳଗୋବିନ୍ଦପୁର ରାଜସ୍ୱ ଗ୍ରାମ ଅଧିନସ୍ଥ ଚାଷ ଜମି ଗୁଡିକ ବନ୍ୟା ପ୍ରଭାବିତ ହୋଇଥିବା କୁହାଯାଇଛି । ବ୍ଲକ କୃଷି ବିଭାଗ ପକ୍ଷରୁ ଚଳିତ ବନ୍ୟାରେ ୪୧୦ ହେକ୍ଟର ଜମି ପ୍ରଭାବିତ ହୋଇଥିବା ସୂଚନା ଦିଆଯାଇଛି । ସେହିଭଳି ୮ ହେକ୍ଟର ପନିପରିବା ଚାଷ ମଧ୍ୟ ବୈତରଣୀ ବନ୍ୟା ଯୋଗୁ କ୍ଷତି ଗ୍ରସ୍ତ ହୋଇଥିବା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି । କ୍ଷୟକ୍ଷତି ଆକଳନ ପରେ ଏବେ ଚାଷୀ ମାନେ ସରକାରୀ ଅନୁକମ୍ପା ମୂଳକ ସହାୟତା ପାଇବକୁ ଅପେକ୍ଷା କରି ରହିଛନ୍ତି ।

## ପଠାଣୀ ସାମନ୍ତ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ



ଭଣ୍ଡାରିପୋଖରୀ/ ବାରିକପୁର, ୧।୯ (ସମିସ): ୩ ବର୍ଷ ପରେ ପଠାଣୀ ସାମନ୍ତ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଭଣ୍ଡାରିପୋଖରୀ ବ୍ଲକସ୍ତରରେ ମତାବାଜଶାସନ ଉପ୍ରା ବିଦ୍ୟାଳୟ ଛାତ୍ରୀ ବିଜୟଲକ୍ଷ୍ମୀ ପଣ୍ଡା ୮୭.୫% ନମ୍ବର ହାସଲ କରି ବ୍ଲକସ୍ତରରେ ପ୍ରଥମ ହୋଇଛନ୍ତି । ସେହିପରି ଯଶୋଟିକିରି ସୁବର୍ଣ୍ଣମୁଖି ଉଚ୍ଚ ବିଦ୍ୟାଳୟ ଛାତ୍ର ସୂର୍ଯ୍ୟପ୍ରସାଦ ମହାଳିକ ୭୫% ନମ୍ବର ସହ ଦ୍ୱିତୀୟ ସ୍ଥାନ, ସରପଦା ବିଦ୍ୟାମନ୍ଦିର ଛାତ୍ର ଚିରଞ୍ଜିବୀ ନାୟକ ୭୫ % ନମ୍ବର ସହ ତୃତୀୟ ଓ ସେହି ବିଦ୍ୟାଳୟ ଛାତ୍ର ଗୌତମ ସାହୁ ୭୨.୫% ନମ୍ବର ସହ ଚତୁର୍ଥ, ମଞ୍ଜୁରୀରୋଡ ରାଜେନ୍ଦ୍ରପୁର ସରସ୍ୱତୀ ଶିଶୁମନ୍ଦିର ଛାତ୍ର ଅମରଜିତ ବିଶ୍ୱାଳ ୭୨.୫% ନମ୍ବର ସହ ପଞ୍ଚମ, ସରସଦା ନୋଡାଳ ହାଇସ୍କୁଲ ଛାତ୍ରୀ ଦେବସ୍ମିତା ଶେଣ୍ଠ ୭୦% ନମ୍ବ ସହ ଷଷ୍ଠ, ବଡବନସ୍ତା ଉପ୍ରା ବିଦ୍ୟାଳୟ ଛାତ୍ର ଦୟାଶଙ୍କର ସାହୁ ୬୭.୫% ନମ୍ବର ସହ ସପ୍ତମ, ରହଣିଆ ନୋଡାଲ ହାଇସ୍କୁଲ ଚାତ୍ର ସତ୍ୟରଞ୍ଜନ ଦାସ ୬୫% ନମ୍ବର ସହ ଅଷ୍ଟମ, ଯୋରାଗଡିଆ ଉପ୍ରା ବିଦ୍ୟାଳୟ ଛାତ୍ର ପ୍ରମୋଦ କୁମାର ନାୟକ ୬୨.୫% ନମ୍ବର ସହ ନବମ ଓ ମଞ୍ଜୁରୀରୋଡ ରାଜେନ୍ଦ୍ରପୁର ସରସ୍ୱତୀ ଶିଶୁମନ୍ଦିର ଛାତ୍ର ଶୁଭ୍ରାଂଶୁ ଶେକର ଜେନା ୬୦% ନମ୍ବର ସହ ଦଶମ ସ୍ଥାନ ହାସଲ କରିଛନ୍ତି । ଏବେ ସେମାନଙ୍କୁ ମେଧାବୃତ୍ତି ଅର୍ଥ ପ୍ରଦାନ ପାଇଁ ବହୁ ବିଳମ୍ବରେ ସରକାରୀ ପଦକ୍ଷେପ ଗ୍ରହଣ କରାଯାଇଛି । ବ୍ଲକସ୍ତରରେ ପ୍ରଥମ ହୋଇଥିବା ମତାବାଜଶାସନ ଉପ୍ରା ବିଦ୍ୟାଳୟ ଛାତ୍ରୀ ବିଜୟଲକ୍ଷ୍ମୀ ପଣ୍ଡାଙ୍କୁ ସୋମବାର ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି ।

### ଗଣେଶ ଭସାଣି ଉତ୍ସବରେ ଜିଲ୍ଲାପାଳ ନିର୍ଦ୍ଦେଶକୁ ଅବମାନନା

# ଛାତି ଥରାଇଲା ଡିଜେ; ଲୋକେ ଅତିଷ୍ଠ

ଅସୁରାଳି, ୧।୯ (ସମିସ):

ଧୂଷୁରୀ ଅଞ୍ଚଳରେ ଚଳିତ ବର୍ଷ ବହୁ ଆଡ଼ମ୍ବରରେ ବିଭିନ୍ନ ସ୍ଥାନରେ ଶ୍ରୀଗଣେଶ ପୂଜା ଉତ୍ସବ ଅନୁଷ୍ଠିତ ହୋଇଛି । ଚଳିତବର୍ଷ ଗଣେଶ ପୂଜାରେ ବହୁ ଆଡମ୍ବରପୂର୍ଣ ଭସାଣି ଶୋଭାଯାତ୍ରା ସମସ୍ତଙ୍କୁ ଚକିତ କରିଛି । ଧୂଷୁରୀ, କୋଠାର, ଅସୁରାଳି, ବେତାଳିଗାଁ ଆଦି ସ୍ଥାନରେ ବ୍ୟୟବହୁଳ ଶୋଭାଯାତ୍ରା ଆୟୋଜନ କରାଯାଇ କିଛି ଉନ୍ନତ ଯୁବଗୋଷ୍ଠୀ ଆନନ୍ଦ ଉପଭୋଗ କରୁଥିବା ବେଳେ ପ୍ରଭାବ ପକାଇଛି । ଏହାକୁ ନେଇ ଅସନ୍ତୋଷ ଦେଖା ଦେଇଛି । ପୂଜା ନାମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଯେଭଳି ଭାବରେ ଶବ୍ଦ ଓ ପରିବେଶ ପ୍ରଦୂଷଣ କରାଯାଉଛି ସେଥିପ୍ରତି ପ୍ରଶାସନର ଟିକିଏ ବି ଦୃଷ୍ଟିନାହିଁ । ଧାମନଗରରେ ଡିଜେ ବାଜାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଥିବା ବେଳେ କାହା ପରାମର୍ଶ ଏବଂ କାହା ଅନୁମତିରେ ବିଭିନ୍ନ ଅନୁଷ୍ଠାନ ରାଜ୍ୟର ନାମୀଦାମୀ ଡିଜେ ବାଜା ସହିତ ସୁଦୂର କଲିକତା, ଖଡଗପୁର, ପୁରୀ, ପିପିଲି, ଭୁବନେଶ୍ୱର ଆଦି ସ୍ଥାନରୁ ଲକ୍ଷ ଲକ୍ଷ ଟଙ୍କା ଦେଇ ନିଜ ଭିତରେ ପ୍ରତିଯୋଗୀ ମନୋଭାବ ଅତି ଉତ୍କଟ ଶବ୍ଦ ସୃଷ୍ଟି କରାଗଲା ସେ ନେଇ ସାଧାରଣରେ ଅଭିଯୋଗ ହୋଇଛି । ଏପରିକି ଏହାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏହି ଭୟଙ୍କର ଶବ୍ଦ ପ୍ରଦୂଷଣକାରୀ ଡିଜେ ଆଣିଶୋଭା ଯାତ୍ରାରେ ବ୍ୟବହାର କରୁଥିଲେ । ଅସୁରାଳିରେ ଗୋଟିଏ ଦିନରେ ୧୨ଟି ଡିଜେ ସହ ଶୋଭାଯାତ୍ରୀ କରାଯାଇଥିଲା । ଏଭଳି ଶବ୍ଦ ହେଲା ଯେ ଦୋକାନରେ ଲୋକେ ବସିପାରିଲେ ନାହିଁ ଓ ଦୋକାନ ସାମଗ୍ରୀ ଏହି ଉତ୍କଟ କମ୍ପନ ସୃଷ୍ଟି କରୁଥିବା ଡିଜେ ଶବ୍ଦରେ ଥାକ ଉପରୁ ଜିନିଷ ତଳକୁ ଖସି ପଡୁଥିଲା । ଗରାଖ ଦୋକାନୀଙ୍କୁ କିଛି କହିବା କିମ୍ବା ଶୁଣିବା ସମ୍ଭବ ହେଇ ନଥିଲା ଓ ଅସାମାଜିକ ମଦ୍ୟପ ଗୋଷ୍ଠୀ ଏହି ବାଜାର ତାଳେ ତାଳେ ନୃତ୍ୟ କରି ରାସ୍ତା ଅବରୋଧ କରିବାକୁ ମଧ୍ୟ ପଛାଇ ନ ଥିଲେ । ରାସ୍ତାରେ ଗାଡି ମୋଟର ଚଳାଚଳ ବନ୍ଦ ହୋଇଯାଇଥିଲା । ଏହାକୁ ପ୍ରତିବାଦ କରିବାକୁ କାହାରି ପାଖରେ ସାହସ ନଥିଲା । କାରଣ ସେମାନେ ଏତେ ମାତ୍ରାରେ ଉତ୍ସାହିତ ଥିଲେ ଯେକୌଣସି ଅଘଟଣ ଘଟାଇବାକୁ ପଛାଇବେ ନାହିଁ । ବିଶେଷ କରି ହୃଦ୍‌ରୋଗୀ, ଉଚ୍ଚ ରକ୍ତଚାପ ରୋଗୀ, ବୃଦ୍ଧବୃଦ୍ଧା, ଛାତ୍ରଛାତ୍ରୀ ସମସ୍ତେ ଏହାର କୁପ୍ରଭାବର ଶିକାର ହୋଇଥିଲେ ଛାତିଥରା ଶବ୍ଦରେ ସବୁଠି କମ୍ପନ ସୃଷ୍ଟି ହେଉଥିଲା ଓ ପୁଲିସ ପ୍ରଶାସନ ଏମାନଙ୍କୁ କେମିତି ଅନୁମତି ପ୍ରଦାନ କଲା, ପୁଣି ଗୋଟିଏ ଦିନରେ ଗୋଟିଏ ସ୍ଥାନରେ ୧୨ଟି ଲେଖାଏଁ ଡିଜେ ବାଜିଲା ସେ ନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି କରୁଛି । ଧାମନଗର ଓ ଧୂଷୁରୀ ପୁଲିସ ଶବ୍ଦ ପ୍ରଦୂଷଣ ଓ ଶାନ୍ତି ରକ୍ଷା କରିବା ଦାୟିତ୍ୱରେ ନଥିବା ଭଳି ପରିସ୍ଥିତିରୁ ଜଣାଗଲା । ତେଣୁ ଡିଜେକୁ ବ୍ୟାନ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।



## ଜବରଦଖଲକାରୀଙ୍କ କବ୍‌ଜାରେ ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ

ଦୋବଲ,୧।୯ (ସମିସ): ଧାମନଗର-ଦୋବଲ ରାସ୍ତାର ମୁସ୍ତଫାପୁର ଘୋଡ଼ଗଣ୍ଡ ନାଳ ପାଖରେ ପ୍ରସ୍ତାବିତ ଦୋବଲ ବସ୍‌ଷ୍ଟାଣ୍ଡ ଏବେ ଜବରଦଖଲକାରୀଙ୍କ କବଜାରେ । ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ରହିଥିବା ୨.୫ ଏକର ଜମିକୁ ଜଣକ ପରେ ଜଣେ କବଜା କରି ଦୋକାନ କରିଲେଣି । ପାଖରେ ମଦ ଦୋକାନ ଥିବାରୁ ଏହି ଜାଗାରେ ଚାଖଣା ଦୋକାନ, ପାନ ଦୋକାନ ଓ ପ୍ୟାକେଟ ଫୁଡ୍ ଦୋକାନ ସବୁ ଗଢ଼ି ଉଠିଲାଣି । ତା' ସହ ମାଟି ପଡ଼ି ପାଚେରି ହୋଇଥିବାରୁ ସେହି ପାଚେରି କଡ଼ ଏବେ ମୁକ୍ତାକାଶ ବାର୍ ହୋଇଗଲାଣି । ନିଶାଡ଼ିମାନେ ମଦ ଦୋକାନରୁ ମଦ ଆଣି ଏହି ପାଚେରି କଡ଼ରେ ପିଉଥିବା ଦେଖିବାକୁ ମିଳିଛି । ଦୋବଲ ସମେତ ୮ଟି ପଞ୍ଚାୟତ, ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଭଣ୍ଡାରିପୋଖରୀ ଅଞ୍ଚଳର କିଛି ପଞ୍ଚାୟତର ଲୋକ ଦୋବଲ ବସଷ୍ଟାଣ୍ଡ ଉପରେ ନିର୍ଭର କରନ୍ତି । ଏହିଠାରୁ ଭଦ୍ରକ, ବାଲେଶ୍ୱର, କେନ୍ଦୁଝରର ଘଟଗାଁକୁ ଯିବା ଆସିବା କରିଥାନ୍ତି । ହେଲେ ଷ୍ଟେଟ ବ୍ୟାଙ୍କ ସାମ୍ନାରେ ଥିବା ବସଷ୍ଟାଣ୍ଡଟି ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା । ଏହାସହ ସ୍ଥାନୀୟ ଲୋକେ ଜବରଦଖଲ କରି ନେଇଥିଲେ । ଏଣୁ ଏଠାରେ ଜବରଦଖଲ କରି ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ଦାବି ହୋଇଥିଲା । ଭଦ୍ରକ ଜିଲ୍ଲା ପ୍ରଶାସନର ସୁପାରିସରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଡ଼ାଗଣ୍ଡ ନାଳ ନିକଟରେ ୟୁନାନୀ ମେଡିକାଲକୁ ଲାଗି ନୂଆ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ନିଷ୍ପତି ହୋଇଥିଲା । ପ୍ରାଥମିକ ପର୍ଯ୍ୟାୟରେ ୨ କୋଟି ୯୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ପରବର୍ତ୍ତୀ ମୁହୂର୍ତ୍ତରେ ବସ୍‌ଷ୍ଟାଣ୍ଡ ପାଇଁ ୫ କୋଟି ୮୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା । ଆଉ ୨୦୨୩ ଅଗଷ୍ଟ ୨୩ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସେହି ଅନୁସାରେ ରାଜ୍ୟ ସରକାର ଟେଣ୍ଡର ଆହ୍ୱାନ କରିଥିଲେ । ଠିକାଦାର କାମ ଆରମ୍ଭ କରିଥିଲା । ହେଲେ ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ଜାଗା ସମତୁଲ କରି ବାଉଣ୍ଡରି ୱାଲ୍ ବା ସୁରକ୍ଷା ପ୍ରାଚୀର କରାଯିବା ଭିତରେ ରାଜ୍ୟରେ ସରକାର ବଦଳିଥିଲା । ଏଠାରେ ବସଷ୍ଟାଣ୍ଡ ନିର୍ମାଣ କରିବାକୁ କିଛି ଲୋକ ବିରୋଧ କରିଥିଲେ । ଏ ସ୍ଥାନ ବଦଳରେ ପୁରୁଣା ବସଷ୍ଟାଣ୍ଡ ଜାଗାରେ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ଦାବି ହୋଇଥିଲା । ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କାମ ବନ୍ଦ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରଶାସନର ନିର୍ଦ୍ଦେଶ ପରେ ଠିକାଦାର କାମ ବନ୍ଦ କରିଥିଲେ । ଆଉ ପ୍ରକଳ୍ପ ସ୍ଥଳରେ ଗଦା କରିଥିବା ଲୁହା ରଡ଼, ସିମେଣ୍ଟ, ଚିପ୍ସକୁ ପ୍ରତ୍ୟେକ ଦିନ ଗାଡ଼ି ଲଗାଇ ଉଠାଇ ନେଇଥିଲେ । ଯାହାକୁ ନେଇ ଲୋକଙ୍କ ମନରେ ଆଶଙ୍କା ଦେଖା ଦେଇଥିଲା । ଏବେ ଏହି ଜାଗା ଜବରଦଖଲକାରୀଙ୍କ କବଜାକୁ ଚାଲିଗଲାଣି ।



## ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତିଙ୍କ ଯୋଗଦାନ



କେନ୍ଦୁଝର,୧।୯ ( ସମିସ): ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ଭାବରେ ସୋମବାର ପୂର୍ବାହ୍ନରେ ଯୋଗ ଦେଇଛନ୍ତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ । ସେ ସୋମବାରଠାରୁ ଡି ଡି ବିଶ୍ୱବିଦ୍ୟାଳୟର ଦାୟିତ୍ୱ ମଧ୍ୟ ନେଇଛନ୍ତି । ସେ ବର୍ତ୍ତମାନ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁରର କୁଳପତି ଭାବରେ କାର୍ଯ୍ୟଭାର ତୁଲଉଛନ୍ତି । ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ତାଙ୍କୁ ଆଗାମୀ ଛଅମାସ ଅବା ନୂତନ କୁଳପତିଙ୍କ ଯୋଗଦାନ ପର୍ଯ୍ୟନ୍ତ ଅତିରିକ୍ତ ଦାୟିତ୍ୱ ରାଜଭବନ ପକ୍ଷରୁ ପ୍ରଦାନ କରାଯାଇଛି । ସେ ଜଣେ ସୁଦକ୍ଷ ଇଞ୍ଜିନିୟର ସହିତ ଜଣେ ପ୍ରତିଷ୍ଠିତ ଏକାଡେମୀସିଆନ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ ।

## ଖବର ପ୍ରକାଶ ପରେ ସାର ଦୋକାନ ଉପରେ ଚଢ଼ଉ




ଧାମନଗର,୧।୯ (ସମିସ): ଧାମନଗର ବ୍ଲକ ଓ ସହରାଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ସରକାରୀ ସାରର କଳାବଜାରୀ ବହୁଳ ମାତ୍ରାରେ ବଢିଚାଲିଛି; ଯାହାକୁ ନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି । ଫଳରେ ଚାଷୀ ଧାନ କ୍ଷେତରେ ସାର ପକାଇବା ପାଇଁ ଚଢା ଦରରେ କିଣିବା ପାଇଁ ବାଧ୍ୟ ହେଉଛି । ଏହି ସମସ୍ୟା ସୃଷ୍ଟି ତଥା କଳାବଜାରୀ ବିକ୍ରିକୁ ନେଇ ଗତ ମାସ ୨୯ ରେ ଦୈନିକ ସମ୍ବାଦ ପତ୍ର "ସକାଳ'ରେ ଖବର ପ୍ରକାଶ ପାଇଥିଲା । ବ୍ଲକ ଧାମନଗର ଛକ, ଅସୁରାଳି କୃଷି ଜିଲ୍ଲା ଅଧିକାରିଣୀ ପ୍ରୀତିରେଖା ମାହାଳିକ, ଧାମନଗର ବ୍ଲକ କୃଷି ସହକାରୀ ଅଧିକାରୀ ଦେବାଶିଷ ତ୍ରିପାଠୀ, ସଂଜୀବ କୁମାର ମଲ୍ଲିକ ପ୍ରମୁଖ ବିଭିନ୍ନ ସାର ଓ ବିଶ ଦୋକାନ ଉପରେ ଚଢ଼ଉ କରିଥିଲେ । ଚାଷୀମାନେ କିପରି ସୁଲଭ ମୂଲ୍ୟରେ ସାର ପାଇପାରିବେ ସେଥିପାଇଁ ଦୋକାନଙ୍କୁ ତାଗିଦ କରାଯାଇଛି ବୋଲି ବ୍ଲକ ସହକାରୀ ଅଧିକାରୀ ଶ୍ରୀ ତ୍ରିପାଠୀ ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି ।

## ବ୍ୟାଡ୍‌ମିଣ୍ଟନ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ

ଧାମନଗର,୧।୯ (ସମିସ): ଜିଲ୍ଲା ସଟଲ୍ ଆସୋସିଏସନ ଓ ମା' ଦୁର୍ଗା ଆସୋସିଏସନ ଧାମନଗର ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ଟୁର୍ଣ୍ଣାମେଣ୍ଟ ଧାମନଗର ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଉଦ୍‌ଯାପିତ ହୋଇଯାଇଛି । ୨ଦିନ ବ୍ୟାପି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ବିଭିନ୍ନ ବ୍ଲକରୁ ଶତାଧିକ ପ୍ରତିଯୋଗୀ ଭାଗ ନେଇଥିଲେ । ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ, ସମ୍ମାନିତ ଅତିଥି ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ସମ୍ମାନିତ ଅତିଥି ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ମହାପାତ୍ର, ବରିଷ୍ଠ ରାଜନେତା ଅରବିନ୍ଦ ପତି, ଶିକ୍ଷାବିତ ମହେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆସୋସିଏସନର ସଭାପତି ମହେଶ ଦାସ, ସମ୍ପାଦକ ସମୀର ଦାସ, ଧାମନଗର ମା' ଦୁର୍ଗା ଆସୋସିଏସନ ସମ୍ପାଦକ ଅଜିତ ମହାପାତ୍ର, କାର୍ଯ୍ୟକାରୀ ସଭାପତି ବିବେକ ଜେନା, ଚାମ୍ପିୟନସିପ କମିଟିର କାର୍ଯ୍ୟକାରୀ ସମ୍ପାଦକ ସଞ୍ଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ରଞ୍ଜିତ ମଲ୍ଲିକ, ହୃଦାନନ୍ଦ ମହାପାତ୍ର, ବିକାଶ ଗୁପ୍ତା, ଅମର ରାମ, କିଶୋର ଚନ୍ଦ୍ର ନାୟକ, ସୁବ୍ରତ ସାହୁ, ବ୍ୟୋମକେଶ ମହାପାତ୍ର, ଦୟାନିଧି ରାଉତ, ଶୁଭମ ବସନ୍ତରାୟ, ସ୍ମୃତିରଞ୍ଜନ ବାରିକ,ସେ ସକ ଅଫତାର (ଅଫୋ) ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବ୍ୟୋମକେଶ ମହାପାତ୍ର ଉତ୍ସବକୁ ସଂଯୋଜନା କରିଥିବା ବେଳେ ଶିକ୍ଷକ ମନ୍ମଥ କୁମାର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ ।




# ବାସୁଦେବପୁରରେ ସ୍ୱାୟତ୍ତ ଶାସନ ଦିବସ

ବାସୁଦେବପୁର,୧।୯ (ସମିସ):

ବିକାଶକୁ ନେଇ ରାଜନୀତି ନହେଉ । ବିକାଶକୁ ନେଇ ଅର୍ଥର ଅଭାବ ରହିବ ନାହିଁ । ବିକାଶକୁ ନେଇ ରାଜନିତି କଲେ ହେବ ନାହିଁ । ମିଳିମିଶି କାମ କଲେ ବିକାଶ ଆଗକୁ ଯିବ ଓ ଲୋକମାନଙ୍କ ପାଖରେ ସୁଫଳ ପହଞ୍ଚି ବୋଲି ବାସୁଦେବପୁର ନୀଳମଣୀ ଟାଉନହଲରେ ପୌରପାଳିକାର ପକ୍ଷରୁ ସ୍ୱାୟତ ଶାସନ ଦିବସ ପାଳନ ଅବସରରେ ସନ୍ଧ୍ୟାର ଆୟୋଜିତ ସଭାର ମୁଖ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଯୋଗଦେଇ କହିଥିଲେ । ସମ୍ମାନିତ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ, ଜିଲ୍ଲାପାଳ ଦିଲୀପ ରାଉତରାଏ, ପୌରାଧକ୍ଷା ନିବେଦିତା ବେହେରା, ଉପାଧ୍ୟକ୍ଷ ଉତମ କୁମାର ବାରିକ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ଯୋଗ ଦେଇ ଉଦବୋଧନ ଦେଇଥିଲେ । ପୌରପାଳିକାର ବିଭିନ୍ନ କାର୍ଯ୍ୟରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସଭାରେ ସ୍ୱେତାଲିନା ଦାସ ସଂଯୋଜନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



# ମାଟି ଅତଡ଼ା ଧସି ଶ୍ରମିକ ମୃତ୍ୟୁ ଘଟଣା
# ତଦନ୍ତ କଲେ ଡିଭିଜନାଲ୍ ଲେବର କମିଶନର

କେନ୍ଦୁଝର, ୧।୯ (ସମିସ)



କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅଧୀନ ହେସାବେଡାଠାରେ ସ୍ଲରି ପାଇପ ଲାଇନ ବେଳେ ମାଟି ଅତଡ଼ା ଖସି ଜଣେ ଶ୍ରମିକ ମୃତ୍ୟୁବରଣ କରିବା ଘଟଣାରେ ଶ୍ରମ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ରବିବାର ଦିନ ଡିଭିଜନାଲ ଲେବର କମିଶନର ସୂର୍ଯ୍ୟନାରାୟଣ ମାଳୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି । ତଦନ୍ତ ବେଳେ ବାମେବାରୀ ଥାନା ଅଧିକାରୀ ଯଶୋକେତନ ଭୋଇ ଉପସ୍ଥିତ ଥିଲେ । ସୁରକ୍ଷାରେ ଅବହେଳା କାରଣରୁ ଏଭଳି ଅଘଟଣ ଘଟି ଜଣେ ଶ୍ରମିକର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ସ୍ଲରି ପାଇପ ଲାଇନ କାମ ବେଳେ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଇ ନ ଥିଲା । ମୃତ ଶ୍ରମିକଙ୍କ ନାମ କାର୍ତ୍ତିକ ସାମନ୍ତ(୩୫) ଏବଂ ତାଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟର ପୂର୍ବ ମେଦିନପୁର ଅଂଚଳରେ ବୋଲି ଜଣାପଡ଼ିଛି । ସୁନ୍ଦରଗଡ଼ ଜିଲ୍ଲା ସାଗାସାହି ଲୌହ ଖଣିରୁ-ଦୁବୁନା ସ୍ଥିତ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ପ୍ରାଇଭେଟ ଲିଃ ର ସ୍ଲରି ପାଇପ ଲାଇନ ବିଛା ଚାଲିଛି । ୨୯ ତାରିଖ ଦିନ ଅପରାହ୍ନରେ ସ୍ଲରି ପାଇପ ଲାଇନ କାମ ବେଳେ ଗୋଟିଏ ସ୍ଲରି ପାଇପ ସହ ଆଉ ଗୋଟିଏ ସ୍ଲରି ପାଇପକୁ ଓଲଡିଂ କରାଯାଇ ସଂଯୋଗ କରାଯାଉଥିବାବେଳେ କମ୍ପନରେ ଉପର ପଟୁ ମାଟି ଅତଡ଼ା ଖସି ୮ ଫୁଟ ତଳେ କାମ କରୁଥିବା ଜଣେ ଶ୍ରମିକଙ୍କ ଉପରେ ପଡି ଯିବା ଫଳରେ ମାଟିରେ ଚାପି ହୋଇ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିଲା । ସ୍ଲରି ପାଇପ ଲାଇନ କାମ ବେଳେ କମ୍ପାନୀ ସୁରକ୍ଷାକୁ ଦୃଷ୍ଟି ଦେଇନଥିବା ଏବଂ ମୃତ ଶ୍ରମିକଙ୍କ ପରିବାରଙ୍କୁ କ୍ଷତିପୂରଣ ଦେବା ଦାବୀରେ ଶ୍ରମିକମାନେ ଦୁବୁନାସ୍ଥିତ ଆର୍ସେଲ ମିତ୍ତଲ ନିପନ ଷ୍ଟିଲ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଶବ ରଖି ଧାରଣା ଦେଇଥିଲେ । କ୍ଷତିପୂରଣ ପ୍ରତିଶ୍ରୁତି ମିଳିବା ପରେ ଶ୍ରମିକମାନେ ଧାରଣାରୁ ହଟିଥିଲେ । ଏ ନେଇ ଡିଭିଜନାଲ ଲେବର କମିଶନର ସୂର୍ଯ୍ୟ ନାରାୟଣ ମାଳୀଙ୍କ ସହ ଯୋଗାଯୋଗ କରିବାରୁ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି । ପ୍ରାଥମିକ ତଦନ୍ତ ବେଳେ ଜଣାପଡିଛି ଯେ ପାଇପ ସଂଯୋଗ ବେଳେ ସୃଷ୍ଟି ହୋଇଥିବା କମ୍ପନ ଯୋଗୁଁ ମାଟି ଖସି ପଡିଥିଲା । ସେହିପରି କର୍ମସ୍ଥଳରେ ସୁରକ୍ଷା ପ୍ରତି ଅଣ ଦେଖା କରାଯାଇଥିଲା । ମୃତ ଶ୍ରମିକଙ୍କ ପରିବାର ଲୋକଙ୍କୁ କର୍ମଚାରୀ କ୍ଷତିପୂରଣ ଆଇନ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ । ସ୍ଲରି ପାଇପ ଲାଇନ କାମ ବେଳେ ସୁରକ୍ଷାରେ ଅବହେଳା କରିଥିବା କମ୍ପାନୀର ଅକ୍ୟୁପାୟର ତଥା କମ୍ପାନୀର ସିଇଓ ଙ୍କ ବିରୁଦ୍ଧରେ ପୋଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରୀ ସଭାପତି ମହେଶ୍ୱର ରାଉତ ଦାବୀ କରିଛନ୍ତି ।

## ଦୁଇ ଗଞ୍ଜେଇ ବେପାରୀ ଗିରଫ, ୧.୩ କେଜି ଗଞ୍ଜେଇ ଜବତ



ରାମଚନ୍ଦ୍ରପୁର,୧।୯ (ସମିସ): କିଛି ଦିନର ବ୍ୟବଧାନ ପରେ ପୁଣି ସକ୍ରିୟ ହୋଇପଡ଼ିଥିଲେ ଗଞ୍ଜେଇ ବେପାରି । ଅଚାନକ ଚଢ଼ଉ କରି ଗଞ୍ଜେଇ ବିକ୍ରି କରିବା ଅଭିଯୋଗରେ ଦୁଇ ଅଭିଯୁକ୍ତକୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧.୩ କେଜି ଗଞ୍ଜେଇ ଜବତ କରିଛି ରାମଚନ୍ଦ୍ରପୁର ପୁଲିସ । ବିଶେଷ ସୂତ୍ରରୁ ଖବର ମିଳିବା ପରେ ଗତ ରବିବାର ସନ୍ଧ୍ୟାରେ ରାମଚନ୍ଦ୍ରପୁର ଥାନା ଅଧିକାରୀ ମନୋଜ ସ୍ୱାଇଁ ଅଚାନକ ସ୍ଥାନୀୟ କୃଷ୍ଣପୁର ଏବଂ ନୂଆଗାଁ ଉପରେ ଚଢ଼ଉ କରିଥିଲେ, ଚଢ଼ଉ ସମୟରେ ବେଆଇନ ଗଞ୍ଜେଇ ବିକ୍ରି ଅଭିଯୋଗରେ କୃଷ୍ଣପୁର ଗ୍ରାମର ଡମ୍ବରୁଧର ମହାରଣା(୩୮) ଏବଂ ନୂଆଗାଁର ଗଣେଶ୍ୱର ରାଉତ(୫୮)କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧.୩ କେଜି ଗଞ୍ଜେଇ ଜବତ କରି ନିଜ ହେପାଜତକୁ ନେଇ ଅଧିକ ପଚାରାଉଚାରା କରିବା ପରେ ମାମଲା ରୁଜୁ କରି କୋର୍ଟ ଚାଲାନ କରିଛି ରାମଚନ୍ଦ୍ରପୁର ପୁଲିସ ।

## ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ସାଇକଲ ଯାତ୍ରା



କେନ୍ଦୁଝର,୧।୯ (ସମିସ) : ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ କେନ୍ଦୁଝରଠାରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ସବୁଜ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ । ଶତାଧିକ ଛାତ୍ରଛାତ୍ରୀ, ଅଧିକାରୀ ଓ ସାଧାରଣ ଜନତା ସାଇକେଲ ଚଳାଇ ସହର ପରିକ୍ରମା କରି ସୁସ୍ଥ ଜୀବନଯାପନ ପାଇଁ କ୍ରୀଡ଼ା ଓ ଖେଳକୁଦକୁ ନିଜ ଜୀବନରେ ସାମିଲ କରିବାକୁ ସଚେତନତା ବାର୍ତ୍ତା ବାଣ୍ଟିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ ଓ କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ ପରିଚାଳନା କରିଥିଲେ ।

## ଗୋରୁ ବୋଝେଇ ଗାଡ଼ି ଜବତ

ତୁରୁମୁଙ୍ଗା,୧।୯ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା କେନ୍ଦେଇପଶି ପଞ୍ଚାୟତ ସିଲିଦା ପୁରୁଣା ସାହି ନିକଟରୁ ରବିବାର ରାତିରେ ଏକ ଗୋରୁ ବୋଝେଇ ଗାଡ଼ିକୁ ତୁରୁମୁଙ୍ଗା ପୁଲିସ ଜବତ କରିଛି । ଉକ୍ତ ଗାଡ଼ିରେ ଗୋରୁ ଚୋରାଚାଲାଣ ହେଉଥିବା ନେଇ ପୁଲିସ ଖବରପାଇ ଚଢ଼ଉ କରିଥିବା ବେଳେ, ଚଢ଼ଉ ଜାଣି ମାଫିଆମାନେ ଗୋରୁଗୁଡିକୁ ଗାଡ଼ିରୁ ଓହ୍ଲାଇ ଛାଡି ଦେଇ ଫେରାର ହୋଇ ଯାଇଥିଲେ । ପୁଲିସ ଘଟଣା ସ୍ଥଳରୁ ଗାଡ଼ିକୁ ଜବତ କରି ଥାନାକୁ ଆଣି ଘଟଣାର ତଦନ୍ତ କରୁଥିବା ତୁରୁମୁଙ୍ଗା ଥାନା ଭାରପ୍ରାପ୍ତ ଅଧିକାରୀ ଓ ପିଏସ୍ ସୌରଭ ପ୍ରଧାନ କହିଛନ୍ତି ।

## ବଡ଼ପାଟଣା ସରପଞ୍ଚଙ୍କୁ ସମ୍ବର୍ଦ୍ଧନା



ତୁରୁମୁଙ୍ଗା,୧।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ସରପଞ୍ଚ ବିନତି ବାନରା ନୂଆଦିଲ୍ଲୀର ୭୯ତମ ସ୍ୱାଧୀନତା ଦିବସ ପରେଡରେ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଫେରିବା ପରେ ସୋମବାର ପାଟଣା ବ୍ଲକ ବଡ଼ ପାଟଣା ପଞ୍ଚାୟତ ସଭା ଗୃହରେ ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼ଙ୍କ ସଂଯୋଜନା ରେ ସରପଞ୍ଚ ବିନତି ବାନାରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ପୂର୍ବତନ ପାଟଣା ବ୍ଲକ ଅଧକ୍ଷା ସୁକାନ୍ତି ନାଏକ,୨୩ ନମ୍ବର୍ ଜୋନ ଜିଲ୍ଲାପରିଷଦ ସଦସ୍ୟା ରୁନୁ ମହାନ୍ତ,ବଡପାଟଣା ସମିତି ସଭ୍ୟ ମୋହନ ସୁନ୍ଦର୍ ମହାନ୍ତ,ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ,ପାଟଣା ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ବରିଷ୍ଠ ବିଜେଡି ପ୍ରଶାନ୍ତ ଭଞ୍ଜ, ନିରଞ୍ଜନ ତ୍ରିପାଠୀ, ଅନ୍ତର୍ଯ୍ୟାମୀ ସେଠୀ, ଚମ୍ପୁଆ ବ୍ଲକ୍ ବିଜେଡି ନେତା ଭାଗିରଥି ଦାଶ, ସୁମିତ କୁମାର ପତି, ସନ୍ତୋଷ ତ୍ରିପାଠୀ, ପ୍ରିତମ କୁମାର ପଣ୍ଡା , ଦେବାଶିଷ ମିଶ୍ର ପ୍ରମୁଖ ସାମିଲ ଥିଲେ ।

● ଜେଏମ୍ଏଫ୍ସି କୋର୍ଟଗୃହ ପରିଦର୍ଶନ କଲେ ଜିଲ୍ଲା ଜଜ୍

## ପୁରୁଣା ତହସିଲ ଘରେ ଅସ୍ଥାୟୀ ଭାବରେ ଚାଲିବ କୋର୍ଟ

ତୁରୁମୁଙ୍ଗା,୧।୯ ( ସମିସ): କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟରେ ପ୍ରସ୍ତାବିତ ଜେଏମ୍ଏଫ୍ସି କୋର୍ଟ ସ୍ଥାପନ ପାଇଁ ରବିବାର କେନ୍ଦୁଝର ଜିଲ୍ଲା ଜଜ୍ ଗୋପାଳ ଚନ୍ଦ୍ର ବେହେରା ଏବଂ କୋର୍ଟ ମ୍ୟାନେଜର ଅଚ୍ୟୁତାନନ୍ଦ ସାମନ୍ତ ରାୟ କୋର୍ଟ ଆରମ୍ଭ ପାଇଁ ପୁରୁଣା ତହସିଲ ଗୃହ ଓ ସ୍ଥାୟୀ କୋର୍ଟର ଗୃହ ନିର୍ମାଣ ପାଇଁ ପୁଟୁଳିଆ ଜମି ପରିଦର୍ଶନ କରିଛନ୍ତି । ବିଚାରପତିଙ୍କ ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ତହସିଲ ସୁପରଭାଇଜର ବନମାଳି ନାଏକ, ଯନ୍ତ୍ରୀ ଅଜୟ ଝା, ଯୁଗଳ କିଶୋର ଦାସ, ଦୀନବନ୍ଧୁ ପତି ପ୍ରମୁଖ ଉପସ୍ଥିତ ଥିଲେ । ପାଟଣା ଥାନା ନିକଟରେ ଥିବା ପୁରୁଣା ତହସିଲ ଗୃହକୁ ନବୀକରଣ କାରାଯାଇ ସେଠାରେ ଖୁବ୍ ଶୀଘ୍ର ଜେଏମ୍ଏଫ୍ସି କୋର୍ଟ ଆରମ୍ଭ ହେବ ବୋଲି ପାଟଣା ତହସିଲଦାର ଅଶ୍ୱନୀ କୁମାର ନାଏକ କହିଛନ୍ତି । ଏଥି ସହ ଜଜ୍ସ୍ଥାୟୀ କୋର୍ଟ ଗୃହ ନିର୍ମାଣ ହେବାକୁ ଥିବା ପୁଟୁଳିଆ ଜମି ପରିଦର୍ଶନ କରିବା ସହ ସାହାରପଡା ରେ ମଧ ହେବାକୁ ଥିବା କୋର୍ଟ ପାଇଁ ଜମି ପରିଦର୍ଶନ କରିଥିଲେ । ଦୀର୍ଘଦିନର ଦାବି ପରେ ଏଠାରେ ଜେଏମ୍ଏଫ୍ସି କୋର୍ଟ ସ୍ଥାପନ ପାଇଁ ସରକାରଙ୍କ ନିର୍ଦ୍ଦଶେ ସହ ଗୃହ ନିର୍ମାଣ ପାଇଁ ଜାଗା ପରିଦର୍ଶନ ପରେ ପାଟଣା ଅଞ୍ଚଳବାସୀଙ୍କ ମନରେ ଖୁସିର ଲହରୀ ଖେଳି ଯାଇଛି । ସୂଚନା ଯେ ଏଠାରେ ପୂର୍ବରୁ ଜେଏମ୍ଏଫ୍ସି କୋର୍ଟ ନଥିବାରୁ ସ୍ଥାନୀୟ ଲୋକେ ନ୍ୟାୟ ପାଇବା ପାଇଁ ୪୦ ରୁ ୫୦ କିଲୋମିଟର ଦୁର କେନ୍ଦୁଝର ମୁଖ୍ୟାଳୟ ଉପରେ ନିର୍ଭର କରି ଆସୁଥିଲେ । ପାଟଣାରେ ନୁତନ କୋର୍ଟ ସ୍ଥାପନ ନେଇ କଂଗ୍ରେସ ବିଧାୟକ ପ୍ରାଥୀ ଙ୍କ ବିନୋଦ ବିହାରୀ ନାୟକ ଦୀର୍ଘ ଦିନରୁ ସରକାରଙ୍କ ନିକଟରେ ଦାବି କରି ଆସୁଥିଲେ ।

## ରାଜାବନ୍ଧ ଜଳାଶୟର ପୁନଃଉଦ୍ଧାର ପାଇଁ ଆଞ୍ଚଳିକ ବିକାଶ ମଞ୍ଚର ଦାବିପତ୍ର



କେନ୍ଦୁଝର,୧।୯ ( ସମିସ): କେନ୍ଦୁଝର ସଦର ବ୍ଲକ୍ ଅବିଭାଜିତ ରାଇସୁଆଁ ପଞ୍ଚାୟତ ୧୦୦ ବର୍ଷର ପୁରୁଣା ରାଜାବନ୍ଧର ପୁନଃ ଉଦ୍ଧାର କରି ଚାରୋଟି ପଞ୍ଚାୟତର ଲୋକଙ୍କୁ ଚାଷପାଇଁ ଉପଯୋଗୀ ଜଳଯୋଗାଁ ବ୍ୟବସ୍ଥା କରିବାକୁ ଆଞ୍ଚଳିକ ବିକାଶ ପରିଷଦ ରାଇସୁଆଁ ତରଫରୁ ଜିଲ୍ଲାପାଳନକୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ରାଜାବନ୍ଧଟି ସେ ଅଞ୍ଚଳର ୱାଟର ଲାଇଫ ଲାଇନ ଭାବେ ପରିଗଣିତ ହେଉଥିଲା । ବର୍ଷ ତମାମ ରାଜାବନ୍ଧ ଅଞ୍ଚଳର ପାନିୟଜଳ ସମସ୍ୟା ସମାଧାନ କରିବା ସହିତ ଦୋଫସଲି ଚାଷ ପାଇଁ ଅତ୍ୟନ୍ତ ଉପଯୋଗୀ ହେଉଥିଲା । ଏଠାରୁ କେନାଲ ମାଧ୍ୟମରେ ପାଣି ନିଆଯାଇ ରାଇସୁଆଁ, ଜନାର୍ଦ୍ଦନପୁର, ଗୋପୀନାଥପୁର ଅପଦ୍ମପୁର ପଞ୍ଚାୟତର ଶହ ଶହ ଏକର ଚାଷଜମିକୁ ଜଳ ଯୋଗାଣ କରାଯାଉଥିଲା । ଫଳରେ ଏ ଞ୍ଚଳର ଚାଷୀ ଠିକଣା ସମୟରେ ଚାଷ ଜମିକୁ ସୁବିଧାରୁ ପାଣି ପାଇ ଖରିପ ଫସଲ, ରବି ଫସଲ ଭଲରେ କରିପାରୁଥିଲେ. କିନ୍ତୁ ବନ୍ଧଟିର ରଖଣବେକ୍ଷଣ ଅଭାବରୁ ଗତ ୧୦/୧୫ ବର୍ଷହେବ ବନ୍ଧ ଭାଙ୍ଗି ପାଣି ରହୁନ ଥିବାବେଳେ ମାତ୍ର ଅଳ୍ପ ସ୍ଥାନରେ ପାଣି ରହୁଛି. ବନ୍ଧଟି ଅନୁନ୍ୟ ୧୪ ଏକର ଜାଗା ପରିମିତ ଅଟେ । ରାଜାବନ୍ଧ ଟି ଏତେ ଜାଗା ପରିମିତ ଯେ ଜାଳାଶ୍ରୟର ଉନ୍ନତିକରଣ ହେଲେ ଏହାକୁ ପର୍ଯ୍ୟଟନସ୍ଥଳ ଭାବେ ମଧ୍ୟ ବ୍ୟବହାର କରାଯାଇପରିବ । ଏପରିକି ମତ୍ସ୍ୟଚାଷ ପାଇଁ ଏହାକୁ ବ୍ୟବହାରକରୀ ସରକାର ଅର୍ଥ ଉପାର୍ଜନ କରିପାରିବେ । କିନ୍ତୁ ଆଜି ପର୍ଯ୍ୟନ୍ତ ଏହାର ଉନ୍ନତିକରଣ ନିମନ୍ତେ ପ୍ରଶାସନ ପଦକ୍ଷେପ ନେବାରେ ବିଳମ୍ବ କରିଚାଲିଛି । ଏହାର ପୁନଃ ଉଦ୍ଧାର କରି ସ୍ଥାନୀୟ ଲୋକଙ୍କର ଜଳ ସମସ୍ୟା ଦୂର କରିବା ସହିତ ୪ ଟି ପଞ୍ଚାୟତର ଶହଶହ ଚାଷୀଙ୍କ ପାଣି ଯୋଗାଇ ଏ ଅଞ୍ଚଳକୁ ଶଷ୍ୟ ଶ୍ୟାମଳା କରିବା ଦିଗରେ ପଦକ୍ଷେପ ପାଇଁ ଆଞ୍ଚଳିକ ବିକାଶ ପରିଷଦ ରାଇସୁଆଁ ପକ୍ଷରୁ ସୋମବାର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

## କେନ୍ଦୁଝରଠାରେ ଯୁଗ୍ମ ଅଭିଯୋଗ ଶୁଣାଣି




କେନ୍ଦୁଝର,୧।୯ (ସମିସ): ସୋମବାର ଜିଲ୍ଲାପାଳ ବିଶାଳ ସିଂହଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୨୦୨ ଅଭିଯୋଗ ଗ୍ରହଣ କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୨୭ ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୭୫ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା । ସେଥିମଧ୍ୟରୁ ୪୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୩ ଆବେଦନପତ୍ର ଗ୍ରହଣ କରାଯାଇଥିଲା । ଏହି ଶୁଣାଣିରେ ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଜିଲ୍ଲାପାଳ, ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିନୋଦ ବିହାରୀ ମିଶ୍ର, ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ ।

## ଯୁବ ରେଡକ୍ରସର ଦିଗ୍ଦର୍ଶନ କାର୍ଯ୍ୟକ୍ରମ

ରାମଚନ୍ଦ୍ରପୁର,/ଆନନ୍ଦପୁର,୧।୯ (ସମିସ): ଘସିପୁରା ବ୍ଲକ୍ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ଯୁବ ରେଡ୍କ୍ରସ ତରଫରୁ ପ୍ରଥମ ବର୍ଷର ଛାତ୍ର ଛାତ୍ରୀଙ୍କ ଲାଗି ଏକ ଦିଗଦର୍ଶନ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ମହାବିଦ୍ୟାଳୟର ଅଧକ୍ଷ ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରେଡ୍ କ୍ରସ ପରାମର୍ଶଦାତା ମହେଶ୍ୱର ପାତ୍ର ସଂଯୋଜନା କରିଥିବାବେଳେ ଭବାନୀ ପ୍ରସାଦ ବଳ, ବିଜୟ କୁମାର ସାହୁ, ସୁଧାକର ଜେନା, ସତ୍ୟବ୍ରତ ପତି, ମହେଶ୍ୱର ଜେନା, ଦାମୋଦର ମୁଣ୍ଡା, ମିତା ପାତ୍ର, ଗଣେଶ ହେମ୍ବ୍ରମ, ଇଲାବତି




ଖୁଣ୍ଟିଆ, ରାଷ୍ଟ୍ର ରଞ୍ଜନ ବାରିକ, ଅମ୍ରିତା ବେହେରା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଅନେକ ଉପାଦେୟ ପରାମର୍ଶ ଦେବା ସହ ଭବିଷ୍ୟତରେ କିଭଳି ଜଣେ ଭଲ ମଣିଷ ହୋଇ ନିଜ ପିତା ମାତାଙ୍କ ନାମ ଉଜ୍ଜଳ କରିବା ସହ ସମାଜ ପାଇଁ ଉଲ୍ଲେଖନୀୟ ଅବଦାନ ରଖିବାକୁ ଆଲୋକପାତ କରିଥିଲେ । ରାଜଲକ୍ଷ୍ମୀ ରାଉତ୍, ଜ୍ୟୋତିର୍ମୟୀ ମହାରଣା, ମାମୁନି ଦାସ, ବର୍ଷା ଜେନା, ଶିବାନୀ ସେଠୀ, ଜସ୍ମିନ ସେଠୀ, ଶ୍ରୀକାନ୍ତ କୁମାର ସାହୁ, ତ୍ରିଲୋଚନ ରାଉତ୍, ତୋଫାନ ପୃଷ୍ଟି, ଦେବାଶିଷ କର ପ୍ରମୁଖ ସହଯୋଗ କରିଥିଲେ ।

ଓଣ ଲକ୍ଷ ଟଙ୍କା ବ୍ୟୟପରେ ବି ରାସ୍ତାରେ କାଦୁଅ

## ପ୍ରଶାସନକୁ ଫେରାଦ ହେଲେ ଶୈଳଙ୍ଗ ଗ୍ରାମବାସୀ



ଆନନ୍ଦପୁର,୧।୯ (ସମିସ): ଆନନ୍ଦପୁର ପୌରାଞ୍ଚଳର ଶୈଳଙ୍ଗରେ ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ଏହିରାସ୍ତା ନିର୍ମାଣରେ ଅନିୟମିତତା ନେଇ ଅଞ୍ଚଳବାସୀ ପୌରପ୍ରଶାସନ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିବା ଜଣାଯାଇଛି । ପ୍ରାୟ ୩୪ ଲକ୍ଷ ଟଙ୍କା ବ୍ୟୟରେ ପେଭର୍ସ ବ୍ଲକ୍ ବିଛାଯାଇ ରାସ୍ତା ନିର୍ମାଣ ପରେ ଏବେ ଲୋକେ ପୁଣି ପାଣି, କାଦୁଅରେ ଦହଗଞ୍ଜ ହେଉଥିବା ଅଭିଯୋଗ କରିଛନ୍ତି । ରାସ୍ତା ନିର୍ମାଣ ପାଇଁ ଶୈଳଙ୍ଗ ଦେହୁରୀସାହିକୁ ୧୭ ଲକ୍ଷ ଓ ଲକ୍ଷ୍ମୀନାରାୟଣ ମଣ୍ଡପସାହିକୁ ୧୭ ଲକ୍ଷଟଙ୍କା ଅନୁଦାନ ଆସିଥିଲା । ଟେଣ୍ଡର ପରେ ଠିକାଦାର ରାସ୍ତା ନିର୍ମାଣ କରିଥିଲେ । କାମ ସମୟରେ କମ୍ପାକ୍ସନ୍ ଠିକ ଭାବେ କରାଯାଇ ନଥିଲା । ଏନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ ବି କେହି ଶୁଣି ନଥିଲେ । ନବନିର୍ମିତ ରାସ୍ତାରେ ଏବେ ବର୍ଷାପାଣି ଜମି ରହୁଥିବାରୁ ଲୋକଙ୍କୁ ଯାତାୟାତରେ ସମସ୍ୟା ହେଉଛି । ଏ ସମ୍ପର୍କରେ ସ୍ଥାନୀୟ ଲୋକେ କେନ୍ଦୁଝର ପିଡି ଏବଂ ପୌରନିର୍ବାହୀ ଅଧିକାରୀଙ୍କୁ ଅବଗତ କରିଥିବା ପ୍ରକାଶ କରିଛନ୍ତି ।

ଯୋଡ଼ା ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ

# ସ୍ଥାନୀୟ ନିଯୁକ୍ତି ନେଇ ବର୍ଷିଲେ ବିଧାୟକ

ଯୋଡ଼ା,୧।୯ (ସମିସ)




ଓଡ଼ିଶା ସମୃଦ୍ଧିରେ ଯୋଡ଼ା ଖଣି ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମାତ୍ର ଯୋଡ଼ା ସହର ଆଜି ସବୁରି କ୍ଷେତ୍ରରେ ଅବହେଳିତ ହୋଇପଡ଼ିଛି । ଯୋଡ଼ା ସହରର ଚତୁର୍ଦ୍ଦିଗରେ ଖଣିଜ ଉତ୍ତୋଳନ କରାଯାଉଛି । ଭାରତର ବହୁ ପ୍ରତିଷ୍ଠିତ କମ୍ପାନୀ ଏହି ଖଣି ଖନନ କରୁଛି । ମାତ୍ର ଖଣି ସହରର ଲୋକଙ୍କୁ ନିଯୁକ୍ତି ଦେଉନାହାଁ । ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦିଅନ୍ତୁ । ଖଣି କମ୍ପାନୀ ମାନେ ଏ ଅଞ୍ଚଳ ପ୍ରତି ନିଯୁକ୍ତି ଓ ବିକାଶ କ୍ଷେତ୍ରରେ ପଦକ୍ଷେପ ନ ନେଲେ ଏନେଇ ସ୍ୱର ଉତ୍ତୋଳନ କରାଯିବ ବୋଲି ଆଜି ଯୋଡ଼ା ପୌରପାଳିକା ପକ୍ଷରୁ ଆୟୋଜିତ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଖଣି କମ୍ପାନୀ ଗୁଡ଼ିକୁ କଡ଼ା ଚେତାବନୀ ଦେଇଛନ୍ତି । ପ୍ରଥମେ ସ୍ଥାନୀୟ ଯୁବକ ଯୁବତୀ ପରେ ବାହାର ନିଯୁକ୍ତି ବୋଲି ଦୃଢୋକ୍ତି ଜଣାଇଛନ୍ତି । ଯୋଡ଼ା ପୌରପାଳିକା ପକ୍ଷରୁ ଆଜି ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ମୁଖ୍ୟବକ୍ତା ଭାବେ ବଡବିଲ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ଅମିତ୍ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ବଡବିଲ ଏସଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ, ଓଏମସି ବଡବିଲ ଆଞ୍ଚଳିକ ପ୍ରବନ୍ଧକ ଅବନୀକାନ୍ତ ପ୍ରଧାନ, ସାଂସଦ ପ୍ରତିନିଧି ବି. ଏନ ଦାସ, ଯୋଡ଼ା ପୌରପାଳିକା ଉପାଧ୍ୟକ୍ଷ ସନ୍ଧ୍ୟା ପାତ୍ରଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲରମାନେ ମଞ୍ଚାସିନ ଥିଲେ । ଯୋଡ଼ା ପୌର ଅଧକ୍ଷ ଡ. ଜଗଦୀଶ ପ୍ରସାଦ ସାହୁ ସଭାରେ ଅଧ୍ୟକ୍ଷତା କରିଥିଲେ । ସଭାରେ ପୌରପାଳିକା ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଯୋଡ଼ା ବିଡିଓ ଦେନିସ ବେହେରା ପୌର ପାଳିକାର ବାର୍ଷିକ ଆୟ ଓ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଯୋଡ଼ା ସହରର ଉନ୍ନତି ପାଇଁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ । ଯୋଡା ପୌରପରିଷଦ ଅଞ୍ଚଳରେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି । ଆଗାମୀ ଦିନରେ ମଧ ପୌରାଞ୍ଚଳର ଅଧିବାସୀଙ୍କ ବିଭିନ୍ନ ସମସ୍ୟା ସମାଧାନ ସହ ସହରବାସୀଙ୍କ ମୌଳିକ ସେବା ପହଞ୍ଚାଇବା ଦିଗରେ ପୌରପରିଷଦ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ଅତିଥି ଆଶାବ୍ୟକ୍ତ କରିଥିଲେ । ଅପରାହ୍ନରେ ଚମ୍ପୁଆ ବିଧାୟକଙ୍କ ଦ୍ୱାରା ୨ କୋଟି ୭୪ ଲକ୍ଷ ବ୍ୟୟରେ ନିର୍ମାଣ ହେବାକୁ ଥିବା ଯୋଡ଼ା ସୁପରମାର୍କେଟର ଭିତ୍ତିପ୍ରସ୍ତର ସ୍ଥାପନ, ଯୋଡ଼ା ମହିଳା ମହାବିଦ୍ୟାଳୟ ସମ୍ମୁଖରେ ବହି କଲମ ପ୍ରତିମୂର୍ତ୍ତି ଉନ୍ମୋଚିତ, କଳାପାହାଡ଼ ଛକରେ ଆଦିବାସୀ ନୃତ୍ୟ ମୂର୍ତ୍ତି ଲୋକାର୍ପିତ ଓ କଳାପାହାଡ଼ ଠାରେ ୱାଚ ଟାୱାର ଉଦଘାଟିତ ଓ ସହରର ୫ ଗୋଟି ସ୍ଥାନରେ ନୂତନ ଯାତ୍ରୀ ପ୍ରତିକ୍ଷାଳୟ ଲୋକାର୍ପିତ ହୋଇଥିଲା । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଯୋଡ଼ା ସହରର ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଭିନ୍ନ ବିଦ୍ୟାଳୟରେ କୃତୀ ଅର୍ଜନ କରିଥିବା କୃତୀ ଛାତ୍ର ଛାତ୍ରୀଙ୍କୁ ସ୍ୱାୟତ୍ତ ଶାସନ ଅବସରରେ ସମ୍ମାନିତ କରାଯାଇଥିଲା । ଅନ୍ୟପକ୍ଷେ ଯୋଡା ସହରର ବିଭିନ୍ନ ସମସ୍ୟା ନେଇ ୪ ଦଫା ଦାବି ନେଇ ଯୋଡ଼ା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର ଚମ୍ପୁଆ ବିଧାୟକ ଶ୍ରୀ ମହାକୁଡଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ ।

## ଦିବ୍ୟାଙ୍ଗ ଚିହ୍ନଟ ଓ ସହାୟକ ଉପକରଣ ବଣ୍ଟନ ଶିବିର




କେନ୍ଦୁଝର, ୧।୯ (ସମିସ): କେନ୍ଦୁଝର ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ଓ ଭାରତ ସରକାରଙ୍କ ଆଲିମକୋ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ସଦରବ୍ଲକରେ ଥିବା ସମସ୍ତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ପହଞ୍ଚାଇବା ପାଇଁ ଦିବ୍ୟାଙ୍ଗ ଚିହ୍ନଟ ଓ ସହାୟକ ଉପକରଣ ବଣ୍ଟନ ଅନୁଷ୍ଠିତ ହୋଇଯାଇଛି । ସଦର ବ୍ଲକ ବିଆରଟି ଶୁକଦେବ ପାଢ଼ୀ ଓ ମମତାରାଣୀ ମିଶ୍ର ଏହି ଶିବିରର ଆୟୋଜନ କରିଥିଲେ । ଏହି ଶିବିରରେ ମୋଟ ୬୦ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଯୋଗଦେଇ ଆବଶ୍ୟକୀୟ ତାଲିମ ଗ୍ରହଣ କରିବା ସହ ପିଲାଙ୍କ ପାଇଁ ଆବଶ୍ୟକ ଉପକରଣ ଗ୍ରହଣ କରିଥିଲେ । ଏହା ସହିତ ଆଗାମୀ ବର୍ଷ ପାଇଁ ଆବଶ୍ୟକ ଦିବ୍ୟାଙ୍ଗ ଉପକରଣର ତାଲିକା ପ୍ରସ୍ତୁତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମଗ୍ର ଶିକ୍ଷା ଅଭିଯାନର ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ପୀତବାସ ସାହୁ, ଆଲିମକୋ ଭୁବନେଶ୍ୱର ପକ୍ଷରୁ ନିବେଦିତା ପୃଷ୍ଟି ଓ ତାଙ୍କ ସହଯୋଗୀ ଟିମ, ସହକାରୀ ଜିଲ୍ଲା ଶିକ୍ଷାଧିକାରୀ ଯୋଜନା ରୁଦ୍ର ନାରାୟଣ ସାମଲ, ସହକାରୀ ଶିକ୍ଷାଧିକାରୀ ଶିକ୍ଷା ବିଭାଗ ଶ୍ରୀକାନ୍ତ ବେହେରା, ସହକାରୀ ବ୍ଲକ ଶିକ୍ଷାଧିକାରୀ ତଥା ବିଆରସିସି ସଦର ମାନସ ମିଶ୍ର ପ୍ରମୁଖ ଯୋଗଦେଇ ଆସନ୍ତା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆବଶ୍ୟକୀୟ ଦିବ୍ୟାଙ୍ଗ ସହାୟକ ଉପକରଣର ଆବଶ୍ୟକୀୟ ତାଲିକା ପ୍ରସ୍ତୁତ କରିଥିଲେ । ଆଜିର ଶିବିରରେ ୧୭ ଜଣଙ୍କୁ ହୁଇଲ ଚେୟାର, ଦୁଇ ଜଣଙ୍କୁ ଟ୍ରାଇସାଇକଲ, ଜଣଙ୍କୁ ରୋଲେଟର କିଟ, ୫ ଜଣଙ୍କୁ ଟିଏଲଏମ କିଟ ୧୪ ଜଣ ଶ୍ରବଣ ବାଧିତ ଛାତ୍ରଛାତ୍ରୀଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରିବା ସହିତ ଏଗୁଡିକର ବ୍ୟବହାର କରାଯିବା ଉପରେ ତାଲିମ ପ୍ରଦାନ କରାଯାଇଥିଲା । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦୁଝରର ପ୍ରଧାନ ଶିକ୍ଷକ ଜୟପ୍ରକାଶ ସାହୁ କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତି ଅତିଥି ଓ ଦିବ୍ୟାଙ୍ଗ ବାଳକ ବାଳିକାଙ୍କ ଅଭିଭାବକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ମୁଖ୍ୟାଳୟରେ ମିଳିତ ଜନଶୁଣାଣି

# ୧୭୭ ଅଭିଯୋଗରୁ ୨୬ଟିର ତତ୍କାଳ ଫଇସଲା

ବାଲେଶ୍ୱର, ୧।୯ (ସମିସ)

ଚଳିତ ମାସର ପ୍ରଥମ ସୋମବାର ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ଅଧ୍ୟକ୍ଷତାରେ ଏହି ଜନଶୁଣାଣି ଅଭିଯୋଗ ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୧୭୭ଟି ଅଭିଯୋଗ ଗ୍ରହଣ କରାଯାଇ ଶୁଣାଣି କରାଯାଇଥିଲା। ଏହି ୧୭୭ଟି ଅଭିଯୋଗ ମଧ୍ୟରୁ୧୪୩ଟି ମାମଲା ବ୍ୟକ୍ତିଗତ ରହିଥିବା ବେଳେ ୧୩ଟି ସାମୁହିକ ସମସ୍ୟା ଉପରେ ରହିଥିଲା। ଏହାବ୍ୟତିତ ୯ଟି ମାମଲା ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ପାଇଁ ଆବେଦନ ହୋଇଥିବାବେଳେ ୧୨ଟି ରେଡକ୍ରସ ସହାୟତା ଉପରେ ଆବେଦନ ହୋଇଥିଲା।



ଏହାବ୍ୟତିତ୨୬ଟି ମାମଲାକୁ ତତକ୍ଷଣାତ ଫଇସଲା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ରାଉତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଭାତ କୁମାର ବେହେରା, ଉପଜିଲ୍ଲାପାଳ ଶିବ ମାଳବୀୟ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

**କାନ୍ଥ ପଡି ଘର ନଷ୍ଟ, ସହାୟତା ଦାବି:** ଗତ ୩୦ତାରିଖରେ ଲଗାଣ ବର୍ଷାରେ ସ୍ଥାନୀୟ ଭୀମପୁର ଅଞ୍ଚଳର ସତ୍ୟଭାମା ଦଳେଇଙ୍କ ଘରର କାନ୍ଥ ପଡିଯାଇଥିଲା। ଯାହାଦ୍ୱାରା ତାଙ୍କର ବିଭିନ୍ନ ଆସବାବପତ୍ର ନଷ୍ଟ ହୋଇଯାଇଛି। ଏ ନେଇ ସରପଂଚଙ୍କ ଠାରେ ଅଭିଯୋଗ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାଙ୍କୁ ଖଣ୍ଡିଏ ପଲିଥିନ ମିଳିନି। ଏପରି ସ୍ଥଳେ ସେ ପିଲାଛୁଆଙ୍କୁ ଧରି ବହୁ କଷ୍ଟରେ ସେଇ ଭଙ୍ଗା ଘରେ ରହୁଛନ୍ତି। ଘଟଣାର ତଦନ୍ତ କରି ତାଙ୍କୁ ସାହାଯ୍ୟ କରିବା ପାଇଁ ଦାବି କରିଛନ୍ତି।

**ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦାବି:** ସ୍ଥାନୀୟ ରସାଳପୁର ଅଞ୍ଚଳର ସରସ୍ୱତୀ ଦାସଙ୍କ ସ୍ୱାମୀ ଗୋବିନ୍ଦ ରୋଗାକ୍ରାନ୍ତ। ତାଙ୍କ ସ୍ୱାମୀଙ୍କୁ ୮୦ବର୍ଷ ବୟସ ହୋଇଥିବା ବେଳେ କୌଣସି ରୋଜଗାର ମଧ ନାହିଁ। ଏପରିକି ସେ ସରକାରଙ୍କ ଠାରୁ ମାତ୍ର ଏକ ହଜାର ଟଙ୍କା ଭତ୍ତା ପାଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ସହାୟତା ପାଣ୍ଠିରୁ ତାଙ୍କୁ ସହାୟତା ମିଳିଲେ ସେ ତାଙ୍କ ସ୍ୱାମୀଙ୍କର ଅଧିକ ଚିକିତ୍ସା କରିପାରିବେ ବୋଲି ନିବେଦନ କରିଛନ୍ତି।

**ଟ୍ରାଇ ସାଇକଲ ପାଇଁ ଦାବି:** ସଦର ଥାନାଅର୍ନ୍ତଗତ ବାହାବଳପୁର ଅଂଚଳର ବଂଟି ବେହେରା ଜଣେ ଭିନ୍ନକ୍ଷମ ବ୍ୟକ୍ତି ଅଟନ୍ତି। ସେ ମାତ୍ର ୧୨ଶହ ଟଙ୍କା ଭତ୍ତା ପାଉଥିବା ବେଳେ ଏ ପର୍ଯ୍ୟନ୍ତ କୌଣସି ବର୍ଦ୍ଧିତ ଭତ୍ତା ହୋଇପାରିନଥିବା ବେଳେ ଯାତାୟତ ପାଇଁ ଘୋର ଅସୁବିଧା ହେଉଥିବାରୁ ଏକ ଟ୍ରାଇ ସାଇକଲର ଆବଶ୍ୟକତା ରହିଛି। ଏହାଛଡା ତାଙ୍କର ଆଧାର କାର୍ଡ ହୋଇପାରୁ ନଥିବାରୁ ସେ ସରକାରଙ୍କ ବର୍ଦ୍ଧିତ ଭତା ପାଇବାରୁ ବଂଚିତ ହେଉଛନ୍ତି। ଏଣୁ ତାଙ୍କୁ ଆଧାରକାର୍ଡ କରାଇଦେବା ସହ ଯାତାୟାତ ପାଇଁ ଟ୍ରାଇସାଇକେଲ ପ୍ରଦାନ କରିବାକୁ ଦାବି କରିଛନ୍ତି।

## ଓଡ଼ିଶା ପତ୍ରକାର ସଂଘ ବାଲେଶ୍ୱର ଶାଖାର ବାର୍ଷିକ ସମ୍ମିଳନୀ



ବାଲେଶ୍ୱର,୧।୯ (ସମିସ): ଓଡ଼ିଶା ପତ୍ରକାର ସଂଘ ବାଲେଶ୍ୱର ଶାଖାର ପ୍ରଥମ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଏକ ହୋଟେଲ ପରିସରରେ ବାସୁଦେବ ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରାଜ୍ୟ ସଂଘର ସଭାପତି ଅବିନାଶ ମିଶ୍ର ଓ ଉପସଭାପତି ହରପ୍ରସାଦ ଦାସ ଯୋଗଦେଇ ରାଜ୍ୟ ସଙ୍ଗଠନ ନେଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ସହିତ ସାମ୍ବାଦିକମାନଙ୍କ ସୁବିଧା ଅସୁବିଧାରେ ରାଜ୍ୟ ସଂଘ ସର୍ବଦା ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପ୍ରେସ ଇମ୍ପ୍ରେସ ମିଡିଆ କ୍ଲବର ସଭାପତି ଉଜ୍ଜ୍ୱଳ କର ଯୋଗଦେଇ ଆଲୋଚ୍ୟ ବିଷୟ 'ସାମ୍ବାଦିକ ଓ ସାମ୍ବାଦିକତା କେତେ ସ୍ୱାଧୀନ ଅଛନ୍ତି' ତା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ, ଶିବଦାସ କୁଣ୍ଡୁ, ଉବାଚକ ମହାନ୍ତି, ମହେଶ୍ୱର ପ୍ରଧାନ, ଲକ୍ଷ୍ମୀଧର ମଣ୍ଡଳ, ସୀତାରାମ ପାତ୍ର ପ୍ରମୁଖଙ୍କ ସହ ଅନ୍ୟମାନେ ନିଜର ମତ ରଖିଥିଲେ। ସମ୍ପାଦକ ମିତ୍ରବନ୍ଧୁ ପଲେଇ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ସାମ୍ବାଦିକ ଗଗନ ସେଠୀ ମଂଚ ପରିଚାଳନା କରିଥିଲେ। ଶେଷରେ ମଧୁସୂଦନ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକୁ ସତ୍ୟବ୍ରତ ମଣ୍ଡଳ, ସୁଶୀଳ ଜେନା, ପ୍ରଭାତ କୁମାର ଶର୍ମା, ହରେକୃଷ୍ଣ ତ୍ରିପାଠୀ, ସୁଶାନ୍ତ ଦାସ, ରାଜ୍ୟ କୋଷାଧ୍ୟକ୍ଷ କିଶୋର ରଥ ପ୍ରମୁଖ ପରିଚାଳନା କରିଥିଲେ।

## ୧୩ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ବାଲେଶ୍ୱର,୧।୯ (ସମିସ): ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ୧୩ ତାରିଖ ଦିନ ବାଲେଶ୍ୱର ଜିଲ୍ଲା ଜଜ୍ କୋର୍ଟ ପରିସର, ତାଲୁକ୍ ଆଇନସେବା ସମିତି ସୋରୋ, ଜଳେଶ୍ୱର, ନୀଳଗିରି ଏବଂ ବସ୍ତା, ଗ୍ରାମ୍ୟ ନ୍ୟାୟାଳୟ, ଭୋଗରାଇ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ, ଔପଦା ଠାରେ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରଧୀନ ମକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ), ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳ ଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ ଓ ଚେକ୍ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ କରାଯିବ। ଏହି ଲୋକ ଅଦାଲତରେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରି ପୁରୁଣା ବିବାଦ ଗୁଡିକର ଆପୋଷ ମିଳାମିଶା ମାଧ୍ୟମରେ ସମାଧାନ କରାଇ ନେବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଅନୁରୋଧ କରାଯାଇଛି।

## ଲାୟନ୍ସ କ୍ଲବ ବାଲେଶ୍ୱର ଏମ୍‌ପାୱାରର ଅଧିଷ୍ଠାପନା ଦିବସ



ବାଲେଶ୍ୱର,୧।୯ (ସମିସ): ବାଲେଶ୍ୱର ଜିଲ୍ଲାର ଅନ୍ୟତମ ସାମାଜିକ ଅନୁଷ୍ଠାନ ଲାୟନ୍ସ କ୍ଲବ ବାଲେଶ୍ୱର ଏମପାୱାରର ସପ୍ତମ ଅଧିଷ୍ଠାପନା ଦିବସ ରବିବାର ସହର ଉପକଣ୍ଠ ପଦ୍ମାବତୀ ପାର୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୦୨୫-୨୬ ବର୍ଷ ପାଇଁ ସଭାପତି ଭାବେ ଲାୟନ୍ ରିତିକ ଜି, ସମ୍ପାଦକ ଭାବେ ଲାୟନ୍ ମଧୁମିତା ପଲ୍, କୋଷାଧ୍ୟକ୍ଷ ଭାବେ ଲାୟନ୍ ସିଦ୍ଧାନ୍ତି ପଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ସଭାପତି ତଥା କାର୍ଯ୍ୟକ୍ରମର ଅଧ୍ୟକ୍ଷ ଲାୟନ୍ ମିତା ମାନ୍ନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଆଇପି ପ୍ରାନ୍ତପାଳ ଲାୟନ୍ ପ୍ରଲୁବ୍ଧ କୁମାର ଜେନା, ସମ୍ମାନିତ ଅତିଥି ଭାବେ ଦ୍ୱିତୀୟ ଭିଡିଜି ଲାୟନ୍ ଅଶୋକ କୁମାର ମହାନ୍ତି, ପିଡିଜି ଲାୟନ୍ ପ୍ରକାଶ କୁମାର ଜେନା ପ୍ରମୁଖ ଯୋଗଦେଇ ନୂତନ ସଭାପତି, ସମ୍ପାଦକ ଏବଂ କୋଷାଧ୍ୟକ୍ଷ ମାନଙ୍କୁ ଶପଥ ଗ୍ରହଣ କରାଇବା ସହ ଆଗାମୀ ଦିନରେ ଜନସେବା କାର୍ଯ୍ୟରେ ନିଜକୁ ଲିପ୍ତ କରି ଲାୟନ୍ସର ନାମ ଉଜ୍ଜଳ କରିବେ ବୋଲି ସେମାନେ ଉଲ୍ଲେଖ କରିଥିଲେ। ଲାୟନ୍ସ କ୍ଲବ ଭଦ୍ରକ, ଲାୟନ୍ସ କ୍ଲବ ବାଲେଶ୍ୱର, ଲାୟନ୍ସ କ୍ଲବ ଉମଙ୍ଗ, ଲାୟନ୍ସ କ୍ଲବ ମିତ୍ରପୁରର ବହୁ ସଦସ୍ୟ ସଦସ୍ୟା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କ୍ଲବର ନିର୍ଦ୍ଦେଶକ ବୋଡର୍‌ରେ ଚାରି ଜଣଙ୍କୁ ଦାୟିତ୍ୱ ମିଳିଛି। ଲାୟନ୍ ବିଶ୍ୱରୂପ ପରିଡ଼ା, ଲାୟନ୍ ସେଖ ଆୟୁବ, ଲାୟନ୍ ତାରିକ ମହମ୍ମଦ, ଲାୟନ୍ ଧୀରେନ ନାୟକଙ୍କୁ ନିର୍ଦ୍ଦେଶକ ଭାବେ ମନୋନୀତ କରାଯାଇଛି। ଟାମେର ଭାବେ ଲାୟନ୍ ମିତା ପଟ୍ଟନାୟକଙ୍କୁ ମନୋନୀତ କରାଯାଇଛି। ଟେଲ ଟ୍ୱିଷ୍ଟର ଲାୟନ୍ ବିଦ୍ୟୁତଲତା କର, ସଦସ୍ୟତା ଅଧ୍ୟକ୍ଷ ଲାୟନ୍ ନରେନ୍ଦ୍ର ପଟେଲ, ସେବା ଅଧ୍ୟକ୍ଷା ଲାୟନ୍ ସରିତା ସିଂ, ଫେଲୋସିପ ଅଧ୍ୟକ୍ଷା ଲାୟନ୍ ସବିତା ପରିଡ଼ା, ଏଲସିଆଇଫ ଅଧ୍ୟକ୍ଷ ଲାୟନ୍ ଅଭିଷେକ ନନ୍ଦି, କ୍ଲବ ପ୍ରଶାସକ ଲାୟନ୍ ମିତା ମାନ୍ନା ଏବଂ ଦୁଇ ଉପସଭାପତି ଲାୟନ୍ ଲିନା ଏବଂ ଲାୟନ୍ ମହମ୍ମଦ ଇସଲାମ ଖାନ ପ୍ରମୁଖ ମନୋନୀତ ହୋଇଛନ୍ତି। ଏହି ଅବସରରେ ଜଗନ୍ନାଥ ମହାରଣା, ସୁବୋଧ ମହାନ୍ତି, ସଞ୍ଜୟ ବେହେରା, ଜ୍ୟୋତିର୍ମୟନନ୍ଦ ପଲ୍ ପ୍ରମୁଖ ଚାରି ଜଣ କ୍ଲବର ନୂଆ ସଦସ୍ୟତା ଗ୍ରହଣ କରିଥିଲେ।

## ଭାରତୀୟ ଜୀବନବୀମା ନିଗମର ପ୍ରତିଷ୍ଠା ଦିବସ

ବାଲେଶ୍ୱର,୧।୯ (ସମିସ): ଭାରତୀୟ ଜୀବନ ବୀମା ନିଗମର ୬୯ତମ ପ୍ରତିଷ୍ଠା ଦିବସ ଆରମ୍ଭ ହୋଇଛି। ଏହା ସପ୍ତାହ ବ୍ୟାପି ଚାଲିବ। ଏଣୁ ଜୀବନ ବୀମାର ବାଲେଶ୍ୱର ଶାଖା ପକ୍ଷରୁ ଏହି ଅବସରରେ ସପ୍ତାହେ ବ୍ୟାପୀ କାର୍ଯ୍ୟକ୍ରମର ଉଦଘାଟନ



ହୋଇଛି। ଶାଖା ମହାପ୍ରବନ୍ଧକ ମୃନ୍ମୟ ଚକ୍ରବର୍ତି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୁଧିରାମ ସିଂ, ହରେକୃଷ୍ଣ ବେବର୍ତ୍ତା, ମନୋଜ ରଞ୍ଜନ ଦାସ, ଅଶୋକ ସ୍ୱାଇଁ, ଅଞ୍ଜୁପ୍ରଭା ବେହେରା, ବସନ୍ତ କୁମାର ପୁହାଣ, ସୁଧୀର କୁମାର ବଳ, ରଶ୍ମୀ ରଞ୍ଜନ ଜେନା, ଭାଗିରଥି ଦାସ, ଅନୁରାଧା ଦାସଅଧିକାରୀ, ବିଶାଲ ଶ୍ରୀବାସ୍ତବ, ଅରୁଣ ଦାସ, ଗିରୀଜା ଶଙ୍କର ବେହେରା, ସନ୍ଦୀପ ମହାପାତ୍ର, ଶିବାଶିଷ ବଗର୍ତି, ବିକାଶ ଅଧିକାରୀ, ପିକେ ସାହୁ, ସୁଜିତ କୁମାର ମହାପାତ୍ରଙ୍କ ଏଜେଂଟ ରବିନ୍ଦ୍ର ମହାନ୍ତି, ଅଞ୍ଜନ ସାହୁ, ଦୟାନିଧି ଜେନା, ମନୋଜ ହୋତା, ମାନସ ମିଶ୍ର, ବିପ୍ଳବ ମହାନ୍ତି, କୌଶିକ ପଣ୍ଡା, ଅଜିତ ଦେ ପ୍ରମୁଖ ଉପସ୍ଥିତ ଥିଲେ।

## ଲକ୍ଷ୍ମୀପ୍ରିୟାଙ୍କ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର,୧।୯ (ସମିସ): ବିଶିଷ୍ଟ ରାଜନେତା ତଥା ଶିକ୍ଷାବିତ୍ ଜଗନ୍ନାଥ ଜୀଙ୍କ ସହଧର୍ମିଣୀ ଲକ୍ଷ୍ମୀପ୍ରିୟା ଜୀଙ୍କ ଏକାଦଶାହ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ରସାଳପୁର ସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଙ୍କ ବାସଭବନ ପରିସରରେ ଲକ୍ଷ୍ମୀପ୍ରିୟା ଦେବୀଙ୍କ ଏକ ଆବକ୍ଷ ପ୍ରତିମୂର୍ତ୍ତିକୁ ବାଲେଶ୍ୱର ପ୍ରାକ୍ତନ ସାଂସଦ ଇଂ ରବିନ୍ଦ୍ର ଜେନା ଏବଂ ବାଲେଶ୍ୱର ତାନିସ୍କ ମୁଖ୍ୟ ଜ୍ଞାନ ରଂଜନ ବେହେରା ଉନ୍ମୋଚନ କରିଥିଲେ। ସରକାରୀ ଦଳର ଉପସଚେତକ ତଥା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଡ. ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି, ପୂର୍ବତନ ବିଧାୟକ ସ୍ୱରୂପ ଦାସ, ସୁଦର୍ଶନ ଜେନା, ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ, ବାଲେଶ୍ୱର ଉପନଗର ପାଳ କୈଳାଶ ସେଠୀ, ପ୍ରାକ୍ତନ ଉପ ନଗରପାଳ ମନୋଜ ରାଉତ, ଯୁବନେତା ଶୁଭେନ୍ଦୁ ମଙ୍ଗରାଜ, କାଉନସିଲର ସେକ ଆୟୁବ, ବିଶ୍ୱଜିତ ମହାପାତ୍ର, ସେକ୍ ଆନସାର ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତଃ ଲକ୍ଷ୍ମୀପ୍ରିୟାଙ୍କ ଉଦ୍ଦେଶ୍ୟରେ ପ୍ରକାଶିତ ମା' ନାମରେ ନାମିତ ଏକ ଫୋଲ୍ଡରକୁ ଆନୁଷ୍ଠାନିକ ଭାବରେ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଲକ୍ଷ୍ମୀପ୍ରିୟାଙ୍କ ଭଣଜା ତଥା ବିଶିଷ୍ଟ କବି ଶ୍ରୀଦେବ ଏବଂ ରଂଜନ ବାଗ ପରିଚାଳନା କରିଥିଲେ। ଲକ୍ଷ୍ମୀପ୍ରିୟାଙ୍କ ପୁତ୍ର ଅଶୋକ ଜୀ, ସରୋଜ ଜୀ, ମନୋଜ ଜୀ, ବିନୋଦ ଜୀ, ଆଲୋକ ଜୀ ଏବଂ ଶ୍ରମିକନେତା ଅଭିଜିତ ଦାସ ପ୍ରମୁଖ ସଂଚାଳନ କରିଥିଲେ।

## ବାଲେଶ୍ୱର ରେଳଷ୍ଟେସନ

# ଶୌଚାଳୟ ପାଇଁ ଘୂରି ବୁଲୁଛନ୍ତି ଯାତ୍ରୀ

### କାମ ପାଇଁ ବନ୍ଦ ଏକ ନମ୍ବର ପ୍ଲାଟଫର୍ମ ଶୌଚାଳୟ

### ଦୁଇ ନମ୍ବର ପ୍ଲାଟଫର୍ମ ୱେଟିଂ ହଲ୍ ଶୌଚାଳୟ ଭରସା

ବାଲେଶ୍ୱର, ୧।୯ (ସମିସ)






ଶୌଚ ଯିବା ପାଇଁ ଜନୈକ ମହିଳା ଏପଟ ସେପଟ ହେଉଥିଲେ ମଧ୍ୟ ଶୌଚାଳୟ ପାଉନଥିଲେ। ଶୌଚାଳୟ ଲେଖା ଯାଇଥିଲେ ମଧ୍ୟ ସେଠାରେ ଶୌଚାଳୟ ବନ୍ଦ ରହିଥିଲା। ଫଳରେ ଏପଟ ସେପଟ ପଚାରି ବୁଝୁଥିଲେ ଶୌଚାଳୟ କେଉଁଠି ଅଛି। ନିକଟରେ ଥିବା କର୍ମଚାରୀଙ୍କୁ ପଚାରିବାରୁ ଦୁଇ ନମ୍ବର ପ୍ଲାଟଫର୍ମରେ ଟଙ୍କା ଦେଇ ଶୌଚର ବ୍ୟବସ୍ଥା ଥିବା ସୂଚନା ଦେବା ପରେ ମହିଳା ଜଣଙ୍କ ବ୍ୟସ୍ତ ହୋଇ ରେଳ ଲାଇନ୍ ପାର ହୋଇ ବିପଦପୂର୍ଣ୍ଣ ଭାବେ ଦୁଇ ନମ୍ବର ପ୍ଲାଟଫର୍ମକୁ ପଳାଇ ଯାଇଥିଲେ। ଏ ହେଉଛି ବାଲେଶ୍ୱର ରେଳଷ୍ଟେସନର ଚିତ୍ର। ଯେଉଁଠି ଶୌଚାଳୟ ପାଇଁ ହନ୍ତସନ୍ତ ହେଉଛନ୍ତି ଯାତ୍ରୀ। ଶୌଚାଳୟ କେଉଁଠି ଖୋଜି ଖୋଜି ଘୁରି ବୁଲୁଛନ୍ତି। ସେହିପରି କିଛି ଦିନ ତଳେ ଜଣେ ଯୁବକ ଟ୍ରେନ୍‌ରୁ ଏକ ନମ୍ବର ପ୍ଲାଟଫର୍ମରେ ଓହ୍ଲେଇବା ପରେ ଝାଡା ଯିବା ପାଇଁ ଶୌଚାଳୟ ଖୋଜିଥିଲେ ମଧ୍ୟ ପାଇନଥିଲେ। ଫଳରେ ଅସନ୍ତୋଷ ପ୍ରକାଶ କରିବା ସହ ଏଦିଗରେ ରେଳ ବିଭାଗକୁ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ।

ସୂଚନାଯୋଗ୍ୟ, ଅମୃତ ରେଳଷ୍ଟେସନ ନିର୍ମାଣ ପାଇଁ ବାଲେଶ୍ୱର ରେଳଷ୍ଟେସନରେ କାମ ଚାଲୁଅଛି। ଏହି ପରିପ୍ରେକ୍ଷୀରେ ଏକ ନମ୍ବର ପ୍ଲାଟଫର୍ମରେ ଥିବା ଏକ ଶୌଚାଳୟ ଦୀର୍ଘଦିନ ହେଲା ବନ୍ଦ ହୋଇଯାଇଛି। ଫଳରେ କେବଳ ପରିସ୍ରା ଯିବା ପାଇଁ ଏକ ନମ୍ବର ପ୍ଲାଟଫର୍ମରେ ବ୍ୟବସ୍ଥା ରହିଛି। ହେଲେ ଯାତ୍ରୀମାନେ ଏକ ନମ୍ବର ପ୍ଲାଟଫର୍ମରେ ଓହ୍ଲାଇବା ପରେ କେହି ଶୌଚ ପାଇଁ ଯିବାକୁ ଚାହୁଁଥିଲେ ଆଉ କିଛି ସୁବିଧା ପାଉନାହାନ୍ତି। ଫଳରେ ଏପଟ ସେପଟ ହୋଇ ଘୁରି ବୁଲୁଛନ୍ତି। ରେଳ ଷ୍ଟେସନ ବାହାରେ ଥିବା ଏକ ଶୌଚଳୟ ମଧ୍ୟ ଭଙ୍ଗାଯାଇଛି। ଫଳରେ ଅଚାନକ ଯାତ୍ରୀମାନେ କୁଆଡେ ଯିବେ କଣ କରିବେ ଜାଣିନପାରି ଅନେକ ପରିସ୍ରାଗାରରେ ଝାଡା କରିଦେଉଥିବା ଜଣାପଡିଛି। 'ଗତ କିଛି ଦିନ ଧରି ବାଲେଶ୍ୱର ରେଳ ଷ୍ଟେସନର ଉନ୍ନତିକରଣ ପାଇଁ ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ଶୌଚାଳୟ ବନ୍ଦ ରହିଛି। ଫଳରେ ଅନେକ ଯାତ୍ରୀ ଯେଉଁମାନେ ରାଜ୍ୟ ବାହାରୁ ଓ ସ୍ଥାନୀୟ ଅଧିବାସୀ ଦୂର ଯାତ୍ରା ପାଇଁ ପ୍ଲାଟଫର୍ମରେ ରେଳଗାଡିକୁ ଅପେକ୍ଷା କରିଥାନ୍ତି। ସେମାନେ ଶୌଚ ନିମନ୍ତେ ଅସୁବିଧା ଭୋଗୁଛନ୍ତି। ବିଭିନ୍ନ ସମୟରେ ଦେଖାଯାଏ କିଛି ନିର୍ଦ୍ଦିଷ୍ଟ ରେଳଗାଡ଼ି ଗୁଡ଼ିକର ବଗିରେ ମଧ ଶୌଚ ପାଇଁ ପାଣି ଆସେ ନାହିଁ। ତେଣୁ ଯାତ୍ରୀମାନେ ଅପେକ୍ଷା କରିଥାନ୍ତି ପରବର୍ତ୍ତୀ ପ୍ଲାଟଫର୍ମରେ କିପରି ଶୌଚକାର୍ଯ୍ୟ ସାରିବେ। କିନ୍ତୁ ଏଠାରେ ମଧ ବିଡ଼ମ୍ବନା ଦେଖିବାକୁ ମିଳିଛି। ଏହାର ସମାଧାନ ପାଇଁ ରେଳ କର୍ତ୍ତୃପକ୍ଷଙ୍କ ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ନେତାଜୀ ତାପସ କୁମାର ସାହୁ କହିଛନ୍ତି। ସେହିପରି ବବିତାଞ୍ଜଳି ବାରିକ କହିଛନ୍ତି, ବାଲେଶ୍ୱର ରେଳ ଷ୍ଟେସନର ଆଧୁନିକୀକରଣ ପାଇଁ ଦୀର୍ଘ ଦିନ ଧରି ବନ୍ଦ ହୋଇ ପଡ଼ିଥିବା ସର୍ବସାଧାରଣ ଶୌଚାଳୟ ଯୋଗୁଁ ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହିଳା ଯାତ୍ରୀମାନେ ଶୌଚ କରିବା ପାଇଁ ସବୁଠୁ ବେଶୀ ହଇରାଣ ହରକତ ହେଉଥିବା ଲକ୍ଷ୍ୟ କରାଯାଏ। ଆଗକୁ ପାର୍ବଣ ଋତୁ, କାର୍ତ୍ତିକ ମାସ ଓ ପିକନିକ୍ ଆରମ୍ଭ ହେଉଥିବାରୁ ଅନେକ ଯାତ୍ରୀମାନେ ଆମ ଜିଲ୍ଲାକୁ ଆସିବେ ଏବଂ ବାହାର ସ୍ଥାନକୁ ଯିବେ। ତେଣୁ ରେଳ ବିଭାଗକୁ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଅନୁରୋଧ'। ଏ ବାବଦରେ ଷ୍ଟେସନ ମ୍ୟାନେଜରଙ୍କୁ ପଚାରିବାରୁ କହିଥିଲେ, ରେଳ ଷ୍ଟେସନରେ ଥିବା ଶୌଚାଳୟ ଗୁଡ଼ିକ ଅମୃତ ଭାରତ ଷ୍ଟେସନ ବିଲଡିଂ କାମ ପାଇଁ ବନ୍ଦ ରହିଛି। ଦୁଇ ନମ୍ବର ପ୍ଲାଟଫର୍ମର ୱେଟିଂ ହଲ୍‌ରେ କେବଳ ଟଏଲେଟ୍ ଅଛି। ଲୋକ ସେଠାକୁ ଯାଇପାରିବେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/07 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|
| ସହକାରୀ ତଥ୍ୟ ସୁରକ୍ଷା ଅଧିକାରୀ | 1 | 45 |

**ବିଜ୍ଞାପନ ସଂ. CRPD/SCO/2025-26/09 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (31.05.2025 କଟ୍ ଅଫ୍) |
|---|---|---|---|
| ମ୍ୟାନେଜର (ବେତନ ପ୍ୟାକେଜ୍ ଉପ୍ତାଦ) | ଏମଏମଜିଏସ୍ II | 2 | 40 |
| ଡେପୁଟି ମ୍ୟାନେଜର (ବେତନ ପ୍ୟାକେଜ୍ ଉପ୍ତାଦ) | ଏମଏମଜିଏସ୍ II | 2 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 25.08.2025 ରୁ 15.09.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 25.08.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

## ବନ୍ୟା କବିତା ଆସର

ବାଲେଶ୍ୱର,୧।୯ (ସମିସ): ନୋସି କଲଚୁରାଲ ଏକାଡେମି ତରଫରୁ ୫୬ତମ ଫେସବୁକ କବିତା ଆସରରେ "ବନ୍ୟା କବିତା ଆସର୍" ନୋସି ଉତ୍କଳାରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱରର ସୁବର୍ଣ୍ଣରେଖା ନଦୀରେ ସର୍ବାଧିକ ୬ ଥର ବନ୍ୟା ଆସି ଭୋଗରାଇ, ବାଲିଆପାଳ ଓ ଜଳେଶ୍ୱର ଅଞ୍ଚଳର ଅକଥନୀୟ ଦୁର୍ଦ୍ଦଶା ଭୋଗୁଥିବା ବିପନ୍ନ ଲୋକମାନଙ୍କୁ ସମର୍ପିତ କରି ଆୟୋଜନ କରାଯାଇଥିବା କବିତା ଆସରର ଆବାହକ ତଥା ନୋସି କଲଚୁରାଲ ଏକାଡେମିର ମୁଖ୍ୟ ଉପଦେଷ୍ଟା ଶିଳ୍ପୀ କେଶୁଦାସ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିବା ସହ ଆସରର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଡ. ରତ୍ନାକର ସିଂହ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କବିତା ଆସରରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଗବେଷକ ତଥା ସାରସ୍ୱତ ସାଧକ ଡ ଭାଗବତ ପ୍ରସାଦ ଦାସ ଯୋଗଦେଇ କବିମାନେ ସମାଜର ହିତ ସାଧନ କରନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବନ୍ୟା ବିପନ୍ନଙ୍କ ପାଇଁ ୨୦୦୭ରୁ ଆନ୍ତରିକ ଭାବେ ସେବା ଓ ସାହାଯ୍ୟ କରିଆସୁଥିବା ଯୁବ ବିକାଶ ସଂଗଠନର ମୁଖ୍ୟ ଯୁବ ସମାଜସେବୀ ଗୋବିନ୍ଦ ବଲ୍ଲଭ ଦଳାଇଙ୍କୁ "ବିପନ୍ନର ବନ୍ଧୁ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କବିମାନଙ୍କ ଦ୍ୱାରା ସଂଗୃହୀତ ୮ ହଜାର ଟଙ୍କା ଓ ଶୁଖିଲା ଖାଦ୍ୟ ଆରିଷା ପିଠା ଓ ମାଣ୍ଡିଆ ଲଡ଼ୁ ସଂଗ୍ରହ କରାଯାଇ ବିପନ୍ନଙ୍କ ଉଦ୍ଦେଶ୍ୟରେ ଯୁବ ବିକାଶ ସଂଗଠନକୁ ପ୍ରଦାନ କରାଯାଇ ଥିଲା। ବନ୍ୟା ଶୀର୍ଷକ କବିତା ଆସରକୁ କବି ଗଗନ କୁମାର ସେଠୀ ଓ କବି ମଧୁସୂଦନ ମିଶ୍ର ସୁନ୍ଦର ଭାବରେ ସଞ୍ଚାଳନ କରିଥିବା ବେଳେ କବି ଶାନ୍ତି ବିଶି, ଜୁମରନାଥ ପାତ୍ର, ପ୍ରଭାତ ଆଚାର୍ଯ୍ୟ, ଜୟନ୍ତ ହଂସରାଜ, ଅଜିମ ବାଲେଶ୍ୱରୀ, ପ୍ରଭାକର ସାହୁ, କୃଷ୍ଣା ପ୍ରଧାନ, ସୁବ୍ରତା ମହାନ୍ତି, ବନୀତା ସାହୁ, ଜ୍ୟୋତ୍ସ୍ନା ରାୟ, କଲ୍ୟାଣୀ ନନ୍ଦ, ପୁଷ୍ପଲତା ଚକ୍ରବର୍ତ୍ତୀ, ଝରଣା ମଲ୍ଲିକ, ଅବନ୍ତୀ ପ୍ରଧାନ, ତୃପ୍ତି ରଣୀ ପାତ୍ର, ଦେବାଶିଷ ସିଂହ, ମମତା ଦାସ, ପ୍ରବୀର କୁମାର କମିଲା, ମଧୁସୂଦନ ମାଝି, ରଣଜିତ ବେହେରା, ଷ୍ଟାଲିନ ମିଶ୍ର ପ୍ରମୁଖ ଯୋଗଦେଇ ବନ୍ୟା ଆଧାରିତ ସ୍ୱରଚିତ କବିତା ପାଠ କରିଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ

ବାଲେଶ୍ୱର,୧।୯ (ସମିସ): ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତର ଜମ୍ବେଶ୍ୱରପୁର ଗ୍ରାମର ସ୍ୱୟଂଭୁ ଶ୍ରୀ ଜମ୍ବେଶ୍ୱରନାଥ ଶୈବ ପୀଠର ପୂଜକ ପିତବାସ ଆଚାର୍ଯ୍ୟଙ୍କ ମାତା ଉଷାମଣୀ ଆଚାର୍ଯ୍ୟଙ୍କ ବିୟୋଗ ହୋଇଯାଇଛି। ତାଙ୍କର ୮୬ ବର୍ଷ ବୟସରେ ତିରୋଧାନ ହୋଇଛି। ବହୁଦିନ ଆଗରୁ ଉଷାଦେବୀଙ୍କ ସ୍ୱାମୀ ଅଞ୍ଚଳର ପ୍ରସିଦ୍ଧ ପାଲାଗାୟକ କଟିବନ ଆଚାର୍ଯ୍ୟ ଇହଲୀଳା ସମ୍ବରଣ କରିଥିଲେ। ଧର୍ମପ୍ରାଣା ମହିଳାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଦୁଃଖର ଛାୟା ଖେଳିଯାଇଛି। ମୃତ୍ୟୁ ବେଳକୁ ଦୁଇ ପୁତ୍ର, ବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ। ସାନପୁଅ ଶ୍ରୀନିବାସ ଆଚାର୍ଯ୍ୟ ମୁଖାଗ୍ନି ଦେଇଥିଲେ। ସରପଞ୍ଚ ମଞ୍ଜୁଲତା ଆଚାର୍ଯ୍ୟ, ମାନବାଧିକାର କର୍ମୀ ସୁଧାକର ସେଠୀ, ପ୍ରାକ୍ତନ ସରପଞ୍ଚ ବିରୁପାକ୍ଷ ମହାପାତ୍ର, ଜଳଧର ସାମଲ, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପ୍ରସାଦ ବାରିକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

Institute of Medical Science and Research
IMSR ESTD. 2020
Affiliated by : Odisha University of Health Science
Approved by : ONMRC, DMET &Department of Health & Family Welfare Govt. of Odisha



Announcing Admission for
- B.Sc. Nursing
- ANM
- GNM

Contact : 9178 69 8272 / 7381 45 9965 / 7978 01 7254
Kalidaspur, Near Utkal Vani, Opposite of Hotel Chandravaga
Balasore-756 003, Odisha
Email : imsrodisha@gmail.com, Visit : www.imsr.co.in

# ଗଣେଶ ମେଳା କମିଟି ବିରୋଧରେ ପୌର ପାରିଷଦଙ୍କ ଦ୍ୱାରା ନିନ୍ଦା ପ୍ରସ୍ତାବ

ଦେବଗଡ଼,୩୧ା୯ (ସମିସ)




ଦେବଗଡ଼ର ପ୍ରସିଦ୍ଧ ସାର୍ବଜନୀନ ଗଣେଶ ମେଳା ଚଳିତ ବର୍ଷ ମେଳା ଆୟୋଜନ ନେଇ ମୂଳରୁ ବିବାଦୀୟ ହୋଇପଡିଥିବା ବେଳେ ପରିସ୍ଥିତି ଚାପରେ ଜିଲ୍ଲା ପ୍ରଶାସନର ମଧ୍ୟସ୍ଥତାରେ ସମସ୍ତ ବିବାଦର ସମାଧାନ କରାଯାଇଥିଲା। ସେହିପରି ଗତ ୨୭ ରୁ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଶ୍ରୀଗଣେଶ ପୂଜା ଓ ମେଳା ଜାରି ରହିଛି। ତେବେ ନବ ନିର୍ବାଚିତ କମିଟି କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଦେବଗଡ଼ ପୌର ପରିଷଦର ସମସ୍ତ ପାରିଷଦ ଓ କର୍ମଚାରୀଙ୍କୁ ନିମନ୍ତ୍ରଣ ପତ୍ର ପଠାଯାଇ ନିମନ୍ତ୍ରଣ କରାଯାଇ ଥିଲେ ମଧ୍ୟ ମେଳାକୁ ପୌରାଧ୍ୟକ୍ଷ ପ୍ରଜିତ ଭୋଜଙ୍କୁ ଜାଣିଶୁଣି ନିମନ୍ତ୍ରଣ କରାଯାଇ ନାହିଁ। ଏଥି ନିମନ୍ତେ ଆଜି ପୌର ପରିଷଦ କାର୍ଯ୍ୟାଳୟରେ ବୈଠକରେ ପାରିଷଦ ମାନେ ଏ ସମ୍ପର୍କରେ ଆଲୋଚନା କରି ନିନ୍ଦା ପ୍ରସ୍ତାବ ଆଗତ କରିଥିଲେ। ପରେ ପୌର କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ପାରିଷଦ ଧର୍ମେନ୍ଦ୍ର ଦେବତା ସୂଚନା ଦେବାସହ ସାର୍ବଜନୀନ ଗଣେଶ ମେଳା କମିଟିର କାର୍ଯ୍ୟକର୍ତ୍ତାଙ୍କୁ ହୀନମନ୍ୟତାରୁ ଉର୍ଦ୍ଧ୍ୱରେ ରହି ଭାଇଚାରାର ପର୍ବକୁ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଦେବଗଡ଼ ପୌର ପରିଷଦ ବିନା ସହଯୋଗରେ ମେଳା ଆୟୋଜନ ଅସମ୍ଭବ ଥିବା ବେଳେ ମେଳା କମିଟି ପକ୍ଷରୁ ଖୋଦ ପୌରାଧ୍ୟକ୍ଷଙ୍କୁ ଅଣଦେଖା କରିବା କେତେ ଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଥିଲେ। ଏଥିସହ ପୌର ପରିଷଦର ବିନା ଆଦେଶରେ ଟାଉନହଲ, ବଡ ବଗିଚା, ପାଣି ଟାଙ୍କି ସହ ଦୈନନ୍ଦିନ ପରିମଳ ସେବା ବାବଦକୁ ନିର୍ଦ୍ଧାରିତ ଅର୍ଥକୁ ମଧ୍ୟ ସାର୍ବଜନୀନ ଗଣେଶ ମେଳା ଆୟୋଜକ କର୍ମକର୍ତ୍ତା ପୌର ପରିଷଦକୁ ପୈଠ କରୁନଥିବା ଅଭିଯୋଗ କରିଥିଲେ। ପୌର ପାରିଷଦଙ୍କ ସାମ୍ବାଦିକ ସମ୍ମିଳନୀ ଅନ୍ୟ ମାନଙ୍କ ମଧ୍ୟରେ କାଉନସିଲର କାର୍ତ୍ତିକ ମହାକୁଳ, ମଧୁସୁଦନ ବାଗ, ଇତିଶ୍ରୀ ମିଶ୍ର, ସରୋଜିନୀ ମୁଣ୍ଡା ଓ ପିଙ୍କିରାଣୀ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଗଣେଶ ମେଳାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭୋଗ ବିତରଣ



ଦେବଗଡ଼,୩୧ା୯ (ସମିସ): ଦେବଗଡ ସହରରେ ୧୦ ଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ଜିଲ୍ଲାର ପ୍ରସିଦ୍ଧ ଗଣେଶ ପୂଜା ଉପଲକ୍ଷେ ଜନ ସାଧାରଣଙ୍କ ଗହଳିକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ କ୍ଷୀରି ଓ ଅନ୍ନ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିଛି। ଏହି କ୍ରମରେ ଆଜି ସନ୍ଧ୍ୟାରେ ମ୍ୟୁନିସିପାଲରୋଡ ଠାରେ ଦେବଗଡ ସେବା ସଙ୍ଘ ପକ୍ଷରୁ ପ୍ରାୟ ୩ ହଜାର ଶ୍ରଦ୍ଧାଳୁଙ୍କୁ ନିଃଶୁଳ୍କ କ୍ଷୀରି ଭୋଗ ବଣ୍ଟନ କରାଯାଇଛି। ସଂଘର ସମ୍ପାଦକ ଧର୍ମେନ୍ଦ୍ର ଦେବତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ ଚୋପଦାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସଂଘର ସଦସ୍ୟ ସୁରେନ ନାୟକ, ଲିଙ୍ଗରାଜ ବିଶ୍ୱାଳ, ସୁଶୀଲ ନାୟକ, ଦୀପକ ଦାଶ, ଅରୁଣ ଭଞ୍ଜ, ବିକାଶ ଦେବ, ଶାଶ୍ୱତ ନନ୍ଦ, ପ୍ରକାଶ ଦେବଙ୍କ ସମେତ ବହୁ ସଦସ୍ୟ ଅଂଶଗ୍ରହଣ କରିଥିଲେ। ସେହିପରି ମୁଖ୍ୟ ବଜାର ଠାରେ ଥିବା ଷ୍ଟେଟ ବ୍ୟାଙ୍କ ଛକ ଠାରେ ସାର୍ବଜନୀନ ଗଣେଶ ମେଳା ଉପଲକ୍ଷେ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ୧୯୮୯ ମାଟ୍ରିକ ବ୍ୟାଚ୍ ଛାତ୍ରଙ୍କ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ କ୍ଷୀରି ଭୋଗ ବଣ୍ଟନ କରାଯାଇଛି। ପୂର୍ବତନ ପୌରାଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଓ ଅତିରିକ୍ତ ଜିଲ୍ଲାପାଳ ରେବିକା ବିଲୁଙ୍ଗ ଏହାକୁ ଉଦ୍‌ଘାଟନ କରିଥିଲେ। ୧୯୮୯ ବ୍ୟାଚ ସଦସ୍ୟ ଦିଲ୍ଲୀପ ସାହୁ, ତପନ ନାୟକ, ସୁନିଲ ଦାସ, କ୍ଷୀରୋଦ ଝଙ୍କାର, ପ୍ରତାପ ନାୟକ, ଜୟ ନାରାୟଣ ସାହୁ, ଫକୀର ମହାପାତ୍ର, ଶଙ୍କର୍ଷଣ ମିଶ୍ର, ସୁଶାନ୍ତ ନାୟକ, ସରୋଜ ନାୟକ, ସୁଧାଂଶୁ ଦେବତା, ସୁଶାନ୍ତ ଆଚାର୍ଯ୍ୟ, ଉଦିପ୍ତ ନାୟକ, ହୀରା ବେହେରା ତଥା ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




ଦେବଗଡ଼,୩୧ା୯ (ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୨୮ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୨୩ଟି ବ୍ୟକ୍ତିଗତ ଏବଂ ୫ ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। ବିଶେଷ କରି ଭାଗବତ ଟୁଙ୍ଗୀ, ଲୋକକଳା ଗାଁର ଉନ୍ନତି କରଣ, ବିଦ୍ୟୁତ୍ ଟ୍ରାନ୍ସଫର୍ମର ମରାମତି, ଜମିବାଡି ବିବାଦ, ସୁଭଦ୍ରା ଯୋଜନା, ନୂତନ ରାସ୍ତା, ଚିକିତ୍ସା ନିମନ୍ତେ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ବନଖଣ୍ଡ ଅଧିକାରୀ ରଶ୍ମି, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ତହସିଲଦାର କର୍ଣ୍ଣ ମଲ୍ଲିକ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଜନ ମହାସମାଧାନ ଶିବିର

ଝାରସୁଗୁଡା,୩୧ା୯ (ସମିସ): ଜିଲ୍ଲା ମୁଖ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ମହାସମାଧାନ ଶିବିର ଅନୁଷ୍ଠିତ ହୋଇଛି।



ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରୀ ରାଘବେନ୍ଦ୍ର, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଭାରପ୍ରାପ୍ତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୂର୍ଯ୍ୟାଓଶୁରୁତ୍, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡାଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୬୧ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୨୨ଟି ସାମୂହିକ ଓ ୩୯ଟି ବ୍ୟକ୍ତିଗତ। ଚିକିତ୍ସା ସହାୟତା ବାବଦକୁ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଦୁଇ ଜଣଙ୍କୁ ୧୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଶିବିରରେ ସାଲେଟିକ୍ରାରେ ବେଆଇନ ଭାବେ ସରକାରୀ ଜମି ଜବରଦଖଲ, ୱାର୍ଡ ନମ୍ବର ୧୪ ବଢ଼େଇମୁଣ୍ଡାରେ ସର୍ବସାଧାରଣ ଜମି ଉପରେ ପୌରପାଳିକା ପକ୍ଷରୁ କରାଯାଉଥିବା ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି, ଭୁରକାମୁଣ୍ଡା ଗାଁକୁ ବିସ୍ଥାପିତ କରାଯିବା, କୁରେବଗା ଖେଳ ପଡିଆ ନିର୍ମାଣ ବାବଦକୁ ସମ୍ପୃକ୍ତ ଏସ୍‌ଏଚଜିକୁ ପ୍ରାପ୍ୟ ପ୍ରଦାନ, କୁରେବଗାରେ ମିନି ପାର୍କ ନିର୍ମାଣ ବିବାଦକୁ ପ୍ରାପ୍ୟ, ଦେଓଗାଁ ଡୁଗୁଁରିପଡାରେ ନଳକୂପ ଖନନ ପାଇଁ ଉଦ୍ଦିଷ୍ଟ ଡ୍ରେନ ଉପରେ ଜନୈକ ବ୍ୟକ୍ତିଙ୍କ ଦ୍ୱାରା ଘର ନିର୍ମାଣ ଜନିତ ଗାଁବାସୀଙ୍କ ଅସୁବିଧା, ବଂଜାରି ଗାଁରେ ରାସ୍ତା, ବିଦ୍ୟୁତ, ଶିକ୍ଷା, ଫୁଟବଲ ପଡିଆ ଆଦିର ଉନ୍ନତି କରଣ, ୱାର୍ଡ ନମ୍ବର ୧୫ରେ ମୁକ୍ତା ଯୋଜନାରେ ମିଶନ ଶକ୍ତି ଗୃହ ନିର୍ମାଣ ବାବଦକୁ ସହାୟତା, ସୁଲଡିହାପଡା ନିଶା ନିବାରଣ କେନ୍ଦ୍ର କର୍ମଚାରୀଙ୍କୁ ବକେୟା ପ୍ରାପ୍ୟ ପ୍ରଦାନ, ବେଦାନ୍ତ ସହଯୋଗୀ କମ୍ପାନୀ ଗୋଦରେଜରେ ପ୍ରଶିକ୍ଷଣ ପ୍ରାପ୍ତ ଯୁବକଯୁବତୀଙ୍କୁ ନିଯୁକ୍ତି ପ୍ରଦାନ, ମଳଦା ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ ମରାମତି, ଲଖନପୁର ବ୍ଲକ୍ ଅନ୍ତର୍ଗତ ସେମିଲିଆରେ ରାସ୍ତାରେ ବିଜୁଳି ଆଲୋକ ବ୍ୟବସ୍ଥା, ୧୯ ଖଣ୍ଡ ମୌଜାରେ ଯୁକ୍ତ ତିନି କଲେଜ ସ୍ଥାପନା ଏବଂ ଏନଏଲ୍‌ସି କମ୍ପାନୀ ପକ୍ଷରୁ ଚାକିରି ଓ କ୍ଷତି ପୂରଣ ସମ୍ପର୍କିତ ବିଭିନ୍ନ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିବା ବେଳେ ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସମ୍ପୃକ୍ତ ଅଧିକାରୀମାନଙ୍କୁ ତର୍ଜମା ପୂର୍ବକ ଅଭିଯୋଗ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଧୁତରା ଗାଁର ଯୁବକଙ୍କ ପରଲୋକ

ଝାରସୁଗୁଡ଼ା/କିର୍ମିରା,୩୧ା୯ (ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ଅର୍ଡା ପଞ୍ଚାୟତ ଧୁତରା ଗାଁର ଜଣେ ଯୁବକ ଆଶିଷ ଓରଫ ପୃଥ୍ୱୀରାଜ (୨୮)ଙ୍କ ଝାରସୁଗୁଡ଼ା ଜିଲ୍ଲାସ୍ଥିତ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାରେ ରବିବାର ପରଲୋକ ହୋଇଯାଇଛି। ଗାଁ ତଥା ଅଞ୍ଚଳରେ ମହାବିଦ୍ୟାଳୟର ଜୁନିୟର ଟିଚର ବା ସରକାରୀ ବିଜ୍ଞାନ ଶିକ୍ଷକ ଭାବେ ସେ ପରିଚିତ ଥିଲେ।



ଶେଷଦର୍ଶନ ପାଇଁ ଝାରସୁଗୁଡ଼ା ପୂର୍ବତନ ବିଧାୟକା ଦୀପାଳି ଦାସ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବଡଗାଁର ପ୍ରିନ୍ସପାଲ ଡ.ସୁପ୍ରିୟା ପାଲ, ପିଜିଟି ଅନନ୍ତ ବରିହା, ସୁରଜ ବେହେରା, ସମ୍ବିତ ସାହୁ, ସ୍ଥାନୀୟ ସରପଞ୍ଚ ବିଣାପାଣି ପୋଢ଼, ପୂର୍ବତନ ସରପଞ୍ଚ ଚୂଡାମଣୀ ସାହୁ, ଅଞ୍ଚଳର ଚାଷୀ ନେତା ଜଗନ୍ନାଥ ଜେନା, ଅଲଟ୍ରାଟେକ ସିମେଣ୍ଟ କାରଖାନା ମୁଖ୍ୟ ସୁରକ୍ଷା ଓ ପ୍ରଶାସନିକ ଅଧିକାରୀ ଦେବାନନ୍ଦ ବିଶ୍ୱାଳ ସହ ଉନ୍ନୟନ ଅଧିକାରୀ ସିମନ ବାରିକ ପ୍ରମୁଖ ସହ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚିଥିଲେ। ଶେଷରେ ଗାଁ ଶ୍ମଶାନରେ ଆଶିଷଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ମେଜର ଧ୍ୟାନଚାନ୍ଦ ରାଷ୍ଟ୍ରୀୟ ଖେଳ ମହୋତ୍ସବ ଉଦ୍‌ଯାପିତ

ଝାରସୁଗୁଡା,୩୧ା୯ (ସମିସ): ବେଲପାହାଡର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଶନ ପ୍ଲାଣ୍ଟେସନ ୱିଥ୍ ଫିଟନେସ ଦ୍ୱାରା ଅଗଷ୍ଟ ୨୩ ତାରିଖରୁ ଆରମ୍ଭ ହୋଇଥିବା ମେଜର ଧ୍ୟାନଚାନ୍ଦ ରାଷ୍ଟ୍ରିୟ ଖେଳ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଫିଜିକାଲ ଏଜୁକେଶନ ଫାଉଣ୍ଡେସନ ଅଫ ଇଣ୍ଡିଆ ଓ ଯୁବ ଓ କ୍ରୀଡା ମନ୍ତ୍ରାଳୟ ଭାରତ ସରକାରଙ୍କ ଅନୁମୋଦନ ଦ୍ୱାରା ସାରା ଭାରତର ବିଭିନ୍ନ ସ୍ଥାନରେ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ଅବସରରେ ମେଜର ଧ୍ୟାନଚାନ୍ଦ ରାଷ୍ଟ୍ରୀୟ ଖେଳ ଉତ୍ସବ ୨୦୨୫ ପାଳନ କରାଯାଉଛି। ଝାରସୁଗୁଡା ଜିଲ୍ଲାରେ ବେଲପାହାଡର ମିଶନ ପ୍ଲାଣ୍ଟେସନ ୱିଥ୍ ଫିଟନେସ (ଏମପିଏଫ) ଏହି କାର୍ଯ୍ୟକ୍ରମ ହାତକୁ ନେଇଥିଲା। ଏଥିରେ ବ୍ୟାଡମିଣ୍ଟନ, ଇଣ୍ଟର କ୍ଲବ୍ ହ୍ୟାଣ୍ଡବଲ, ଇଣ୍ଟର ସ୍କୁଲ ଫୁଟବଲ ଓ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହା ସହିତ ଚିତ୍ରାଙ୍କନ, ସ୍ଲୋଗାନ ଲେଖିବା, ଭାଷଣ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଛି। ଆଜିର ଉଦ୍‌ଯାପନୀ ଦିବସରେ ଇଣ୍ଟର ସ୍କୁଲ ଫୁଟବଲ ଓ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସକାଳେ ସ୍ଥାନୀୟ ୭ ନମ୍ବର ୱାର୍ଡର କାଉନସିଲର ଶକୁନ୍ତଳା ମହନ୍ତ ଖେଳର ଶୁଭାରମ୍ଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଜିଲ୍ଲା ଏଥେଲେଟିକ ଏସୋସିଏସନର ଜେନେରାଲ ସେକ୍ରେଟେରି ତଥା ଓଡ଼ିଶା ଏଥେଲେଟିକ ଏସୋସିଏସନର ଉପସଭାପତି ତାପସ ରାୟ ଚୌଧୁରୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଅଲମ୍ପିକ ଏସୋସିଏସନର କାଉନସିଲ ସଦସ୍ୟ ବିଜୟ ବେହେରା, ବାସନ୍ତୀ ହସପିଟାଲର ପରିଚାଳନା ନିର୍ଦ୍ଦେଶକ ଡ.ରାଜ ପ୍ରଧାନ, ବିଇଏମ ବିଦ୍ୟାଳୟର ଉପ ଅଧ୍ୟକ୍ଷ ପ୍ରଫୁଲ୍ଲ ମହାପାତ୍ର, ସନ୍ତୋଷ ଟ୍ରଫି ଖେଳାଳି ଜରିସ ଜୟପୁରିଆ, ଲକ୍ଷ୍ମୀ ପ୍ରସାଦ ରାଉତ, କ୍ରୀଡା ପ୍ରେମୀ ସୁବାସ ସିଂହାନିଆଁ, ବ୍ୟାଡମିଣ୍ଟନ କୋଚ କମଲେଶ ଶର୍ମା, କଳିଙ୍ଗ ଯୁଥ ଏସୋସିଏସନର ସଭାପତି ସଞ୍ଜିବ ମହନ୍ତ, ଟିଆରଏଲ କ୍ରୋଶାକି କମ୍ପାନୀର ସିଏସଆର ବିଭାଗର ଦିପକ ସାହୁ, ସରୋଜ ମିର୍ଦ୍ଧା, ମନୋଜ ମେହେର ପ୍ରମୁଖ ପୁରସ୍କାର ବିତରଣ କରିଥିଲେ। ଏମପିଏଫର ସଭାପତି ଆଶିଷ ଦାସ ସଭାପତିତ୍ୱ କରିଥିଲେ। ସମ୍ପାଦକ ହମିଦ ମହାପାତ୍ର ଅତିଥି ପରିଚୟ ତଥା ଖେଳ ମହୋତ୍ସବ ବିଷୟରେ ସୂଚନା ଦେଇଥିଲେ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲାର ମୋଟ ୩୦୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଫୁଟବଲରେ ୮ଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ପିଏମଶ୍ରୀ ଜିଏଲ ହାଇସ୍କୁଲ ଓ ବିଆର ହାଇସ୍କୁଲ ମଧ୍ୟରେ ହୋଇଥିଲା। ଏଥିରେ ଜିଏଲ ହାଇସ୍କୁଲ ଦଳ ୩-୧ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ସେହିପରି ଭଲିବଲରେ ୮ଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ କଣ୍ଡେଇକେଲା ନଟଓର ହାଇସ୍କୁଲ ବେଲପାହାଡ ଇଂଲିଶ ମିଡିୟମ ବିଦ୍ୟାଳୟକୁ ୨-୦ ସେଟରେ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ବିଜୟୀ ଦଳକୁ ଚାମ୍ପିଅନ ଟ୍ରଫି ଓ ଉପ ବିଜେତା ଦଳକୁ ରନର୍ସଅପ ଟ୍ରଫି ପ୍ରଦାନ କରାଯାଇଥିଲା। ପୂର୍ବରୁ ହୋଇଯାଇଥିବା ବ୍ୟାଡମିଣ୍ଟନ (ମିକ୍ସ ଡବଲ୍ସ) ଓ ଇଣ୍ଟର କ୍ଲବ୍ ହ୍ୟାଣ୍ଡବଲ ପ୍ରତିଯୋଗିତାର ବିଜେତା, ଉପବିଜେତା ଦଳକୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସମସ୍ତ ପ୍ରତିଯୋଗୀଙ୍କୁ ପାର୍ଟିସିପେଶନ ସାର୍ଟିଫିକେଟ ଓ ବିଜୟୀ ଦଳଙ୍କୁ ଟ୍ରଫି ସହିତ ମେରିଟ ସାର୍ଟିଫିକେଟ ପ୍ରଦାନ କରାହେଲା। ଶେଷରେ ହମିଦ ମହାପାତ୍ର ସମସ୍ତଙ୍କୁ ଫିଟ ଇଣ୍ଡିଆ ଶପଥ ପାଠ କରେଇଥିଲେ। ଫୁଟବଲ ଖେଳ କୁରାମ ସେନ୍ଦ୍ରିଆ, ରମଣୀ ମାଝୀ, ମହେନ୍ଦ୍ର ବର୍ଗାର୍ତ୍ତୀ, ରତ୍ନାକର ସାଏ ପରିଚାଳନା କରିଥିବା ବେଳେ ଭଲିବଲକୁ ବିଶ୍ୱମ୍ବର ସାହୁ, ସୁବାସ ସୁନା ଓ ପଞ୍ଚାନନ ପାଣିଗ୍ରାହୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଏମପିଏଫର ବରିଷ୍ଠ ସଦସ୍ୟ କିଶୋର ପଣ୍ଡା, ସୁନନ୍ତ ପଣ୍ଡା, ଅଭିଶେକ ସିଂହାନିଆଁ, ଚିତ୍ତରଞ୍ଜନ ମାଝୀ, ପଞ୍ଚାନନ ପାଣିଗ୍ରାହୀ, କଳାକର ନାଗ, ଅଶୋକ ଧିର ସାମନ୍ତ, ମନୋଜ ବିନ୍ଧାଣୀ ସହଯୋଗ କରିଥିଲେ।

# ଜାତୀୟ କ୍ରୀଡ଼ାରେ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ରଛାତ୍ରୀଙ୍କ ଯୋଗଦାନ



ବନ୍ଧବାହାଲ/ଝାରସୁଗୁଡ଼ା,୩୧ା୯ (ସମିସ): ଡିଏଭି ପବ୍ଲିକ ସ୍କୁଲ ବନ୍ଧବାହାଲର ଛାତ୍ରଛାତ୍ରୀ ଏମ୍‌ସିଏଲ୍, ଲଖନପୁର କ୍ଷେତ୍ର, ଦ୍ୱାରା ପରିଚାଳିତ ଜାତୀୟ କ୍ରୀଡା ଦିବସ ଉଦ୍‌ଯାପିତ ହୋଇଯାଇଛି। ୨୯ ରୁ ୩୧ ଅଗଷ୍ଟ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ଏହି କ୍ରୀଡା ଏମ୍‌ସିଏଲ୍ ଲଖନପୁର କ୍ଷେତ୍ରର ମହାପ୍ରବନ୍ଧକ ଏକେ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ପରିଚାଳିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସାଇକେଲ୍ ରାଲି କରାଯାଇ ସମାଜକୁ କ୍ରୀଡାର ମହତ୍ତ୍ୱ ସଂପର୍କିତ ବାର୍ତ୍ତା ପ୍ରଦାନ କରାଯାଇଥିଲା। ରାଲିରେ ଡିଏଭି ପବ୍ଲିକ ସ୍କୁଲ, ବନ୍ଧବାହାଲର ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ହୋତା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପରିସରରୁ ସ୍ୱାଗତ ଜଣାଇ ରାଲି ଅଭିମୁଖେ ଯିବାପାଇଁ ପ୍ରେରଣା ଦେଇଥିଲେ। ରାଲିରେ ମହାପ୍ରବନ୍ଧକ ପାଣ୍ଡେ ନିଜେ ସାଇକେଲ ଚଳାଇ କର୍ମକର୍ତ୍ତା ଓ ଛାତ୍ରଛାତ୍ରୀଙ୍କ ସହିତ କଲୋନୀ ଅଭିମୁଖେ ଯାଇଥିଲେ। ଶେଷରେ ପାଣ୍ଡେ ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟହ ଏକଘଣ୍ଟା ଶାରୀରିକ ବ୍ୟାୟାମ ସହିତ ସାଇକେଲ୍ ଚାଳନା କରିବାକୁ ପରାମର୍ଶ ଦେଇଥିଲେ। ଏଥିଲେ ସ୍ଥାନୀୟ ବୁଦ୍ଧିଜୀବୀ, ଅଭିଭାବକ, ସମାଜସେବୀ ପ୍ରମୁଖ ଯୋଗଦାନ କରିଥିବା ଦେଖିବାକୁ ମିଳିଥିଲା।

# ଝାରସୁଗୁଡ଼ା ଜିଲ୍ଲା ପ୍ରେସ୍ କ୍ଲବ୍‌ର ନୂତନ କମିଟି



ଝାରସୁଗୁଡ଼ା,୩୧ା୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ସହର ସ୍ଥିତ ହୋଟେଲରେ ଜିଲ୍ଲା ପ୍ରେସ କ୍ଲବ୍ (ଡିପିସି)ର ସାଧାରଣ ପରିଷଦ ବୈଠକ ହୋଇଯାଇଛି। ପୁରୁଣା କମିଟିକୁ ଭଙ୍ଗ କରାଯାଇ ୨୦୨୫-୨୦୨୭ ମସିହା ପାଇଁ ନୂତନ କାର୍ଯ୍ୟକାରୀ କମିଟି ମନୋନୀତ କରାଯାଇଥିଲା। ନୂତନ କମିଟିରେ ପ୍ରଶାନ୍ତ ମହାନ୍ତିଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିଲା ବେଳେ ଉପସଭାପତି ଭାବେ ଅଶାନ୍ତ ଜେନା ଓ ଉମାକାନ୍ତ ପଣ୍ଡାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଭରତ ପାତ୍ର ସାଧାରଣ ସମ୍ପାଦକ, ପ୍ରିତମ ପଣ୍ଡା ଓ ଡିଲେଶ୍ୱର ବାଗ ଯୁଗ୍ମ ସମ୍ପାଦକ, କୀର୍ତ୍ତିଚନ୍ଦ୍ର ବହିଦାର କୋଷାଧ୍ୟକ୍ଷ ଏବଂ ଦେବୁନ ବକ୍ସିଙ୍କୁ ଲାଇବ୍ରେରୀ ଇନ୍‌ଚାର୍ଜ ଭାବେ ମନୋନୀତ କରାଯାଇଛି। ଉପଦେଷ୍ଟା ଭାବେ ଭାବେ ସୁରେନ୍ଦ୍ର ବାରିକ, ବସନ୍ତ ଜେନା, ତେଜସ୍କର ମହାପାତ୍ର, ଆଲୋକ ତ୍ରିପାଠୀ, ପ୍ୟାରେଲାଲ ଶ୍ରୀବସ୍ତାବ ଓ ଅନିଲ ଅଗ୍ରୱାଲଙ୍କୁ ସ୍ଥାନ ଦିଆଯାଇଛି। ଏହି ନିର୍ବାଚନ ପ୍ରକ୍ରିୟାରେ ରବି ସାହୁ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ପାଳନ କରିଥିଲେ। ଏହା ସହିତ ବାରମ୍ବାର ଅନୁରୋଧ ସତ୍ତ୍ୱେ କିଛି ପ୍ରତିଷ୍ଠାତା ସଦସ୍ୟ ସଭାରେ ଯୋଗଦାନ କରି ନଥିଲେ ଓ ମେମ୍ବର ଫି' ମଧ୍ୟ ଦେଇ ନଥିଲେ। ତା' ସହିତ ସେମାନେ ସଂଘରେ ରହିଥିବା ବେଳେ ସଂଘ ବିରୋଧୀ କାର୍ଯ୍ୟକ୍ରମ କରିବା ସହିତ ଅନ୍ୟ ଏକ ସଂଗଠନ ଗଠନ କରିଥିବାରୁ, ସାମୂହିକ ଭାବେ ସେମାନଙ୍କର ସଦସ୍ୟତା ବାତିଲ୍ କରାଯାଇଥିଲା।

# ସାଗରପାଲିରେ ଭାଗବତ ସପ୍ତାହ ଆରମ୍ଭ

ଝାରସୁଗୁଡ଼ା,୩୧ା୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ସାଗରପାଲି ଗାଁ ନଖୁ ବାବା ମଠରେ ୬୮ ତମ ଶ୍ରୀମଦ ଭାଗବତ ସପ୍ତାହ ଆରମ୍ଭ ହୋଇଛି। ସାଗରପାଲି ଶିବ ମନ୍ଦିର ପୋଖରୀରୁ କଳସରେ ଜଳ ଭର୍ତ୍ତି କରି ନଖୁବାବା ମଠ ଯାଏଁ ଶୋଭାଯାତ୍ରା କରାଯିବା ସହ ଶୁଭ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜି ସକାଳୁ ପୂଜାର୍ଚ୍ଚନା, ହୋମଯଜ୍ଞ ପରେ ଭାଗବତ ପଠନ ଆରମ୍ଭ ହୋଇଛି। ଆଜିଠୁ ୭ ଦିନ ଯାଏଁ ସନ୍ଧ୍ୟା ୭ ରୁ ରାତି ୧୦ ଯାଏଁ ହାରି ନାମ କୀର୍ତ୍ତନ ଓ ଭାଗବତ ପଠନ ହେବ। ଆସନ୍ତା



ରବିବାର ଏହି ଭାଗବତ ସପ୍ତାହ ଉଦ୍‌ଯାପିତ ହେବ। ଚଳିତ ବର୍ଷ ପୂଜକ ଭବାରେ ପଣ୍ଡିତ ଚନ୍ଦ୍ରଭାନୁ ନାଏକ ପୂଜାର୍ଚ୍ଚନା କରୁଥିବା ବେଳେ କର୍ତ୍ତା ଭାବେ ରୁଦ୍ରପ୍ରାତପ ବିଶ୍ୱାଳ, ଷଡବୈଷ୍ଣବ ଭାବେ ଗୋପୀନାଥ ବାଗ, ସମାରୁ ମୁଣ୍ଡା, ଟିକେଲାଲ ସା, ନାରେନ ପଧାନ, ବିଜେନ୍ଦ୍ର ବାଗ, ମଣି ବଗର ଦାୟିତ୍ୱ ତୁଲାଉଛନ୍ତି। ଏହି ଭାଗବତ ସପ୍ତାହକୁ ସୁଚାରୁ ରୂପରେ ତୁଲାଇବା ପାଇଁ ସାଗରପାଲି, ଭଅଁରଖୋଲ, ଠେବରା, ଡୁଡୁଗା, କଦମଡିହି, କୁଳିଆବେର୍ଣ୍ଣି, ଦୁଆନମୁଣ୍ଡା, ସିଂହାରପୁର, ବାଘମୁଣ୍ଡା ତଥା ଆଖପାଖ ଅଞ୍ଚଳବାସୀ ସହଯୋଗ କରୁଛନ୍ତି।

# ଓସେପା ଯୁଗ୍ମ ନିର୍ଦ୍ଦେଶିକାଙ୍କ ବିଦ୍ୟାଳୟ ପରିଦର୍ଶନ



ଝାରସୁଗୁଡ଼ା,୩୧ା୯ (ସମିସ): ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ଓଡ଼ିଶା (ଏମ୍‌ଆଇଏସ୍)ର ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ସାହୁ ଦ୍ୱିଦିବସୀୟ ଝାରସୁଗୁଡ଼ା ଜିଲ୍ଲା ପରିଦର୍ଶନରେ ଆସିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଥମ ଦିବସର ପ୍ରଥମାର୍ଦ୍ଧରେ ସେ ଝାରସୁଗୁଡ଼ା ଜିଲ୍ଲାର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ଶିରିଆପାଲି, ସରକାରୀ ଉଚ୍ଚ ବିଦ୍ୟାଳୟ କୋଲାବିରା ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତାଲମୁଣ୍ଡା ପରିଦର୍ଶନ କରି ସେଗୁଡିକରେ ଏମ୍‌ଆଇଏସ୍ ତଥ୍ୟ, ଆଲୁମିନି କମିଟିର ଉନ୍ନୟନମୂଳକ କାର୍ଯ୍ୟର ପ୍ରଗତି ଆଦି ବିଷୟରେ ସମୀକ୍ଷା କରିବା ସହିତ ଶ୍ରେଣୀଗୃହରେ ପାଠପଢ଼ା ନିରୀକ୍ଷଣ କରିଥିଲେ। ଏହାପରେ ଲଇକେରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହିତ କେବିଜେ ସରକାରୀ ଉଚ୍ଚ ବିଦ୍ୟାଳୟ ଲଇକେରା ପରିଦର୍ଶନ କରିଥିଲେ। ସେଠାରେ ସେ ପିଏମ୍‌ଶ୍ରୀ ସ୍କୁଲ୍ ଯୋଜନା ଅଧୀନରେ ନିର୍ମାଣାଧିନ କୋଠା ତଥା ବିଦ୍ୟାଳୟର ଉନ୍ନତମୂଳକ କାର୍ଯ୍ୟଗୁଡିକର ସମୀକ୍ଷା ସହିତ ବିସ୍ତୃତ ବିବରଣୀ ପ୍ରସ୍ତୁତ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆ ତଥା ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀମାନଙ୍କ ସହିତ ସେ ଗଠନମୂଳକ ଆଲୋଚନା କରିଥିଲେ। ଏହା ସହିତ ବିଦ୍ୟାଳୟଗୁଡିକରେ ଅଭିନବ ଉପାୟରେ ଶିକ୍ଷାଦାନ କରାଯାଉଥିବା ଦେଖି ସେ ଖୁସି ବ୍ୟକ୍ତ କରିବା ସହିତ ଜିଲ୍ଲା ଶିକ୍ଷା ବିଭାଗକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ପରିଦର୍ଶନରେ ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକରୀ ପ୍ରଦୀପ୍ତ ସା, ଲଇକେରା ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗ ଓ କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ ସାମିଲ ଥିଲେ।

# ମହିଳାଙ୍କ ମୃତଦେହ ଉଦ୍ଧାର; ହତ୍ୟା ଅଭିଯୋଗ ଆଣିଲେ ପରିବାର

ଝାରସୁଗୁଡ଼ା/ଇବଥର୍ମାଲ,୩୧ା୯ (ସମିସ)



ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା ଅଧୀନ ବତଲଗା ଗାଁ ନିକଟ ବିଲରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ମହିଳା ଜଣକ ବତଲଗା ଗାଁର ଲିଲିମା ମିର୍ଦ୍ଧା (୪୨) ବୋଲି ଜଣାପଡିଛି। ଲିଲିମା ଗତ ୨୦୦୪ ମସିହାରେ ସମ୍ବଲପୁର ଜିଲ୍ଲାର ଗୁରୁପାଲି ଗାଁରେ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ଓ ଏକ କନ୍ୟା ସନ୍ତାନ ରହିଛନ୍ତି। ପ୍ରାୟ ୭ରୁ ୮ ବର୍ଷ ହେବ ବିବାହ ବିଚ୍ଛେଦ ପରେ ସେ ବାପ ଘରେ ରହି ଆସୁଥିଲେ। ବାପା ମାଆ ନଥିବାରୁ ଦାଦା ଖୁଡିଙ୍କ ଘରେ ରହି କାର୍ଯ୍ୟ କରୁଥିଲେ। ଏହା ବ୍ୟତୀତ ଓପିଜିସି ବନହରପାଲି ଠାରେ ଠିକା ଶ୍ରମିକ ଭାବେ ସେ କାମ କରୁଥିଲେ। ରବିବାର ଡ୍ୟୁଟିରୁ ଫେରିବା ପରେ ରାତ୍ର ପ୍ରାୟ ସାଢ଼େ ୭ଟା ସମୟରେ ଏକ ବାଲଟି ଧରି ଶୌଚ ପାଇଁ ଯାଇଥିଲେ କିନ୍ତୁ ଆଉ ଘରକୁ ଫେରି ନଥିଲେ। ପରିବାର ଲୋକେ ଅନେକ ଖୋଜାଖୋଜି କରି ମଧ୍ୟ ପାଇ ନଥିଲେ। ସୋମବାର ସକାଳୁ ବିଲ ରାସ୍ତା ମଝିରେ ଲିଲିମାଙ୍କ ମୃତଦେହ ପଡିଥିବା ଦାଦା ପୁଅ ଭାଇ ଦେଖିବାକୁ ପାଇଥିଲେ। ସେ ପିନ୍ଧିଥିବା ନାଇଟି ତଳେ ପଡିଥିବା ବେଳେ କେବଳ ଅନ୍ତର୍ବସ୍ତ୍ର ପିନ୍ଧିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରିଥିଲେ। ଘରକୁ ଆସି ପରିବାର ଲୋକଙ୍କୁ ଜଣାଇବା ପରେ କୁମ୍ଭାରବନ୍ଧ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଏସଡିପିଓ ଚିନ୍ତାମଣି ପ୍ରଧାନ କହିଛନ୍ତି। ଘଟଣା ସ୍ଥଳରେ ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ବନହରପାଲି ଥାନା ଅଧିକାରୀ ରଂଜିତ ନାଏକ ଓ କୁମ୍ଭାରବନ୍ଧ ଫାଣ୍ଡି ଅଧିକାରୀ ପ୍ରକାଶ ଚନ୍ଦ୍ର ଦଳେଇ ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପ୍ରାଥମିକ ତଦନ୍ତରେ ମହିଳାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଫଳରେ ଘଟଣାସ୍ଥଳରେ ଜିଲ୍ଲା ସାଇଣ୍ଟିଫିକ ଟିମ୍ ଓ ଡଗ ସ୍କ୍ୱାଡ ସହ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ନେଇ ଜଣାପଡିଛି।

## ଇଟା ବୋଝେଇ ପିକ୍‌ଅପ୍ ଦୁର୍ଘଟଣାଗ୍ରସ୍ତ



**କମାକ୍ଷାନଗର,୧।୯(ସମିସ):** ୫୩ନଂ ଜାତୀୟ ରାଜପଥର କାମାକ୍ଷାନଗର ଥାନା ବାଉଁଶପାଳ ପଞ୍ଚାୟତ କଇଁବିଲି ଛକ ନିକଟରେ ସୋମବାର ସକାଳେ ରାସ୍ତା ଡିଭାଇଡର ଉପରକୁ ଚଢ଼ି ଏକ ଇଟା ବୋଝେଇ ୪୦୭ ପିକ୍‌ଅପ୍ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ତେବେ ଦୁର୍ଘଟଣା ପରେ ରାସ୍ତା ଉପରେ ଇଟା ବିଛେଇ ହୋଇ ପଡ଼ିଥିଲା। ଫଳରେ ଗାଡ଼ି ଚଳାଚଳ କିଛି ସମୟ ବାଧାପ୍ରାପ୍ତ ହୋଇଥିଲା।

## ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ସମସ୍ୟା ନେଇ ଦାବିପତ୍ର

**ଗଁଦିଆ,୧।୯(ସମିସ):** ଓଡ଼ିଶାର ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ତରଫରୁ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ରାଜ୍ୟ ଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶା ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରତିବର୍ଷ ପବିତ୍ର ଗୁରୁଦିବସରେ ରାଷ୍ଟ୍ରପତିଙ୍କଠାରୁ ସମ୍ମାନିତ ହୋଇଛନ୍ତି। ବର୍ତ୍ତମାନ ଓଡ଼ିଶାରେ ୧୫ ଜଣ କାର୍ଯ୍ୟରତ ଓ ୬୫ ଜଣ ସେବା ନିବୃତ୍ତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି। ଏମାନଙ୍କ ସମସ୍ୟାର ସମାଧାନ ପାଇଁ ସାହୁ ନିବେଦନ କରିଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଗଁଦିଆ,୧।୯(ସମିସ):** ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ବ୍ଲକ୍ ବୈଦ୍ୟକଟେଣୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କେଶବ ଚନ୍ଦ୍ର ସାହୁ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ହେମନ୍ତ କୁମାର ବ୍ରହ୍ମ, ସମ୍ମାନିତ ଅତିଥି ଭାବେ ସହକାରୀ ଶିକ୍ଷକ ଶଙ୍କର୍ଷଣ ବ୍ରହ୍ମ, କଳାକର ପିଙ୍ଗୁଆ, ମାନସ ଚନ୍ଦ୍ର ରାଉତ, ସମାଜସେବୀ ଟଙ୍କଧର ବାରିକ ଯୋଗଦେଇ କେଶବଙ୍କ ଶିକ୍ଷକତା ଜୀବନର ସଫଳତା ଆଲୋଚନା କରିଥିଲେ। ତାଙ୍କ ଅବସର ପରବର୍ତ୍ତୀ ସୁଖମୟ ଜୀବନ ନିମନ୍ତେ ପ୍ରାର୍ଥନା କରାଯାଇଥିଲା।

## ମା’ ମଙ୍ଗଳା କ୍ଲବ ପକ୍ଷରୁ ଖୁଦୁରୁକୁଣୀ ଓଷା

**ଢେଙ୍କାନାଳ,୧।୯(ସମିସ):** ଢେଙ୍କାନାଳ ସହର ବାଜିଚୌକସ୍ଥିତ ସୀତାରାମ ଆଶ୍ରମରେ ଜୟ ମା’ ମଙ୍ଗଳା କ୍ଲବ ପକ୍ଷରୁ ୨୫ତମ ଖୁଦୁରୁକୁଣୀ ଓଷାର ଶେଷ ପାଳିକୁ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ଏହି ଅବସରରେ ୧୦୮ ଦୀପଦାନିରେ ଆଳତି କରାଯିବା ସହ ଓଷାବହି ପାଠ କରାଯାଇଥିଲା। ପରେ ମା’ଙ୍କ ନିକଟରେ ବିଭିନ୍ନ ଭୋଗ ଲାଗି କରାଯାଇଥିଲା। ସଭାପତି ମୋନାଲିସା ଜେନା, ସମ୍ପାଦକ ସ୍ମୃତିପ୍ରଜ୍ଞା ସିଂ, କୋଷାଧକ୍ଷ ବିଶ୍ୱଜିତା ସିଣ୍ଟି ସମେତ ବହୁ ଯୁବତୀଙ୍କ ଉପସ୍ଥିତିରେ ଉତ୍ସାହର ସହ ମା’ଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା।

## କଙ୍କା ଗ୍ରାମରେ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ



**ଢେଙ୍କାନାଳ,୧।୯(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କଙ୍କା ଗ୍ରାମ ମା’ ଦୁର୍ଗାପୂଜା ପ୍ରତିଷ୍ଠାନ ତରଫରୁ ୩୩ତମ ଶାରଦୀୟ ଦୁର୍ଗାପୂଜା ପାଇଁ ମୃର୍ଣ୍ମୟୀ ମୂର୍ତ୍ତି ନିର୍ମାଣ ନିମନ୍ତେ ସୋମବାର ମାଟି ଅନୁକୂଳ କରାଯାଇଛି। ଗାଁ ନିକଟ ପୁଣ୍ୟତୋୟା ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ଭୈରବୀ ପୀଠରେ ପାରମ୍ପରିକ ରୀତିରେ ହୋମଯଜ୍ଞ ଓ ସଂକୀର୍ତ୍ତନ କରାଯାଇ ମାଟି ଅନୁକୂଳ କରାଯାଇଥିଲା। କର୍ତ୍ତା ଜଗନ୍ନାଥ ମହାମାନସିଂହ, ମୁଖ୍ୟ ପୁରୋଧା ଅସିତ କୁମାର ମିଶ୍ର, ପୂଜକ ହୃଦାନନ୍ଦ ପତିଙ୍କ ସମେତ ପୂଜା ପ୍ରତିଷ୍ଠାନର ଶରତ ସ୍ତମ୍ଭ, ହରିହର ମହାମାନସିଂହ, ବିରଞ୍ଚି ଇନ୍ଦ୍ରଜିତ ସିଂହ, କାର୍ତ୍ତିକ ଇନ୍ଦ୍ରଜିତ ସିଂହ, ମେଘନାଦ ଇନ୍ଦ୍ରଜିତ ସିଂହ, ବିକ୍ରମ ମାନସିଂ, ସୋନୁ ସାହୁ, ବିଜୟ ଇନ୍ଦ୍ରଜିତ ସିଂ, ଅଇଁଠୁ ସାହୁ, ନରେଶ ମହାମାନସିଂହ, ମହେଶ୍ୱର ଇନ୍ଦ୍ରଜିତ ସିଂ, ସନାତନ ଇନ୍ଦ୍ରଜିତ ସିଂ, ନବକିଶୋର ବଳିଆରସିଂହ, ରୋହନ ମହାମାନସିଂହ, ସୂର୍ଯ୍ୟକାନ୍ତ ମହାମାନସିଂହ, ତନ୍ମୟ ଇନ୍ଦ୍ରଜିତ ସିଂ, ସୁମନ ଓଝା, ରଞ୍ଜନ ମହାମାନସିଂହ, ଅଂଶୁମାନ ମହାମାନସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗ ପିଲାଙ୍କୁ ଗୋଷ୍ଠୀ ସମ୍ବଳ ଅଧିକାରୀଙ୍କ ଦୁର୍ବ୍ୟବହାର ଅଭିଯୋଗ

କାମାକ୍ଷାନଗର,୧।୯(ସମିସ)



କାମାକ୍ଷାନଗର ବ୍ଲକରେ ବିଭିନ୍ନ ବିଦ୍ୟାଳୟରେ ପଢ଼ୁଥିବା ଦିବ୍ୟାଙ୍ଗ ପିଲାମାନଙ୍କୁ ଗୋଷ୍ଠୀ ସମ୍ବଳ ଅଧିକାରିଣୀ (ବିଆରପି) ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏପରିକି କାହିଁକି ପିଲାଙ୍କୁ ଦୁର୍ବ୍ୟବହାର କରୁଛ ପଚାରିବାରୁ ଅଭିଭାବକଙ୍କୁ ମଧ୍ୟ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି। ତୁରନ୍ତ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହ ଅନ୍ୟତ୍ର ବଦଳି କରିବା ପାଇଁ ଅଭିଭାବକମାନେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

କାମାକ୍ଷାନଗର ବ୍ଲକରେ ଶର୍ମିଷ୍ଠା ଷଡ଼ଙ୍ଗୀ ବିଆର୍‌ପି ଭାବେ ଦୀର୍ଘ ୧୬ ବର୍ଷ ହେଲା କାର୍ଯ୍ୟ କରୁଛନ୍ତି। ବ୍ଲକର ବିଭିନ୍ନ ଗାଁରେ ଥିବା ବିଦ୍ୟାଳୟଗୁଡ଼ିକରେ ପଢୁଥିବା ଦିବ୍ୟାଙ୍ଗ ପିଲାମାନଙ୍କୁ ସରକାରଙ୍କ ସହାୟତା ଓ ଆବଶ୍ୟକ ଉପକରଣ ଯୋଗାଇବା ଓ ତଦାରଖ କରିବା ହେଉଛି ତାଙ୍କ କାମ। କିନ୍ତୁ ଶର୍ମିଷ୍ଠା ନିଜ ପଦବୀର ଦୁରୁପଯୋଗ କରି ବିଭିନ୍ନ ସମୟରେ ଦିବ୍ୟାଙ୍ଗ ପିଲାଙ୍କୁ ହଇରାଣ କରୁଛନ୍ତି। ଏପରିକି ମାଡ଼ ମାରିବା ସହ ହାତଗୋଡ଼ ଟାଣିଦେବା ଭଳି କାର୍ଯ୍ୟ କରୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅଭିଭାବକମାନେ ତାଙ୍କୁ ପଚାରିଲେ ସେ ଅତ୍ୟନ୍ତ କଟୁ ଭାଷାରେ ଗାଳିଗୁଲଜ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ପୂର୍ବରୁ ତିନି, ଚାରିଥର ଗୋଷ୍ଠୀ ଶିକ୍ଷାଧିକାରୀଙ୍କଠାରୁ ଆରମ୍ଭ କରି ଉପଜିଲ୍ଲାପାଳଙ୍କୁ ଅଭିଭାବକମାନେ ଅଭିଯୋଗ କରିଥିଲେ। ତେବେ ଆଜିପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଭାବକମାନେ ପ୍ରକାଶ କରିଛନ୍ତି। ତୁରନ୍ତ ଶର୍ମିଷ୍ଠାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତାଙ୍କୁ ଅନ୍ୟତ୍ର ବଦଳି କରିବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଅଭିଭାବକମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ୟପଟେ କୌଣସି ଦିବ୍ୟାଙ୍ଗ ପିଲାଙ୍କୁ ଦୁର୍ବ୍ୟବହାର କରି ନ ଥିବା ବିଆରପି ଶର୍ମିଷ୍ଠା ଷଡ଼ଙ୍ଗୀ ସଫେଇ ଦେଇଛନ୍ତି। କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ତାଙ୍କୁ ବଦନାମ କରିବା ପାଇଁ ହୀନ ଚକ୍ରାନ୍ତ କରୁଥିବା ସେ କହିଛନ୍ତି।

## ଜାତିଆଣ ଆକ୍ଷେପ ସହ ଘର ପୋଡ଼ିଦେଲେ !



**ଭୁବନ,୧।୯(ସମିସ):** ଜାତିଆଣ ଆକ୍ଷେପ ସହ ଉନ୍ମତ୍ତ ଯୁବକ ଘର ପୋଡ଼ିଦେଇଥିବା ଅଭିଯୋଗ ହୋଇଛି। ଭୁବନ ଥାନା ଧଳପଡ଼ା ପଞ୍ଚାୟତ ଅନଳ ଗ୍ରାମ ନୂଆସାହିର ପଙ୍କଜ ପାତ୍ରଙ୍କ ଦୁଇବଖରା ଚାଳଘର ପୋଡ଼ିଦେବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ନେଇ ଭୁବନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏପରିକି ଘରେ ଥିବା ମହିଳା ଓ ଯୁବତୀମାନଙ୍କୁ ଅସଦାଚାରଣ କରିଥିବା ଅଭିଯୋଗ କରିଛନ୍ତି ବାସନ୍ତୀ ପାତ୍ର।

ଅଭିଯୋଗ ଅନୁଯାୟୀ ଅଗଷ୍ଟ ୩୧ ତାରିଖ ଅନଳ ଗ୍ରାମରେ ଗଣେଶ ପୂଜା ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ୧୬ଟି ମେଢ଼ ଭସାଣିରେ ସାମିଲ ହୋଇଥିଲେ। ଭସାଣି ପରେ କିଛି ଯୁବକ ଅତର୍କିତ ଗଣ୍ଡଗୋଳ ଭିଆଇଥିଲେ। ପରେ ଘରେ ନିଆଁ ଲଗାଇ ଦେଇଥିବା ବାସନ୍ତି ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ତାଙ୍କ ପରିବାର ସଦସ୍ୟଙ୍କୁ ଜାତିଆଣ ଆକ୍ଷେପ ସହ ସଂଘବଦ୍ଧ ଆକ୍ରମଣ କରିଥିଲେ ଶତାଧିକ ଯୁବକ। ଆକ୍ରମଣରେ ବାସନ୍ତୀ ଆହତ ହୋଇଛନ୍ତି। ଏପରିକି ପରେ ତାଙ୍କ ଘର ପୋଡ଼ିଦେଇଥିବା ଅଭିଯୋଗ କରିଛନ୍ତି। ଖବର ପାଇ ପୁଲିସ, ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ପରିବାର ଲୋକଙ୍କୁ ଉଦ୍ଧାର କରିଥିଲେ। ଅଭିଯୋଗକାରୀ ଅନୁସୂଚିତ ଜାତି ବର୍ଗର ହୋଇଥିବାରୁ କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ ଏବଂ ଭୁବନ ଥାନାଧିକାରୀ ଜିତେନ୍ଦ୍ର ମଲ୍ଲିକ ପହଞ୍ଚି ତଦନ୍ତ କରିଥିଲେ। ଗ୍ରାମ ମୁରବୀମାନେ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ବିଫଳ ହେବାରୁ ସୋମବାର ସନ୍ଧ୍ୟାରେ ପୁନର୍ବାର ଥାନାକୁ ଆସି ଅଭିଯୋଗ କରିଛନ୍ତି ବାସନ୍ତୀ।

## ଅଭିରାମ ପରମହଂସଙ୍କ ଭକ୍ତ ସମ୍ମିଳନୀ ପାଇଁ ବୈଠକ



**ଢେଙ୍କାନାଳ,୧।୯(ସମିସ):** ଠାକୁର ଅଭିରାମ ପରମହଂସ ଦେବଙ୍କ ଢେଙ୍କାନାଳ ଜିଲ୍ଲା ଭକ୍ତଗୋଷ୍ଠୀଙ୍କ ସାଧାରଣ ସଭା ସଭାପତି ସୁଧାକର ଜେନାଙ୍କ ଅଧକ୍ଷତାରେ ସ୍ଥାନୀୟ ଶ୍ରୀଶ୍ରୀ ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣ ଭାଗବତ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଠାକୁରଙ୍କ ଦ୍ୱାବିଂଶତମ ବାର୍ଷିକ ଉତ୍ସବ ଓ ସନାତନ ଧର୍ମ ସମ୍ମିଳନୀ ସ୍ଥାନୀୟ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ପରିସରରେ ନଭେମ୍ବର ୭, ୮ ଓ ୯ ତାରିଖ ୩ଦିନ ଧରି ପାଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଆସନ୍ତା ସେପ୍ଟେମ୍ବର ୬ ତାରିଖ ପୁରୀ ଜିଲ୍ଲା କଣାସ ବ୍ଲକ କରମଳା ଶାନ୍ତିଧାମସ୍ଥିତ ଠାକୁରଙ୍କ ଆଶ୍ରମରୁ ଆଜ୍ଞାମାଳ ଅଣାଯିବ। ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ଘୃତଯଜ୍ଞ, ଅନ୍ନଯଜ୍ଞ, ନାମଯଜ୍ଞ, ପ୍ରବଚନ, ସାଧୁ ସମାବେଶ ପ୍ରଭୃତି ଆୟୋଜନ କରାଯିବ। ଏ ସମ୍ପର୍କରେ ଆଲୋଚନା କରାଯାଇ ଭକ୍ତମାନଙ୍କ ଉପରେ କାର୍ଯ୍ୟଭାର ଅର୍ପଣ କରାଯାଇଛି। ବୈଠକରେ ଜିଲ୍ଲାର ପ୍ରାୟ ୫୦ ଗ୍ରାମରୁ ୬୦ରୁ ଅଧିକ ଭକ୍ତ ଯୋଗଦେଇଥିବା ସମ୍ପାଦକ ହୃଦାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ଜିଲ୍ଲାସ୍ତରୀୟ ଉପ-ସଭାପତି ରାଧାବଲ୍ଲଭ ରାୟ ଧନ୍ୟବାଦ ଦେଇଥିଲେ।

## ଗାଁର ସ୍ୱର ଗାଁରୁ ବିକାଶ ନାରା ନେଇ ଯୁବକଙ୍କ ନିଆରା ପ୍ରୟାସ | ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**କାମାକ୍ଷାନଗର,୧।୯(ସମିସ):** ଗାଁର ସ୍ୱର ଗାଁରୁ ବିକାଶର ନାରା ନେଇ ଯୁବକଙ୍କ ନିଆରା ପ୍ରୟାସ। ନିଆରା ଶୈଳୀରେ ବିଭିନ୍ନ ଦାବି ନେଇ ପଦଯାତ୍ରା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କାମାକ୍ଷାନଗର ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି କାମାକ୍ଷାନଗର ଏନଏସି ପୁରୁଣା ରେକୁଳା ଗ୍ରାମର ଶିବପ୍ରସାଦ ନାୟକ। ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା, ଗୋଶାଳା ପ୍ରତିଷ୍ଠା, ପ୍ରତି ବ୍ଲକ ମୁଖ୍ୟାଳୟ ମେଡିକାଲରେ ରକ୍ତଭଣ୍ଡାର ପ୍ରତିଷ୍ଠା, ସର୍ବୋପରି ପ୍ରତି ଗାଁରେ ୨୦ ଜଣ ବେକାର ଯୁବକ, ଯୁବତୀଙ୍କୁ ଆତ୍ମନିଯୁକ୍ତି ଦେବା ପାଇଁ ସରକାରଙ୍କୁ ଦାବି ଜଣାଇଛନ୍ତି ଶିବପ୍ରସାଦ। ସରକାର ଦାବିଗୁଡ଼ିକୁ ଗୁରୁତ୍ୱର ସହ ଗ୍ରହଣ କରି ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି।

## ଜନଅଭିଯୋଗ ଶୁଣାଣି ଶିବିର



**ଢେଙ୍କାନାଳ,୧।୯(ସମିସ):** ଢେଙ୍କାନାଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୭୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୬୦ଟି ବ୍ୟକ୍ତିଗତ ଓ ୮ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା। ୧୮ଟି ଅଭିଯୋଗର ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୪ଜଣ, ରେଡକ୍ରସରୁ ସହାୟତା ପାଇଁ ୩ ଜଣ ଆବେଦନ କରିଥିବା ବେଳେ ୭ଜଣଙ୍କୁ ଚିକିତ୍ସା ନିମନ୍ତେ ୧ଲକ୍ଷ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସପି ଅଭିନବ ସୋନକରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ମୂଳନିବାସୀ ସମାଜର ରାଜ୍ୟସ୍ତରୀୟ ବୈଠକ



**ଢେଙ୍କାନାଳ,୧।୯(ସମିସ):** ଢେଙ୍କାନାଳ ସହରସ୍ଥିତ ଲେକ ସଂସଦଠାରେ ଓଡ଼ିଶା ବାମସେଫ୍ ୟୁନିଟ୍ ଓ ୟୁନିଟ୍ ଅଫ୍ ମୂଳ ନିବାସୀ ସମାଜ ତରଫରୁ ଦ୍ୱିତୀୟ ରାଜ୍ୟ ଅଧିବେଶନ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ, ମୁଖ୍ୟଅତିଥି ଭାବେ ଓଡ଼ିଶା ବହୁଜନ ସାମ୍ମୁଖ୍ୟର ଡା. ଅବିନାଶ ଜେନା, ସମ୍ମାନିତ ଅତିଥି ଭାବେ ମୁଫ୍‌ତି ମରଗୁବାର, ରେହମାନ କାଶିମ୍, ଜଗବନ୍ଧୁ ଜେନା, ବାମସେଫ୍ ରାଜ୍ୟ ଉପସଭାପତି ଶ୍ରୀଧର ମଲିକ, ବହୁଜନ ସାମ୍ମୁଖ୍ୟ ରାଜ୍ୟ ସଭାପତି ବିଶ୍ୱନାଥ ଜେନା, ମୂଳନିବାସୀ ସମାଜ ଭୁବନେଶ୍ୱର କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ନାୟକ, ଅବସରପ୍ରାପ୍ତ ଅଧ୍ୟାପକ ଅନନ୍ତ କୁମାର ରାଉତ, ମୂଳନିବସୀ ସମାଜ ରାଜ୍ୟ ସଭାପତି ଲିଙ୍ଗରାଜ ପାତ୍ର, ଆମ୍ବେଦକର ସେବା ସଂଗଠନ ଢେଙ୍କାନାଳ ସଭାପତି ଆଇନଜୀବୀ ପ୍ରଦ୍ୟୁମ୍ନ କୁମାର ନାଏକ, ବିଶେଷ ଅତିଥି ଭାବେ ବାମସେଫ୍ ରାଜ୍ୟ ସଭାପତି ସରୋଜ କୁମାର ସେଠୀ ଯୋଗଦେଇଥିଲେ। ବିଶିଷ୍ଟ ପାଲା ଗାୟକ ଧ୍ରୁବଚରଣ ବିଶ୍ୱାଳ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ମୂଳନିବାସୀ ସମାଜ ରାଷ୍ଟ୍ରୀୟ ଅଧକ୍ଷ କମଳାକାନ୍ତ କାଲେ ଅଧକ୍ଷତା କରିଥିଲେ। ଚିତ୍ରସେନ ନାଏକ ମଞ୍ଚ ପରିଚାଳନା କରିଥିଲେ। ଭାରତ ସରକାର ଏନ୍‌ପିଆର୍ ଅନୁସୂଚିତ ଜାତି ଜନଜାତିମାନଙ୍କ ମଧ୍ୟରେ ଉପବର୍ଗୀକରଣ, ଏନ୍‌ଆର୍‌ସି ମାଧ୍ୟମରେ ମୂଳନିବାସୀ ବହୁଜନ ସମାଜର ଲୋକମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବା ସହ ଭାରତର ନାଗରିକତା ଅଧିକାରରୁ ବଞ୍ଚିତ କରି ଗୋଲାମ କରିବା ତଥା ସେମାନଙ୍କୁ ଦେଶାନ୍ତର କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ଏ ବିଷୟରେ ସଚେତନତା ସୃଷ୍ଟି କରି ସାମ୍ବିଧାନିକ ଅଧିକାରକୁ ସୁରକ୍ଷିତ ରଖିବାକୁ ଦେଶବ୍ୟାପୀ ଅଭିଯାନ ଆରମ୍ଭ ହୋଇଛି। ଶିକ୍ଷିତ, ଯୁବସମାଜ, ମହିଳା ଓ ବୁଦ୍ଧିଜୀବୀମାନେ ସ୍ୱର୍ଣ୍ଣିମ ଭାରତ ଗଠନ କରିବା ଉଦ୍ୟମ କରିବାକୁ ଆହ୍ୱାନ ଦିଆଯାଇଛି।

## ପାଚିକା ସହାୟିକା ସଙ୍ଘର ବୈଠକ



**ଢେଙ୍କାନାଳ,୧।୯(ସମିସ):** ଢେଙ୍କାନାଳ ସହରସ୍ଥିତ ଯାଉଁଳି ପୋଖରୀ ମଠ ପ୍ରାଙ୍ଗଣରେ ପାଚିକା ସହାୟିକା ସଙ୍ଘର ବୈଠକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସମ୍ପାଦିକା ଭାରତୀ ଦାସ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ଗତ ଫେବୃୟାରୀ ୧୭ ତାରିଖ ବିଧାନସଭା ସମ୍ମୁଖରେ ହୋଇଥିବା ଆନ୍ଦୋଳନର ସମୀକ୍ଷା କରାଯାଇଥିଲା। ବର୍ଷକୁ ୧୦ ମାସ ବଦଳରେ ୧୨ ମାସର ପାରିଶ୍ରମିକ, ମାସର ପ୍ରଥମ ସପ୍ତାହରେ ଦରମା ପ୍ରଦାନ, ୨୪ ମାସର ବକେୟା ଟଙ୍କା ପ୍ରଦାନ, ବର୍ଷକୁ ୨ଖଣ୍ଡ ଶାଢ଼ି, ବିଇଓଙ୍କ ଦ୍ୱାରା ପାଚିକାମାନଙ୍କୁ ନିଯୁକ୍ତି, କମ୍ ପିଲା ଥିବା ବିଦ୍ୟାଳୟରେ ୨ ଜଣଙ୍କୁ ନିଯୁକ୍ତି, ଅବସର ସମୟରେ ସ୍ୱତନ୍ତ୍ର ସହାୟତା ପ୍ରଦାନ ସହ ପେନ୍‌ସନ୍ ବ୍ୟବସ୍ଥା କରିବା, ପାଚିକାମାନଙ୍କୁ ଶ୍ରମିକ ମାନ୍ୟତା ଦେଇ ସର୍ବନିମ୍ନ ମଜୁରି ପ୍ରଦାନ ଆଦି ଦାବି ଉପରେ ଆଲୋଚନା ହୋଇଥିଲା। ଆସନ୍ତା ୧୮ ତାରିଖ ବିଧାନସଭା ଅଧିବେଶନ ବସୁଥିବାରୁ ମୁଖ୍ୟମନ୍ତ୍ରୀ ଏହି ଅସହାୟ ପାଚିକାମାନଙ୍କ ମୌଳିକ ଦାବିଗୁଡ଼ିକ ସହୃଦୟର ସହ ବିଚାର କରି ଏହାକୁ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରାଯାଇଛି। ଦାବିଗୁଡ଼ିକ ଉପରେ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆସନ୍ତା ୨୦ ତାରିଖ ରାଜ୍ୟର ସମସ୍ତ ଜିଲ୍ଲାରେ ଆନ୍ଦୋଳନ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଏହି ଆନ୍ଦୋଳନରେ ରାଜ୍ୟ ଅନ୍ୟ ପାଚିକା ସଂଘଗୁଡ଼ିକ ସାମିଲ ହେବାକୁ ଅନୁରୋଧ କରାଯାଇଛି। ବୈଠକରେ ଅନୁପମା ମହାରଣା, ଦୀପ୍ତିମୟୀ ଷଡ଼ଙ୍ଗୀ, ଏଆଇଟିୟୁସି ଜିଲ୍ଲା ସମ୍ପାଦକ ନାରାୟଣ ନାୟକ, ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘ ସଦର ବ୍ଲକ୍ ସଭାପତି ସୁଜାତା ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଜିଲ୍ଲାସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ; ସନ୍ତରାବନ୍ଧ ଚାମ୍ପିଅନ

ଢେଙ୍କାନାଳ,୧।୯(ସମିସ)



ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ପାଇକ ପୁରୁଣାକୋଟର ପାରିମଳ ହାଇସ୍କୁଲ୍ ପଡ଼ିଆରେ ଜିଲ୍ଲାସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲରେ ପାଇକ ପୁରୁଣାକୋଟ ଦଳକୁ ହରାଇ ଅନୁଗୋଳ ଜିଲ୍ଲା ସନ୍ତରାବନ୍ଧ ଦଳ ଚାମ୍ପିଅନ ହୋଇଛି। ହିନ୍ଦୋଳ ରାଜା ଶୈଳେନ୍ଦ୍ର ନାରାୟଣ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଦଳକୁ ୧୦ ହଜାର ଟଙ୍କା ସହ ସଦ୍‌ଗୁରୁଙ୍କ ଛବି ଥିବା ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ଯୋଗଦେଇ ରନର୍ସଅପ୍ ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଦେବେନ୍ଦ୍ର ମିଶ୍ର ଓ ତାଙ୍କ ପତ୍ନୀ ବୀଣାପାଣି ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ତୃତୀୟ ଓ ଚତୁର୍ଥ ସ୍ଥାନ ଲାଭ କରିଥିବା ଦଳକୁ ଟ୍ରଫି ଓ ଆର୍ଥିକ ପୁରସ୍କାର ଦେଇଥିଲେ। ବାଲେଶ୍ୱରର ଶ୍ରୀରାମପୁର ଦଳ ତୃତୀୟ ସ୍ଥାନ ଅଧିକାର କରି ୫ ହଜାର ଟଙ୍କା ଏବଂ ଢେଙ୍କାନାଳର ନେହରୁ କ୍ଲବ୍ ଚତୁର୍ଥ ସ୍ଥାନ ଅଧିକାର କରି ୩ ହଜାର ଟଙ୍କା ପୁରସ୍କାର ଲାଭ କରିଥିଲେ। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଖଳିବେରଣା ଗ୍ରାମର ଶିଳା ନାଏକଙ୍କୁ ଶିକ୍ଷାବିତ୍ ସୌମେନ୍ଦୁ ପଟ୍ଟନାୟକଙ୍କ ମାତାଙ୍କ ନାମରେ ସୌଭାଗ୍ୟ ମଞ୍ଜରୀ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା। ଶୈଳବାଳା ମିଶ୍ର, ସମାଜସେବୀ ସୁବାସ ପାଲ ଓ ପାରିମାଳ ହାଇସ୍କୁଲ୍ ପ୍ରଧାନଶିକ୍ଷକ ପବିତ୍ର ମୋହନ ପ୍ରଧାନ ମଞ୍ଚାସୀନ ଥିଲେ। ଭାରତୀୟ କ୍ରୀଡ଼ା ପ୍ରାଧିକରଣର ଅବସରପ୍ରାପ୍ତ ଭଲିବଲ୍ କୋଚ୍ ଅଜୟ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ରଜନୀକାନ୍ତ ମିଶ୍ର, ଚିନ୍ମୟ କୁମାର ଦାସ ଓ ସନ୍ତୋଷ କୁମାର କାନୁନ୍‌ଗୋ ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ।

## ପରଜଙ୍ଗରେ ଖୁଦୁରୁକୁଣୀ ଓଷା ପାଳିତ



**ପରଜଙ୍ଗ,୧।୯(ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରେ ଧୁମଧାମରେ ଖୁଦୁରୁକୁଣି ଓଷା ପାଳିତ ହୋଇଛି। ପରଜଙ୍ଗ ଡମୋଳ ଗ୍ରାମ ଓ ଗଡ଼ଭିତର ସାହି ସମେତ ବିଭିନ୍ନ ଗାଁ ଓ ସାହିରେ ଆଡ଼ମ୍ବର ସହକାରେ ପାଳିତ ହୋଇଛି ଖୁଦୁରୁକୁଣୀ ଓଷା। ଗ୍ରାମର ପ୍ରତ୍ୟେକ ସାହିରେ ପୂଜା ମଣ୍ଡପ କରାଯାଇ ମା’ଙ୍କ ପୂଜାର୍ଚ୍ଚନା କରାଯାଇଛି। ବ୍ରତଧାରୀ ଝିଅବୋହୂମାନେ ରୀତିନୀତି ଅନୁଯାୟୀ ଶେଷ ରବିବାର ତଅପୋଇ ବିବାହ ଉତ୍ସବ ପାଳନ କରିଥିଲେ। ବାଜାବାଣ ରୋଷଣୀରେ ବର କନ୍ୟା ଘରକୁ ଯିବା ପରେ ତଅପୋଇ ବିବାହ ସମ୍ପନ୍ନ ହୋଇଥିଲା। ସେହିପରି ଗ୍ରାମର ସୁବାହୁସିଂହ ସାହି, ବାଲିଚତୁରି ସାହି, ହାଇସ୍କୁଲ ଛକ, ବଜାର ଛକ, ଥାନା ଛକ ସାହି ସମେତ ସମସ୍ତ ସାହିରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି ଖୁଦୁରୁକୁଣୀ ଓଷା। ଡମୋଳ ଗ୍ରାମର ସର୍ବ ମା' ମଙ୍ଗଳା ଖୁଦୁରୁକୁଣୀ ପୂଜା କମିଟି ପକ୍ଷରୁ ଲଡୁ ବଣ୍ଟନ କରାଯାଇଥିଲା। ପୂଜା ମଣ୍ଡପ ସମ୍ମୁଖରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

### କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୩ଟି ଅଭିଯୋଗର ତତ୍କାଳ ଫଇସଲା



ଜଗତସିଂହପୁର/କୁଜଙ୍ଗ,୦୧।୯ (ସମିସ)

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରି ୩ଟିର ତତ୍କାଳ ସମାଧାନ କରିଛନ୍ତି। ଆଜି ଆୟୋଜିତ ଜନଅଭିଯୋଗ ଶୁଣାଣି ଶିବିରରେ ୧୧୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୦୫ଟି ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୧ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୧୪ଟି, ଆବାସ ପାଇଁ ୧୭ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୮ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୨ଟି, ଭତ୍ତା ପାଇବା ପାଇଁ ୧୭ଟି, ପୁଲିସ ସହାୟତା ପାଇଁ ୨ଟି ଓ ଅନ୍ୟାନ୍ୟ ୩୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥିରୁ ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ (ଜଗତସିଂହପୁର) ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଜଗତସିଂହପୁର ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, କୁଜଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦୀପକ ପ୍ରସାଦ ସ୍ୱାଇଁ, ଭାରପ୍ରାପ୍ତ ତହସିଲଦାର ଅଭିଷେକ ପଣ୍ଡା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

### ଜନଶୁଣାଣି ଶିବିରରେ କୁଜଙ୍ଗକୁ ଏନ୍ଏସି ଦାବି

# ପାଞ୍ଚ ପଞ୍ଚାୟତ ସହମତି ଲୋଡ଼ିଲେ ଜିଲ୍ଲାପାଳ



କୁଜଙ୍ଗ,୦୧।୯ (ସମିସ): କୁଜଙ୍ଗକୁ ଏନ୍ଏସି ଦାବି ଜୋର୍ ଧରିଛି। ଆସନ୍ତା ଶନିବାର ବିଭିନ୍ନ ଗ୍ରାମରେ ପଥପ୍ରାନ୍ତ ସଭା ଓ ମଙ୍ଗଳବାର ୯ ତାରିଖରେ କୁଜଙ୍ଗ ବନ୍ଦ ଡାକରା ଦିଆଯାଇଛି। ରବିବାର ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ପର୍ଯ୍ୟାୟ ଏନ୍ଏସି ଘୋଷଣା କରିଥିବାବେଳେ କୁଜଙ୍ଗ ସ୍ଥାନ ପାଇ ନ ଥିବାରୁ ଅଞ୍ଚଳରେ ଅଶାନ୍ତି ଲାଗି ରହିଛି। ସୋମବାର ଜଗତସିଂହପୁର ଜିଲ୍ଲାପାଳ କୁଜଙ୍ଗ ସୂଚନା ଭବନରେ ଜନଶୁଣାଣିରେ ଯୋଗ ଦେଇଥିବାବେଳେ କୁଜଙ୍ଗ ସଚେତନ ନାଗରିକ ମଞ୍ଚ ପକ୍ଷରୁ ସରକାର ଏନ୍ଏସି ପୁନଃଘୋଷଣା କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ତେବେ ଜିଲ୍ଲାପାଳ କୁଜଙ୍ଗକୁ ଏନ୍ଏସି ଘୋଷଣା କରିବାକୁ ଆବଶ୍ୟକ କାଗଜପତ୍ର ସରକାରଙ୍କୁ ପ୍ରଦାନ କରିବେ।

କୁଜଙ୍ଗ ସଲଗ୍ନ ପାଞ୍ଚ ପଞ୍ଚାୟତର ସହମତି ଅଧିବେଶନ ନକଲ ଆବଶ୍ୟକ ବୋଲି ମଞ୍ଚ ନେତୃତ୍ୱଙ୍କୁ କହିଥିଲେ। ମଞ୍ଚ ଆବାହକ ରଘୁ ସାହୁ, ଉପଦେଷ୍ଟା ପୀତାମ୍ବର ତରାଇ, ବାବୁରାମ ଚୌଧୁରୀ, ଜିନ୍ମୟୀ ସାହାଣୀ, ମନିନ୍ଦ୍ର ଗୁରୁ, ପ୍ରିୟମ୍ବଦା ପାଣି, ନୂତନ ତ୍ରିପାଠୀ, ସୌଭାଗ୍ୟ ବିଶ୍ୱାଳ, ରଞ୍ଜିତ ପଣ୍ଡା, ରଶ୍ମିରଞ୍ଜନ ଦାସ ଓ ବିଜୟ ଖଟେଇ ପ୍ରମୁଖ ୨୦୨୪ଠାରୁ ଏନ୍ଏସି ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏସବୁ ପ୍ରଶାସନ ଏପର୍ଯ୍ୟନ୍ତ କରିନି ବୋଲି ଅବଗତ କରିଥିଲେ। ମଞ୍ଚ ଆବାହକ ଶ୍ରୀ ସାହୁ ପ୍ରଶାସନକୁ କହିଥିଲେ, କୁଜଙ୍ଗକୁ ପୂର୍ବ ସରକାର ବିଧିବଧ ତଦନ୍ତ କରାଇଥିଲେ। ସରକାରଙ୍କ ଦୁଇଜଣିଆ ପ୍ରତିନିଧି ଦଳଙ୍କ ରିପୋର୍ଟକୁ ଆଧାର କରି କୁଜଙ୍ଗକୁ ଏନ୍ଏସି ଘୋଷଣା କରାଯାଇଥିଲା। ତେବେ ପାଞ୍ଚ ପଞ୍ଚାୟତ ସହମତି ଅଧିବେଶନ ସେତେବେଳେ କାହିଁକି ହୋଇନ ତାହା ବୁଝା ପଡୁନି ବୋଲି କହିଥିଲେ। ଜିଲ୍ଲାପାଳ କୁଜଙ୍ଗ ବିଡିଓଙ୍କୁ ଏଥିନେଇ ପାଞ୍ଚ ପଞ୍ଚାୟତରେ ଅଧିବେଶନ ଡକାଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତ ସହମତି ଅଧିବେଶନ ପରେ କୁଜଙ୍ଗକୁ ଏନ୍ଏସି ଘୋଷଣା କରିବାକୁ ସରକାରଙ୍କୁ ସୁପାରିଶ କରାଯିବ ବୋଲି ପ୍ରଶାସନ ମଞ୍ଚ କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମଞ୍ଚ କର୍ମକର୍ତ୍ତା ଗଣମାଧ୍ୟମକୁ କହିଥିଲେ ଯେ, ଆମେ ସରକାରଙ୍କ ସମସ୍ତ ଫୋରମକୁ ଦାବିପତ୍ର ପ୍ରଦାନ କଲୁ। ଆଗକୁ ଧାରଣା, ବଜାର ବନ୍ଦ, ଅନଶନ ଓ ଆଇନ ଅମାନ୍ୟ ଆନ୍ଦୋଳନ ଚାଲିବ। ସେଥିପାଇଁ ସରକାର ଦାୟୀ ରହିବେ। ଅପରପକ୍ଷରେ ଗତକାଲି ପାରାଦୀପରେ କୁଜଙ୍ଗ ଏନ୍ଏସି ହେବା ନେଇ ସ୍ଥାନୀୟ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାହା କୁଜଙ୍ଗ ଅସ୍ମିତାକୁ ଆଖିଠାର ବୋଲି କହିଥିଲେ। ମନ୍ତ୍ରୀ ଏନ୍ଏସି ଆନ୍ଦୋଳନକାରୀଙ୍କୁ ଭ୍ରମିତ କରୁଛନ୍ତି ବୋଲି କହିଥିଲେ। କିନ୍ତୁ ମନ୍ତ୍ରୀ ୧୩ ମାସ ମଧ୍ୟରେ ଯାହା କାଗଜପତ୍ର ତ୍ରୁଟି ଥିଲା ତାହାକୁ ଠିକ୍ କାହିଁକି କରି ନ ଥିଲେ ବୋଲି ମଞ୍ଚ କର୍ମକର୍ତ୍ତା କହିଥିଲେ।

# ନୃତ୍ୟଶିଳ୍ପୀ ଡକ୍ଟର ଚିତ୍ତରଂଜନଙ୍କୁ ସମ୍ବର୍ଦ୍ଧନା



କଟକ, ୧।୯ (ସମିସ): ସ୍ୱାୟତ୍ତ ଶାସନ ଦିବସ ଅବସରରେ କଟକ ମହାନଗର ନିଗମ ପକ୍ଷରୁ ଓଡ଼ିଆ ଅଧ୍ୟାପକ ତଥା ଅନ୍ତଃରାଷ୍ଟ୍ରୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ଚିତ୍ତରଂଜନ ସାହାଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଆ ଭାଷା ଓ ଓଡ଼ିଶୀ ନୃତ୍ୟରେ ସାମଗ୍ରିକ କୃତିତ୍ୱ ପାଇଁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ତାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। କଟକ ସହିଦଭବନ ପ୍ରେକ୍ଷାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ମେୟର୍ ସୁବାସ ସିଂ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ, ବାରବାଟୀ ବିଧାୟିକା ସୋଫିଆ ଫିରଦୋସ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଡିସିପି ଖିଲାରୀ ଋଷିକେଶ ପ୍ରମୁଖ ଯୋଗଦେଇ ଡ. ଚିତ୍ତରଞ୍ଜନଙ୍କ ନୃତ୍ୟ ଓ ସାହିତ୍ୟ ଜୀବନର ଭୂୟସୀ ପ୍ରଶଂସା କରିଥିଲେ। ଦେଶବିଦେଶର ବିଭିନ୍ନ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ କର୍ମଶାଳା, ସମ୍ମିଳନୀ ଆୟୋନଜ କରି ଯୁବଗୋଷ୍ଠୀଙ୍କ ମଧ୍ୟରେ ଓଡ଼ିଆ ଭାଷା ସାହିତ୍ୟ, ଓଡ଼ିଶୀ ନୃତ୍ୟର ପ୍ରଚାରପ୍ରସାର କରି ଡ. ସାହାଣୀ ନିଜର ଏକ ନିଆରା ପରିଚୟ ସୃଷ୍ଟି କରିଛନ୍ତି।

# ଚୋରାମଦ ଜବତ; ଜଣେ ଗିରଫ

ପାରାଦୀପ,୦୧।୯ (ସମିସ): ପାରାଦୀପ ଅଭୟଚାନ୍ଦପୁର ଥାନା ଅଧୀନ ଢିଙ୍କିଆର ଚୁଗୁନା ଜେନା ଚୋରାମଦ ବ୍ୟବସାୟ କରୁଥିବା ଅଭିଯୋଗରେ ଗିରଫ ହୋଇ ଆଜି କୋର୍ଟ ଚାଲାଣ ହୋଇଛି। ତା' ନିକଟରୁ ଏକ ପେଟି ବିଅର ଜବତ ହୋଇଛି। ସେ ବାଇକ୍‌ରେ ଏହି ବିଅର ପେଟି ଗ୍ରାମରୁ



ନେଇ ବିକ୍ରି କରିବା ପାଇଁ ଯାଉଥିବାବେଳେ ପାଟ୍ରୋଲିଂ ସ୍କ୍ୱାର୍ଡ ହାବୁଡ଼ରେ ପଡିଥିଲା। ତେବେ ଢିଙ୍କିଆରେ ଏକ କୁକୁଡ଼ା ଦୋକାନ ଥିବାବେଳେ ସେ ଏହି ଚୋରାମଦ ବ୍ୟବସାୟ କରିଆସୁଥିବା ପୁଲିସ ସୂଚନା ଦେଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

# ଭୂତମୁଣ୍ଡାଇ ବସ୍‌ଷ୍ଟାଣ୍ଡରୁ ସାପ ଉଦ୍ଧାର

ପାରାଦୀପ,୦୧।୯ (ସମିସ): ପାରାଦୀପ ଉପକଣ୍ଠ ଭୂତମୁଣ୍ଡାଇ ନିକଟରୁ ବିରଳ ଧଳା ରଣା ସାପ ଉଦ୍ଧାର କରାଯାଇଛି। ଭୂତମୁଣ୍ଡାଇ ବସଷ୍ଟାଣ୍ଡ ନିକଟରେ ସାପ ଯାଉଥିବା ଦେଖିବାକୁ ପାଇଥିଲେ ସ୍ଥାନୀୟ ଲୋକ। ଲୋକେ କୁଜଙ୍ଗର ସାପ



ଧରାଳି ପ୍ରଭାତ ବେହେରାଙ୍କୁ ଫୋନ୍ କରିଥିଲେ। ସେ ଘଟଣାସ୍ଥଳରେ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ। ସେ କହିଛନ୍ତି, ଏହା ହେଉଛି କମନ୍ ଗ୍ରେଡ ବିରଳ ପ୍ରଜାତିର ଧଳା ରଣା ସାପ। ଏହି ପ୍ରଜାତିର ସାପ ବହୁତ କମ୍ ଦେଖିବାକୁ ମିଳେ। ଏହାକୁ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ପ୍ରଭାତ କହିଛନ୍ତି।

### ଅନୁଦାନପ୍ରାପ୍ତ, ଅଣଅନୁଦାନପ୍ରାପ୍ତ କଲେଜ ଅଧ୍ୟାପକଙ୍କ କଲମ ଛାଡ଼ ଆନ୍ଦୋଳନ

# ବାଲିକୁଦା-ଏରସମା ବିଧାୟକଙ୍କ ସମର୍ଥନ



ବାଲିକୁଦା,୦୧।୯ (ସମିସ): ବାଲିକୁଦା ବ୍ଲକ୍‌ର ବିଭିନ୍ନ ଅନୁଦାନପ୍ରାପ୍ତ ଓ ଅଣ ଅନୁଦାନପ୍ରାପ୍ତ କଲେଜରେ ପରିଚାଳନା ସମିତି ଦ୍ୱାରା ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ କଲମ ଛାଡ଼ ଆନ୍ଦୋଳନ ଆଜି ୧୫ ଦିନରେ ପହଞ୍ଚିଛି। ବାଲିକୁଦା କଲେଜ ସମ୍ମୁଖରେ ଆନ୍ଦୋଳନରତ ଅଧ୍ୟାପିକା ଓ ଅଧ୍ୟାପକଙ୍କ ଆନ୍ଦୋଳନକୁ ସମର୍ଥନ କରି ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ସାମିଲ ହୋଇ ରାଜ୍ୟ ସରକାର ନୂତନ ଆଇନ ପ୍ରଣୟନ କରିବା ସହ ରାଜ୍ୟରେ ଥିବା ଏଭଳି ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କୁ ଅନୁଦାନ ପ୍ରଦାନ ପାଇଁ ଦାବି କରିଥିଲେ। ଏପରିକି ଦୀର୍ଘବର୍ଷ ଧରି ଶିକ୍ଷାଦାନ କରି ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି ବର୍ଗଙ୍କୁ ତୁରନ୍ତ ନ୍ୟାୟ ଦାବି କରିଥିଲେ। ଏ ପ୍ରସଙ୍ଗରେ ସେ ସରକାରଙ୍କ ସହ ଆଲୋଚନା କରିବେ। ଏପରିକି ଆବଶ୍ୟକ ପଡ଼ିଲେ ପ୍ରସଙ୍ଗକୁ ବିଧାନସଭାରେ ପ୍ରଶ୍ନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ବିଧାୟକ ଶ୍ରୀ ଜେନା ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ। ଏଥିରେ ମହାବିଦ୍ୟାଳୟର ଚଗଲି ଚରଣ ସ୍ୱାଇଁ, ଦିଲ୍ଲୀପ ବିଶ୍ୱାଳ, ବସନ୍ତ ମହାନ୍ତି, ରୁପାଲିନ ମହାନ୍ତି, ପ୍ରମୋଦ ପଣ୍ଡା, ଦେବକୀ ଦାସ, ଅପରାଜିତା ମଲ୍ଲ, ତପନ ଦାସ, ତପନ ରାଉତ, ସୂର୍ଯ୍ୟକାନ୍ତ ଦାସ, ବୈକୁଣ୍ଠ ଦାସ, ଦେବାଶିଷ ମହାନ୍ତି, ଦୀପ୍ତିମୟୀ ଜେନା, ମିତାଲି ମଧୁସ୍ମିତା ସାହାଣୀଙ୍କ ସମେତ ଅନ୍ୟ କଲେଜର ଅଧ୍ୟାପକ, ଅଧ୍ୟାପିକା ସାମିଲ ଥିଲେ।

# ସାହିତ୍ୟିକ ଗଗନ ବିହାରୀ ବିଶ୍ୱାଳଙ୍କ ଶ୍ରାଦ୍ଧୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



ଜଗତସିଂହପୁର,୦୧।୯ (ସମିସ): କୃତୀ ଶିକ୍ଷକ, ଦକ୍ଷ ସଂଗଠକ ତଥା ସୁସାହିତ୍ୟିକ ଗଗନ ବିହାରୀ ବିଶ୍ୱାଳଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ପଳାଶୋଳସ୍ଥ ୟୁଥ ହେଲ୍‌ପିଂ ବୟ ଚାରିଟେବୁଲ ଟ୍ରଷ୍ଟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଗଗନ ବିହାରୀ ବିଶ୍ୱାଳ ସ୍ମୃତି ପରିଷଦର ବରିଷ୍ଠ ସଦସ୍ୟ ବିଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପରିଷଦର ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ଯୋଗଦେଇ ସୁସାହିତ୍ୟିକ ସ୍ୱର୍ଗତ ବିଶ୍ୱାଳଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଆସନ୍ତା ସେପ୍ଟେମ୍ବର ୧୪ ତାରିଖ ରବିବାର ଦିବା ୧୦ ଘଟିକାରେ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ପୂଜ୍ୟପୂଜାର ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ପରିଷଦର ଉପଦେଷ୍ଟା ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ, ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ, ଉପସଭାପତି ତପନ କୁମାର ରାଉତରାୟ, ଯୁଗ୍ମସମ୍ପାଦକ ସରୋଜ କୁମାର ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ସାହିତ୍ୟିକଙ୍କ ପୁତ୍ର ତଥା ପରିଷଦର କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଲ୍ଆଇସି ପାରାଦୀପ ଶାଖାରେ ବୀମା ସପ୍ତାହ ପାଳନ



ପାରାଦୀପ, ୦୧।୯ (ସମିସ): ଏଲଆଇସି ପାରାଦୀପ ଶାଖା ପକ୍ଷରୁ ସ୍ଥାନୀୟ ମଧୁବନସ୍ଥ କାର୍ଯ୍ୟାଳୟରେ ଏଲଆଇସିର ୬୯ତମ ପ୍ରତିଷ୍ଠା ଦିବସ, ବୀମା ସପ୍ତାହ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପାରାଦୀପ ଶାଖା ପରିଚାଳକ ବିଶ୍ୱରଞ୍ଜନ କର ଉପସ୍ଥିତ ଥିଲେ। ଶାଖା ପରିଚାଳକ ଶ୍ରୀ କର କହିଲେ, ୧ ସେପ୍ଟେମ୍ବର ୧୯୫୬ରେ ଏଲଆଇସି ପ୍ରତିଷ୍ଠା ହୋଇଥିବାରୁ ଏ ଅବସରରେ ଉକ୍ତ ଦିବସକୁ ଚଳିତ ବର୍ଷ ୧ ସେପ୍ଟେମ୍ବର ୨୦୨୫ରୁ ୭ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଏହାର "ବୀମା ସପ୍ତାହ' ପାଳନ କରିବା ସହିତ ଏହାର ୬୯ତମ ବାର୍ଷିକୀ ଉତ୍ସବ ପାଳନ କରିଛି। ଏହି ଦିବସଟି ବୀମା ସଚେତନତାକୁ ପ୍ରୋତ୍ସାହିତ କରିବା, ବୀମାର ଗୁରୁତ୍ୱ ବିସ୍ତାର କରିବା ଓ ସାରା ଭାରତରେ ନାଗରିକଙ୍କୁ ଆର୍ଥିକ ସୁରକ୍ଷା ଓ କଲ୍ୟାଣ ପ୍ରଦାନ କରି ଲୋକଙ୍କ ସେବା କରିବାର ଉଦ୍ଦେଶ୍ୟକୁ ବଜାୟ ରଖିବା ପାଇଁ ପାଳନ କରାଯାଏ। ମୁଖ୍ୟଅତିଥି ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ କହିଲେ, ଏଲଆଇସି ହେଉଛି ଦୀର୍ଘସ୍ଥାୟୀ, ବ୍ୟାପକ ଏଜେଣ୍ଟ ଓ ଶାଖା ନେଟୱାର୍କ। ବିଶେଷକରି ଗ୍ରାମାଞ୍ଚଳ ଓ ଦୂରଦୂରାନ୍ତ ଅଞ୍ଚଳରେ ଏକ ଅତୁଳନୀୟ ପହଞ୍ଚ ରହିଛି। ଏହି ଉତ୍ସବରେ ଶାଖାର ସମସ୍ତ କର୍ମଚାରୀଙ୍କ ସମେତ ସମସ୍ତ ଏଜେଣ୍ଟ ଓ ପଲିସିଧାରୀ ଉପସ୍ଥିତ ଥିଲେ।

# ବାକି ଟଙ୍କା ନ ଦେବାରୁ ଘରେ ପଶି ଆକ୍ରମଣ



ପାରାଦୀପ,୦୧।୯ (ସମିସ): ବାକି ଥିବା ୭ ହଜାର ଟଙ୍କା ନେବାରୁ ଜଣେ ବ୍ୟବସାୟୀ ଓ ତାଙ୍କର ଜଣେ ସହଯୋଗୀ ଘରେ ପଶି ଆକ୍ରମଣ କରିଛନ୍ତି। ଏ ନେଇ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ପାରାଦୀପ ଆଦର୍ଶ ଥାନାର ଦ୍ୱାରସ୍ଥ ହୋଇଥିବାବେଳେ ଆକ୍ରମଣକାରୀ ଦୁଇ ଯୁବକଙ୍କୁ ପୁଲିସ ଅଟକ ରଖିଛି। ଆଜି ଅପରାହ୍ନରେ ରାହାମା ଅଞ୍ଚଳର ଜଣେ ବ୍ୟବସାୟୀ ଓ ତାଙ୍କର ଜଣେ ସହଯୋଗ ରାଇସ ମିଲ, ଶୁଖୁଆ ଖଳା ଅଞ୍ଚଳରେ ରହୁଥିବା ବସନ୍ତ ବେହେରାଙ୍କ ଘରେ ପଶି ତାଙ୍କୁ ଅଶ୍ଳୀଳ ଭାଷାରେ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ବାଇକ୍ ଚାବିରେ ଆକ୍ରମଣ କରି ଲହୁଲୁହାଣ କରିଦେଇଛନ୍ତି। ଆକ୍ରମଣ ସମୟରେ ଘରେ କେହି ନ ଥିବାବେଳେ ସେ ଚିତ୍କାର କରିଥିଲେ। ଚିତ୍କାର ଶୁଣି ତାଙ୍କ ପତ୍ନୀ ଓ କିଛି ସ୍ଥାନୀୟ ମହିଳା ଆସି ଦୁଇ ବ୍ୟକ୍ତିଙ୍କୁ କାବୁ କରିବା ସମୟରେ ଦୁଇ ବ୍ୟକ୍ତି ତାଙ୍କ ପତ୍ନୀଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ତେବେ ସ୍ଥାନୀୟ ବାସିନ୍ଦା ଦୁଇ ବ୍ୟକ୍ତିଙ୍କୁ ଅଟକ ରଖି ଥାନାକୁ ଜଣାଇଥିଲେ। ବସନ୍ତ ବେହେରା ୫ ମାସ ତଳେ ରାହାମାରୁ ଆଣିଥିବା ରଡ୍ ଓ ସିମେଣ୍ଟ ବାବଦକୁ ମାତ୍ର ୭ ହଜାର ଟଙ୍କା ବାକି ଥିବାରୁ ତାଙ୍କୁ ଏଭଳି ମରଣାନ୍ତକ ଆକ୍ରମଣ କରାଯାଇଥିବା କୁହାଯାଇଛି। ପରେ ପରିବାର ପକ୍ଷରୁ ତାଙ୍କୁ ଅଠରବାଙ୍କୀ ମେଡିକାଲ ନିଆଯାଇ ଚିକିତ୍ସିତ କରାଯାଇଥିଲା। ଏ ନେଇ ବସନ୍ତ ବେହେରାଙ୍କ ପତ୍ନୀ ନଳିନୀ ବେହେରା ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଦୁଇ ବ୍ୟକ୍ତିଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ମଦ ଜବତ, ୨ ବେପାରୀ ଗିରଫ

ପାରାଦୀପ, ୦୧।୯ (ସମିସ): ପାରାଦୀପ ଲକଥାନା ଅଞ୍ଚଳର ଦୁଇ ପୃଥକ ସ୍ଥାନରୁ ଦୁଇଜଣ ମଦ ବେପାରୀଙ୍କୁ ପୁଲିସ ଗିରଫ କରିଛି। ଗତକାଲି ସନ୍ଧ୍ୟାରେ ଉଦୟ ବିହାର ଅଞ୍ଚଳରୁ ପ୍ରଶାନ୍ତ ତରାଇ ନାମକ ଜଣେ ଚୋରା ମଦ ବେପାରୀକୁ ପୁଲିସ ଗିରଫ କରିଥିଲା। ତା' ନିକଟରୁ ୫ ଲିଟର ଆସ୍କା ଫଟି ଜବତ ହୋଇଛି। ସେହିପରି ଆଜି ପାରାଦୀପଗଡ଼ ଛକରୁ ପାରାଦୀପଗଡ଼ ଗ୍ରାମର ସୁରେନ୍ଦ୍ର ବେହେରାକୁ ଚୋରା ମଦ ବିକ୍ରି କରୁଥିବାବେଳେ ପୁଲିସ ଗିରଫ କରିଛି। ତା' ନିକଟରୁ ୫ ଲିଟର ଆସ୍କା ଫଟି ମଧ୍ୟ ଜବତ କରାଯାଇଛି। ଆସନ୍ତାକାଲି ତାକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

# ପାଇପ୍ ବିଛାଇବାକୁ ଖୋଳାଯାଇଥିବା ରାସ୍ତା ମରାମତି ଦାବି

ଜଗତସିଂହପୁର,୦୧।୯ (ସମିସ)



ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ବହୁ ପଞ୍ଚାୟତରେ ପାନୀୟଜଳ ଯୋଗାଇବା ପାଇଁ ମାଟି ତଳେ ପାଣି ପାଇପ ବିଛାଇବା ପାଇଁ ଏକ ଘରୋଇ ଠିକା ସଂସ୍ଥା ରାସ୍ତାକୁ ଖୋଳିଥିଲା। ଦୀର୍ଘଦିନ ପୂର୍ବେ କାମ ସରିଯାଇଥିଲେ ସୁଦ୍ଧା ଖୋଳିଥିବା ରାସ୍ତାକୁ ଏହି ଠିକା ସଂସ୍ଥା ମରାମତି କରୁନାହିଁ। ଯେଉଁଥି ପାଇଁ ଗାଁ ଗହଳିର ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଯାଇଛି। ନିକଟରେ ହୋଇଥିବା ଲଗାଣ ବର୍ଷାରେ ରାସ୍ତାର ଅବସ୍ଥା ଆହୁରି ଅଧିକ ଶୋଚନୀୟ ହୋଇଯାଇଛି। ରାସ୍ତାରେ ବଡ ବଡ ଖାଲ ହେବା ସହ ମାଟି ମଧ୍ୟ ଚଢିଯାଇଛି। ଯେଉଁଥିପାଇଁ ଦୁର୍ଘଟଣା ମଧ୍ୟ ଘଟୁଛି। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାଧାରଣ ଜନତାଙ୍କ ସମସ୍ୟାକୁ ହୃଦୟଙ୍ଗମ କରି କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକଙ୍କ ପରାମର୍ଶ କ୍ରମେ ଆଜି ପିସିସି ସଭ୍ୟ ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ ତିର୍ତ୍ତୋଲ ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ କର୍ମୀ ବ୍ଲକ୍‌ର ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ ଏସଡିଓଙ୍କୁ ଭେଟି ତୁରନ୍ତ ଏହି ରାସ୍ତାର ମରାମତି କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି।

ବିଭିନ୍ନ ପଞ୍ଚାୟତରେ ବିପର୍ଯ୍ୟସ୍ତ ହୋଇପଡିଥିବା ରାସ୍ତାର ଏକ ତାଲିକା ଫଟୋ ସହ ଦାବିପତ୍ରରେ ସଂଲଗ୍ନ କରାଯାଇଛି। ଯଦି ଆଗାମୀ ୩୦ ଦିନ ମଧ୍ୟରେ ରାସ୍ତା ମରାମତି କରା ନ ଯାଏ, ତେବେ ବ୍ଲକ କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ଶ୍ରୀ ନାୟକ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ଉପସଭାପତି ଜିତେନ୍ଦ୍ର ମହାନ୍ତି, ଅଶ୍ୱିନୀ ସ୍ୱାଇଁ, ଧନଞ୍ଜୟ ସୂତାର, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସଫି ଆଜମ, ତିର୍ତ୍ତୋଲ ମହିଳା କଂଗ୍ରେସ ସଭାନେତ୍ରୀ ଅନୁସୂୟା ପ୍ରଧାନ, ରାଜ୍ୟ ଏସି ସେଲ୍ ସାଧାରଣ ସମ୍ପାଦକ ଦେବବ୍ରତ ବେହେରା, ଗରାମ ସରପଞ୍ଚ ପ୍ରଦ୍ୟୁମ୍ନ କିଶୋର ଚଇନି, ସମିତିସଭ୍ୟ ରଞ୍ଜନ ସାହୁ, ଶୁଭନାରାୟଣ ନାୟକ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଚିତ୍ତରଞ୍ଜନ ଦାସ, ମହମ୍ମଦ ଅବଦୁଲ ୱାହିଦ, ମହମ୍ମଦ ଇସମାଇଲି, ଖଲିକୁଦ ଜମ୍ମା, ସେକ ମୁସ୍ତାଫା ହୁସେନ, ତ୍ରିଲୋଚନ ସାହୁ, ଜୟନ୍ତ ପରିଜା, ଲକ୍ଷ୍ମୀଧର ନାୟକ, ପର୍ଶୁରାମ ବାରିକ, ବ୍ରଜକିଶୋର ମଲ୍ଲିକ, ସୟଦ ସାୟକ ରସୁଲ, ପ୍ରଶାନ୍ତ ଲେଙ୍କା, ଧ୍ରୁବଚରଣ ପରିଡ଼ା, ଲଲାଟ କେଶରୀ ମହାପାତ୍ର, ମଳୟ ବାରିକ, ସୁଦର୍ଶନ ମଲ୍ଲିକ, ପ୍ରଦୀପ୍ତ ଶତପଥୀ, ଗଗନ ବିହାରୀ ସାହୁ, ଶୁଭାଶିଷ ସ୍ୱାଇଁ, ଦେବବ୍ରତ ତ୍ରିପାଠୀ, ରିଙ୍କୁ ପାଳ, ଲକ୍ଷ୍ମୀଧର ମନ୍ତ୍ରୀ, ତ୍ରିଲୋଚନ ଦାସ, ସତ୍ୟଜିତ ରାଉତରାୟ, ଆଶିଷ ମଲ୍ଲିକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

● ନିଆରା ପରମ୍ପରା

## ଇଷ୍ଟଦେବ ପ୍ରଭୁ ପଞ୍ଚଖଣ୍ଡାଙ୍କ ନୂଆଁମୁଣ୍ଡା ପୂଜା

ରେଢ଼ାଖୋଲ,୧।୯ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଗଡ଼ଜାତ ଅଞ୍ଚଳର ଇଷ୍ଟ ଦେବତା ପ୍ରଭୁ ପଞ୍ଚଖଣ୍ଡା ଓ ଆରାଧ୍ୟ ଦେବୀ ମାଁ ଅନ୍ଧାର ବାଉତିଙ୍କ ନୂଆଁମୁଣ୍ଡା ପୂଜା ପାଳିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ଦ୍ୱାର ଦେଶ ରେଢ଼ାଖୋଲ ସହରରେ ଗଡ଼ଜାତ ରାଜା ପରମ୍ପରା ରାଜୁଡ଼ି ସମୟରୁ



ପ୍ରଭୁ ପଞ୍ଚଖଣ୍ଡା ଓ ମାଁ ଅନ୍ଧାର ବାଉତୀଙ୍କ ନୂଆଁମୁଣ୍ଡା ପୂଜା ଉତ୍ସବ ପାଳନ ନିଆରା ପରମ୍ପରା ରହିଆସିଛି। ରାଜ ବଂଶୀୟ ପରମ୍ପରା ଅନୁଯାୟୀ ପାର୍ବଣ ମାସ ଆରମ୍ଭ ହେବା ପରେ ଭାଦ୍ରବ ମାସରେ ଅଗ୍ରପୂଜ୍ୟ ବିଘ୍ନହର୍ତ୍ତା ଗଣେଶଙ୍କ ପୂଜା ପରେ ଶୁକ୍ଳପକ୍ଷ ପ୍ରଥମ ରବିବାର ଦିନ ରେଢ଼ାଖୋଲର ଇଷ୍ଟଦେବ ଓ ଆରାଧ୍ୟ ଦେବୀଙ୍କ ନୂଆଁମୁଣ୍ଡା ପୂଜା ଅନୁଷ୍ଠିତ ହୋଇଯାଇଛି। ରେଢ଼ାଖୋଲର ଇଷ୍ଟ ଦେବତା ପ୍ରଭୁ ପଞ୍ଚଖଣ୍ଡା ଓ ଆରାଧ୍ୟ ଦେବୀ ମାଁ ଅନ୍ଧାର ବାଉତୀଙ୍କ ପାଖରେ ନବାନ୍ନ ଲାଗିଲା ପରେ ସ୍ଥାନୀୟ ଅଞ୍ଚଳରେ ଓ ଗଡ଼ଜାତ ଅଞ୍ଚଳର ବିଭିନ୍ନ ଗ୍ରାମରେ ଗାଁ ପିଢ଼ ପୂଜା ପରେ ନୂଆଁ ଖାଇବା ପରମ୍ପରା ଆବାହନ କାଳରୁ ଚାଲିଆସିଛି। ପୂଜାରେ ପ୍ରଥମେ ନିର୍ଦ୍ଧାରିତ ଲଗ୍ନ ଅନୁଯାୟୀ ରେଢ଼ାଖୋଲ ସହରର ଶିବଶଙ୍କର ପଡ଼ା ସ୍ଥିତ ମାଁ ଅନ୍ଧାର ବାଉତୀଙ୍କ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା କରି ସେବକ ଓ ଭକ୍ତଙ୍କ ଗହଣରେ ରାଜବାଟି ସ୍ଥିତ ପଞ୍ଚଖଣ୍ଡା ମନ୍ଦିର ଠାରେ ପହଞ୍ଚି ରାଜ ପରିବାର ପକ୍ଷରୁ କର୍ତ୍ତା ଭାବରେ ମହାବୀର ସିଂ ଦେଓ, ବବୁଲୁ ଦେବ, ରମେଶ ସିଂ, ରାଜା ସିଂ ପ୍ରମୁଖ ପୂଜାର୍ଚ୍ଚନା ପରେ ବାହାରି ଶୋଭାଯାତ୍ରାରେ ସ୍ଥାନେ ସ୍ଥାନେ ପୂଜାର୍ଚ୍ଚନା ହୋଇ ଶେଷରେ କେରାଣ୍ଡୀ ଜୋରସ୍ଥିତ ନୂଆଁମୁଣ୍ଡା ପୂଜାପୀଠରେ ପହଞ୍ଚିଥିଲେ। ପରେ ସେଠାରେ ରୀତିନୀତି ବିଦ୍ଧିବିଦ୍ଧ ପୂର୍ବକ ପୂଜା କରାଯାଇ ଉଭୟ ଠାକୁରଙ୍କ ପାଖରେ ନବାନ୍ନ ଲଗା ଯାଇଥିଲା। ତା ପରେ ରେଢ଼ାଖୋଲ ସହର ସାରା ପ୍ରଭୁ ପଞ୍ଚଖଣ୍ଡା ଙ୍କ ଶୋଭାଯାତ୍ରା ପରିକ୍ରମା କରାଯାଇଥିଲା।ନୂଆଁମୁଣ୍ଡା ଉତ୍ସବରେ ମୁଖ୍ୟ ପୂଜକ ଧ୍ରୁବ ଚରଣ ସାହୁ ପଞ୍ଚଖଣ୍ଡା ଦେହୁରୀ ଭାବରେ ଅଚ୍ୟୁତ ଅମାତ, ଅଗସ୍ତି ପଧାନ, ନିରଞ୍ଜନ ଦେହୁରୀ, ପ୍ରଦୀପ ଅମାତ, ମୁନୁ ଦେହୁରୀ ଏବଂ ମା' ଅନ୍ଧାର ବାଉତି ସେବକ ସମେତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ସହଯୋଗ କରିଥିଲେ।

● କୁଚିଣ୍ଡରେ ସ୍ୱାୟତ୍ତ ଶାସନ ଦିବସ

## ମୁଖ୍ୟମନ୍ତ୍ରୀଙ୍କ ଆଭାସୀବେଳେ ଚୌକି ଖାଲି

କୁଚିଣ୍ଡା,୧।୯ (ସମିସ): କୁଚିଣ୍ଡା ଏନ୍‌ଏସି ପକ୍ଷରୁ ଟାଉନହଲଠାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ସହରାଞ୍ଚଳରେ ବିକାଶର ଯୋଜନାକୁ ନେଇ ମୁଖ୍ୟମନ୍ତ୍ରୀ



ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଯୋଜନା ଗୁଡ଼ିକୁ କାର୍ଯ୍ୟକାରୀ ନିମନ୍ତେ ଘୋଷଣା କରିବାର ଯୋଜନା ଥିଲା ହେଲେ କୁଚିଣ୍ଡା ଏନଏସିର ଅପରଗତା ପଣିଆ ପଦାରେ ପଡିଯିବା ସହ ପ୍ରାୟ ସମସ୍ତ ଚୌକି ଖାଲି ପଡ଼ିରହିଥିଲା। ଏନ୍‌ଏସିର ଦାୟିତ୍ୱ ନିର୍ବାହ କରୁଥିବା କିଛି କର୍ମଚାରୀ ଓ ଅଧିକାରୀ ଲୋକ ଯୋଗାଡ଼ରେ ବିଫଳ ହେଲେ, ପରିତାପର ବିଷୟ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କେବଳ ୮/୯ ଜଣ ସ୍ୱଚ୍ଛସାଥୀ ଓ କିଛି କର୍ମଚାରୀ ଏବଂ କିଛି ଭଦ୍ର ବ୍ୟକ୍ତିଙ୍କୁ ନେଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା।

## ୬ରେ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍, ଯୋଗଦେବେ ମୁଖ୍ୟମନ୍ତ୍ରୀ

ସମ୍ବଲପୁର, ୩୧ା୯ (ସମିସ) : ଆସନ୍ତା ୬ ତାରିଖ ସମ୍ବଲପୁରଠାରେ ପ୍ରଥମଥର ପାଇଁ ବେସରକାରୀସ୍ତରରେ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ ଆୟୋଜିତ ହେବ। ମା' ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଥିବା ପାର୍କିଙ୍ଗ ପଡ଼ିଆରେ ସନ୍ଧ୍ୟା ସମୟରେ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେବେ। ତାଙ୍କସହ ମନ୍ତ୍ରୀମଣ୍ଡଳ ସଦସ୍ୟମାନେ ଯୋଗ ଦେବେ ବୋଲି ଜଣାପଡ଼ିଛି। ଆଜି ଅପରାହ୍ଣରେ ଆୟୋଜନ କମିଟି କର୍ମକର୍ତ୍ତା ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ସ୍ଥାନ ପରିଦର୍ଶନ କରିଥିଲେ। ପଶ୍ଚିମ ଓଡ଼ିଶାର ପ୍ରଶାସନିକ, ବ୍ୟବସାୟିକ, ସାଂସ୍କୃତିକ ପ୍ରାଣକେନ୍ଦ୍ର ସମ୍ବଲପୁରଠାରେ ଚଳିତବର୍ଷ ଠାରୁ ଆରମ୍ଭ ହେବାକୁ ଯାଉଛି ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ। ଏଥିପାଇଁ ରବିବାର କଚେରୀ ରୋଡସ୍ଥିତ ବିଜେପି କାର୍ଯ୍ୟାଳୟରେ ଅନିଲ ବେହେରାଙ୍କ ଅଧ୍ୟକ୍ଷତାରେ ଏହି ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ କମିଟିର ସଭାପତି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଉପସ୍ଥିତ ଥିଲେ। ବୈଠକରେ କାର୍ଯ୍ୟକ୍ରମର ଭବ୍ୟତା, ବିଶାଳତା, ସଫଳତା ଓ ରୂପରେଖ ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। ଭେଟଘାଟ କାର୍ଯ୍ୟକ୍ରମକୁ କିଭଳି ଆକର୍ଷଣୀୟ କରାଯାଇ ପାରିବ ତା'ଉପରେ ଉପସ୍ଥିତ କର୍ମୀ ମାନେ ନିଜ ନିଜ ସୁଚିନ୍ତିତ ମତାମତ ଦେଇଥିଲେ। କମିଟିର ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଦେଇଥିବା ସୁଚନା ମୁତାବକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ସମେତ ଦଳମତ ନିର୍ବିଶେଷରେ ପଶ୍ଚିମ ଓଡ଼ିଶାର ସମସ୍ତ ସାଂସଦ ବିଧାୟକ ଗଣ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ପ୍ରସ୍ତୁତି ବୈଠକରେ ଆୟୋଜକ କମିଟିର ନାଉରୀ ନାଏକ, ଡ. ପ୍ରମୋଦ କୁମାର ରଥ, ସରୋଜ ଦଳପତ, ସୁଶାନ୍ତ କୁମାର ପୁରୋହିତ, ସମୀର ରଞ୍ଜନ ବାବୁ, ଫଣି ଭୂଷଣ ମିଶ୍ର, ଜୟବ୍ରତ ଦେ, ଶୁଭଶ୍ରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସାଇବର ଠକଙ୍କ ନୂଆ ତରିକା

# ଇ-ଚାଲାଣରେ 'ଏପିକେ' ଫାଇଲ!

ସମ୍ବଲପୁର, ୩୧ା୯ (ସମିସ)

ସାଇବର ଠକ ମାନଙ୍କ ନୂତନ ଜରିଆ ପାଲଟିଛି ହ୍ୱାଟ୍‌ସଆପ୍‌ରେ ଇ-ଚାଲାନ 'ଏପିକେ' ଫାଇଲ। ଏବେ ସମ୍ବଲପୁରରେ ବହୁ ବ୍ୟକ୍ତିବିଶେଷଙ୍କୁ ଏଭଳି ଚାଲାନ ଆସୁଛି। ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ମନେକରି ଫାଇଲ ଖୋଲିବାବେଳକୁ ତାହା ଖୋଲୁନାହିଁ କିନ୍ତୁ ପରେ ଆକାଉଣ୍ଟରୁ ଟଙ୍କା ଚାଲିଯାଉଛି। ନିକଟ ଅତୀତରେ ଜଣେ ବ୍ୟବସାୟୀ ଶିଳା ଶିବପ୍ରସାଦଙ୍କ ହ୍ୱାଟସ୍‌ଆପ୍‌କୁ ଏଭଳି ଏକ ବାର୍ତ୍ତା ଆସିଥିଲା। ସେ ତାହାକୁ ଖୋଲିବାକୁ ଚେଷ୍ଟା କରି ପାରିନଥିଲେ। କିନ୍ତୁ ସେଦିନ ରାତିରେ ତାଙ୍କ ଏକ ଆକାଉଣ୍ଟରୁ ୧ ଲକ୍ଷ ୪୯ ହଜାର ଟଙ୍କା ଗାୟବ ହୋଇଯାଇଥିଲା। ଏନେଇ ସେ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ସରଳ ସାଧାରଣ ଜନତା ଅସୁବିଧାରେ ପଡ଼ି ଯାଉଛନ୍ତି। ଏପିକେ ଫାଇଲ ତିଆରି ପାଇଁ ସରକାରଙ୍କ ଅଥେଣ୍ଟିକେସନ୍ ଆବଶ୍ୟକ ପଡ଼ିଲେ ଏଭଳି ସାଇବର ଠକଙ୍କ ନକଲି ଏପିକେ ଫାଇଲ୍ ପଠାଇବା କାମରେ ରୋକ୍ ଲଗାଯାଇପାରିବ ବୋଲି ସାଇବର ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି।

ସାଇବର ଠକମାନେ ବିଭିନ୍ନ କୌଶଳ ଅବଲମ୍ବନ କରି ସାଧାରଣ ଲୋକଙ୍କ ଆକାଉଣ୍ଟରୁ ଲକ୍ଷ ଲକ୍ଷ ଟଙ୍କା ଗାୟବ କରି ଦେଉଛନ୍ତି। ଏହା ବ୍ୟାଙ୍କ ଅଧିକାରୀ ଫୋନ କରୁଛି କେୱାଇସି ଅପ୍‌ଡେଟ୍ କରିବାଠାରୁ ଆରମ୍ଭ କରି ଡିଜିଟାଲ ଆରେଷ୍ଟ ଏବଂ ବିଭିନ୍ନ କୌଶଳ ଚାଲିଛି। ସମ୍ପ୍ରତି ସାଇବର ଠକମାନେ ହ୍ୱାଟସ୍‌ଆପ୍‌ରେ ଇ-ଚାଲାନ ପଠାଉଛନ୍ତି। ଏହା ପାଇଥିବା ବ୍ୟକ୍ତି ରାସ୍ତାରେ କୌଣସି ସ୍ଥାନରେ ଅଜାଣତରେ ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ଭାବି ଖୋଲିଦେବା ବେଳକୁ ତାହା ଖୋଲୁନାହିଁ କିନ୍ତୁ ସାଇବର ଠକ ମୋବାଇଲର ତଥ୍ୟକୁ ଆକ୍ସେସ୍ ପାଇ ଯାଉଛନ୍ତି। ଏହାପରେ ସେମାନେ ନିକଟ ଅତୀତରେ କରିଥିବା ଟ୍ରାନ୍‌ସେକ୍‌ସନ୍ କରିଥିବା ଆକାଉଣ୍ଟରୁ ପାସ୍‌ୱାର୍ଡ ଜରିଆରେ ଟଙ୍କା ଲୁଟି ନେଉଛନ୍ତି। ଷ୍ଟୋର ହୋଇଥିବା କୁକିଜ୍‌ରୁ ୟୁଜର୍ ଆଇଡି ଓ ପାସ୍‌ୱାର୍ଡ ନେଇଯାଇଥାନ୍ତି। ହ୍ୱାଟ୍‌ସଆପ୍‌ରେ ଏହି ମେସେଜ୍‌କୁ ଡିଲିଟ୍ କରିବାକୁ ଉଦ୍ୟମ କଲେ ତାହା ଇନ୍‌ଷ୍ଟଲ ହୋଇଯାଉଛି। ତେଣୁ ସେଟିଂ ଭିତରକୁ ଯାଇ ସେଥିରେ ଥିବା ଆପ୍‌ରେ ଏପିକେକୁ ଅନ୍‌ଇନ୍‌ଷ୍ଟଲ ବା ରିମୁଭ୍ କରନ୍ତୁ ବୋଲି ସାଇବର ଅଭିଜ୍ଞମାନେ ମତ ଦେଉଛନ୍ତି। ଯଦି ସମ୍ଭବ ନହେଉଛି ମୋବାଇଲ ଦୋକାନରେ ଯୋଗାଯୋଗ କରିବାକୁ କୁହାଯାଇଛି।

ସାଇବର ବିଶେଷଜ୍ଞ ଶୋଭନ ପଟ୍ଟନାୟକ କହିଛନ୍ତି, ସମସ୍ତେ ଆଣ୍ଡ୍ରଏଡ୍ ଫୋନ୍ ଧରୁଥିବାରୁ ସଚେତନତାକୁ ବ୍ୟାପକ କରାଯିବା କଥା। କିନ୍ତୁ ପ୍ରତିଟି ମଣିଷ ପାଖକୁ ପହଞ୍ଚିବା ଅପେକ୍ଷା ଯଦି ସରକାରଙ୍କ ପକ୍ଷରୁ ଏକ ଫାୟାର୍‌ୱେଲ୍ କରାଗଲେ ଭଲ ହୁଅନ୍ତା। ସେଠାରେ ଅଥେଣ୍ଟିକେସନ୍ ହେଲାପରେ ଯାଇ କେହି ବି ତାହାକୁ ଖୋଲିପାରନ୍ତେ। ବର୍ତ୍ତମାନ ସେଭଳି ବ୍ୟବସ୍ଥା 'ଇଏକ୍ସଇ' ଫାଇଲ୍‌କୁ ନେଇ ଅଛି। 'ଇଏକ୍ସଇ' ଫାଇଲକୁ ବ୍ୟାନ୍ କରିଦିଆଯାଇଛି, ଆପଣ 'ଇଏକ୍ସଇ' ଫାଇଲ ପଠାଇ ପାରିବେ ନାହିଁ କିମ୍ବା ଇନ୍‌ଷ୍ଟଲ କରିପାରିବେ ନାହିଁ। ସେଭଳି ବ୍ୟବସ୍ଥା 'ଏପିକେ' ଫାଇଲ୍‌ରେ କରି ଏକ ଫାୟାରୱେଲ ଦିଆଯାଇ ସେଠାରେ ପ୍ରଥମେ ସରକାର ଅଥେଣ୍ଟିକେସନ କରିବା କଥା ଏବଂ ଏହାପରେ ତାହା ଅନ୍ୟପାଖକୁ ଯିବା କଥା। କେହି ଡେଭଲପର୍ ଏପିକେ ଫାଇଲ୍ ପ୍ରସ୍ତୁତ କଲେ ପ୍ରଥମେ ତାହା ଏହି ପ୍ରକୃତ (ଜେନୁଇନ୍) ଫାଇଲ୍ ବୋଲି ଅଥେଣ୍ଟିକେସନ ହେବା କଥା। ଯେପରି ଗୁଗୁଲ ପ୍ଲେ-ଷ୍ଟୋରରେ ଆମେ ଡାଉନଲୋଡ କରିବା ସମୟରେ 'ଏପିକେ' ଫାଇଲ ଡାଉନଲୋଡ୍ କରୁଛୁ, ସେଭଳି ଭାରତ ସରକାର ଏକ ବ୍ୟବସ୍ଥା ରଖିବା କଥା। ଆଇଟି ବିଭାଗ ପକ୍ଷରୁ ଏହା କେଉଁଟା ପ୍ରକୃତ ଏପିକେ ଫାଇଲ ଏବଂ କେଉଁଟା ନକଲି ବା ଜାଲ ତାହା ଜଣାପଡ଼ିବ ବୋଲି ଶ୍ରୀ ପଟ୍ଟନାୟକ ମତ ରଖିଛନ୍ତି।

## ଦୁବାଇରେ ନୂଆଁଖାଇ ଭେଟ୍‌ଘାଟ୍

ସମ୍ବଲପୁର, ୩୧ା୯ (ସମିସ) : ଭାରତ ବାହାରେ ବିଶ୍ୱର ସବୁଠାରୁ ବଡ଼ ନୂଆଁଖାଇ ଭେଟ୍‌ଘାଟ୍‌ର ୧୧ତମ ସଂସ୍କରଣ ଦୁବାଇସ୍ଥିତ କ୍ରେଡେନ୍ସ ହାଇସ୍କୁଲରେ ଆୟୋଜିତ ହୋଇଯାଇଛି। ପଶ୍ଚିମ ଓଡ଼ିଶାରେ ୨୮ ତାରିଖ ନୂଆଁଖାଇ ପାଳିତ ହୋଇଥିବାବେଳେ ନିଜ ମାଟିର ସୁଗନ୍ଧକୁ ବିଦେଶ ମାଟିରେ ପୁନଃସୃଷ୍ଟ କରି ୟୁଏଇରେ ଥିବା ଓଡ଼ିଆ ସମାଜ ୩୧ ତାରିଖରେ ନୂଆଁଖାଇ ଉତ୍ସବ ପାଳନ କରିଛନ୍ତି। ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଉଜ୍ଜ୍ୱଳତା ମଞ୍ଚକୁ ଆଲୋକିତ କଲା - ଆନନ୍ଦମୟ ସଙ୍ଗୀତ, ତାରୁଣ୍ୟମୟ ନୃତ୍ୟ, ସମ୍ବଲପୁରୀ ଭାଷାର ମାଧୁର୍ଯ୍ୟ ଓ ହାତକାମର ସୌନ୍ଦର୍ଯ୍ୟ। ଏହି ଦିନ ପାରମ୍ପରିକତା ଓ ଗର୍ବଗୌରବର ଏକ ବିଶିଷ୍ଟ ଉତ୍ସବରେ ପରିଣତ କରିଦେଲା। 'ୱାନ୍ ୟୁଏଇ, ୱାନ୍ ନୂଆଁଖାଇ'ର ଦୃଷ୍ଟିଭଙ୍ଗୀକୁ ଆଗେଇ ନେଇ, ପ୍ରତିବର୍ଷ ଆୟୋଜିତ ହେଉଥିବା ଏହି ଉତ୍ସବରେ ଚଳିତବର୍ଷ ୭୦୦ରୁ ଅଧିକ ଅତିଥିଙ୍କୁ ଏକତ୍ର କରିଥିଲା, ଯାହାକି ଭାରତ ବାହାରେ ସବୁଠାରୁ ବଡ଼ ନୂଆଁଖାଇ ସମ୍ମେଳନ। ଉତ୍ସବରେ ଇଣ୍ଡିଆନ ବିଜିନେସ୍ ଆଣ୍ଡ ପ୍ରଫେସନାଲ କାଉନସିଲ (ଆଇବିପିସି) ଅଧ୍ୟକ୍ଷ ସିଦ୍ଧାର୍ଥ ବାଲଚନ୍ଦ୍ରନ ଏବଂ ଉଦ୍ୟୋଗପତି ଓ ସମାଜସେବୀ ବୁ ଅବଦୁଲ୍ଲା ଗ୍ରୁପ୍ ଅଧ୍ୟକ୍ଷ ଏମିରେଟି ଡଃ ବୁ ଅବଦୁଲ୍ଲା ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ମା' ସମଲେଶ୍ୱରୀଙ୍କ ବିଶେଷ ଆଳତୀ କରାଯିବାପରେ ନୂଆ ଧାନ ପ୍ରଥମେ ଦେବୀଙ୍କୁ ଅର୍ପଣ କରାଗଲା ଓ ପରେ ସମସ୍ତଙ୍କୁ ବଣ୍ଟନ କରାଗଲା।

ପଶ୍ଚିମ ଓଡ଼ିଶାରୁ ଆସିଥିବା ବିଶେଷ ଅତିଥିମାନେ ଉତ୍ସବରେ ଉଷ୍ମତା ଓ ସତ୍ୟତା ଯୋଗାଇଥିଲେ। ସେମାନଙ୍କ ମଧ୍ୟରେ ବଲାଙ୍ଗିରରୁ ଆସିଥିବା ବହୁମୁଖୀ କଳାକାର ଜାଗୃତି ରଥ ଓ ଝାରସୁଗୁଡ଼ାରୁ ଆସିଥିବା ସମ୍ବଲପୁରୀ ଗାୟକ ପ୍ରଥମ କୁମ୍ଭାର ନିଜ ପ୍ରଦର୍ଶନରେ ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ଲୋକପ୍ରିୟ କମେଡିଆନ ପପୁ ପମ୍ ପମ୍ ମଜାଦାର କଥାବାର୍ତ୍ତାରେ ସମସ୍ତଙ୍କୁ ହସେଇବା ସହ କିଛି ଗୀତ ମଧ୍ୟ ଗାଇଥିଲେ। ସ୍ଥାନୀୟ ପ୍ରତିଭାମାନେ ମଧ୍ୟ ମଞ୍ଚକୁ ଆଲୋକିତ କଲେ। ଶିଶୁ ଓ ମହିଳାମାନେ ପାରମ୍ପରିକ ସାମ୍ବଲପୁରୀ ନୃତ୍ୟ ଓ ହାତକାମ ପ୍ରଦର୍ଶନ କରି, ଚମକ୍‌ଦାର ସମ୍ବଲପୁରୀ ଫ୍ୟାସନ୍ ଶୋରେ ଶେଷ କଲେ। ଏହି ୧୧ତମ ସଂସ୍କରଣ ଅବସରରେ ବିଶେଷ କ୍ୟାଲେଣ୍ଡର ଉନ୍ମୋଚନ କରାଗଲା, ଯେଉଁଥିରେ ଓଡ଼ିଶାର ପ୍ରସିଦ୍ଧ ମନ୍ଦିର ଗୁଡ଼ିକ ସ୍ଥାନିତ କରି ନୂଆଁଖାଇର ସଂସ୍କୃତି ଓ ପରଂପରାକୁ ସମ୍ମାନ ଦିଆଗଲା।

## ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଦାବି ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ

ସମ୍ବଲପୁର, ୩୧ା୯ (ସମିସ) : ସଂଘ ପକ୍ଷରୁ ସମ୍ବଲପୁରରେ ଗତ ଏପ୍ରିଲ ୨୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ଦିଆଯାଇଥିବା ଦାବି ପତ୍ର ଏବଂ ପରବର୍ତ୍ତୀ ମେ ୨୬ ତାରିଖରେ ଚିଠି ସଂଖ୍ୟା ୧୨୮/ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଏକ ସ୍ମାରକ ପତ୍ର ଉପରେ ଅନୁଧ୍ୟାନ କରି ଏହାଉପରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ତଥା ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ଦେଇଥିବା ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ କୁମାର ମହାନ୍ତି ପ୍ରେସ ରିଲିଜ ଜରିଆରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଚିଠି ସଂଖ୍ୟା ନଂ ୪୯୩୨/ ସି.ଏମ୍ - ଓଓ ଯାହାକି ମଇ ୩୦ ତାରିଖରେ ଜଙ୍ଗଲ ତଥା ପରିବେଶ ବିଭାଗରେ ହସ୍ତଗତ ହୋଇସାରିବା ପରେ ଏହା ଉପରେ ଅନୁଧ୍ୟାନ କରାଯାଇ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ତଥା ସମସ୍ୟାର ସମାଧାନ କରିବାକୁ ଜଙ୍ଗଲ ତଥା ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମର୍ମରେ ସଂପୃକ୍ତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଇଭେଟ୍ ସେକ୍ରେଟାରୀଙ୍କ ଉପରୋକ୍ତ ଚିଠି ଅନୁଯାୟୀ ଅନୁଧ୍ୟାନ ସହ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକଙ୍କୁ ଅଗଷ୍ଟ ୨୧ ତାରିଖର ଚିଠି ସଂଖ୍ୟା ୨୫୬୦୬ରେ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଏକ ପ୍ରତିଲିପି ସଂଘର ରାଜ୍ୟ ସଭାପତି ଶ୍ରୀ ମହାନ୍ତିଙ୍କୁ ତାଙ୍କ ସ୍ମାରକ ପତ୍ର ସୂଚନା ଅନୁଯାୟୀ ଅବଗତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶ ଅନୁଯାୟୀ ଜଙ୍ଗଲ ତଥା ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ପି.ସି.ସି.ଏଫ୍) ଯଥା ଶୀଘ୍ର ଅନୁଧ୍ୟାନ ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ।

ଶ୍ରୀ ମହାନ୍ତି ପ୍ରେସ ରିଲିଜ୍‌ରେ ଆହୁରି ଦର୍ଶାଇଛନ୍ତି ଯେ, ଉକ୍ତ ଦାବି ପତ୍ର ତଥା ପରବର୍ତ୍ତୀ ସ୍ମାରକ ପତ୍ରକୁ ଭିତ୍ତି କରି ଏପ୍ରିଲ ୨୧ ତାରିଖରେ ଏବଂ ଏହା ପୂର୍ବରୁ ବିଭାଗୀୟ କର୍ମକର୍ତ୍ତା ମାନଙ୍କ ସଙ୍ଗରେ ବହୁବାର ଆଲୋଚନା ତଥା ଅନୁଧ୍ୟାନ ହୋଇସାରିଛି। ଏହାର ତଥ୍ୟ ମଧ୍ୟ ସଂପୃକ୍ତ ବିଭାଗ ତଥା ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଙ୍କ କାର୍ଯ୍ୟାଳୟରେ ମହଜୁଦ ରହିଛି। ବିଶେଷ ଭାବରେ ସିଜିନାଲ କର୍ମଚାରୀ ମାନଙ୍କ ନୂତନ ସର୍ବନିମ୍ନ ମଜୁରୀ ଭିତ୍ତିରେ ପୂର୍ବ ପ୍ରଚଳିତ ପଦ୍ଧତିରେ ମାସିକ ମଜୁରୀ ନିର୍ଦ୍ଧାରଣ ବର୍ଷାଧିକ କାଳ ନ ହୋଇ ପଡ଼ିରହିଛି ଏବଂ ଅନ୍ୟାନ୍ୟ ଦାବୀ ମାନଙ୍କର ମଧ୍ୟ ସମାଧାନ ହୋଇନାହିଁ। ଏଣୁ ଏହା ଉପରେ ଆଉ ବିଳମ୍ବ ନ କରି କେନ୍ଦୁପତ୍ର ସଂସ୍ଥାର ସମସ୍ତ ଶ୍ରେଣୀର ଶ୍ରମିକ କର୍ମଚାରୀ ମାନଙ୍କ ଦାବୀ ପୂରଣ ତଥା ସମସ୍ୟାର ସମାଧାନ କରିବାକୁ ଉପରୋକ୍ତ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଚିଠି ତଥା ମେଲ୍ ରେ ସ୍ମରଣ କରାଯାଇଛି। ବର୍ତ୍ତମାନ ସଂପୃକ୍ତ କର୍ତ୍ତୃପକ୍ଷ ପୂର୍ବ ଅନୁସୃତ ପଦ୍ଧତିରେ ଏସବୁର ଦାବୀ ମାନଙ୍କର ସମାଧାନ କରିପାରିବେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଏବଂ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଦାବୀ ସମୂହକୁ ଅନୁସୃତ ପଦ୍ଧତିରେ ପୂରଣ କରି ଶ୍ରମିକ, କର୍ମଚାରୀ ମାନଙ୍କ ତୀବ୍ର ଅସନ୍ତୋଷକୁ ଦୂର କରିବାକୁ ସମର୍ଥ ହେବେ। ଆଜି ସଂଘର ରାଜ୍ୟ ସଭାପତି ଶ୍ରୀ ମହାନ୍ତି ପୁନରାୟ ଉପରୋକ୍ତ କର୍ତ୍ତୃପକ୍ଷ ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରାଇଭେଟ ସେକ୍ରେଟାରୀଙ୍କୁ ସ୍ପିଡ ପୋଷ୍ଟ ପତ୍ର ଓ ମେଲ୍ ଯୋଗେ ସ୍ମରଣ କରାଇଛନ୍ତି।

## ହୀରାକୁଦ ଜଳସ୍ତର ୬୨୫.୯୧ ଫୁଟ୍

ସମ୍ବଲପୁର, ୩୧ା୯ (ସମିସ): ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୫.୯୧ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୭୪,୫୩୯ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୬,୪୨୦ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ପ୍ରବାହିତ ହେଉନଥିବାବେଳେ ପାୱାର ଚେନାଲ ଦେଇ ୩୨,୧୭୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୧୨ ଫୁଟ୍ ରହିଥିଲା।

## ରାଷ୍ଟ୍ରୀୟ ଡ୍ରାଇଭର ଦିବସ

ରେଢ଼ାଖୋଲ,୧।୯ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଡ୍ରାଇଭର ମହାସଂଘ ପକ୍ଷରୁ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ ହୋଇଛି। ଏଥିରେ ସଂଘର ସଭାପତି ଯୁଗଳକିଶୋର ସ୍ୱାଇଁ ଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ସଂଘର ସଦସ୍ୟମାନେ ସାମିଲ ରହିଥିଲେ। ଏଥିରେ ପ୍ରଥମେ ରେଢ଼ାଖୋଲ ସହରର ମାହେଶ୍ୱରୀ କ୍ଲିନିକ୍ ଠାରୁ ଏକ ଭବ୍ୟ ଶୋଭାଯାତ୍ରାରେ ସଂଘର ସଦସ୍ୟ ମାନେ ଡିଜେ ବଜାଇ ସ୍ଲୋଗାନ ଦେଇ ପଦଯାତ୍ରା କରି ସନ୍ଥକବି ଭୀମଭୋଇ ଛକ ସ୍ଥିତ ଭୀମଭୋଇଙ୍କ ପ୍ରତିମୂର୍ତ୍ତି ଠାରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ଭୀମଭୋଇ କଲେଜ ଛକ ଠାରେ ଶୋଭାଯାତ୍ରା ଶେଷ ହୋଇଥିଲା। ଏଥିରେ ସଂଘର ଉପସଭାପତି ଧୀରେନ୍ଦ୍ର ସାମଲ, ସମ୍ପାଦକ କେଶବ ଚନ୍ଦ୍ର ମହାପାତ୍ର, ସହ ସମ୍ପାଦକ ରମଣୀ ବିଶ୍ୱାଳ, କୋଷାଧ୍ୟକ୍ଷ ବଶିଷ୍ଠ ବଞ୍ଜାନୀ, ଏନ୍‌ଏସି ସଭାପତି ନରେଶ ଦୀପ, ସନ୍ତୋଷ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

## ସାନଭାଇର ଛୁରା ମାଡ଼ରେ ବଡ଼ ଗୁରୁତର

ସମ୍ବଲପୁର,୧।୯ (ସମିସ): ରାମଗଡ଼ପଡ଼ାରେ ସାନ ଭାଇର ମାଡ଼ରେ ବଡ଼ ଭାଇ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ସଦହେବ ବାଗ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ଯୋଗ୍ୟ ଯେ, ପରିବାର ଭିତରେ କଳହ ଲାଗି ଥିଲା। ପାରିବାରିକ କଳହ ଏତେ ଉଗ୍ରରୂପ ନେଲା ଯେ ଏଥିରେ ରାଗିଯାଇ ସାନଭାଇ ଉଦୟ ବାଗ ସହଦେବକୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ମେଡ଼ିକାଲକୁ ନିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଚୋରି ସୁନା ଜବତ; ଜଣେ ଗିରଫ

ସମ୍ବଲପୁର,୧।୯ (ସମିସ): ବରେଇପାଲି ଥାନାଞ୍ଚଳରୁ ଚୋରି ହୋଇଥିବା ସୁନାକୁ ଜବତ କରିଛି ପୁଲିସ। ଏହାସହ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ନୁପଡ଼ାର ବିକି ମହାନନ୍ଦ। ସମସ୍ତ ସୁନାକୁ ମାଲିକକୁ ହସ୍ତାନ୍ତର କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ବଙ୍ଗଳାପଡ଼ା ବିସର୍ଜନ ଉତ୍ସବରେ ରୋହିତ ସାମିଲ

ସମ୍ବଲପୁର, ୩୧ା୯ (ସମିସ) : କ୍ଷେତରାଜପୁରସ୍ଥିତ ବଙ୍ଗଳାପଡ଼ା ଦୀପ କ୍ଲବ ଦ୍ୱାରା ଆୟୋଜିତ ଗଣେଶ ପୂଜା ବିସର୍ଜନ ଉତ୍ସବରେ ଆଜି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଇଂ. ରୋହିତ ପୂଜାରୀ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ପୂଜାର୍ଚ୍ଚନା, ଆଳତୀ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଏହାପରେ ପଡ଼ାର ମହିଳାମାନେ ରୋହିତ ପୂଜାରୀଙ୍କୁ ପଡ଼ାର ବିଭିନ୍ନ ମୌଳିକ ସମସ୍ୟା ବିଷୟରେ ଅବଗତ କରିଥିଲେ। ଇଂ. ପୂଜାରୀ ଆଗାମୀ ଦିନରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଏଗୁଡ଼ିକ ସମାଧାନ ପ୍ରତି ଧ୍ୟାନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

## ପ୍ରୟାସ ପରିବାରର ନୂଆଁଖାଇ ଜୁହାର



ସମ୍ବଲପୁର,୩୧ା୯ (ସମିସ): ପ୍ରୟାସ ପରିବାର ପକ୍ଷରୁ ନୂଆଁଖାଇ ଜୁହାର ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରି ନାଏକ, ଶୁଭଶ୍ରୀ ମିଶ୍ର, ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀ, ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା ଉପସ୍ଥିତ ଥିଲେ। ପ୍ରୟାସ ପରିବାର ପରାମର୍ଶ କମିଟିର ସମିର ବାବୁ, ଡ. ସଞ୍ଜିବ ମିଶ୍ର, ସପନ ମିଶ୍ର, ପରବେଜ ଅଲ୍ଲି ଖାନ, ଅମର ତାଣ୍ଡି, ରାହୁଲ ମୋଦକ, ଅନିଲ ନାଏକ ଉପସ୍ଥିତ ରହିଥିଲେ। କଣ୍ଠ ଶିଳ୍ପି ସଞ୍ଜୁ ମହାନ୍ତି, ରାଜୁ ନନ୍ଦ, କୃଷ୍ଣ ମୁଖୀ, ରାହୁଲ କୁମାର, ଗୀତାଞ୍ଜଳି ପୋଡଙ୍କର ଗୀତରେ ଦର୍ଶକ ଝୁମି ଉଠିଥିଲେ। ଧନୁପାଲି ସ୍କୁଲ, ସାନିକା ଏକାଡେମି, ପାଏଲ ଗ୍ରୁପ ନୃତ୍ୟ ପରିବେଷଣ କରିଥିଲେ। ପ୍ରୟାସ ପରିବାର ସଭାପତି ସ୍ୱୟଂଜୀତ ପଟ୍ଟନାୟକ ଓ ସମ୍ପାଦକ ରାଜକୁମାର ଜାଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରୟାସ ପରିବାର ଉପସଭାପତି ଅର୍ଜୁନ ସୁରୁଜାଲ ଧନ୍ୟବାଦ ଅର୍ପଣ କରିଥିଲେ। ଧରଣୀଧର ନାତ, ମଞ୍ଜୁଲତା ସାମନ୍ତ ରାଏ, କଲ୍ୟାଣ ବିଶ୍ୱାଳ, ମାନସ ବକ୍ସି, ସୁପ୍ରିତ ଠେଲା, ପ୍ରବିଣ ସୁପକାର, ଅଭୟ ପ୍ରଧାନ, ସନ୍ତୋଷ ବେହେରା, ପ୍ରମୋଦ ମହୋତ୍ତମ, ଭାସ୍କର ଭଟ୍ଟାଚାର୍ଯ୍ୟ, ସିଚରଣ ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ଧନକଉଡ଼ା ବ୍ଲକରେ ଅଭିଯୋଗ ଶୁଣାଣି

ସମ୍ବଲପୁର, ୩୧ା୯ (ସମିସ): ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ କାର୍ଯ୍ୟାଳୟରେ ଆଜି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୁଣାଣରେ ମୋଟ ୩୭ଟି ଆବେଦନ ଗ୍ରହଣ କରାଯାଇଥିବାବେଳେ ସେଥିରେ ୨୮ ଟି ବ୍ୟକ୍ତିଗତ ଏବଂ ୮ ଟି ଗ୍ରାମ୍ୟ ସମସ୍ୟା ଜଡ଼ିତ ଥିଲା। ୨ଟି ଅଭିଯୋଗ ସେହିଠାରେ ତୁରନ୍ତ ସମାଧାନ କରାଯାଇଥିଲା। ସିଏମ୍‌ଆର୍‌ଏଫ୍ ଅଧୀନସ୍ଥ ଜଣେ ବ୍ୟକ୍ତିଙ୍କୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଗଲା। ଅଭିଯୋଗ ଶୁଣାଣି ପରେ ଜଣେ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ମଧୁବାବୁ ପେନସନ ଯୋଜନାର ଭିନ୍ନକ୍ଷମ ଭତ୍ତାରେ ଅନ୍ତର୍ଭୁକ୍ତ କରାଯିବା ସହିତ ବ୍ଲାଇଣ୍ଡ ଷ୍ଟିକ୍ ପ୍ରଦାନ କରାଯାଇଥିଲା।

ସ୍କୁଲରେ ଛାତ୍ରଙ୍କୁ ଅମାନୁଷିକ ମାଡ଼ ଘଟଣା

# ଆନ୍ଦୋଳନ ଚେତାବନୀ ପରେ ପ୍ରଧାନଶିକ୍ଷକ ନିଲମ୍ବିତ

ଜମନକିରା,୧।୯ (ସମିସ)

ଜମନକିରା ବ୍ଲକ ସୁବର୍ଣ୍ଣପାଲି ପଞ୍ଚାୟତ ଅଧିନ ଘୋଡାବାନ୍ଧୁଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରକୁ ମାଡ ମାରିବା ଘଟଣାରେ ହୋଇଛି ବଡ କାର୍ଯ୍ୟାନୁଷ୍ଠାନ। ବ୍ଲକ୍ ଶିକ୍ଷା ଅଧିକାରୀ ତଦନ୍ତ କରି ପ୍ରଧାନଶିକ୍ଷକ ସମୀର ବାରିକଙ୍କୁ ନିଲମ୍ବନ କରିବା ସହିତ ବଦଳି ନେଇ ଡିଇଓଙ୍କୁ ସୁପାରିଶ କରିଛନ୍ତି।ସ୍କୁଲ ଦଣ୍ଡମୁକ୍ତ ଅଞ୍ଚଳରେ ଏଭଳି ଅମାନୁଷିକ ଦଣ୍ଡ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲା ଅଭିଭାବକଙ୍କ ସହ ସ୍କୁଲ ପରିଚାଳନା କମିଟି। ଗତ ଶନିବାର ଏସଏମସି ସଭାପତି ଉପେନ୍ଦ୍ର କୁମୁରାଙ୍କ ନେତୃତ୍ୱରେ ଏକ ଦଳ ବିଇଓଙ୍କୁ ସାକ୍ଷାତ କରି ସୋମବାର ସୁଦ୍ଧା ପ୍ରଧାନ ଶିକ୍ଷକଙ୍କୁ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନହେଲେ ସ୍କୁଲରେ ତାଲା ପକାଇବା ନେଇ ଚେତାବନୀ ଦେଇଥିଲା। ଦୀର୍ଘ ୧୦ ଦିନ ଧରି ବ୍ଲକ୍ ଶିକ୍ଷା ବିଭାଗ ନିରବଦ୍ରଷ୍ଟା ସାଜିଥିବା ବେଳେ ଏସଏମସିର ଚେତାବନୀ ପରେ ଚେତିଛନ୍ତି ବିଇଓ। ବିଇଓ ରୁକ୍ମଣ ପ୍ରଧାନ ସ୍କୁଲକୁ ଯାଇ ଘଟଣାର ତଦନ୍ତ କରିଛନ୍ତି। ଅଭିଯୋଗକାରୀ ଅଭିଭାବକ, ଛାତ୍ର,ସହକାରୀ ଶିକ୍ଷୟିତ୍ରୀ, ସ୍କୁଲ ପରିଚାଳନା କମିଟିର ସଭାପତି, ସଭ୍ୟ ,ସଭ୍ୟା ଓ ନାଏବ ସରପଞ୍ଚଙ୍କ ବୟାନ ରେକର୍ଡ କରିବା ସହ ତଥ୍ୟ ସଂଗ୍ରହ କରିଥିବା ବେଳେ ପ୍ରଧାନଶିକ୍ଷକଙ୍କ ବିରୋଧରେ ଆସିଥିବା ଅଭିଯୋଗର ସତ୍ୟତା ପ୍ରମାଣିତ ହୋଇଥିଲା। ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ ସହ ବଦଳି କରାଯିବ ବୋଲି କହିଥିଲେ। ଏଥିରେ ଏସଏମସି ରାଜି ନହୋଇ ବର୍ତ୍ତମାନ ଆମକୁ ନିଲମ୍ବନ ଚିଠି ଦରକାର ବୋଲି ଜିଦ ଧରି ବିଇଓଙ୍କୁ ଘେରିଥିଲେ। ବିଇଓ ଅଫିସ ଯାଇ ସିଆରସିସିଙ୍କ ହାତରେ ଏକ ଘଣ୍ଟା ମଧ୍ୟରେ ନିଲମ୍ବନ ଆଦେଶ ଚିଠି ପଠାଇବା ପାଇଁ ପ୍ରତିଶ୍ରୁତି ଦେବା ପରେ ଏସଏମସି ଜିଦରୁ ହଟିଥିଲେ। ବିଇଓ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୧୭୭୬ ତାରିଖ-୧.୯.୨୦୨୫ରେ ପ୍ରଧାନ ଶିକ୍ଷକ ସମୀର ବାରିକଙ୍କ ନିଲମ୍ବନ ଚିଠି ସୁବର୍ଣ୍ଣପାଲି ସିଆରସିସି ସୁଦୀପ୍ତ ପଟେଲ ସ୍କୁଲକୁ ଆଣିଥିଲେ।ଆଜି ତଦନ୍ତ ବେଳେ ସୁବର୍ଣ୍ଣପାଲି ସିଆରସିସି ସୁଦୀପ୍ତ



ପଟେଲ,ଗୁଣ୍ଡୁରୁଛୁଆଁ ସିଆରସିସି ଶ୍ରୀକାନ୍ତ ପଟେଲ ଉପସ୍ଥିତ ଥିବା ବେଳେ ଏସଏମସି ସଭାପତି ଉପେନ୍ଦ୍ର କୁମୁରା ,ନାଏବ ସରପଞ୍ଚ ରୁକ୍ମଣୀ କୁମୁରାଙ୍କ ସମେତ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗତ ୨୨ ତାରିଖରେ ସ୍କୁଲ ପ୍ରଧାନଶିକ୍ଷକ ସମୀର ବାରିକ ଘରୋଇ ଟ୍ୟୁସନ କଥାକୁ ନେଇ ବ୍ୟକ୍ତିଗତ ଆକ୍ରୋଶ ରଖି ଚତୁର୍ଥ ଶ୍ରେଣୀ ଛାତ୍ର ଶୋଭିତ ମୁଣ୍ଡାକୁ ବାଡି ଦ୍ୱାରା ଅମାନୁଷିକ ଭାବେ ମାଡ ମାରିଥିଲେ। ମାଡରେ ଛାତ୍ର ଶୋଭିତ ପିଠିରେ ଗଭୀର ଆହତ ଲାଗିଥିଲା। ସେ ଘରେ ଅସହ୍ୟ ଯନ୍ତ୍ରଣା ଭୋଗ କରିବାରୁ ପରିବାର ଲୋକେ ତାକୁ ଡାକ୍ତରଖାନାରେ ଚିକିତ୍ସିତ କରାଇଥିଲେ। ଏପରି ମାଡ ମାରିବା ଘଟଣାକୁ ଛାତ୍ରର ପିତା ନରେନ୍ଦ୍ର ମୁଣ୍ଡା ଦୃଢ଼ ପ୍ରତିବାଦ କରିବା ସହିତ ସ୍କୁଲ ପରିଚାଳନା କମିଟିର ସଭାପତି ଉପେନ୍ଦ୍ର କୁମୁରାଙ୍କୁ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଗତ ୨୩ ତାରିଖରେ ସ୍କୁଲରେ ପରିଚାଳନା କମିଟିର ଜରୁରୀ ବୈଠକ ବସିଥିଲା। ବୈଠକରେ ପ୍ରଧାନ ଶିକ୍ଷକ ମାଡ ମାରିବା କଥାକୁ ସ୍ୱୀକାର କରିଥିବା ବେଳେ ସଦସ୍ୟମାନେ ଦୃଢ଼ ନିନ୍ଦା କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପ୍ରଧାନଶିକ୍ଷକ ଆଗରୁ ଏପରି ଅନେକ ଥର ପିଲାଙ୍କୁ ମାଡ ମାରିବା ଅଭିଯୋଗ ହେଉଥିବା ବେଳେ ସ୍କୁଲ ପରିଚାଳନା କମିଟିର ତଗିତ ସତ୍ତ୍ୱେ ତାଙ୍କ ସ୍ୱଭାବରେ ପରିବର୍ତ୍ତନ କରୁନଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରସ୍ତାବ ପାରିତ କରିଛନ୍ତି। ପ୍ରଧାନ ଶିକ୍ଷକଙ୍କୁ ତୁରନ୍ତ ପ୍ରଧାନ ଶିକ୍ଷକ ପଦବୀରୁ ହଟା ଯାଇ ଅନ୍ୟତ୍ର ବଦଳି କରିବା ପାଇଁ ଦାବି କରିବା ସହିତ ଥାନାରେ ମଧ୍ୟ ଏତଲା ଦେବାକୁ ଛାତ୍ରଙ୍କ ଅଭିଭାବକଙ୍କୁ ପରାମର୍ଶ ଦିଆଯାଇଥିଲା। ଛାତ୍ରଙ୍କ ଅଭିଭାବକ ଏନେଇ କୁଚିଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗୋଷ୍ଠୀ ଶିକ୍ଷା ବିଭାଗ ସବୁ ଜାଣି ନିରବ ରହିବା ଏବଂ ଘଟଣାକୁ ଗୁରୁତର ଭାବେ ନେଇ ସମାଧାନ କରିବା ଦିଗରେ ପଦକ୍ଷେପ ନନେବା ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଥିଲେ।ବ୍ଲକ୍ ଶିକ୍ଷା ବିଭାଗର ନିରାବତାକୁ ନେଇ ଶିକ୍ଷାବିତ ମହଲରେ କ୍ଷୋଭ ପ୍ରକାଶ ପାଇଥିଲା।ଏ ସମ୍ପର୍କରେ ବିଇଓ ଶ୍ରୀ ପ୍ରଧାନଙ୍କୁ ପଚାରିବାରୁ,ଆଜି ସ୍କୁଲରେ ଅଭିଯୋଗକାରୀ ଅଭିଭାବକ, ଛାତ୍ର,ସହକାରୀ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସଭ୍ୟ ସଭ୍ୟାଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲି। ତଦନ୍ତ ବେଳେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଥିବା ଅଭିଯୋଗ ସତ୍ୟ ପ୍ରମାଣିତ ହୋଇଛି। ତେଣୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଉଛି ଏବଂ ଡିଇଓଙ୍କୁ ବଦଳି ନେଇ ସୁପାରିଶ କରିଛି ବୋଲି କହିଛନ୍ତି।

■ ବିଜେଡିର ଅଭିଯୋଗ

# ପଟ୍ଟାମୁଣ୍ଡାଇରେ ସାମ୍ପ୍ରଦାୟିକ ଦଙ୍ଗା ଓ ଭାଇଚାରା ନଷ୍ଟ ପାଇଁ ହେଉଛି ଷଡ଼ଯନ୍ତ୍ର

**ପଟ୍ଟାମୁଣ୍ଡାଇ,୩୧୯ (ସମିସ):** ପଟ୍ଟାମୁଣ୍ଡାଇ ସହରରେ ସାମ୍ପ୍ରଦାୟିକ ଦଙ୍ଗା ଓ ଭାଇଚାରାକୁ ନଷ୍ଟ କରିବା ପାଇଁ ଷଡ଼ଯନ୍ତ୍ର ଚାଲିଥିବାର ଗୁରୁତର ଅଭିଯୋଗ ଆଣିଛି ପଟ୍ଟାମୁଣ୍ଡାଇ ବିଜେଡି । ଏ ସମ୍ପର୍କରେ ବିଜେଡି ପକ୍ଷରୁ ପଟ୍ଟାମୁଣ୍ଡାଇ ଥାନାରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇ ପୁଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି । ପଟ୍ଟାମୁଣ୍ଡାଇ ବିଜେଡି ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭୋଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ପହଞ୍ଚି ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳରେ ୨ ଜଣ ବ୍ୟକ୍ତିଙ୍କ ମଧ୍ୟରେ ବ୍ୟକ୍ତିଗତ ଗଣ୍ଡଗୋଳ ହୋଇଥିଲା । ଏହି ଗଣ୍ଡଗୋଳକୁ ପଟ୍ଟାମୁଣ୍ଡାଇ ଅଞ୍ଚଳର କେତେକ ପେଶାଦାର ଅପରାଧି ୨ ପକ୍ଷଙ୍କୁ ଉତ୍ତେଜିତ କରି ଏହାକୁ ଗୋଷ୍ଠୀ ସଂଘର୍ଷରେ ପରିଣତ କରିଥିଲେ । ଏହି ଅସାମାଜିକ ଅପରାଧୀ ଗୋଷ୍ଠୀ ଆସନ୍ତା ପୂଜା ଋତୁ ପୂର୍ବରୁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଗୋଷ୍ଠୀ ସଂଘର୍ଷ ଓ ସାମ୍ପ୍ରଦାୟିକ ହିଂସା କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି । ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ରାଜନଗର ବିଧାୟକ ଧ୍ରୁବ ସାହୁଙ୍କୁ ବିନା କାରଣରେ ଏହି ଘଟଣା ସହ ଯୋଡ଼ି ଅପପ୍ରଚାର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେଡି ନେତା ଅଭିଯୋଗ କରିବା ସହିତ ପୁଲିସ ଏହି ଘଟଣାର ଉପଯୁକ୍ତ ତଦନ୍ତ କରି ଉଚିତ ପଦକ୍ଷେପ ଗ୍ରହଣ କରିବା ସହିତ ପଟ୍ଟାମୁଣ୍ଡାଇ ଅଞ୍ଚଳର ବର୍ଷ ବର୍ଷର ଭାଇଚାରା ବଜାୟ ଦିଗରେ ପଦକ୍ଷେପ ନ ନେଲେ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ଜିଲ୍ଲା ବିଜେଡି ସଭାପତି ଶ୍ରୀ ଭୋଳଙ୍କ ନେତୃତ୍ୱରେ ଯାଇଥିବା ପଟ୍ଟାମୁଣ୍ଡାଇ ବିଜେଡି ପ୍ରତିନିଧି ମଣ୍ଡଳୀରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ନଗର ସଭାପତି ବୁଡା ଲେଙ୍କା, ନଗର ଯୁବ ବିଜେଡି ସଭାପତି ଅଶୋକ ଧଳ, ଦିଲ୍ଲୀପ କୁମାର ସାହୁ, ଟୁବୁଲି ଚୌଧୁରୀ, ସଞ୍ଜୟ ଦାସ, ସୌରେନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ମିନତୀ ପାତ୍ର, ନିଲୁ ବେହେରା, ପିଣ୍ଟୁ ସେଠୀଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଓ ଶତାଧିକ କର୍ମୀ ସାମିଲ ଥିଲେ ।

ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୯୫ଟି ଅଭିଯୋଗର ଶୁଣାଣିକଲେ ପ୍ରଶାସନ

କେନ୍ଦ୍ରାପଡ଼ା,୩୧୯ (ସମିସ)





କେନ୍ଦ୍ରାପଡ଼ା ପୌରପାଳିକା ଟାଉନ ହଲରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଜନଅଭିଯୋଗ ଶୁଣାଣି ଶିବିରରେ ମୋଟ ୧୯୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୧୭୬ଟି ବ୍ୟକ୍ତିଗତ ଓ ୧୯ଟି ସାମୂହିକ ଅଭିଯୋଗ ଥିଲା । ଏହି ଅଭିଯୋଗ ମଧ୍ୟରେ ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଅବକାରୀ, ଶିକ୍ଷା, ମଙ୍ଗଳ ବିଭାଗ, ସମାଜ ମଙ୍ଗଳ ବିଭାଗ ବ୍ୟତୀତ ବ୍ୟାଙ୍କ ସଂକ୍ରାନ୍ତୀୟ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଶିବିରରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୩ ଜଣଙ୍କୁ ୫୦ ହଜାର ଟଙ୍କା ଓ ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କୋରଯାଇଛି । ପଞ୍ଜିକୃତ ହେଇଥିବା ଅଭିଯୋଗର ତୁରନ୍ତ ସମାଧାନ ଉପରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ରଘୁରାମ ଆର ଆୟାର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଅନ୍ୟମାନଙ୍କ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, କେନ୍ଦ୍ରାପଡ଼ା ବିଡ଼ିଓ ଅଭିଷେକ ସ୍ୱାଇଁ, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତିଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ । ଆସନ୍ତା ସୋମବାର ଅର୍ଥାତ ୮ ତାରିଖ ଦିନ ଆଳି ବ୍ଲକ କାର୍ଯ୍ୟାଳୟ, ୧୫ ତାରିଖ ଦିନ ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ଓ ୨୨ ତାରିଖ ଦିନ ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ ।

ରାସ୍ତା ଅଧାପନ୍ତରିଆ

# କାମ ସାରିବାକୁ ଜିଲ୍ଲାପାଳଙ୍କ ନିକଟରେ ଅଞ୍ଚଳବାସୀଙ୍କ ଦାବି



**ଡେରାବିଶ, ୩୧୯ (ସମିସ):** ଡେରାବିଶ ବ୍ଲକ୍ ରତାଦିଆ ଖଣ୍ଡସାହି ପଞ୍ଚାୟତର ଲୋକେ ଅଧାପନ୍ତରିଆ ଭାବେ ପଡ଼ିରହିଥିବା ଗ୍ରାମ ରାସ୍ତାକୁ ସମ୍ପୂର୍ଣ୍ଣ କରିବା ପାଇଁ ଆଜି ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ୨୦୨୧ ନଭେମ୍ବର ମାସରେ କେନ୍ଦ୍ରାପଡ଼ା ଆରଡି ବିଭାଗ-୧ ପକ୍ଷରୁ ଅନୁଆପଡ଼ାରୁ ଗିରିଗୋଲା ଶାସନ ଭାୟା ସୋରିଷିଆ, ଗହଗା, ଦାନପୁର ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତିକରଣ ନିମନ୍ତେ ଟେଣ୍ଡର କରାଯାଇ କାର୍ଯ୍ୟାରମ୍ଭ ହୋଇଥିଲା । ଏହି କାର୍ଯ୍ୟର ଅବଧି ୧୧।୧୧।୨୦୨୧ରୁ ଆରମ୍ଭ ହୋଇ ୧୦।୮।୨୦୨୨ରେ ଶେଷ ହେବା କଥା । ତେବେ ଠିକାଦାର କାର୍ଯ୍ୟ ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ଗିରିଗୋଲାଠାରୁ ଗହଗା ପର୍ଯ୍ୟନ୍ତ ରାସ୍ତା ଉନ୍ନତିକରଣ କାର୍ଯ୍ୟ କରି ଜନବହୁଳ ଗ୍ରାମ ଅନୁଆପଡ଼ା, ହରିପୁର, ସୋରିଷିଆ ଅଞ୍ଚଳରେ ଏଯାବତ୍ ରାସ୍ତା କାମ କରୁନାହାନ୍ତି । ଉକ୍ତ ତିନୋଟି ଗ୍ରାମରେ ଅନ୍ୟୁନ ଛଅ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି । ରାସ୍ତା ନିର୍ମାଣ ନ ହେବା ଫଳରେ ରାସ୍ତାର ଅବସ୍ଥା ଏପରି ହୋଇଛି ଯେ, ଆବଶ୍ୟକ ସ୍ଥଳେ ଅଗ୍ନିଶମ ସେବା ଗାଡ଼ି ଓ ଆମ୍ବୁଲାନ୍ସ ଗ୍ରାମ ମଧ୍ୟକୁ ପ୍ରବେଶ କରିବା କଷ୍ଟକର ହୋଇପଡୁଛି । ଏ ସମ୍ପର୍କରେ ଗ୍ରାମବାସୀ ଆରଡି ବିଭାଗୀୟ ଅଧିକାରୀ, ଡେରାବିଶ ବ୍ଲକ୍‌ରେ ହୋଇଥିବା ଜନଶୁଣାଣି ଶିବିରରେ ମଧ୍ୟ ଅଭିଯୋଗ କରିଥିଲେ । ଆରଡି ବିଭାଗ ଅଧିକାରୀ ଲୋକଦେଖାଣିଆ କ୍ଷେତ୍ର ପରିଦର୍ଶନ କରି ଗ୍ରାମବାସୀଙ୍କୁ କାର୍ଯ୍ୟ ଆରମ୍ଭ ହେବାର ଆଶ୍ୱାସନା ଦେଉଥିଲେ ମଧ୍ୟ ଠିକାଦାର କାର୍ଯ୍ୟ ଆରମ୍ଭ କରୁନାହାନ୍ତି । ବାଧ୍ୟହୋଇ ଉପରୋକ୍ତ ଗ୍ରାମର ସରୋଜ କୁମାର ଭଦ୍ର, ପ୍ରମୋଦ କୁମାର ଭଦ୍ର, ଲୋକନାଥ ସାହୁ, ରତିପ ଭଦ୍ର, ଅଲେଖ ଚନ୍ଦ୍ର ସାହୁ, ମହେଶ୍ୱର ରାଉତ, ଶରତ ଭୂୟାଁଙ୍କ ସମେତ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ରାସ୍ତା ନିର୍ମାଣ ନିମନ୍ତେ ଅଭିଯୋଗ କରିଛନ୍ତି ।

ବନ୍ୟା କମିବା ପରେ ବଢୁଛି ଯନ୍ତ୍ରଣା

# ଭୋକରେ ଆଉଟୁପାଉଟୁ ହେଉଛନ୍ତି ଲୋକ ଓ ଗୃହପାଳିତ ପଶୁ

**ମାଳିପୁର,୩୧୯ (ସମିସ):** ବ୍ରାହ୍ମଣୀରେ ତିନିଥର ବନ୍ୟା ଆସିବା ଫଳରେ ଲୋକଙ୍କ ଯନ୍ତ୍ରଣା ସହିତ ବଢ଼ିଚାଲିଛି ଗୃହପାଳିତ ପଶୁଙ୍କ ଯନ୍ତ୍ରଣା । ଉତିକଣ ଅଞ୍ଚଳର ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର ଆଦି ତିନୋଟି ପଞ୍ଚାୟତ ବ୍ୟାପକ ଜଳମଗ୍ନ ହେବା ହେତୁ ଚାଷ ଉପରେ ନିର୍ଭର କରୁଥିବା ନିମ୍ନ ଓ ମଧ୍ୟବିତ୍ତ ପରିବାର ନିଜ ବର୍ଷକର ଦାନା ହରାଇଛନ୍ତି । ପ୍ରତିଥର ବନ୍ୟା ପରେ ତିନି ତିନିଥର ଧାନ ରୋଇ ଫସଲ ବଞ୍ଚାଇବାକୁ ଚେଷ୍ଟା କରିଥିବା ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି । ବନ୍ୟା ଯୋଗୁଁ ଦିନମଜୁରିଆ ନିଜର ରୋଜଗାର ହରାଇ ଥିବାବେଳେ ଚାଷଜମି ଉଜୁଡ଼ିଯାଇଥିବାରୁ ଆଗକୁ ଆଉ କାମ ମିଳିବ ନାହିଁ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ।

ତିନିଥର ବନ୍ୟା ଆସିବା ମଧ୍ୟରେ ପ୍ରଶାସନ ପକ୍ଷରୁ ବନ୍ୟା ପ୍ରପୀଡ଼ିତ ଜନସାଧାରଣଙ୍କଙ୍କ ପାଇଁ କୌଣସି ରିଲିଫ ଯୋଗାଇ ଦିଆଯାଇନାହିଁ । ଦୀର୍ଘଦିନ ବନ୍ୟା ଜଳରେ ବୁଡ଼ି ରହିବା ହେତୁ ଗୃହପାଳିତ ପଶୁଙ୍କ ପାଇଁ ଥିବା ଚାରଣଭୂଇଁ ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଗୃହପାଳିତ ପଶୁଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ଭଳି କେବଳ ଥରେ ସ୍ୱଳ୍ପ ପରିମାଣର ଗୋଖାଦ୍ୟ ଯୋଗାଇ ଦେଇ ପ୍ରଶାସନ ଚୁପ ବସିଛି । ଶ୍ରୀରାମପୁର ପଞ୍ଚାୟତରେ କେତୋଟି ମାଟିଘର ମଧ୍ୟ ବନ୍ୟା ପ୍ରଭାବରେ ନଷ୍ଟ ହୋଇଥିବା ନଜରକୁ ଆସିଛି । ଶ୍ରୀରାମପୁର ଓ ବଳଭଦ୍ରପୁର ପଞ୍ଚାୟତର କିଛି ଢଳେଇ ରାସ୍ତା ମଧ୍ୟ ବନ୍ୟା ଯୋଗୁଁ ନଷ୍ଟ ହୋଇଛି । ଶ୍ରୀରାମପୁରରୁ ଉଦୟପୁରକୁ ସଂଯୋଗ କରୁଥିବା ଢଳେଇ ରାସ୍ତା ନଷ୍ଟ ହୋଇଯାଇଛି । ଯାନବାହନ ତ ଦୂରର କଥା ରାସ୍ତାରେ ଚାଲିକରି ଯାତାୟାତ କରିବା ମଧ୍ୟ କଷ୍ଟକର ହୋଇପଡୁଛି । ବନ୍ୟା ଯୋଗୁଁ ଦୁଇଟି ପରିବାର ତାଙ୍କର ରୋଜଗାରିଆ ସଦସ୍ୟଙ୍କୁ ହରାଇ ବସିଛନ୍ତି । ଏପରିକି ବନ୍ୟାରେ ମୃତ୍ୟୁବରଣ କରିଥିବା ଦୁଇଜଣଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ରାଶି ମିଳି ନ ଥିବା ସେମାନଙ୍କ ପରିବାର ଅଭିଯୋଗ କରିଛନ୍ତି । ସାପ କାମୁଡ଼ାରେ ଜଣେ ମାଆ ତା'ର ଚାରିବର୍ଷର ଶିଶୁକୁ ହରାଇ ବସିଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ସାପ କାମୁଡ଼ାର ଶିକାର ହୋଇଛନ୍ତି । ପ୍ରଶାସନର ଉଦାସୀନତା କାରଣରୁ ବନ୍ୟା ପୀଡ଼ିତଙ୍କ ନିକଟରେ ରିଲିଫ ସାମଗ୍ରୀ ପହଞ୍ଚିପାରିନାହିଁ । ଦୁଇଦିନ ତଳେ ଏକ ବେସରକାରୀ ସଂସ୍ଥା ବନ୍ୟାଞ୍ଚଳକୁ ଚୁଡା ବାଣ୍ଟିବାକୁ ଯାଇଥିବାବେଳେ ଲୋକେ ସରକାରଙ୍କ ପକ୍ଷରୁ ବଣ୍ଟାଯାଉଛି ଭାବି ଅନେକ ଟାହିଟାପରା କରିଥିଲେ । ଫଳରେ ରିଲିଫ ବାଣ୍ଟିବାକୁ ଯାଇଥିବା ସଂସ୍ଥା ଅଧାରୁ ଫେରି ଆସିବାକୁ ବାଧ୍ୟ ହୋଇଥିଲେ । ତେଣୁ ଯଥାଶୀଘ୍ର ବନ୍ୟା ପୀଡ଼ିତଙ୍କୁ ରିଲିଫ ସାମଗ୍ରୀ ଓ ଗୋଖାଦ୍ୟ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦେବା ସହିତ ନଷ୍ଟ ହୋଇଥିବା ରାସ୍ତାର ପୁନଃନିର୍ମାଣ କରିବାକୁ ବର୍ଷିଆନ ରାଜନେତା ନୃସିଂହ ଆଚାର୍ଯ୍ୟ, ବଳଭଦ୍ରପୁରର ପୂର୍ବତନ ସରପଞ୍ଚ ବାବାଜୀ ଧଳ, ଅଜୟ ସେନ, ମୁରଲୀ ସେଠୀ, ଦେବାଶିଷ ରାଉଳ, ଦିବାକର ବେହେରା, ବାସୁଦେବ ପାତ୍ର, ସୁକାନ୍ତ ପରିଡ଼ା, ଶଶୀକାନ୍ତ କୁଣ୍ଡ, ସର୍ବେଶ୍ୱର ସେଠୀ, ଯଦୁନାଥ ନାୟକ ପ୍ରମୁଖ ଦାବି କରିଛନ୍ତି ।

# ଗୋଲରାହାଟ ଭାଲୁକୁଣୀ ମେଳଣ ପ୍ରସ୍ତୁତି ବୈଠକ



**ଡେରାବିଶ, ୩୧୯ (ସମିସ):** ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ଗ୍ରାମରେ ଅନୁଷ୍ଠିତ ହେଉଥିବା ଭାଲୁକୁଣୀ ମେଳଣ ନିମନ୍ତେ ଆଜି ଅପରାହ୍ନରେ ପ୍ରସ୍ତୁତି ବୈଠକ ଦୁମୁକାହାଟସ୍ଥ ପାଲା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ସୋମବାର ସକାଳେ ଅନୁଷ୍ଠିତ ହେବାକୁ ଥିବା ଏହି ମେଳଣକୁ ଶାନ୍ତିଶୃଙ୍ଖଳାର ସହିତ ଶେଷ କରିବା ପାଇଁ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସ୍ଥାନୀୟ ଅଞ୍ଚଳର ଲୋକପ୍ରତିନିଧି, ପୁଲିସ୍ ପ୍ରଶାସନ ଓ ମେଢ଼ ମାଲିକ ଯୋଗ ଦେଇଥିଲେ । ଏହି ବୈଠକରେ ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ, ରାମଚନ୍ଦ୍ର ରାଉତ, କରୁଣାକର କର, ସଂଜୟ ସାହୁ, ଡେରାବିଶ ଥାନା ଏଏସ୍‌ଆଇ ବିଜୟ କୁମାର ଦାସ ଯୋଗ ଦେଇଥିଲେ । ବୈଠକରେ କୌଣସି ମେଢ଼ ସେମାନଙ୍କ ଶୋଭାଯାତ୍ରାରେ ଡିଜେ ବଜାଇବେ ନାହିଁ କି ବାଣ ଫୁଟାଇବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା । ମେଢ଼ଗୁଡ଼ିକ ପାରମ୍ପରିକ ବାଜା ଓ ରୋଷଣୀରେ ମେଳଣ ପଡ଼ିଆକୁ ପ୍ରବେଶ କରିବେ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା । ପ୍ରଥମେ ଦୁମୁକାହାଟର ଥାନପତି ରତ୍ନାକର ଲେଙ୍କାଙ୍କ ମେଢ଼ ମେଳଣ ପଡ଼ିଆରେ ଉପବେଶନ କରିବା ପରେ ଅନ୍ୟ ମେଢ଼ ପର୍ଯ୍ୟାୟକ୍ରମେ ପଡ଼ିଆ ମଧ୍ୟକୁ ପ୍ରବେଶ କରିବେ । ଉକ୍ତ ବୈଠକରେ ୧୮ଟି ମେଢ଼ କମିଟି କର୍ମକର୍ତ୍ତା ଯୋଗ ଦେଇଥିବାବେଳେ ପ୍ରଭାକର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

ଅଳପୁଆ ଶ୍ରୀରାମ ମନ୍ଦିର କାର୍ଯ୍ୟାଳୟ ଉପରେ ବୋମାମାଡ଼ ଘଟଣା

# ପରିଚାଳନା କମିଟି ପକ୍ଷରୁ ଫାଣ୍ଡିରେ ଏତଲା

**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୩୧୯ (ସମିସ):** ଗତକାଲି ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଧୋୟାଞ୍ଚଳର ଅଳପୁଆ ପଞ୍ଚାୟତରେ ଥିବା ଶ୍ରୀରାମ ମନ୍ଦିର କାର୍ଯ୍ୟାଳୟଉପରେ କେତେକ ଦୁର୍ବୃତ୍ତ ବୋମା ମାଡ଼ କରି ଖସି ପଳାଇଥିଲେ । ଏହି ବୋମା ମାଡ଼ରେ କେହି ମୃତାହତ ହୋଇ ନ ଥିବାବେଳେ ବୋମା ମାଡ଼ର ପ୍ରକୃତ କାରଣ ଏବେ ମଧ୍ୟ ଅସ୍ପଷ୍ଟ ରହିଛି । ଚଉଦକୁଲାଟ ଫାଣ୍ଡି ଓ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଘଟଣାର ଅନୁସନ୍ଧାନ ଚଳାଇବାର ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ କୌଣସି ସୁରାକ ପୁଲିସ ପାଇନାହିଁ । ଧୋୟାଞ୍ଚଳ ଏବେ ଅପରାଧୀଙ୍କ ପେଣ୍ଠସ୍ଥଳ ପାଲଟିଛି । ଚୋରି, ଡକାୟତି, ବୃଦ୍ଧି ପାଇବାରେ ଲାଗିଛି । ଗାଁ ଗାଁରେ ଚୋରା ମଦ ବ୍ୟବସାୟ ଅପରାଧିକ କାର୍ଯ୍ୟକଳାପକୁ ବୃଦ୍ଧି କରୁଛି । ଶ୍ରୀରାମ ମନ୍ଦିର କାର୍ଯ୍ୟାଳୟ ଉପରେ କିଛି ଦୁର୍ବୃତ୍ତ ବୋମା ମାଡ଼ କରିବା ସମଗ୍ର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି । ବୋମାମାଡ଼ ଘଟଣା ପରେ ଶ୍ରୀରାମ ମନ୍ଦିର ପରିଚାଳନା କମିଟି ସଭାପତି ବିଭୂତି ଭୂଷଣ ପଟ୍ଟନାୟକ, ସମ୍ପାଦକ ଦିଲ୍ଲୀପ କୁମାର ବିଶ୍ୱାଳ ଚଉଦକୁଲାଟ ଫାଣ୍ଡିରେ ଏତଲା ଦେଇଛନ୍ତି । ପୁଲିସ ଏହି ଘଟଣାର ବିଧିବଦ୍ଧ ତଦନ୍ତ କରିବା ସହିତ ଅପରାଧୀଙ୍କୁ ଗିରଫ କରିବା ପାଇଁ ସରପଞ୍ଚ ପ୍ରତିନିଧି ରଶ୍ମିରଞ୍ଜନ ବେହେରା, ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ବବ୍ରୁବାହନ ଧଳ, ସୁରେଶ ଜେନା, ନରେନ୍ଦ୍ର ଧଳ ପ୍ରମୁଖ ଦାବି କରିଛନ୍ତି ।

# ରେଣୁବାଳା ରାଉତଙ୍କ ପରଲୋକ



**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୩୧୯ (ସମିସ):** ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ବିଶିଷ୍ଟ ସମାଜସେବା ଅନୁଷ୍ଠାନ ଦୈତାରୀ ନାୟକ ମେମୋରିଆଲ ଟ୍ରଷ୍ଟର ସମ୍ପାଦକ ଶିକ୍ଷାବିତ ରଞ୍ଜିତ ରାଉତଙ୍କ ଧର୍ମପତ୍ନୀ ମହୀୟସୀ ମହିଳା ରେଣୁବାଳା ରାଉତଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁଶଯ୍ୟା ନିକଟରେ କନ୍ୟା ଯାଜ୍ଞସେନୀ, ଜାମାତା ଡ ଆଦିକନ୍ଦ ଅମୂଲ୍ୟ ରାଉତ, ପ୍ରଭାତ ରାଉତ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବନ୍ଧୁ, ପରିବାରବର୍ଗ ଉପସ୍ଥିତ ଥିଲେ । ସ୍ୱର୍ଗତା ରାଉତ ଜଣେ ଧର୍ମପ୍ରାଣା, ପରୋପକାରୀ ମହିଳା ଭାବେ ପରିଚିତ ଥିଲେ । କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶିନୀ ତରାଇ, ସମାଜସେବୀ ବସନ୍ତ ମଲ୍ଲିକ, ଶିକ୍ଷାବିତ ପାର୍ଥସାରଥୀ ଦାଶ, କବି ସଚିତ୍ର ବେହୁରା, ପ୍ରାକ୍ତନ ସରପଞ୍ଚ ବସନ୍ତ ସ୍ୱାଇଁ, ପ୍ରଫେସର ନିର୍ମଳ ବିଶ୍ୱାଳ, ଟ୍ରଷ୍ଟ ସଭାପତି ଭଗବାନ ରାଉତ, ଉଲ୍ଲାସ ଚନ୍ଦ୍ର ମଲ୍ଲିକ, ଶିକ୍ଷାବିତ ରାଜକୁମାର ବିଶ୍ୱାଳ, ଅଧ୍ୟାପକ ଦିଲ୍ଲୀପ ମଲ୍ଲିକ ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

ଗଣେଶ ଭସାଣିରେ ପ୍ରଶାସନର ନିୟମ ଅମାନ୍ୟ

# ଡିଜେ ସାଉଣ୍ଡରେ କମ୍ପିଲା ସହର





କେନ୍ଦ୍ରାପଡ଼ା,୩୧୯ (ସମିସ)

କେନ୍ଦ୍ରାପଡ଼ା ସହରରେ ଗଣେଶ ଭସାଣି ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଭସାଣ ଉତ୍ସବରେ କମ୍ ସାଉଣ୍ଡରେ ଡିଜେ ବଜାଇବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିଲେ ହେଁ ଗଣେଶ କମିଟି ଏହାକୁ ପାଳନ କରି ନ ଥିଲେ । ଫଳରେ ଡିଜେ ସାଉଣ୍ଡରେ ସହର ପ୍ରକମ୍ପିତ ହୋଇଥିଲା । ପକ୍ଷରୁ ସନ୍ଧ୍ୟାରେ ବିଭିନ୍ନ ଗଣେଶ କମିଟି ପକ୍ଷରୁ ମେଢଗୁଡିକ ଶୋଭାଯାତ୍ରାରେ ବାହାରିଥିଲା । ଯୁବକମାନେ ଡିଜେର ତାଳେ ତାଳେ ନୃତ୍ୟଗୀତରେ ମତୁଆଲା ହୋଇଉଠିଥିଲେ । ମୋଟ ୨୯ଟି ମେଢ ମଧ୍ୟରୁ ୧୧ଟି ମେଢ ପୁରୁଣା ବସଷ୍ଟାଣ୍ଡ ଦେଇ ସହର ପରିକ୍ରମା କରି ନୂଆ ବସଷ୍ଟାଣ୍ଡ ବିସର୍ଜନ ଘାଟ ପର୍ଯ୍ୟନ୍ତ ଆସିଥିଲେ । ନୂଆ ବସଷ୍ଟାଣ୍ଡ ନିକଟ ଗୋବରୀ ନଦୀରେ ସେହି ମେଢର ମୂର୍ତ୍ତିଗୁଡିକୁ ବିସର୍ଜନ କରାଯାଇଥିଲା । ସେହିପରି ଅନ୍ୟ ୧୮ଟି ମେଢ ସହର ପରିକ୍ରମା କରିବା ପରେ ସାନ୍ତସାହି ପୋଲ ଅଭିମୁଖେ ଯାଇଥିଲା । ସେଠାରେ ଗୋବରୀ କେନାଲରେ ମୂର୍ତ୍ତିଗୁଡିକୁ ବିସର୍ଜନ କରାଯାଇଥିଲା । ଗଣେଶ ଭସାଣୀ ଉତ୍ସବର ସୁପରିଚାଳନା ପାଇଁ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ସମେତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଦ୍ଧାକର ସାହୁ, ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ଡିଏସପି (ଡିଆଇବି) ଲକ୍ଷ୍ମୀନାରାୟଣ ତିୱାରୀ, ରିଜର୍ଭ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ, ଟାଉନ୍ ଥାନାଧିକାରୀ ଦିଲ୍ଲୀପ କୁମାର ସାହୁଙ୍କ ସମେତ ଜିଲ୍ଲାର ବିଭିନ୍ନ ଥାନାଧିକାରୀ ସହର ପରିକ୍ରମା କରି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ ।

ଏଥିସହ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ୫୦ ଜଣ ପୁଲିସ ଅଧିକାରୀ (ଡିଏସପି, ଇନ୍ସପେକ୍ଟର, ଏସଆଇ ଓ ଏଏସଆଇ)ଙ୍କ ସମେତ ୨୭ ସେକ୍ସନ ପୁଲିସ ସୁରକ୍ଷା ବଳ ଓ ୪୫ ଜଣ ଗୃହରକ୍ଷୀଙ୍କୁ ଭସାଣି କାର୍ଯ୍ୟରେ ମୁତୟନ କରାଯାଇଥିଲା । ପ୍ରତି ମେଢରେ ପୁଲିସ ବଳଙ୍କୁ ନିୟୋଜିତ କରାଯାଇଥିଲା । ମହିପାଳ, ବଡ଼ହାଟ, ଗୋପ, ସାନମଙ୍ଗଳା, ସାନ୍ତସାହି, ଖଡ଼ିଅଙ୍ଗ, ମଢିଆଳ ବଜାର, ବାଲା ବାବା, ବର୍ଣ୍ଣିଆମାଳ, ମୀରପାଟଣା, ଚାଟରାପାଟଣା, ମାଧପୁର ପ୍ରଭୃତି ପୂଜା କମିଟି ପକ୍ଷରୁ ଶୋଭାଯାତ୍ରାରେ ମେଢକୁ ସହର ପରିକ୍ରମା କରାଯାଇ ବିସର୍ଜନ କରାଯାଇଥିଲା । ଡିଜେ ଶବ୍ଦରେ ସହର ପ୍ରକମ୍ପିତ ହୋଇଉଠିଥିଲା । ଡିଜେ ଶବ୍ଦରେ ଯୁବକମାନେ ମତୁଆଲା ହେଉଥିଲେ । ୨୫ ଡେସିବଲ ମଧ୍ୟରେ ଡିଜେ ବାଜିବ ବୋଲି ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଥିଲା । କିନ୍ତୁ ଏହାକୁ ଗଣେଶ ପୂଜା କମିଟି ପକ୍ଷରୁ ତାହା ପାଳନ କରାଯାଇ ନ ଥିଲା । ଫଳରେ ବରିଷ୍ଠ ନାଗରିକ ଓ ଘରେ ରହି ଚିକିତ୍ସିତ ହେଉଥିବା ରୋଗୀ ବହୁ କଷ୍ଟ ଅନୁଭବ କରିଥିଲେ । ଡିଜେର ଛାତିଥରା ଶବ୍ଦ ଅନେକଙ୍କୁ ଅସ୍ୱାଭାବିକ ପରିସ୍ଥିତିରେ ପକାଇଥିଲା ।

# ବେଲାରପୁରରେ ଖୁଦୁରୁକୁଣୀ ମେଳଣ ଓ ଗଣେଶ ଭସାଣି

**ପଞ୍ଚୁପାଣ୍ଡବ,୩୧୯ (ସମିସ):** ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ଆଜି ଖୁଦୁରୁକୁଣୀ ମେଳଣ ସାଙ୍ଗକୁ ଗଣେଶ ଭସାଣି ଶେଷ ହୋଇଛି । କେନ୍ଦ୍ରାପଡ଼ାର ଗଣପର୍ବ ଉପରସାହି, ଝୁମ୍ପେଇ ସାହି ମେଢ଼ ପଡ଼ିଆରେ ବସିଥିଲେ । ମେଳଣ ଦେଖିବା ପାଇଁ ଦୂରଦୁରାନ୍ତର ଲୋକେ ଭିଡ ଜମାଇଥିବାବେଳେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ଡେରାବିଶ ଥାନା ପୁଲିସ ତଦାରଖ



ଭାବେ ପ୍ରାୟ ଶହେ ବର୍ଷ ଧରି ଖୁଦୁରୁକୁଣୀ ମେଳଣ ଅନୁଷ୍ଠିତ ହୋଇଥିବା ପ୍ରଶାନ୍ତ କୁମାର ସାହୁ କହିଛନ୍ତି । ଏହି ଗ୍ରାମର ପ୍ରଥମେ ବ୍ରାହ୍ମଣ ସାହିର ଥାନପତି ଭାବେ ବାଜା ଓ ବାଣ ଫୁଟାଇ ମେଳଣ ପଡିଆକୁ ଆସିଥିବାବେଳେ ତଳସାହି, କରିଥିଲେ । ସେହିପରି ଗ୍ରାମର ନାୟକ ସାହି ଓ ସିଂହ ସାହିର ଗଣେଶ ଭସାଣି ଧୁମ୍‌ଧାମରେ ପାଳନ କରାଯାଇଥିଲା । ଏହି ଭସାଣିକୁ ଗ୍ରାମର ସମାଜସେବୀ ଓ ସମସ୍ତ କମିଟିର ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।